# ପ୍ରାର୍ଥନା

ହେ ପରମ, ଏକମାତ୍ର ବାସ୍ତବତା, ସତ୍ୟ-ଚେତନା, ଚିରସ୍ଥାୟୀ ଏକତ୍ୱ, ପୂର୍ଣ୍ଣ ଆଲୋକର ସାର୍ବଭୌମ ନିଶ୍ଚିନ୍ତ ନିଳୟ, କେବଳ ମାତ୍ର ତୁମରି ଉପରେ ସଚେତନ ହେବା ନିମନ୍ତେ, କେବଳ ତୁମରି ସତ୍ତାରେ ପରିଣତ ହେବା ନିମନ୍ତେ କେଡ଼େ ପ୍ରଗାଢ଼ ମୋର ଆସ୍ପୃହା ! ଅବାସ୍ତବ ବ୍ୟକ୍ତିତ୍ୱ ସମୂହର ଏହି ନିରନ୍ତର ଆବର୍ତ୍ତନ, ଏହି ଭିନ୍ନତା-ବହୁଳତା, ଏହି ଜଟିଳତା, ପରସ୍ପର ବିରୋଧୀ ଭାବନାରାଶିର ଏହି ଅତ୍ୟଧିକ ସମାଧାନହୀନ ବିଶୃଙ୍ଖଳା, ଦ୍ୱନ୍ଦ୍ୱପ୍ରବଣତା, ସଂଘର୍ଷମୁଖୀ କାମନାବାସନା ମୋତେ ଅଧିକରୁ ଅଧିକ ଭୟାବହ ମନେହୁଏ । ଏହି ଉତ୍ତାଳ ସମୁଦ୍ରରୁ ନିଶ୍ଚିତଭାବେ ଉତ୍ତୀର୍ଣ୍ଣ ହୋଇ ମୋତେ ତୁମର ଉଦାର ଓ ପ୍ରଶାନ୍ତ କୂଳରେ ଉପନୀତ ହେବାକୁ ପଡ଼ିବ । ମୋତେ ଜଣେ ଅଦମ୍ୟ ସନ୍ତରଣକାରୀର ସାମର୍ଥ୍ୟ ପ୍ରଦାନ କର । ମୁଁ ତୁମକୁ ଜିଣିନେବି, ସେଥିପାଇଁ ଯେତେ ବିପୁଳ ପ୍ରୟାସର ପ୍ରୟୋଜନ ହେଉ ନା କାହିଁକି ।... ଅଜ୍ଞାନ ନିଶ୍ଚିତ ଭାବେ ପରାଭୂତ ହେବା ଚାହି, ମୋହମାୟା ହେବା ଚାହି ବିଦୂରିତ, ଏହି ଦୁଃଖପୂର୍ଣ୍ଣ ଜଗତ୍ ତା'ର ବିଭୀଷିକାମୟ ତନ୍ଦ୍ରାଚ୍ଛନ୍ନତା ଭିତରୁ ନିଷ୍କ୍ରାନ୍ତ ହେବା ଆବଶ୍ୟକ, ତା'ର ଆତଙ୍କଜନକ ସ୍ୱପ୍ନ ସମାପ୍ତ ହେବା ଆବଶ୍ୟକ ଏବଂ ଅବଶେଷରେ ସେ ତୁମରି ଏକାନ୍ତ ବାସ୍ତବତା ଭିତରେ ଜାଗିଉଠିବା ଚାହି ।

ହେ ଧ୍ରୁବ ଶାନ୍ତି, ମଣିଷକୁ ଅଜ୍ଞାନରୁ ମୁକ୍ତ କର; ତୁମରି ପରିବ୍ୟାପ୍ତ ଏବଂ ବିଶୁଦ୍ଧ ଆଲୋକ ରାଜୁତି କରୁ ସର୍ବତ୍ର !

ଫେବୃଆରୀ ୧୬, ୧୯୧୪ — ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

What one has to do is to put oneself in the Mother's hands and open oneself to her by service, by bhakti, by aspiration; then the Mother by her light and force works in him so that the sadhana is done.

– Sri Aurobindo

ବ୍ୟକ୍ତିକୁ ଯାହା କରିବାକୁ ହେବ ତାହା ହେଉଛି ନିଜକୁ ମା'ଙ୍କ ହାତରେ ସମର୍ପଣ କରି ସେବା, ଭକ୍ତି, ଅଭୀପ୍ସା ବଳରେ ନିଜକୁ ଉନ୍ମୁକ୍ତ ରଖିବା; ତା'ହେଲେ ମା ତାଙ୍କର ଜ୍ୟୋତି ଏବଂ ଶକ୍ତି ବଳରେ ତା' ମଧ୍ୟରେ କ୍ରିୟା କରିବେ ଯାହାଫଳରେ ସାଧନା ସମ୍ଭବ ହେବ ।

– ଶ୍ରୀଅରବିନ୍ଦ

*

Self-surrender to the divine and infinite Mother, however difficult, remains our only effective means and our sole abiding refuge.

– Sri Aurobindo

ଭଗବତୀ ଓ ଅସୀମା ଦିବ୍ୟଜନନୀଙ୍କ ନିକଟରେ ଆତ୍ମ-ସମର୍ପଣ, ତାହା ଯେତେ କଷ୍ଟକର ହେଉ ପଛେ, ଆମର ଏକମାତ୍ର ଫଳପ୍ରଦ ଉପାୟ ଓ ଏକମାତ୍ର ସ୍ଥାୟୀ ଆଶ୍ରୟ ହୋଇ ରହିଥାଏ ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ନବମ ସର୍ଗ, ପ୍ରାଣ-ଦେବତାମାନଙ୍କର ସ୍ୱର୍ଗ

**(The Paradise of the Life-Gods)**

(୧୦୨)

## ଶ୍ରୀଅରବିନ୍ଦ

Eternity drew close disguised as Love
And laid its hand upon the body of Time.

ପ୍ରେମର ଛଦ୍ମବେଶ ଧରି ଶାଶ୍ୱତ ନିକଟବର୍ତ୍ତୀ ହୋଇ ଆସିଲେ ଏବଂ ମହାକାଳର କାୟା ଉପରେ ଆପଣାର କର ସ୍ଥାପନ କଲେ ।

A little gift comes from the Immensitudes,
But measureless to life its gain of joy;
All the untold Beyond is mirrored there.

ବୃହତ୍ ବିପୁଳ ପ୍ରସାର ମଧ୍ୟରୁ ନଇଁ ଆସେ କ୍ଷୁଦ୍ର ଏକ ଦାନ, ମାତ୍ର ଜୀବନ ପାଇଁ ତାହା ହୋଇଥାଏ ଅପାର ଆନନ୍ଦଲାଭ; ସମଗ୍ର ଅବ୍ୟକ୍ତ ଅପର ପାର ପ୍ରତିବିମ୍ବିତ ହୁଏ ସେଠାରେ ।

A giant drop of the Bliss unknowable
Overwhelmed his limbs and round his soul became
A fiery ocean of felicity;
He foundered drowned in sweet and burning vasts :
The dire delight that could shatter mortal flesh,
The rapture that the gods sustain he bore.

ଅଜ୍ଞେୟ ମହାନନ୍ଦର ଏକ ଅତିକାୟ ବିନ୍ଦୁ ତାଙ୍କର(ଅଶ୍ୱପତିଙ୍କର) ଅଙ୍ଗ ପ୍ରତ୍ୟଙ୍ଗକୁ ଅଭିଭୂତ କରିଦେଲା ଏବଂ ତାଙ୍କ ଅନ୍ତରାତ୍ମାର ଚତୁଃପାର୍ଶ୍ୱ ପୁଲକର ଏକ ଆଗ୍ନେୟ ମହାର୍ଣ୍ଣବରେ ପରିଣତ ହେଲା; ମଧୁମୟ ଓ ପ୍ରଜ୍ୱଳନ୍ତ ବିରାଟ ବିସ୍ତାର ମଧ୍ୟରେ ସେ ବୁଡିଗଲେ ତଳକୁ ତଳକୁ : ଯେଉଁ ନିଦାରୁଣ ଆନନ୍ଦ ମର୍ତ୍ତ୍ୟ ତନୁକୁ ଚୂର୍ଣ୍ଣବିଚୂର୍ଣ୍ଣ କରି ଦେଇପାରେ, ଯେଉଁ ମହୋଲ୍ଲାସକୁ ପୋଷଣ କରନ୍ତି ଦେବତାମାନେ, ତାହାକୁ ସେ ବହନ କଲେ ।

Immortal pleasure cleansed him in its waves
And turned his strength into undying power.

ଅମର ସୁଖଧାରା ତାହାର ତରଙ୍ଗମାଳାରେ ତାଙ୍କୁ ଧୋଇଦେଇ ପରିଶୁଦ୍ଧ କରିଦେଲା ଏବଂ ତାଙ୍କର ସାମର୍ଥ୍ୟକୁ ମୃତ୍ୟୁଞ୍ଜୟୀ ଶକ୍ତିରେ ପରିଣତ କଲା ।

Immortality captured Time and carried Life.

ଅମରତ୍ୱ କବଳିତ କରିନେଲା କାଳଧାରାକୁ ଏବଂ ବହନ କରି ଚାଲିଲା ଜୀବନର ଭାର ।

(ନବମ ସର୍ଗ ସମାପ୍ତ)

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

ସାବିତ୍ରୀ ଶ୍ରୀଅରବିନ୍ଦଙ୍କ ଦିବ୍ୟଦୃଷ୍ଟିର ପରମ ପ୍ରକାଶ ।
— ଶ୍ରୀମା

# ଆସ୍ପୃହା ଓ ବିଶ୍ୱାସ

## ଶ୍ରୀମା

### ଆସ୍ପୃହା ମଧ୍ୟ ଦେଇ ବିଶ୍ୱାସ

*ପ୍ରଶ୍ନ : ଜଣେ କ'ଣ ଆସ୍ପୃହା ଭିତର ଦେଇ ବିଶ୍ୱାସ ରଖିପାରେ ?*

କ'ଣ କହିଲ ? ଆସ୍ପୃହା ଭିତର ଦେଇ ବିଶ୍ୱାସ ? ହଁ ମୁଁ ତାହା ହିଁ ଭାବେ, କାରଣ ଖୁବ୍ କମ୍ ଲୋକଙ୍କର ବିଶ୍ୱାସ ସ୍ୱତଃସ୍ଫୂର୍ତ୍ତ ଭାବେ ଆସିଥାଏ । ଖୁବ୍ କମ୍ ଲୋକ ବିଶ୍ୱାସକୁ ନେଇ ଜନ୍ମ ହୋଇଥା'ନ୍ତି । ଖୁବ୍ କମ୍ ଲୋକଙ୍କର ସ୍ୱତଃସ୍ଫୂର୍ତ୍ତ ବିଶ୍ୱାସ ରଖିବାର ସୌଭାଗ୍ୟ ଥାଏ । କିନ୍ତୁ ଜଣେ ଯଦି ତା'ର ଆସ୍ପୃହାରେ ଖୁବ୍ ନିଷ୍ଠାପର ଥାଏ, ତେବେ ସେ ତାହା ପାଇଥାଏ । ଆସ୍ପୃହା ସବୁକିଛି ନେଇ ଆସିପାରେ, କିନ୍ତୁ ସେଥିପାଇଁ ସେହି ଆସ୍ପୃହା ନିଷ୍ଠାପର ଓ ଅବିରତ ହେବା ଉଚିତ । ଜଣକର ଅନ୍ତର ଭିତରେ ବିଶ୍ୱାସର ଖୁବ୍ କ୍ଷୁଦ୍ର ଉପାଦାନଟିଏ ସର୍ବଦା ରହିଥାଏ, ହୁଏତ ସେହି ବିଶ୍ୱାସ ତା'ର ମାତାପିତାଙ୍କଠାରୁ ଶୁଣିଥିବା କଥା ଉପରେ କିଂବା ପଢ଼ିଥିବା କୌଣସି ପୁସ୍ତକର କଥାବସ୍ତୁ ଉପରେ ଆଧାରିତ ହୋଇଥାଇ ପାରେ । ମୋଟ ଉପରେ, ତୁମର ସବୁପ୍ରକାର ଶିକ୍ଷା ଏହିପ୍ରକାର ଏକ ବିଶ୍ୱାସ ଉପରେ ପ୍ରତିଷ୍ଠିତ ହୋଇଛି । ଯେଉଁମାନେ ତୁମକୁ ଶିକ୍ଷା ଦେଇଛନ୍ତି, ସେମାନେ ତୁମକୁ କେତେକ କଥା କହିଛନ୍ତି । ତୁମେ ସେସବୁକୁ ବିନା ପ୍ରଶ୍ନରେ ମାନି ନେଇଛ, କାରଣ ତୁମେ ସେତେବେଳେ ପିଲା ଥିଲ ଏବଂ ତୁମର କିଛି ଅଭିଜ୍ଞତା ନ ଥିଲା । କିନ୍ତୁ ସେମାନଙ୍କ କଥା ଉପରେ ତୁମର ବିଶ୍ୱାସ ଥିଲା ଏବଂ ସେହି ବିଶ୍ୱାସ ଧରି ତୁମେ ଆଗକୁ ଆଗକୁ ଚାଲି ଆସିଛ । ତେଣୁ ପ୍ରତି ଲୋକ ଭିତରେ ବିଶ୍ୱାସର କ୍ଷୁଦ୍ର ଉପାଦାନଟିଏ ଆଗରୁ ରହିଥାଏ ଏବଂ ଜଣେ ନିଜ ଆସ୍ପୃହା ଦ୍ୱାରା ତାହାକୁ ବଢ଼ାଇପାରେ ।

### ବିଶ୍ୱାସକୁ ସୁରକ୍ଷିତ ଭାବେ ରଖ

ଜଣେ ଯଦି ଜଡ଼ ନିଷ୍କ୍ରିୟ ହୋଇ ବସି ରହେ, ଆଉ କୁହେ, ''ଯଦି ମୋର ବିଶ୍ୱାସ ହେବା କଥା, ତେବେ ତାହା ମନକୁ ମନ ମୋ ଭିତରେ ଉଦୟ ହେବ, ଭଗବାନ୍ ମୋତେ ସେ ବିଶ୍ୱାସ ଦେବେ,'' ଏହା ହେଲା ଏକ ଅଳସୁଆ ମନୋଭାବ, ଏହା ଅଚେତନା ଓ ପ୍ରାୟ ଏକ ମନ୍ଦ ଇଚ୍ଛା ମଧ୍ୟ ।

ତୁମର ଅନ୍ତରରେ ଅଗ୍ନିକୁ ଜାଳି ରଖିବାକୁ ହେଲେ, ତୁମକୁ ସର୍ବଦା ତାକୁ ସମିଧ (ଜାଳେଣି) ଯୋଗାଇବାକୁ ପଡ଼ିବ; ତୁମକୁ ସର୍ବଦା ସେ ଅଗ୍ନି ଉପରେ ଆଖି ରଖିବାକୁ ହେବ । ତୁମ ଭିତରେ ଯେତେସବୁ ଭ୍ରମ, ପ୍ରମାଦ, ଭୁଲ୍‌ଭ୍ରାନ୍ତି ରହିଛି, ଯେଉଁଗୁଡ଼ିକୁ ତୁମେ ଛାଡ଼ିବାକୁ ଚାହଁ, ଯାହାସବୁ ତୁମର ଅଗ୍ରଗତିକୁ ବିଳମ୍ବିତ କରୁଥାଏ, ଯାହାସବୁ ତୁମ ବାଟକୁ ଅନ୍ଧକାରମୟ କରୁଛି ସେଗୁଡ଼ିକୁ ଅନବରତ ସେହି ଅଗ୍ନି ଭିତରେ ଜାଳେଣି ରୂପେ ନିକ୍ଷେପ କରିବାକୁ ହେବ । ଜଣେ ଯଦି ଅଗ୍ନିରେ ଇନ୍ଧନ ନ ଯୋଗାଏ ତେବେ ତା'ର ଅଚେତନା ଓ ଜଡ଼ତାର ପାଉଁଶ ତଳେ ତାହା କୁହୁଳିବାକୁ ଲାଗିବ ଏବଂ ତା'ପରେ ସେ ତା' ଲକ୍ଷ୍ୟରେ ପହଞ୍ଚିବା ପାଇଁ କେତେ ବର୍ଷ ନୁହେଁ, କେତେ ଜନ୍ମ, କେତେ ଶତାବ୍ଦୀ ମଧ୍ୟ ବିତିଯିବ ।

ଜଣେ ଯେପରି ଅନନ୍ତଭାବେ ମୂଲ୍ୟବାନ୍ କିଛି ଗୋଟାଏର ଆବିର୍ଭାବକୁ ସତର୍କ ହୋଇ ଜଗି ରହିଥାଏ, ତୁମେ ସେହିପରି ତୁମର ବିଶ୍ୱାସକୁ ଖୁବ୍ ଯତ୍ନର ସହିତ ଜଗି ରହିବ । ତାକୁ ସବୁପ୍ରକାର ବିନଷ୍ଟି ହାତରୁ ରକ୍ଷା କରି ଚାଲିଥିବ ।

ପ୍ରାରମ୍ଭରେ ଯେତେବେଳେ ସବୁକିଛି ଅଜ୍ଞାନ ଆଉ ଅନ୍ଧକାରରେ ପରିପୂର୍ଣ୍ଣ ଥିଲା, ବିଶ୍ୱାସ ହିଁ ଭଗବାନଙ୍କ ଶକ୍ତି ରୂପେ ପ୍ରକଟିତ ହେଲା ଯାହାକି ଆସିଛି ସଂଗ୍ରାମ କରିବାକୁ ଓ ଜୟ କରିବାକୁ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମା'ଙ୍କ ସ୍ୱରୂପ
## ଶ୍ରୀଅରବିନ୍ଦ

*ପ୍ରଶ୍ନ : ଅନେକ ଲୋକଙ୍କର ଏହି ମତ ଯେ ଶ୍ରୀମା ଆଗେ ମାନବୀ ଥିଲେ କିନ୍ତୁ ଏବେ ମୂର୍ତ୍ତ ଦିବ୍ୟଜନନୀ ହୋଇଛନ୍ତି ଏବଂ ତାଙ୍କର ପ୍ରାର୍ଥନାବଳି ଏହି ମତକୁ ପ୍ରତିପାଦିତ କରୁଛି ବୋଲି ସେମାନେ ଭାବନ୍ତି । କିନ୍ତୁ ମୋର ମନର ଧାରଣା ଓ ଚୈତ୍ୟ ଅନୁଭୂତି ଅନୁସାରେ ଶ୍ରୀମା ହେଉଛନ୍ତି ସ୍ୱୟଂ ଭଗବତୀ ଜନନୀ ଯିଏ ଇଚ୍ଛାକରି ଅନ୍ଧକାର, ଅଜ୍ଞାନ ଓ ବେଦନାର ବସନ ପିନ୍ଧିଛନ୍ତି ମନୁଷ୍ୟକୁ ଜ୍ଞାନ ଓ ଆନନ୍ଦ ଅଭିମୁଖରେ ଏବଂ ଭଗବାନଙ୍କ ନିକଟକୁ ଘେନିଯିବେ ବୋଲି । ଏହା ମଧ୍ୟ ମୋର ଧାରଣା ଯେ ମା'ଙ୍କ ପ୍ରାର୍ଥନାବଳିର ଉଦ୍ଦେଶ୍ୟ ହେଲା ଆମମାନଙ୍କୁ – ଆମର ଊର୍ଦ୍ଧ୍ୱମୁଖୀ ଚୈତ୍ୟସତ୍ତାକୁ ଶିଖାଇବା କିପରି ପ୍ରାର୍ଥନା କରିବାକୁ ହୁଏ ।*

**ଉତ୍ତର** : ହଁ, ଭଗବାନ୍ ମାନବରୂପ ଧରନ୍ତି, ମଣିଷର ବାହ୍ୟ ପ୍ରକୃତିକୁ ଗ୍ରହଣ କରନ୍ତି ସ୍ୱୟଂ ପଥରେ ଚାଲିବେ ଓ ମାନବକୁ ପଥ ଦେଖାଇବେ ବୋଲି, କିନ୍ତୁ ସେ ତାଙ୍କର ଦିବ୍ୟ-ସ୍ୱରୂପକୁ କେବେ ବି ତ୍ୟାଗ କରି ନଥା'ନ୍ତି । ଯାହା ଘଟେ ତା' ହେଉଛି ଏକ ଅଭିବ୍ୟକ୍ତି, ନିତ୍ୟ-ବର୍ତ୍ତମାନ ଦିବ୍ୟ-ଚେତନାର ହିଁ ଏକ ଅଭିବ୍ୟକ୍ତି, ତାହାକୁ ମାନବ ଚେତନାର ଏକ ଦିବ୍ୟ ପରିଣତି ବୋଲି କୁହାଯାଇ ପାରିବ ନାହିଁ । ଶ୍ରୀମା ତାଙ୍କର ଶୈଶବରେ ବି ଅନ୍ତରରେ ମାନବତ୍ୱରୁ ବହୁ ଊର୍ଦ୍ଧ୍ୱରେ ଥିଲେ । ଅତଏବ ତୁମର ସେହି 'ବହୁଲୋକ'ଙ୍କ ମତ ଭ୍ରାନ୍ତ ।

(୧୭.୦୮.୧୯୩୮)

*

*ପ୍ରଶ୍ନ : ଶ୍ରୀମା'ବ୍ୟକ୍ତିରୂପରେ ସମସ୍ତ ଦିବ୍ୟଶକ୍ତିକୁ ମୂର୍ତ୍ତ କରନ୍ତି ଏବଂ ଜଡ଼ଭୂମିରେ ନିତ୍ୟ ଭାଗବତ କୃପାକୁ ଅଧିକ ଉତାରି ଆଣନ୍ତି, ଏକଥା କ'ଣ ଠିକ୍ ? ମା'ଙ୍କ ଶରୀର-ଧାରଣ ସମଗ୍ର ଭୌତିକ ଜଗତର ପରିବର୍ତ୍ତନ ଓ ରୂପାନ୍ତର ପାଇଁ ଏକ ସୁଯୋଗ ଦେଇଛି, ଏହି ଧାରଣା କ'ଣ ଯଥାର୍ଥ ?*

**ଉତ୍ତର** : ହଁ । ତାଙ୍କର ମୂର୍ତ୍ତି ପରିଗ୍ରହ ହିଁ ପାର୍ଥିବ ଚେତନାକୁ ସୁଯୋଗ ଦେଇଛି ନିଜ ମଧ୍ୟରେ ଅତିମାନସକୁ ଗ୍ରହଣ କରିବାକୁ ଏବଂ ସେ ଦିଗରେ ନିଜର ପ୍ରାରମ୍ଭିକ ରୂପାନ୍ତର ସାଧନ କରିବାକୁ । ପରେ ଅତିମାନସ ହିଁ ଆହୁରି ଏକ ରୂପାନ୍ତର ଘଟାଇବ କିନ୍ତୁ ତେବେ ବି ସମଗ୍ର ଚେତନା ଅତିମାନସରେ ରୂପାନ୍ତରିତ ହେବ ନାହିଁ । ଅତିମାନସର ପ୍ରତିନିଧି ରୂପେ ଗୋଟିଏ ନୂତନ ଜାତିର ଆବିର୍ଭାବ ହେବ – ଯେପରି ମାନବ ହେଲା ମାନସର ପ୍ରତିନିଧି ।

(୧୩.୦୮.୧୯୩୩)

*

**ଉତ୍ତର** : ଶ୍ରୀମା ଆସିଛନ୍ତି ଅତିମାନସକୁ ଉତାରି ଆଣିବେ ବୋଲି । ଏହି ଅବତରଣ ହିଁ ଏଠାରେ ପୂର୍ଣ୍ଣ ଅଭିବ୍ୟକ୍ତିକୁ ସମ୍ଭବପର କରୁଛି ।

(୨୩.୦୯.୧୯୪୫)

*

ସେହି ଏକ ଦିବ୍ୟଶକ୍ତି ହିଁ ବ୍ୟକ୍ତି ଓ ବିଶ୍ୱରେ ତଥା ବିଶ୍ୱାତୀତରେ କାର୍ଯ୍ୟ କରନ୍ତି – ଶ୍ରୀମା ଏହି ସମସ୍ତର ପ୍ରତୀକ, କିନ୍ତୁ ସେ ଏହି ବିଶ୍ୱରେ ମୂର୍ତ୍ତ ହୋଇ କାର୍ଯ୍ୟ କରୁଛନ୍ତି, ଏପରି ଗୋଟିଏ ବସ୍ତୁକୁ ଆଣିବା ସକାଶେ ଯାହା ଆଜି ବି ଏହି ଜଡ଼ ଜଗତରେ ପ୍ରକଟ ହୋଇ ନାହିଁ, ତାଙ୍କର ଉଦ୍ଦେଶ୍ୟ ହେଲା ପାର୍ଥିବ ଜୀବନର ରୂପାନ୍ତର । ତାଙ୍କୁ ତୁମେ ଦେଖିବ ଏହି ଭାବରେ, ଏହି ଉଦ୍ଦେଶ୍ୟ ନେଇ କ୍ରିୟମାଣା ଦିବ୍ୟଶକ୍ତି ବୋଲି । ଦେହଧାରୀ ଜନନୀଙ୍କର ଏହି ହେଲା ସ୍ୱରୂପ, କିନ୍ତୁ ତାଙ୍କର ସମଗ୍ର ଚେତନାରେ ସେ ଭଗବାନଙ୍କର ଅନ୍ୟ ସମସ୍ତ ବିଭାବ ସହିତ ଅଭିନ୍ନ ।

*

*ପ୍ରଶ୍ନ : ଆପଣ କହିଛନ୍ତି, ''ସର୍ବଦା ଏପରି ଭାବରେ ଚଳିବ ଯେପରିକି ମା ତୁମକୁ ଦେଖୁଛନ୍ତି; କାରଣ ପ୍ରକୃତରେ ସେ ସର୍ବଦା ହିଁ ଉପସ୍ଥିତ ।'' ଶ୍ରୀମା କ'ଣ ଆମର ସମସ୍ତ ନଗଣ୍ୟ ଚିନ୍ତାକୁ ସର୍ବଦା ଜାଣନ୍ତି ନା କେବଳ ଏକାଗ୍ର ହେଲେ ଜାଣିପାରନ୍ତି ?*

**ଉତ୍ତର** : କୁହାହୋଇଛି ଯେ ଶ୍ରୀମା ସର୍ବଦା ଉପସ୍ଥିତ ରହିଛନ୍ତି ଓ ତୁମକୁ ଦେଖୁଛନ୍ତି । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଶ୍ରୀମା ତାଙ୍କର ଦେହଗତ ମନରେ ସର୍ବଦା ତୁମ କଥା ଭାବୁଛନ୍ତି, ତୁମ ଚିନ୍ତାକୁ ଦେଖୁଛନ୍ତି । ତାହାର କୌଣସି ଆବଶ୍ୟକତା ନାହିଁ, କାରଣ ସେ ସର୍ବତ୍ର ବିଦ୍ୟମାନ ଏବଂ ନିଜର ସାର୍ବଭୌମ ଜ୍ଞାନ ଦ୍ୱାରା ସର୍ବତ୍ର କାର୍ଯ୍ୟ କରୁଛନ୍ତି ।

(୧୨.୦୮.୧୯୩୩)

*

*ପ୍ରଶ୍ନ : କେଉଁ ଅର୍ଥରେ ଶ୍ରୀମା ସର୍ବତ୍ର ବିଦ୍ୟମାନ – ଜଡ଼ଭୂମିର ସବୁ ଘଟଣା କ'ଣ ଶ୍ରୀମା ଜାଣୁଛନ୍ତି ?*

**ଉତ୍ତର** : ଲର୍ଡ଼ ଜର୍ଜ ଆଜି କ'ଣ ଖାଇଲେ ବା ରୁଜ୍‌ଭେଲ୍‌ଟ୍ ନିଜ ପତ୍ନୀଙ୍କୁ ଚାକରମାନଙ୍କ ବିଷୟରେ କ'ଣ କହିଲେ, ଏସବୁ ସେ ଜାଣୁଛନ୍ତି କି ? ଜଡ଼ଭୂମିରେ କ'ଣ କ'ଣ ଘଟୁଛି, ସେସବୁକୁ ମା ମାନୁଷୀ ଧାରାରେ କାହିଁକି ଜାଣିବେ ? ତାଙ୍କର ଦେହ ଧାରଣ କରିବାର ଉଦ୍ଦେଶ୍ୟ ହେଲା ବିଶ୍ୱଶକ୍ତିଚୟର କ୍ରିୟାବଳିକୁ ଜାଣିବା ଓ ସେହି ଶକ୍ତିରାଜିକୁ ନିଜ କାର୍ଯ୍ୟରେ ଲଗାଇବା; ବାକି ସବୁ କ୍ଷେତ୍ରରେ ସେ ଯାହା ଜାଣିବାକୁ ଚାହାନ୍ତି ତାହା ଜାଣନ୍ତି, କେବେ ଭୌତିକ ମନ ଦ୍ୱାରା କେବେ ବା ତାଙ୍କର ଆନ୍ତର ସତ୍ତା ଦ୍ୱାରା । ତାଙ୍କର ବିଶ୍ୱସତ୍ତାରେ ସମସ୍ତ ଜ୍ଞାନ ରହିଛି, କିନ୍ତୁ ତାଙ୍କର କାର୍ଯ୍ୟ ନିମିତ୍ତ ଯେତିକି ଆବଶ୍ୟକ ସେତିକି ମାତ୍ର ସେ ସମ୍ମୁଖକୁ ନେଇଆସନ୍ତି ।

(୧୩.୦୮.୧୯୩୩)

*

ମା'ଙ୍କର କେବଳ ଗୋଟିଏ ମାତ୍ର ରୂପ ନାହିଁ, ଭିନ୍ନ ଭିନ୍ନ ସମୟରେ ତାଙ୍କର ଭିନ୍ନ ଭିନ୍ନ ରୂପ ରହିଛି ।

ମା'ଙ୍କ ସ୍ଥୂଳ ଶରୀରର ପଶ୍ଚାତରେ ତାଙ୍କର ବହୁ ରୂପ, ବହୁ ଶକ୍ତି ଓ ବ୍ୟକ୍ତିତ୍ୱ ରହିଛି ।

(୧୪.୦୫.୧୯୩୩)

*

ଶ୍ରୀମା'ଙ୍କର ଚେତନା ଓ ମୋ ଚେତନା ସମ୍ପୂର୍ଣ୍ଣ ରୂପେ ଏକ, ଏକ ଅଖଣ୍ଡ ଦିବ୍ୟ-ଚେତନା ଦୁଇଟି ଆଧାରରେ, କାରଣ ଲୀଳା ନିମିତ୍ତ ତାହା ଆବଶ୍ୟକ । ତାଙ୍କର ଜ୍ଞାନ, ଶକ୍ତି ଓ ଚେତନା ବିନା କିଛି ବି ହୋଇପାରେ ନାହିଁ । ଯଦି କେହି ଯଥାର୍ଥରେ ତାଙ୍କର ଚେତନାକୁ ଅନୁଭବ କରେ ତେବେ ସେ ଜାଣିରଖିବା ଉଚିତ ଯେ ମୁଁ ତା'ର ପଛରେ ରହିଛି, ସେହିପରି ଯଦି କେହି ମୋତେ ଅନୁଭବ କରେ ତେବେ ଶ୍ରୀମା ତାହା ପଛରେ ଅଛନ୍ତି ବୋଲି ଜାଣିବା ଉଚିତ ।

*

ନିଶ୍ଚୟ । ଯଦି ଆରମ୍ଭରୁ ଆମେ ଦେହ ଧାରଣ କରି ଅତିମାନସ ଭୂମିରେ ବାସ କରୁଥାଆନ୍ତୁ ତେବେ କେହି ମଧ୍ୟ ଆମ ନିକଟକୁ ଆସିବାକୁ ସକ୍ଷମ ହୋଇ ନଥା'ନ୍ତେ ବା କୌଣସି ପ୍ରକାର ସାଧନା ସମ୍ଭବ ହୋଇ ନଥା'ନ୍ତା । ଆମମାନଙ୍କ ସଙ୍ଗେ ପୃଥିବୀର ବା ମନୁଷ୍ୟମାନଙ୍କର କୌଣସି ସମ୍ପର୍କର ଆଶା ରହି ନ ଥା'ନ୍ତା । ବର୍ତ୍ତମାନ ମଧ୍ୟ ସର୍ବଦା ନିଜ ଦିବ୍ୟ-ଚେତନାରେ ନ ରହି ଶ୍ରୀମାଙ୍କୁ ସାଧକର ନିମ୍ନ ଚେତନା ଆଡ଼କୁ ନଇଁ ଆସିବାକୁ ହୋଇଥାଏ । ନ ହେଲେ ସେମାନେ ପୁଣି କହିବାକୁ ଆରମ୍ଭ କରିବେ, ''ତୁମେ କେତେ ଦୂରରେ, ମୋ ପ୍ରତି କେଡ଼େ କଠୋର, ମୋ ପ୍ରତି ତୁମର କୌଣସି ପ୍ରେମ ନାହିଁ, ମୁଁ ତୁମଠାରୁ କୌଣସି ସାହାଯ୍ୟ ପାଉ ନାହିଁ, ଇତ୍ୟାଦି ଇତ୍ୟାଦି ।'' ମଣିଷ ସହିତ ସମ୍ପର୍କ ରଖିବାକୁ ହେଲେ ଭଗବାନଙ୍କୁ ନିଜକୁ କିଛି ଆବୃତ ରଖିବାକୁ ହୁଏ ।

*

ତୁମେ ଭାବୁଛ ଶ୍ରୀମାଙ୍କର ସାହାଯ୍ୟ ତୁମର କୌଣସି କାର୍ଯ୍ୟରେ ଆସିବ ନାହିଁ । ତୁମେ ଯଦି ତାଙ୍କ ସାହାଯ୍ୟ ଦ୍ୱାରା ଲାଭବାନ୍ ହୋଇ ପାରିବ ନାହିଁ, ତେବେ ମୋର ସାହାଯ୍ୟ ତୁମ ପାଇଁ ଆହୁରି ନିଷ୍ଫଳ ହେବ । ତେବେ ସେ ଯାହାହେଉ ମୁଁ ସମସ୍ତଙ୍କ ସକାଶେ ଏହି ବ୍ୟବସ୍ଥା କରିଛି, ସେମାନେ ପ୍ରତ୍ୟକ୍ଷ ଭାବରେ ମୋ ପାଖରୁ ନୁହେଁ, ଶ୍ରୀମାଙ୍କଠାରୁ ହିଁ ଆଲୋକ ଓ ଶକ୍ତି ପାଇବେ ଏବଂ ସେମାନଙ୍କ ଆଧାତ୍ମିକ ବିକାଶ ଓ ଅଗ୍ରଗତିରେ ମା'ଙ୍କ ଦ୍ୱାରା ହିଁ ପରିଚାଳିତ ହେବେ, ଏହି ବ୍ୟବସ୍ଥାର କୌଣସି ପରିବର୍ତ୍ତନ ମୁଁ ଚାହେଁ ନାହିଁ । ମୁଁ ଏହି ବ୍ୟବସ୍ଥା କରିଛି କୌଣସି ସାମୟିକ ଉଦ୍ଦେଶ୍ୟ ସିଦ୍ଧି ସକାଶେ ନୁହେଁ, କିନ୍ତୁ ଏହାହିଁ ଏକମାତ୍ର ପଥ ବୋଲି; ମା'ଙ୍କର ପ୍ରକୃତ ସ୍ୱରୂପ ଓ ଶକ୍ତି କ'ଣ ତାହା ବିବେଚନା କଲେ, ଯଦି ସାଧକ ସର୍ବଦା ଉନ୍ମୀଳିତ ଓ ଗ୍ରହୀଷ୍ଣୁ ହୋଇଥାଏ, ସେ ଜାଣିପାରିବ ଯେ ତାହାହିଁ ଏକମାତ୍ର ଯଥାର୍ଥ ଓ ଫଳପ୍ରଦ ପଥ ।

(*ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ପତ୍ରାବଳୀ*ରୁ ସଂଗୃହୀତ ପୃ. ୧-୭)

ଅନୁବାଦକ : ଶ୍ରୀ ରାମକୃଷ୍ଣ ଦାସ ଓ ଶ୍ରୀ ପ୍ରପତ୍ତି ❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ - ପ୍ରଥମ ଭାଗ

## (ଚତୁର୍ଥ ଅଧ୍ୟାୟ)

## ଗୁହ୍ୟାଦ୍ ଗୁହ୍ୟତରମ୍ (The Secret of Secrets)

**ଶେଖ ଅବଦୁଲ କାଶମ**

ଶ୍ରୀକୃଷ୍ଣ ତାଙ୍କର ପ୍ରିୟଶିଷ୍ୟ ଅର୍ଜୁନଙ୍କୁ ଭଗବାନଙ୍କ ବିଷୟରେ ସମ୍ୟକ୍ ଓ ପୂର୍ଣ୍ଣଜ୍ଞାନ ପ୍ରଦାନ କରିବାକୁ ଚାହିଁଛନ୍ତି । ଭଗବାନ୍ ହେଉଛନ୍ତି ଅନନ୍ତ, ଅସୀମ, ସବୁକିଛିର ଉତ୍ସ, ବିଶ୍ୱର ସବୁକିଛି ତାଙ୍କର ହିଁ ଲୀଳା । ସବୁକିଛି ତାଙ୍କରି ଦିବ୍ୟ ଇଚ୍ଛା ଦ୍ୱାରା ପରିଚାଳିତ । ମନୁଷ୍ୟର ଅହଂ-ଚେତନା ପରମ ଭାଗବତ ଚେତନାର ଏକ ବିକୃତି ମାତ୍ର । ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣଙ୍କ ରୂପରେ ପୃଥିବୀରେ ନିଜକୁ ଅଭିବ୍ୟକ୍ତ କରିଛନ୍ତି । ତାଙ୍କର ଅବତାର ଗ୍ରହଣର ଅନେକ ଉଦ୍ଦେଶ୍ୟ ମଧ୍ୟରେ ଅନ୍ୟତମ ଉଦ୍ଦେଶ୍ୟ ହେଉଛି ଜ୍ଞାନ, କର୍ମ ଓ ଭକ୍ତି ମଧ୍ୟରେ ସମନ୍ୱୟ ସାଧନ କରିବା । ଅର୍ଜୁନ କେବଳ କୁରୁକ୍ଷେତ୍ରର ଜଣେ ଶ୍ରେଷ୍ଠ ଯୋଦ୍ଧା ନୁହନ୍ତି, ସେ ଭଗବାନଙ୍କର ଏକ ବୀର୍ଯ୍ୟବାନ୍ ଯନ୍ତ୍ର ହେବା ବିଧିନିର୍ଦ୍ଦିଷ୍ଟ ହୋଇଛି । ଏସବୁ କଥା ଅର୍ଜୁନଙ୍କ ଚେତନାରେ ଧୀରେ ଧୀରେ ସ୍ପଷ୍ଟ ହେବାକୁ ଲାଗିଛି । କିନ୍ତୁ ତଥାପି ତାଙ୍କ ମନରେ କିଛି ପରିମାଣରେ ସଂଶୟ ରହି ଯାଇଥିଲା ଯାହାକୁ ଦୂର କରିବା ପାଇଁ ଶ୍ରୀକୃଷ୍ଣ ନିଜର ବିଶ୍ୱରୂପ ପ୍ରଦର୍ଶନ କରିଥିଲେ ।

ବାହ୍ୟ ମାନୁଷୀ ଦୃଷ୍ଟି ଦ୍ୱାରା ଭଗବାନଙ୍କ ସମଗ୍ର ରୂପକୁ ତଥା ତାଙ୍କର ଲୀଳା ସମୂହକୁ ଦେଖି ହେବ ନାହିଁ ବା ବୁଝି ହେବ ନାହିଁ । ଏଥିପାଇଁ ଅନ୍ତର୍ଦୃଷ୍ଟି ବା ଭାଗବତ ଚେତନା ଦ୍ୱାରା ଆଲୋକିତ ଦୃଷ୍ଟି ଆବଶ୍ୟକ । ଯେତେବେଳେ ଭଗବାନ୍ ଓ ତାଙ୍କର ବିଶ୍ୱଲୀଳା ତଥା ପ୍ରକୃତିର କାର୍ଯ୍ୟ ପଦ୍ଧତିକୁ ବ୍ୟକ୍ତି ଯଥାର୍ଥ ରୂପେ ବୁଝିପାରିବ ସେତେବେଳେ ଭଗବାନଙ୍କ ଉପରେ ତା'ର ବିଶ୍ୱାସ ଦୃଢ଼ୀଭୂତ ହେବ ଏବଂ ପୂର୍ଣ୍ଣ ଭକ୍ତି ସହ ତାଙ୍କଠାରେ ସେ ନିଜର ଜୀବନକୁ ନିବେଦନ କରିପାରିବ ।

ଅର୍ଜୁନ ଅହଂଗତ ଚେତନା ଓ ଅଜ୍ଞାନ ଦ୍ୱାରା ପରିଚାଳିତ ହେଉଥିବାରୁ ଏ ପର୍ଯ୍ୟନ୍ତ ତାଙ୍କ ମନରେ କର୍ମ ସମ୍ପର୍କରେ ନାନା ସଂଶୟ ଜାତ ହୋଇଛି । ସେ ସଂସାରରେ କ୍ରିୟାଶୀଳ ପରସ୍ପର ବିରୋଧୀ ବିଭିନ୍ନ ତତ୍ତ୍ୱ ତଥା ଘଟଣାଗୁଡ଼ିକୁ ଯଥାର୍ଥ ରୂପେ ବୁଝିବାକୁ ସମର୍ଥ ହୋଇ ନାହାନ୍ତି । କର୍ମପାଶର ଜଟିଳତା ମଧ୍ୟରେ ଆବଦ୍ଧ ହୋଇଥିବାରୁ ତାଙ୍କ ଭିତରେ ବିଷାଦ ଓ କିଂକର୍ତ୍ତବ୍ୟବିମୂଢ଼ତା ସୃଷ୍ଟି ହୋଇଛି । ନିମ୍ନତର ପ୍ରକୃତିର ଗୁଣମାନଙ୍କ ଦ୍ୱାରା ଚାଳିତ ହେଉଥିବା ତାଙ୍କର ଅହଂ – ପାପ, ପୁଣ୍ୟ, ସୁଖ, ଦୁଃଖ ଆଦିର ଦ୍ୱନ୍ଦ୍ୱକୁ ଅତିକ୍ରମ କରିପାରି ନାହିଁ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇବାକୁ ଚେଷ୍ଟା କରିଛନ୍ତି ଯେ ଅହଂ ହିଁ ସକଳ ବାଧା ଓ ଭ୍ରାନ୍ତି ପାଇଁ ଦାୟୀ । ଏଥିରୁ ମୁକ୍ତ ହେବାକୁ ହେଲେ ତାଙ୍କୁ ନିଜ ଅନ୍ତରସ୍ଥ ଆତ୍ମା ବିଷୟରେ ସଚେତନ ହେବାକୁ ପଡ଼ିବ । ସାକ୍ଷୀ ବା ଦ୍ରଷ୍ଟା ସ୍ୱରୂପରେ ଅବସ୍ଥାନ କଲେ ସେ ପ୍ରକୃତିର କ୍ରିୟାକଳାପଠାରୁ ନିଜକୁ ପୃଥକ୍ କରି ରଖି ପାରିବେ । କାରଣ ମନୁଷ୍ୟ ମଧ୍ୟରେ ଥିବା ଆଧ୍ୟାତ୍ମ ସତ୍ତା କର୍ମ ଅପେକ୍ଷା ଶ୍ରେଷ୍ଠତର ଅଟେ । ଏହା ଶାନ୍ତ ଓ ସମତାସମ୍ପନ୍ନ ଅଟେ । ପ୍ରକୃତିର ସକଳ କର୍ମକୁ ଏହା ନିରପେକ୍ଷ ଭାବରେ ଅବଲୋକନ କରେ, ତ୍ରିଗୁଣର କ୍ରିୟା ଦ୍ୱାରା ଏହା ଆଦୌ କୌଣସି ପ୍ରକାରେ ପ୍ରଭାବିତ ହୁଏ ନାହିଁ ।

ଅର୍ଜୁନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସେ ନିଷ୍କାମ ଭାବରେ କର୍ମ କରି ସମସ୍ତ କର୍ମର ଫଳକୁ ଭଗବାନଙ୍କ ହାତରେ ଛାଡ଼ି ଦିଅନ୍ତୁ । ସେ ଜାଣି ରଖନ୍ତୁ ଯେ ସେ ନିଜେ କର୍ମର ପ୍ରଭୁ ନୁହନ୍ତି, ପ୍ରକୃତି ହିଁ ତାଙ୍କ ଭିତରେ କାର୍ଯ୍ୟ କରୁଛି । ତାଙ୍କୁ କର୍ତ୍ତାର ଭାବ ତ୍ୟାଗ କରିବାକୁ ହେବ । ପ୍ରକୃତି ହିଁ ବିଶ୍ୱକର୍ମୀ । ଏକ ମହତ୍ତର ଶକ୍ତି ଦ୍ୱାରା ପରିଚାଳିତ ହୋଇ ପ୍ରକୃତି କାର୍ଯ୍ୟ କରି ଚାଲିଛି । ଯଦି ଜଣେ ଅହଂ ଓ ବାସନାକୁ ପରିତ୍ୟାଗ କରି ବିଶ୍ୱବ୍ୟାପୀ କ୍ରିୟାଶୀଳ ଭଗବାନଙ୍କ ସହିତ ଏକାତ୍ମ ହୋଇ ପାରିବ ତାହା ହେଲେ ସେ କର୍ମବନ୍ଧନରୁ ମୁକ୍ତ ହୋଇଯିବ । ସେ ଜାଣିପାରିବ ଯେ ବିଶ୍ୱ-ମାନସ, ବିଶ୍ୱ-ଜୀବନ ଓ ବିଶ୍ୱ-ଇଚ୍ଛା ହିଁ ତା' ମଧ୍ୟରେ ତଥା ଅନ୍ୟ ସମସ୍ତଙ୍କ ମଧ୍ୟରେ କାର୍ଯ୍ୟ କରୁଛି । ସମସ୍ତ ଅହଂଗତ ଦାବି ଓ ପ୍ରବୃତ୍ତିକୁ ପରିହାର କରି

ପାରିଲେ ବ୍ୟକ୍ତି ନିଜ ଭିତରେ ସମତା, ଶାନ୍ତି, ଆନନ୍ଦ ଓ ମୁକ୍ତି ଅନୁଭବ କରିପାରିବ । ଯେତେବେଳେ ବ୍ୟକ୍ତିର ଅହଂପୂର୍ଣ୍ଣ ପ୍ରକୃତି ବିଶ୍ୱ-ପ୍ରକୃତିର ସହଯୋଗୀ ଯନ୍ତ୍ର ହୋଇଯାଏ ସେତେବେଳେ ବ୍ୟକ୍ତି ଲାଗି ମୁକ୍ତିର ଦ୍ୱାର ସ୍ୱାଭାବିକ ରୂପେ ଉନ୍ମୁକ୍ତ ହୋଇଯାଏ ।

କର୍ମ ଓ କର୍ମଫଳ ଭିତରେ ନିଜକୁ ଜଡ଼ିତ ନ କରି ସାକ୍ଷୀ ସ୍ୱରୂପରେ ଅବସ୍ଥାନ କରିବା ଦ୍ୱାରା ଜଣେ ନୈର୍ବ୍ୟକ୍ତିକ ବ୍ରହ୍ମଙ୍କୁ ଉପଲବ୍ଧି କରିପାରେ । ଏହା ବ୍ୟକ୍ତିକୁ ଶାନ୍ତି, ସ୍ଥିରତା ଓ ମୁକ୍ତିର ବୋଧ ଆଣି ଦେଇପାରେ । ମାତ୍ର ବ୍ୟକ୍ତି ଭାବିପାରେ ଯେ ଯେହେତୁ ସବୁକିଛି ପ୍ରକୃତି କରୁଛି ତା'ର ନିଜର କିଛି କର୍ମ କରିବାର ପ୍ରୟୋଜନ ନାହିଁ । ଏହା ଦ୍ୱାରା କର୍ମ ପ୍ରତି ତା'ର ଅନାଗ୍ରହ ସୃଷ୍ଟି ହୋଇପାରେ । ତେଣୁ କର୍ମ ଓ ମୁକ୍ତି ଏ ଦୁଇଟି ମଧ୍ୟରେ ସଙ୍ଗତି ବିଧାନ ଏକାନ୍ତ ଆବଶ୍ୟକ । ଗୀତା ସେହି ସଙ୍ଗତି ସ୍ଥାପନ ପାଇଁ ପରମ ଈଶ୍ୱରଙ୍କ ତତ୍ତ୍ୱ ଉପରେ ଗୁରୁତ୍ୱ ଦେଇଛି । ପରମେଶ୍ୱର ମନୁଷ୍ୟ ଓ ପ୍ରକୃତି ମଧ୍ୟରେ ବାସ କଲେ ମଧ୍ୟ ସେ ସବୁଠାରୁ ଅଧିକ ମହାନ୍ । ଆତ୍ମାର ନୈର୍ବ୍ୟକ୍ତିକ ଭାବ ମଧ୍ୟରେ ପରମେଶ୍ୱରଙ୍କୁ ଉପଲବ୍ଧି କରାଯାଇ ପାରେ । ମାତ୍ର ନୈର୍ବ୍ୟକ୍ତିକ ଆତ୍ମା ତାଙ୍କର ସମଗ୍ର ସତ୍ତା ନୁହେଁ । ଜଣେ ନୈର୍ବ୍ୟକ୍ତିକ ବ୍ରହ୍ମଙ୍କ ଭିତରେ ନିଜକୁ ପ୍ରତିଷ୍ଠିତ କଲା ପରେ ମଧ୍ୟ ଯଦି ନିଜର ଆସ୍ପୃହାକୁ ସଦାସର୍ବଦା ଜଳାଇ ରଖେ ତେବେ ତା' ପାଇଁ ଊର୍ଦ୍ଧ୍ୱପଥର ଦ୍ୱାର ଉନ୍ମୁକ୍ତ ହୋଇଯିବ । ସେ ଉପଲବ୍ଧି କରିବ ଯେ କ୍ଷର ଓ ଅକ୍ଷର ବ୍ରହ୍ମଙ୍କ ଊର୍ଦ୍ଧ୍ୱରେ ପରାତ୍ପର ପୁରୁଷୋତ୍ତମ ରହିଛନ୍ତି ।

ପରମେଶ୍ୱର ବିଶ୍ୱାତ୍ମା ମଧ୍ୟରେ ରହିଛନ୍ତି, ସେ ମନୁଷ୍ୟ ଓ ପ୍ରକୃତି ମଧ୍ୟରେ ନିବାସ କରୁଛନ୍ତି ଏବଂ ସେ ହିଁ କୁରୁକ୍ଷେତ୍ରରେ ରଥାରୂଢ଼ ହୋଇ ଅର୍ଜୁନଙ୍କୁ ଦିବ୍ୟବାଣୀ ଶୁଣାଉଛନ୍ତି । ସେହି ପରମେଶ୍ୱରଙ୍କ ଯୋଗୁଁ ସବୁକିଛିର ଅସ୍ତିତ୍ୱ ସମ୍ଭବ ହୋଇଛି, ତାଙ୍କରି ଯୋଗୁଁ ସମସ୍ତଙ୍କର କ୍ରିୟା ଓ ପ୍ରୟାସ ହୋଇ ଚାଲିଛି ।

ଶ୍ରୀକୃଷ୍ଣ କହୁଛନ୍ତି – ''ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟସ୍ତଥା ।''(୭/୬) ଅର୍ଥାତ୍, ''ମୁଁ ହିଁ ସମଗ୍ର ଜଗତର ପ୍ରଭବ ତଥା ପ୍ରଳୟ, ମୋଠାରୁ ସମଗ୍ର ଜଗତ୍ ଉତ୍ପନ୍ନ ହେଉଛି ଏବଂ ସବୁକିଛି ପୁଣି ମୋ ଭିତରେ ଲୀନ ହୋଇଯାଉଛି ।'' ପୁରୁଷୋତ୍ତମ ହିଁ ବିଶ୍ୱଗତ ସର୍ବବ୍ୟାପୀ ଆତ୍ମା ଏବଂ ସେ ପୁଣି ବିଶ୍ୱାତୀତ ପରମ ସତ୍ତା । ତାଙ୍କର ଶାଶ୍ୱତ ପ୍ରକୃତି ଏବଂ ତାଙ୍କର ପରାତ୍ପର ସର୍ବମୂଳ ପରମାଶକ୍ତିକୁ ହିଁ ପରାପ୍ରକୃତି ବୋଲି କୁହାଯାଇଛି । ପରାପ୍ରକୃତିଙ୍କର କ୍ରିୟାଶୀଳ ଶକ୍ତି ଦ୍ୱାରା ହିଁ ଯେ ସକଳ ପ୍ରାଣୀଙ୍କର ଉଦ୍ଭବ ସମ୍ଭବ ହେଉଛି ଏକଥା ଆମକୁ ଜାଣି ରଖିବାକୁ ହେବ (ଏତଦ୍‌ଯୋନୀନି ଭୂତାନି ସର୍ବାଣୀତ୍ୟୁ- ପଧାରୟ) । ପୁରୁଷୋତ୍ତମ ଓ ପରାପ୍ରକୃତି ହେଉଛନ୍ତି ଏକ ଓ ଅଭିନ୍ନ । ତାଙ୍କଠାରୁ ଉଚ୍ଚତର ଆଉ କିଛି ନାହିଁ (''ମତ୍ତଃ ପରତରଂ ନାନ୍ୟତ୍ କିଞ୍ଚିଦସ୍ତି ଧନଞ୍ଜୟ''- ୭/୭) । ପୁରୁଷୋତ୍ତମଙ୍କର ପରାପ୍ରକୃତି ହିଁ ଜୀବସକଳରେ ପରିଣତ ହୋଇଛି (ପରାପ୍ରକୃତିର୍ଜୀବଭୂତା) । ପୁରୁଷୋତ୍ତମ ତାଙ୍କର ପରାପ୍ରକୃତି ବା ଆଧ୍ୟାତ୍ମିକ ପ୍ରକୃତି ଦ୍ୱାରା ସମଗ୍ର ଜଗତକୁ ଧାରଣ କରିଛନ୍ତି (ଯୟେଦଂ ଧାର୍ଯ୍ୟତେ ଜଗତ୍) । କ୍ଷର ଜଗତର ଯାବତୀୟ କ୍ରିୟା ପୁରୁଷୋତ୍ତମଙ୍କ ପରାପ୍ରକୃତି ଦ୍ୱାରା ନିୟନ୍ତ୍ରିତ ହେଉଛି ।

ଇତିପୂର୍ବରୁ ଅନ୍ୟ ଅଧ୍ୟାୟରେ ଆଲୋଚନା କରାଯାଇଛି ଯେ ପ୍ରକୃତିର ଦୁଇଟି ସ୍ଥିତି (status) ରହିଛି ଯଥା : ନିମ୍ନତର ପ୍ରକୃତି ଓ ଉଚ୍ଚତର ପ୍ରକୃତି । ନିମ୍ନତର ପ୍ରକୃତି ହେଉଛି ସାଧାରଣ ପ୍ରକୃତି ବା କ୍ରିୟାଶୀଳ ପ୍ରକୃତି ଯାହା ଅହଂ, ବାସନା ଓ ଅଜ୍ଞାନକୁ ନେଇ ଗଠିତ । ଅନ୍ୟପକ୍ଷରେ ଉଚ୍ଚତର ପ୍ରକୃତି ହେଉଛି ପୁରୁଷୋତ୍ତମଙ୍କ ଏକ ପ୍ରତ୍ୟକ୍ଷ ଶକ୍ତି ଯାହା ଅହଂ, ବାସନା ଓ ଅଜ୍ଞାନରୁ ମୁକ୍ତ । ଉଚ୍ଚତର ପ୍ରକୃତି ନିମ୍ନତର ପ୍ରକୃତିର ପୃଷ୍ଠଭାଗରେ ଥାଇ ତା'ର ଗତିବୃତ୍ତିଗୁଡ଼ିକୁ ଧାରଣ କରିଥାଏ କିନ୍ତୁ ସେଥିରେ ସଂପୃକ୍ତ ହୋଇ ନଥାଏ । ଉଚ୍ଚତର ପ୍ରକୃତି ଯଦି ନିମ୍ନତର ପ୍ରକୃତି ଭିତରେ ଉପସ୍ଥିତ ନଥା'ନ୍ତା ତାହାହେଲେ ନିମ୍ନ ପ୍ରକୃତି କୌଣସି ଭାବରେ କ୍ରିୟାଶୀଳ ହୋଇ ପାରନ୍ତା ନାହିଁ ।

ମନୁଷ୍ୟ ଯେତେ ମହାନ୍ ହେଲେ ମଧ୍ୟ ସେ ପୁରୁଷୋତ୍ତମଙ୍କର ହିଁ ଆଂଶିକ ପ୍ରକାଶ । ଜଗତସକଳର ଊର୍ଦ୍ଧ୍ୱରେ ଥିବା ମୂଳଉତ୍ସ ପ୍ରତି ଦୃଷ୍ଟିପାତ କଲେ ସେ ପରମାତ୍ମାଙ୍କୁ ଚିହ୍ନି ପାରିବ । ପରାମାତ୍ମାଙ୍କ ଭିତରେ ହିଁ ମନୁଷ୍ୟ ନିଜର ପ୍ରକୃତ ବ୍ୟକ୍ତିତ୍ୱ ଓ ପ୍ରକୃତିର ଅଧ୍ୟାତ୍ମ ସତ୍ୟକୁ ଫେରିପାଇବ । ସର୍ବଭୂତ ମଧ୍ୟରେ ଏକହିଁ ପରମବ୍ରହ୍ମ ଓ ପରମଜ୍ୟୋତିକୁ ଦେଖିପାରିବା ହେଉଛି ସର୍ବୋଚ୍ଚ ଜ୍ଞାନ ।

ପ୍ରକୃତିର ଦିବ୍ୟ-ରହସ୍ୟ ମଧ୍ୟରେ ଭଗବାନଙ୍କ ଇଚ୍ଛା କାର୍ଯ୍ୟକାରୀ ହେଉଛି । ଯଦିଓ ପ୍ରକୃତି ହିଁ ସକଳ କର୍ମ କରୁଛି ତଥାପି ଏହା ଦିବ୍ୟ ପରମସତ୍ତାଙ୍କର ଏକ ଅଂଶ ହୋଇଥିବା ଯୋଗୁଁ ପ୍ରକୃତିର ସକଳ କର୍ମର ପ୍ରଭୁ ହେଉଛନ୍ତି ସେହି ପରମସତ୍ତା ଭଗବାନ୍ । ତେଣୁ ମନୁଷ୍ୟ ନିଜ ଅନ୍ତରରେ ତଥା ଜଗତରେ ଥିବା ଭଗବାନଙ୍କୁ ହିଁ ସକଳ କର୍ମ ସମର୍ପଣ କରିବା ଉଚିତ । ମନୁଷ୍ୟ ଯଦି ଆଧ୍ୟାତ୍ମିକ ଓ ଶାଶ୍ୱତ ସ୍ଥିତିକୁ ଲାଭ କରିବାକୁ ଚାହେଁ ତେବେ ତାକୁ ଦୁଇଟି ସର୍ତ୍ତ ପୂରଣ କରିବାକୁ

ହେବ । ପ୍ରଥମେ ସେ କାଳାତୀତ ଅକ୍ଷର ଆତ୍ମାର ଜ୍ଞାନ ଲାଭ କରିବ ଏବଂ ସେହି ଜ୍ଞାନ ମଧ୍ୟଦେଇ କାଳାତୀତ ପରମେଶ୍ୱରଙ୍କ ସହିତ ଏକାତ୍ମତା ଉପଲବ୍ଧି କରିବ । ଦ୍ୱିତୀୟତଃ ସର୍ବଭୂତ ମଧ୍ୟରେ ଓ ସେମାନଙ୍କ ସକଳ କର୍ମ ମଧ୍ୟରେ ଯେଉଁ ଭଗବାନ୍ ଅନ୍ତର୍ନିହିତ ହୋଇ ରହିଛନ୍ତି ତାଙ୍କ ସମ୍ପର୍କରେ ଜ୍ଞାନ ଲାଭ କରିବାକୁ ହେବ । ଅକ୍ଷର ଆତ୍ମା ଓ ପରିବର୍ତ୍ତନଶୀଳ ପ୍ରକୃତି ଅପେକ୍ଷା ଉଚ୍ଚତର ସ୍ଥିତିରେ ରହିଥିବା ଭଗବାନଙ୍କ ସହିତ ମିଳନ ପାଇଁ ମନୁଷ୍ୟକୁ ଆରାଧନା ଓ ଅଭୀପ୍ସା କରିବାକୁ ହେବ । ଅର୍ଥାତ୍ ସେ ଅନନ୍ୟ ଭକ୍ତି ସହିତ ନିଜର ସମସ୍ତ ପ୍ରକୃତି ଓ ସମଗ୍ର ସତ୍ତାକୁ ଭଗବାନଙ୍କଠାରେ ଉତ୍ସର୍ଗ କରିବ । ତା'ର ସମସ୍ତ କର୍ମ ହେବ ଭଗବାନଙ୍କ ଉଦ୍ଦେଶ୍ୟରେ ଏକ ଆରାଧନା । ଏହା ଦ୍ୱାରା ସେ ଆତ୍ମାର ନିର୍ବାଣ ଚାହିଁବ ନାହିଁ, କେବଳ ନିଜର ଅହଂରୂପର ନିର୍ବାଣ ଚାହିଁବ । ସତ୍ତାର ପରିପୂର୍ଣ୍ଣତା ହିଁ ହେବ ତା'ର ପ୍ରକୃତ ଲକ୍ଷ୍ୟ, ଆତ୍ମ-ବିଲୋପ ନୁହେଁ ।

ଅର୍ଜୁନଙ୍କ ମନରେ ଦୁଇଟି ସଂଶୟ ଜାତ ହୋଇଛି । ପ୍ରଥମଟି ହେଲା ନୈର୍ବ୍ୟକ୍ତିକ ସତ୍ତା ଓ ମଣିଷର ବ୍ୟକ୍ତିଗତ ସତ୍ତା ମଧ୍ୟରେ ଥିବା ବିରୋଧ ଏବଂ ଦ୍ୱିତୀୟଟି ହେଉଛି ପୁରୁଷ ଓ ପ୍ରକୃତି ମଧ୍ୟରେ ଥିବା ବିରୋଧ । ନୈର୍ବ୍ୟକ୍ତିକ ସତ୍ତା ହେଉଛନ୍ତି ଏକ କାଳାତୀତ ସତ୍ତା ଯିଏ ଏକାଧାରରେ ସତ୍‌ସ୍ୱରୂପ, ଚିତ୍‌ସ୍ୱରୂପ ଓ ଆନନ୍ଦସ୍ୱରୂପ । କିନ୍ତୁ ମନୁଷ୍ୟର ବ୍ୟକ୍ତିଗତ ସତ୍ତା ହେଉଛି ତ୍ରିଗୁଣର ବନ୍ଧନରେ ଆବଦ୍ଧ ହୋଇଥିବା ଏକ ଅହଂ-ଭାବାପନ୍ନ ସୀମିତ ସତ୍ତା । ତେଣୁ ଏହି ବ୍ୟକ୍ତିଗତ ସତ୍ତା କିପରି ଭଗବାନଙ୍କର ଏକ ଅଂଶ ହୋଇ ପାରିବ ? ଏହା ବୁଝିବାକୁ ହେଲେ ଆମକୁ ଜାଣିବାକୁ ହେବ ଯେ ଭଗବାନ୍ ହେଉଛନ୍ତି ଉଭୟ ନୈର୍ବ୍ୟକ୍ତିକ ଓ ବ୍ୟକ୍ତିକ । ନୈର୍ବ୍ୟକ୍ତିକ ସତ୍ତା ରୂପେ ସେ ବ୍ୟକ୍ତିକ ସତ୍ତାର ସମସ୍ତ କ୍ରିୟାକୁ ଆଧାର ପ୍ରଦାନ କରନ୍ତି ଏବଂ ବ୍ୟକ୍ତିକ ସତ୍ତା ରୂପେ ସେ ପାର୍ଥିବ କ୍ରିୟାସକଳରେ ଅଂଶ ଗ୍ରହଣ କରନ୍ତି । ସୁତରାଂ ଏକମେବ ଭଗବାନଙ୍କର ଯେଉଁ ତିନି ପ୍ରକାର ସ୍ଥିତିକୁ ଆମକୁ ଉପଲବ୍ଧି କରିବାକୁ ହେବ ତାହା ହେଲା – (୧) ଅଭିବ୍ୟକ୍ତ ଜଗତର ଊର୍ଦ୍ଧ୍ୱରେ ରହିଥିବା ପରାତ୍ପର ପୁରୁଷ, (୨) ଅଭିବ୍ୟକ୍ତିକୁ ଭିତ୍ତି ପ୍ରଦାନ କରୁଥିବା ନୈର୍ବ୍ୟକ୍ତିକ ଓ ଅକ୍ଷର ବ୍ରହ୍ମ, (୩) ବ୍ୟକ୍ତିକ ସତ୍ତା ବା କ୍ରିୟାଶୀଳ ଆତ୍ମା । ସେହିପରି ସୃଷ୍ଟି ମଧ୍ୟରେ ପୁରୁଷ ଓ ପ୍ରକୃତି ଏକ ହିଁ ବ୍ରହ୍ମଙ୍କର ଦୁଇଟି ରୂପ । ପୁରୁଷର କ୍ରିୟାଶୀଳ ବିଭାବ ହେଉଛି ପ୍ରକୃତି । ପ୍ରକୃତି ପୁରୁଷର ସଂକଳ୍ପକୁ କାର୍ଯ୍ୟକାରୀ କରିଥାଏ । ପ୍ରକୃତି ମଧ୍ୟରେ ପୁରୁଷ ପ୍ରଚ୍ଛନ୍ନ ହୋଇ ରହିଥାଏ । ପ୍ରକୃତି ତା'ର ସକଳ କର୍ମକୁ ପୁରୁଷ ବା ପରମାତ୍ମାଙ୍କ ଉଦ୍ଦେଶ୍ୟରେ ଯଜ୍ଞ ରୂପେ ସମ୍ପାଦନ କରି ଉତ୍ସର୍ଗ କରେ । ସୁତରାଂ ପରମ ଈଶ୍ୱର ସର୍ବଭୂତ ମଧ୍ୟରେ ସେମାନଙ୍କ ଯଜ୍ଞର 'ଅଧୀଶ୍ୱର' ବା 'ଅଧିଯଜ୍ଞ' ରୂପେ ବିରାଜମାନ କରୁଛନ୍ତି । ଯେଉଁ ବ୍ୟକ୍ତି ଏହି ଜ୍ଞାନ ପ୍ରାପ୍ତ ହୋଇ ସର୍ବଭୂତସ୍ଥିତ ଭଗବାନଙ୍କଠାରେ ନିଜର ସମସ୍ତ କର୍ମ ଓ ଚେତନାକୁ ସମର୍ପଣ କରେ ସେ ନିଜର ଅଧ୍ୟାତ୍ମ ସତ୍ତାକୁ ଉପଲବ୍ଧି କରେ ଏବଂ ଏହାରି ଭିତର ଦେଇ ବିଶ୍ୱାତୀତ ସତ୍ତାର ଉପଲବ୍ଧିରେ ଉପନୀତ ହୁଏ । ଏହାହିଁ ସମଗ୍ର ସତ୍ତାର ବିଜ୍ଞାନ ଯାହାକୁ ଜାଣିଲେ ଆଉ ଜାଣିବା ପାଇଁ କିଛି ଅବଶିଷ୍ଟ ରହେ ନାହିଁ । ଏହାହିଁ ଗୂଢ଼ତମ ରହସ୍ୟ ଯାହାକୁ ଜାଣିବାରେ ଜୀବନ ସାର୍ଥକ ହୁଏ ।

ବ୍ୟକ୍ତି ଭିତରେ ଆତ୍ମବିକାଶର ଅଧ୍ୟାତ୍ମ ତତ୍ତ୍ୱ ରହିଛି । ତାହା ହେଉଛି ତା'ର ଆଧ୍ୟାତ୍ମିକ ସ୍ୱଭାବ ଯାହା ମନ, ପ୍ରାଣ, ଶରୀରର ଊର୍ଦ୍ଧ୍ୱରେ ମୁକ୍ତ ଅବସ୍ଥାରେ ରହିଛି । ସେହି ଆଧ୍ୟାତ୍ମିକ ସ୍ୱଭାବକୁ ଉପଲବ୍ଧି କଲେ ଜଣେ ନିମ୍ନ ପ୍ରକୃତିଗତ ପ୍ରତିଭାସିକ କ୍ରିୟା ଭିତରେ ଆଉ ଜଡ଼ିତ ଓ ଆବଦ୍ଧ ହୋଇ ରହିବ ନାହିଁ । ସେ ମୁକ୍ତ ହୋଇଯିବ ଏବଂ ତା'ର ମୁକ୍ତ ଆତ୍ମା ମଧ୍ୟଦେଇ ଦିବ୍ୟ ସଂକଳ୍ପ କାର୍ଯ୍ୟକାରୀ ହେବ ।

ପରମ ଭାଗବତ ସତ୍ତା ଓ ନୈର୍ବ୍ୟକ୍ତିକ ଅକ୍ଷର ବ୍ରହ୍ମଙ୍କ ସହିତ ଏକତ୍ୱ ଉପଲବ୍ଧି କରିବା ଯଥେଷ୍ଟ ନୁହେଁ । ଆମକୁ ବିଶ୍ୱଗତ ଭଗବାନଙ୍କୁ ମଧ୍ୟ ଉପଲବ୍ଧି କରିବାକୁ ହେବ ଯିଏ କି ସୃଷ୍ଟିର ସର୍ବଭୂତରେ ତଥା ସମସ୍ତ ଜାଗତିକ କ୍ରିୟାକଳାପର ପୃଷ୍ଠଭାଗରେ ବିଦ୍ୟମାନ । ପ୍ରଥମ ପ୍ରକାର ଉପଲବ୍ଧିକୁ ଊର୍ଦ୍ଧ୍ୱାଧାର ଆଧ୍ୟାତ୍ମିକତା (vertical spirituality) ଏବଂ ଦ୍ୱିତୀୟଟିକୁ ଆନୁଭୂମିକ ଆଧ୍ୟାତ୍ମିକତା (horizontal spirituality) ବୋଲି କୁହାଯାଇ ପାରିବ । ଅଧିକାଂଶ ଆଧ୍ୟାତ୍ମିକ ସାଧକ କେବଳ ପ୍ରଥମ ପ୍ରକାର ଉପଲବ୍ଧିକୁ ଲକ୍ଷ୍ୟ ରୂପେ ଗ୍ରହଣ କରିଛନ୍ତି । ମାତ୍ର ଗୀତାରେ ଏହି ଦ୍ୱିତୀୟ ପ୍ରକାର ଉପଲବ୍ଧି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ପ୍ରକୃତରେ ଏହି ଉଭୟ ପ୍ରକାର ଉପଲବ୍ଧି ଲାଭ କରିବା ହେଉଛି ସବୁ ରହସ୍ୟ ମଧ୍ୟରେ ଅସଲ ରହସ୍ୟ (The Secret of Secrets) । ଭଗବାନଙ୍କୁ ସମଗ୍ର ରୂପେ (ସମଗ୍ରଂ ମାମ୍) ନ ଜାଣିଲେ ଏହା ସମ୍ଭବ ହେବ ନାହିଁ । ଯେଉଁ ଭଗବାନ୍ ବ୍ୟକ୍ତିସତ୍ତା ମଧ୍ୟରେ ବିରାଜମାନ କରୁଛନ୍ତି ସିଏ ହିଁ ବିଶ୍ୱଜଗତରେ ସର୍ବତ୍ର ଉପସ୍ଥିତ ରହିଛନ୍ତି, ଏହା ଉପଲବ୍ଧି କରିବା ଅତ୍ୟନ୍ତ ଆବଶ୍ୟକ ।

ବିଶ୍ୱପ୍ରକୃତି ଆମ ସମସ୍ତଙ୍କ ଦ୍ୱାରା ସମ୍ପାଦିତ ହେଉଥିବା କର୍ମକୁ ସ୍ୱତଃ ଭଗବାନଙ୍କଠାରେ ଯଜ୍ଞ ରୂପେ ଅର୍ପଣ କରୁଛି । ଏ ବିଷୟରେ ଆମେ ପ୍ରାୟଶଃ ସଚେତନ ନ ଥାଉ । ଯଦି ଆମେ ସଚେତନ ଭାବେ ବିଶ୍ୱପ୍ରକୃତି ସହ ଏକୀଭୂତ ହୋଇ ତା'ର ଯଜ୍ଞରେ ସମ୍ମିଳିତ ହେଉ ତାହା ହେଲେ ଆମର ପ୍ରତ୍ୟେକ କର୍ମ ଏକ ପବିତ୍ର ଯଜ୍ଞରେ ପରିଣତ ହେବ । ଏହି ପ୍ରକ୍ରିୟାରେ କର୍ମ ଓ ଜ୍ଞାନ ଭକ୍ତି ଦ୍ୱାରା ସଂଯୋଜିତ ହୋଇଥାଏ । ପରମପ୍ରଭୁଙ୍କୁ ଆମର ପ୍ରତ୍ୟେକ କର୍ମ ଅର୍ପଣ କରିବାର ନିୟମିତ ଅଭ୍ୟାସ ଫଳରେ ଆମ ଭିତରେ ଭକ୍ତି ଦୃଢ଼ୀଭୂତ ହୁଏ ।

ଭଗବାନଙ୍କର ସମଗ୍ର ସ୍ୱରୂପ ଓ ବିବିଧ ତତ୍ତ୍ୱକୁ ଜାଣିବା ଦ୍ୱାରା ଜଣେ ବ୍ୟକ୍ତି ଯଥାର୍ଥ ଭାବେ କର୍ମ କରିବାର ପ୍ରେରଣା ଲାଭ କରେ ଏବଂ ତା' ଭିତରେ ଭକ୍ତି ବିକଶିତ ହୁଏ । ଭକ୍ତି ପୂଜାରେ ପରିଣତ ହୁଏ ଏବଂ ବାହ୍ୟ ପୂଜା ଆରାଧନାରେ ପରିଣତ ହୁଏ । ଅର୍ଥାତ୍ ସକଳ ବସ୍ତୁ ଓ ପ୍ରାଣୀଙ୍କ ଭିତରେ ସେ ଭଗବାନଙ୍କର ଉପସ୍ଥିତିକୁ ଅନୁଭବ କରି ତାଙ୍କୁ ଆରାଧନା କରେ । ଆରାଧନା ପରିଶେଷରେ ଶୁଦ୍ଧ ପ୍ରେମରେ ପରିଣତ ହୁଏ ।

ବ୍ୟକ୍ତି ଭିତରେ ଶୁଦ୍ଧ ପ୍ରେମ ଜାଗ୍ରତ୍ ହେଲେ ସେ ସ୍ୱତଃସ୍ଫୂର୍ତ୍ତଭାବେ ନିଜକୁ ଭଗବାନଙ୍କଠାରେ ସମର୍ପଣ କରି ଦିଏ । ତଦ୍ଦ୍ୱାରା ତା' ଚେତନାରେ ଆମୂଳ ପରିବର୍ତ୍ତନ ସଂଘଟିତ ହୁଏ । ଭକ୍ତି ଜ୍ଞାନକୁ ପୂର୍ଣ୍ଣତା ପ୍ରଦାନ କରେ । ଏପରି ବ୍ୟକ୍ତି ବିଶ୍ୱପ୍ରକୃତିର ଲୀଳାରେ ଅଂଶ ଗ୍ରହଣ କରି ନିଜର ଜୀବନକୁ ପରିପୂର୍ଣ୍ଣ କରିବାକୁ ଚେଷ୍ଟା କରେ । ମନୁଷ୍ୟ ଏହିପରି ଆଧ୍ୟାତ୍ମିକ ସାଧନା ଦ୍ୱାରା କ୍ଷର, ଅକ୍ଷର ଓ ପରାତ୍ପର ଏଇ ତିନୋଟି ଚେତନାର ସ୍ଥିତିକୁ ଏକ ସଙ୍ଗେ ଉପଲବ୍ଧି କରିପାରିବ । ଏହାହିଁ ଗୁହ୍ୟତମ ରହସ୍ୟ ଯାହାକୁ ଗୀତା ଆମ ଆଗରେ ଉପସ୍ଥାପିତ କରିଛି ।

ମନୁଷ୍ୟକୁ ପ୍ରଥମେ ବିଶ୍ୱାସ କରିବାକୁ ହେବ ଯେ ଭଗବାନ୍ ତା'ର ଅନ୍ତରରେ ରହିଛନ୍ତି ଓ ସମଗ୍ର ବିଶ୍ୱଜଗତରେ ରହିଛନ୍ତି ଏବଂ ତାଙ୍କର ଏକ ବିଶ୍ୱାତୀତ ସ୍ଥିତି ମଧ୍ୟ ରହିଛି । ତାଙ୍କର ବିଶ୍ୱଗତ ଓ ବ୍ୟଷ୍ଟିଗତ ସ୍ଥିତି ହେଉଛି ବିଶ୍ୱାତୀତ ସ୍ଥିତିର ହିଁ ଦୁଇଟି ବିଭାବ । ପରମ ପୁରୁଷଙ୍କର ରହିଛି ପରମ ଶକ୍ତି ଯାହା ପରାପ୍ରକୃତି ରୂପେ ପରିଚିତ । ଭଗବାନ୍ ବା ତାଙ୍କର ପରାପ୍ରକୃତି ହିଁ ନିମ୍ନଜଗତରେ ଅପରାପ୍ରକୃତି ରୂପେ କାଳ ଓ ଦେଶ ଭିତରେ ନିଜକୁ ସୀମିତ କରି କ୍ରିୟା କରୁଛନ୍ତି । ସେ ହିଁ ବୁଦ୍ଧି, ମନ, ପ୍ରାଣ, ଇନ୍ଦ୍ରିୟ ଓ ଜଡ଼-ଜଗତର କ୍ରିୟା ତଥା ବାହ୍ୟଦୃଶ୍ୟରେ ପରିଣତ ହୋଇଛନ୍ତି । ଭଗବାନ୍, ପ୍ରକୃତି ଓ ଜୀବ ଏହି ତିନୋଟିକୁ ନେଇ ବିଶ୍ୱଲୀଳା ସଂଘଟିତ ହେଉଛି ଏବଂ ଏଇ ତିନୋଟି ହେଉଛନ୍ତି ଏକ ହିଁ ସତ୍ତା । ଆତ୍ମପ୍ରକାଶର ପ୍ରୟୋଜନ ନିମିତ୍ତ ମୂଳ ପରମସତ୍ତା ସ୍ୱେଚ୍ଛାରେ ବହୁଧା ରୂପ ଗ୍ରହଣ କରିଛନ୍ତି । ଆମେ ନିମ୍ନ ପ୍ରକୃତିର ଅଜ୍ଞାନମୟ ଚେତନାରେ ରହିଥିବାରୁ ଅନନ୍ତ ସତ୍ ସ୍ୱରୂପର ଏକତ୍ୱ ଜାଣି ନ ପାରି ସେ ବିଷୟରେ ନାନା ବିରୋଧାଭାସ ଓ ସଂଶୟ ଦ୍ୱାରା ବିଭ୍ରାନ୍ତ ହୋଇଥାଉ । ଭଗବାନଙ୍କ ସମ୍ପର୍କରେ ସମଗ୍ର ଜ୍ଞାନ ଲାଭ କଲେ ଆମର ସକଳ ସଂଶୟ ଛିନ୍ନ ହେବ ଏବଂ ଆମର କର୍ତ୍ତବ୍ୟ କର୍ମ ବିଷୟରେ ଆମେ ନିଶ୍ଚିତ ହୋଇ ପାରିବା । ପ୍ରତ୍ୟକ୍ଷ ଆତ୍ମୋପଲବ୍ଧି ମାଧ୍ୟମରେ ଆମେ ଗୂଢ଼ ରହସ୍ୟ ମଧ୍ୟରେ ଯାହା ଗୁହ୍ୟତମ ରହସ୍ୟ, ଯାହାକୁ 'ରାଜବିଦ୍ୟା' (ଶ୍ରେଷ୍ଠ ବିଦ୍ୟା) ଓ 'ରାଜଗୁହ୍ୟଂ' (ପରମ ଗୋପନୀୟ) ବୋଲି କୁହାଯାଇଛି ତାହାକୁ ଜାଣି ପାରିବା ।

ଭାଗବତ ସ୍ୱରୂପକୁ ଅସ୍ୱୀକାର କଲେ ବା ସନ୍ଦେହ କଲେ ବ୍ୟକ୍ତି-ଆତ୍ମା ବିକଶିତ ହୋଇ ପାରେ ନାହିଁ, ସେ କ୍ରମଶଃ ବିନାଶ ଆଡ଼କୁ ଯାଏ (ସଂଶୟାତ୍ମା ବିନଶ୍ୟତି) । ଏପରି ଅବିଶ୍ୱାସକାରୀ ଓ ସଂଶୟଯୁକ୍ତ ମନୁଷ୍ୟମାନେ (ଅଶ୍ରଦ୍ଦଧାନାଃ ପୁରୁଷାଃ) ପ୍ରକୃତ ଧର୍ମତତ୍ତ୍ୱ ବିଷୟରେ ଅଜ୍ଞାନତା ଯୋଗୁଁ ମୃତ୍ୟୁ, ମନ୍ଦ ଓ ଭ୍ରାନ୍ତିର ପଥକୁ ବାରଂବାର ଲେଉଟି ଆସନ୍ତି ବୋଲି ଗୀତା ପ୍ରକାଶ କରିଛି । ମନୁଷ୍ୟର ସୀମିତ ପ୍ରକୃତି ଭିତରେ ଯେ ଭଗବାନ୍ ପ୍ରଚ୍ଛନ୍ନ ହୋଇ ରହିଛନ୍ତି ଏହା ଉପରେ ଅଖଣ୍ଡ ବିଶ୍ୱାସ ସ୍ଥାପନ କରିବାକୁ ହେବ । ଏହା ଦ୍ୱାରା ଯୋଗାଭ୍ୟାସ ସମ୍ଭବ ଓ ସହଜସାଧ୍ୟ ହୋଇଥାଏ । ଏହା ଫଳରେ ପ୍ରକୃତିର ପରିବର୍ତ୍ତନ ଲାଗି ନିଜ ଭିତରେ ସଂକଳ୍ପ ଶକ୍ତି ଦୃଢ଼ୀଭୂତ ହୋଇ ପାରେ । ବିଶ୍ୱାସ ସହିତ ଯଦି ଜ୍ଞାନଦୀପ୍ତ ଭକ୍ତି ସଂଯୁକ୍ତ ହୁଏ ତେବେ ବ୍ୟକ୍ତି ଖୁବ୍ ସ୍ୱାଭାବିକ ରୂପେ ନିଜର ସମସ୍ତ କ୍ରିୟାକର୍ମକୁ ନିଜ ଅନ୍ତରସ୍ଥ ଦିବ୍ୟସତ୍ତାଙ୍କ ହାତରେ ସମର୍ପଣ କରିଦେଇ ପାରେ । ଫଳରେ ଭଗବାନ୍ ବ୍ୟକ୍ତିର ସତ୍ତାକୁ ଆପଣାର ସତ୍ତା ମଧ୍ୟକୁ ନେଇଯାଇ ତାଙ୍କରି ଜ୍ଞାନ ଓ ଶକ୍ତିରେ ତାହାକୁ ପରିପୂର୍ଣ୍ଣ କରନ୍ତି (''ନାଶୟାମ୍ୟାତ୍ମ-ଭାବସ୍ଥୋ ଜ୍ଞାନଦୀପେନ ଭାସ୍ୱତା''– ୧୦/୧୧) । ଅର୍ଥାତ୍, ''ସେମାନଙ୍କ ସ୍ୱରୂପରେ ସ୍ଥିତ ମୁଁ ସେମାନଙ୍କ ଅଜ୍ଞାନଜନିତ ଅନ୍ଧକାରକୁ ଦେଦୀପ୍ୟମାନ ଜ୍ଞାନରୂପକ ପ୍ରଦୀପ ଦ୍ୱାରା ନଷ୍ଟ କରି ଦିଏ ।'' ବ୍ୟକ୍ତିର ସମର୍ପଣକୁ ସ୍ୱୀକାର କରି ଭଗବାନ୍ ତା' ଭିତରେ ଦିବ୍ୟଜନ୍ମକୁ କ୍ରମଶଃ ସମ୍ଭବ କରି ଆଣନ୍ତି ।

ଶ୍ରୀଅରବିନ୍ଦ ଆମକୁ ଭରସା ଦେଇ କହୁଛନ୍ତି – ''What with entire faith and without egoism we believe in and impelled by him will to be, the God within will surely accomplish.''

(Essays on the Gita, P. 310)

ଅର୍ଥାତ୍, ''ପୂର୍ଣ୍ଣବିଶ୍ୱାସ ସହିତ ଓ ଅହଂଶୂନ୍ୟ ହୋଇ ଯାହା ଆମେ ବିଶ୍ୱାସ କରୁ ଏବଂ ଭଗବତ୍ ପ୍ରେରଣାବଶରେ ଯାହା ହେବାକୁ ଚାହୁଁ, ଅନ୍ତରସ୍ଥିତ ଭଗବାନ୍ ତାହା ନିଶ୍ଚୟ ପୂର୍ଣ୍ଣ କରନ୍ତି ।''

(କ୍ରମଶଃ) ❑

# ଜୀବନ ପାତ୍ର

## ସୁନାମଣି ରାଉତ

ଶୂନ୍ୟ ଏ ମୋର ଜୀବନ ପାତ୍ର
ପୂର୍ଣ୍ଣ କରିଛ ପ୍ରଭୁ,
ମୋର ବୋଲି ଯାହା ଭାବୁଛି ମନରେ
ସେ ପରା ତୁମର ସବୁ ।୧।

କୀଟରୁ ପତଙ୍ଗ ସ୍ଥାବର ଜଙ୍ଗମ
ସବୁଠାରେ ତୁମ ସ୍ଥିତି,
କୁଳୁ କୁଳୁ କୁଳୁ ଝରଣାରେ ଶୁଭେ
ତୁମ 'ଓଁ'କାର ଗୀତି ।୨।

ଜାୟା ଜନନୀର ପ୍ରେମରେ ସ୍ନେହରେ
ତୁମେ ଲୁଚକାଳି ଖେଳ,
ତୁମେ ସୂର୍ଯ୍ୟୋଦୟ, ତୁମେ ତ ସୂର୍ଯ୍ୟାସ୍ତ
ତୁମେ ଦୁଃଖ-ସୁଖ-ବେଳ ।୩।

ବିଦ୍ୟା ବୁଦ୍ଧି ଜ୍ଞାନ ବିଜ୍ଞାନରେ ତୁମେ
ହେଉଥାଅ ଆତଯାତ,
ତୁମେ ଅଣିମାଦ୍ୟ ଅଷ୍ଟ ଐଶ୍ୱର୍ଯ୍ୟ
ଭିକାରି ଥାଳର ଭାତ ।୪।

ଶୀତ ପାହାନ୍ତିର ଘାସର ଶିଶିରେ
ଦିଶଇ ତୁମର ମୁହଁ,
ତୁମେ ଏକା ସତ୍ୟ-ଶିବ-ସୁନ୍ଦର
ଆଉ କିଛି ସ୍ଥିର ନୁହଁ ।୫।

ତୁମେ ଆଙ୍କି ଅଛ ଇନ୍ଦ୍ରଧନୁରେ
ସପ୍ତରଙ୍ଗର ଶୋଭା,
ଭୂମିଠାରୁ ଭୂମା ସବୁଠାରେ ତୁମେ
ଆହା କେଡ଼େ ମନଲୋଭା ।୬।

ଶିଶୁର ହସରେ ଭରିଛ ଅମୃତ
ଦରୋଟି କଥାରେ ମହୁ,
ସ୍ନେହ ପ୍ରେମେ ବନ୍ଧା ପରିବାରସବୁ
ବଇକୁଣ୍ଠ ହୋଇ ରହୁ ।୭।

ମଣିଷ ଜନମ ଦେଇଛ ପ୍ରଭୁ ହେ
ଧନ୍ୟ କରିଛ ମତେ,
କେତେ ରୂପ ରଙ୍ଗେ ଜୀବନ ପାତ୍ର ମୋ
ପୂର୍ଣ୍ଣ କରିଛ ସତେ !! ।୮। ❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୯୩)

### ପରବର୍ତ୍ତୀ ନିର୍ମାଣ-କାର୍ଯ୍ୟ (ପୂର୍ବାର୍ଦ୍ଧ) :

ଆଶ୍ରମର ପ୍ରଧାନ ଅଟ୍ଟାଳିକାରେ ପରବର୍ତ୍ତୀ ନିର୍ମାଣ-କାର୍ଯ୍ୟର ବର୍ଣ୍ଣନା କରିବା ପୂର୍ବରୁ ଦ୍ୟୁମାନ୍‌ଙ୍କର ଏକ ଭାଷଣରୁ କିଛି ଉଦ୍ଧାର କରୁଛୁ :

''ସେଇ ତିରିଶ ଦଶକରେ ଆଶ୍ରମ ଭିତରେ ନିର୍ମାଣ-କାର୍ଯ୍ୟ ତୀବ୍ର ଭାବରେ ଚାଲୁ ରହିଥିବା ବେଳେ ଥରେ ମା'ଙ୍କର ଏମିତି ଏକ ଭାବନା ହୋଇଥିଲା : 'ଆଶ୍ରମ ଭିତରେ ବହୁତ ଲୋକ (ଶ୍ରମିକ) କାମଦାମ କରୁଛନ୍ତି, ବହୁତ ଶବ୍ଦ ବି ହେଉଛି । ଇତି ମଧ୍ୟରେ ମୁଁ ଶ୍ରୀଅରବିନ୍ଦଙ୍କୁ ବେଶ୍ କିଛି ସମୟ ସକାଶେ ଏକ ଶାନ୍ତ, ନିସ୍ତବ୍ଧ ପରିବେଶରେ ରଖିବି ।' ସେଥିପାଇଁ ମା ଏବେ ଯେଉଁଠି 'ଟ୍ରେଜର୍ ନର୍ସିଂ ହୋମ' ଅଛି, ସେଇ ବାସଭବନଟିକୁ ଖରିଦ କରିନେବାକୁ ମନେ ମନେ ସ୍ଥିର କଲେ । ଶ୍ରୀଅରବିନ୍ଦଙ୍କୁ ଏକଥା ଜଣାଇବା ମାତ୍ରେ ସେ କହିଲେ, 'ନା, ଯଦି ମୁଁ ଏଠାରୁ ଅନ୍ୟତ୍ର ଯାଏ ତେବେ ସାରା ଜଗତଟି (ଅର୍ଥାତ୍ ନିର୍ମିତ ହେବାକୁ ଯାଉଥିବା ଆମର ଏହି ନୂତନ ଜଗତଟି) ଭୁଶୁଡ଼ି ପଡ଼ିବ । ମୁଁ ଏଠାରୁ ଅନ୍ୟ କୌଣସି ସ୍ଥାନକୁ ଆଦୌ ଘୁଞ୍ଚିବି ନାହିଁ ।' ଏବଂ ଶ୍ରୀଅରବିନ୍ଦ ଏହି ପ୍ରଧାନ ଅଟ୍ଟାଳିକାରେ ତାଙ୍କରି ପ୍ରକୋଷ୍ଠରେ ହିଁ ରହିଥିଲେ; ଏପରିକି ପ୍ରକୃତିର ତାଣ୍ଡବଲୀଳାର ପ୍ରକୋପ ବି ତାଙ୍କର ଶାନ୍ତିଭଙ୍ଗ କରିପାରି ନଥିଲା । ସେ ତାଙ୍କର 'କର୍ମ'ରେ ଅହୋରାତ୍ର ତୀବ୍ର ଭାବରେ ନିବିଷ୍ଟ ହୋଇ ରହୁଥିଲେ ।''

ଏହାପରେ ଦ୍ୟୁମାନ୍ ଏକ ଝଡ଼ତୋଫାନ ରାତିର କଥା ଅତି ସଂକ୍ଷେପରେ ବର୍ଣ୍ଣନା କରି ଶେଷରେ କହିଥିଲେ : 'ଏବେ ବୁଝିଲେ ତ, ଏଇ ହେଉଛନ୍ତି ଶ୍ରୀଅରବିନ୍ଦ !'

('Mother India', January, 1989, p. 31-32)

ନିମ୍ନରେ ଆମେ ୧୯୩୦-୩୧ରେ 'ପ୍ରସ୍ପେରିଟି ହଲ୍'ରେ କେତେକ ସାଧକଙ୍କୁ ମା'ଙ୍କର ବର୍ଣ୍ଣିତ ସେହି ସମାନ ରାତିର ଘଟଣା ଉଲ୍ଲେଖ କରୁଛୁ : ''... ମୁଁ ତୁମମାନଙ୍କୁ ଛୋଟ ଉଦାହରଣଟିଏ ଦେଇପାରିବି । ତୁମମାନଙ୍କର ସ୍ମରଣରେ ଥିବ ପ୍ରବଳ ଝଡ଼ତୋଫାନର ସେଇ ରାତିଟି କଥା; ବିଜୁଳି ଓ ଘଡ଼ଘଡ଼ି ଶବ୍ଦରେ ଚତୁର୍ଦ୍ଦିଗ କମ୍ପୁଥିଲା, ଆଉ ତା' ସାଙ୍ଗକୁ ତୁମୁଳ ବର୍ଷାର ଛିଟିକା ଚାରିଆଡ଼େ କଚାଡ଼ି ହୋଇ ପଡୁଥିଲା । ମୁଁ ଭାବିଲି ଶ୍ରୀଅରବିନ୍ଦଙ୍କ ପ୍ରକୋଷ୍ଠକୁ ଯାଇ ଝରକାସବୁ ବନ୍ଦ କରିଦେବାରେ ତାଙ୍କୁ ସାହାଯ୍ୟ କରିବି । ତାଙ୍କ ପ୍ରକୋଷ୍ଠର କବାଟ ଖୋଲି ଦେଖିଲି ଯେ ସେ ତାଙ୍କର ଡେସ୍କ ପାଖରେ ବସି ସ୍ଥିର ଭାବରେ ଲେଖାରେ ନିମଗ୍ନ ଅଛନ୍ତି । ସମଗ୍ର ପ୍ରକୋଷ୍ଠଟିରେ ଏମିତି ଘନୀଭୂତ ଶାନ୍ତି ବିରାଜମାନ କରିଛି ଯେ ଜଣେ ଘୁଣାକ୍ଷରରେ ବି ଭାବି ପାରିବ ନାହିଁ ସେଇ ସମାନ ସମୟରେ ପ୍ରକୋଷ୍ଠଟିର ବାହାରେ ପ୍ରକୃତିର ତାଣ୍ଡବଲୀଳାର ତୀବ୍ର ପ୍ରକୋପ ଘମାଘୋଟ ଲାଗି ରହିଛି । ଅଥଚ ପ୍ରକୋଷ୍ଠଟିର ପ୍ରତିଟି ଝରକା ପୂରା ଖୋଲା ରହିଥିଲା, ଆଉ ବିନ୍ଦୁଏ ବର୍ଷା ପାଣି ବି ଭିତରକୁ ଛିଟିକି ପଡୁ ନଥିଲା ।''

(CWM, Vol. 3, p. 155)

ଆମେ ଆଗରୁ ବର୍ଣ୍ଣନା କରିଛୁ 'ଲାଇବ୍ରେରି ହାଉସ୍'ର ଉତ୍ତର ପଟରେ (ଅର୍ଥାତ୍ ବାଲ୍‌କୋନି ଷ୍ଟ୍ରୀଟ୍ ଆଡ଼କୁ) କଦଳୀ ବଗିଚା ଥିଲା । ୧୯୩୧-୩୨ ମସିହାରେ 'ପ୍ରସ୍ପେରିଟି ବ୍ଲକ୍' (ଅର୍ଥାତ୍ ଏହାର ଅଫିସ୍ ଓ ଷ୍ଟୋର୍ ଏବଂ ଭୂମିତଳ ଷ୍ଟୋର୍-ହଲ୍) ନିର୍ମାଣ କରାଯାଇ 'ବାଲ୍‌କୋନି ବ୍ଲକ୍' ସହିତ ସଂଯୁକ୍ତ କରାଯାଇଥିଲା ।

'ଲାଇବ୍ରେରି ହାଉସ୍'ରେ କଦଳୀ ବଗିଚାର ପଶ୍ଚିମ ପଟରେ ଥିଲା ଗ୍ୟାରେଜ ଏବଂ ୧୯୩୪ ପର୍ଯ୍ୟନ୍ତ ପୁରୁଷମାନଙ୍କ ପାଇଁ ଭୋଜନାଳୟ । ୪ ଜାନୁଆରୀ ୧୯୩୪ରେ ଆଶ୍ରମର ପ୍ରଧାନ ଅଟ୍ଟାଳିକାରୁ ଭୋଜନାଳୟ ଓ ରନ୍ଧନଶାଳା ବର୍ତ୍ତମାନର ଭୋଜନାଳୟ ('ଅରୋମେ')କୁ ସ୍ଥାନାନ୍ତରିତ ହେବା ପରେ ଗ୍ୟାରେଜ ଓ ଭୋଜନାଳୟକୁ ଭାଙ୍ଗି ବର୍ତ୍ତମାନର 'କୋଲ୍‌ଡ ଷ୍ଟୋରେଜ୍ ବ୍ଲକ୍'ର ତଳମହଲା ଜାନୁଆରୀ ୧୯୩୫ରେ ଆରମ୍ଭ ହୋଇ ସେହି ବର୍ଷ ଅଗଷ୍ଟରେ ସମାପ୍ତ ହୋଇଥିଲା ।

ବର୍ତ୍ତମାନ ୧୯୩୫ରୁ ୧୯୬୨ ଭିତରେ ହୋଇଥିବା

ଆଶ୍ରମର ଛାତ ଉପରେ ପରବର୍ତ୍ତୀ ନିର୍ମାଣ କାର୍ଯ୍ୟର ଏକ ସଂକ୍ଷିପ୍ତ ବିବରଣୀ ଦେବାକୁ ଯାଉଛୁ –

(୧) ଆଶ୍ରମର ଉତ୍ତର-ପଶ୍ଚିମ କୋଣରେ ଉପର ମହଲାରେ ଅବସ୍ଥିତ ଫଳ ସଂରକ୍ଷଣ କକ୍ଷ (Fruits Room) ତଥା ଶୀତତାପ ନିୟନ୍ତ୍ରଣ କକ୍ଷ (Cold Storage) ୧୯୪୮ରେ ନିର୍ମିତ ହୋଇଥିଲା ।

(୨) ଦ୍ୱିମହଲାରେ ମା'ଙ୍କର କକ୍ଷଟି ୧୯୫୩ରେ ନିର୍ମିତ ହୋଇଥିଲା । (ଏ ବିଷୟରେ ପରବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣନା କରାଯିବ ।)

(୩) ଅଭୟ ସିଂ ଏବଂ ନବଜାତଙ୍କର ପ୍ରକୋଷ୍ଠ ଆଶ୍ରମର 'ରୋଜାରୀ ହାଉସ୍'ର ଛାତ ଉପରେ ୧୯୫୫ରେ ନିର୍ମିତ ହୋଇଥିଲା ।

(୪) 'କୋଲ୍ଡ୍ ଷ୍ଟୋରେଜ୍ ବ୍ଲକ୍'ର ଉପର ମହଲାରେ 'ଫ୍ରୁଟ୍ସ ରୁମ୍'କୁ ଲାଗି ରବୀନ୍ଦ୍ରଙ୍କର ବ୍ୟବହାର ସକାଶେ ପ୍ରକୋଷ୍ଠ ନିର୍ମାଣ-କାର୍ଯ୍ୟ ଜାନୁଆରୀ ୧୯୫୮ରେ ସମାପ୍ତ ହୋଇଥିଲା ।

(୫) ମା'ଙ୍କର ମ୍ୟୁଜିକ୍ ରୁମ୍ (ଦ୍ୱି-ମହଲାରେ ମା'ଙ୍କର ପ୍ରକୋଷ୍ଠ ସଂଲଗ୍ନ ରୁମ୍) ଏବଂ ତା' ସାଙ୍ଗକୁ ପୂର୍ବ ପଟର ବାଲ୍‌କୋନି (ଟେରାସ୍)ର ନିର୍ମାଣ କାର୍ଯ୍ୟ ଡିସେମ୍ବର ୧୯୬୨ରେ ସମାପ୍ତ ହୋଇଥିଲା । (ଏସମ୍ପର୍କରେ ମଧ୍ୟ ପରବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣନା କରିବୁ ।)

('The Story of the Main Building', Page - 52)

ଏହି ଅଧ୍ୟାୟରେ ଶ୍ରୀଅରବିନ୍ଦଙ୍କ ପ୍ରକୋଷ୍ଠର ମରାମତି କାର୍ଯ୍ୟ ଓ ନବୀକରଣ ସମ୍ବନ୍ଧେ ଦ୍ୟୁମାନ୍ ଓ ଉଦାରଙ୍କ ସ୍ମୃତିକଥାରୁ ବର୍ଣ୍ଣନା କରୁଛୁ ।

ଦ୍ୟୁମାନ୍‌ଙ୍କ ବର୍ଣ୍ଣନାରୁ : ''୧୯୩୮ରେ ଶ୍ରୀଅରବିନ୍ଦଙ୍କ ଡାହାଣ ଜଙ୍ଘରେ ଦୁର୍ଘଟଣା ଘଟିବା ପୂର୍ବରୁ ସେ ଯେତେବେଳେ ସ୍ନାନ କରିବାକୁ ସ୍ନାନାଗାର ଭିତରକୁ ପ୍ରବେଶ କରୁଥିଲେ ଆମେ (ମୁଁ ଓ ପୂଜାଲାଲ) ତାଙ୍କ ପ୍ରକୋଷ୍ଠର ଚଟାଣରେ ବିଛା ଯାଇଥିବା ମଖମଲ ଗାଲିଚାକୁ ବ୍ରସ୍ ଦ୍ୱାରା ପରିଷ୍କାର କରୁଥିଲୁ । କିନ୍ତୁ ଦୁର୍ଘଟଣା ପରେ ସେ ଯେତେବେଳେ ସର୍ବଦା ତାଙ୍କ ଶଯ୍ୟାରେ ହିଁ ରହୁଥିଲେ ସେତେବେଳେ ଆଉ ବ୍ରସ୍ ବ୍ୟବହାର କରିବା ସମ୍ଭବ ହେଲା ନାହିଁ; କାହିଁକି ନା ବ୍ରସ୍ ଦେଇ ପରିଷ୍କାର କଲେ ବେଶ୍ ଧୂଳି ଉଠୁଥିଲା । ଉଦାର ମାଡ୍ରାସରୁ ଗୋଟିଏ ଛୋଟ ବାୟୁଶୋଷକ ଯନ୍ତ୍ର (ଭାକ୍ୟୁମ୍ କ୍ଲିନର୍) ଆଣି ଦେଲେ । ସେଇ ଯନ୍ତ୍ରଟି ସାହାଯ୍ୟରେ ପବିତ୍ର ଅନେକ ବର୍ଷ ଧରି ଶ୍ରୀଅରବିନ୍ଦଙ୍କ କକ୍ଷର ମଖମଲ ଗାଲିଚା ପରିଷ୍କାର କରୁଥିଲେ । ପରେ ତାଙ୍କର ଆଣ୍ଠୁ-ଦରଜର ଉପସର୍ଗ ଦେଖା ଦେବାରୁ ମୁଁ ଏହି କର୍ମ କରିବାର ଅପୂର୍ବ ସୁଯୋଗ ପାଇଥିଲି; ପାଞ୍ଚ ବର୍ଷ ଧରି ମୁଁ ଏହି କର୍ମ କରିଛି । କିନ୍ତୁ ଶ୍ରୀଅରବିନ୍ଦଙ୍କ କକ୍ଷରେ ମୁଁ କର୍ମ କରୁଥିବା ବେଳେ ତାଙ୍କୁ ମୋର ନ ଅନାଇବାର ସର୍ତ୍ତ ଥିଲା । ତେଣୁ ପାଞ୍ଚ ବର୍ଷ ତାଙ୍କ କକ୍ଷରେ କର୍ମରତ ଥିବାବେଳେ ମୁଁ କେବେ ବି ତାଙ୍କ ଆଡ଼କୁ ଅନାଇ ନଥିଲି ।

''ଥରେ ଗୋଟିଏ କାଠକୋରା ପୋକ (କାର୍‌ପେଣ୍ଟର୍-ବି) ଶ୍ରୀଅରବିନ୍ଦଙ୍କର ଖଟର ଠିକ୍ ଉପରେ ଥିବା ଛାତତଳର ଏକ କଡ଼ିକାଠକୁ କୋରି କୋରି ଗର୍ତ୍ତ କରିଦେଉଥାଏ; ଫଳରେ କାଠଗୁଣ୍ଡ ଓ ସରୁ ସରୁ କାଠଟୁକୁରା ଶ୍ରୀଅରବିନ୍ଦଙ୍କ ଶେଯରେ ପଡୁଥିଲା । ତେଣୁ ମା ମୋତେ କହିଲେ ଯେ ସେହି ପୋକଟିକୁ କଡ଼ିକାଠରୁ ବାହାର କରିଦିଅ, ଆଉ ଗର୍ତ୍ତ ହୋଇଥିବା ସ୍ଥାନରେ ଦୃଢ଼ଭାବରେ ଜଉମୁଦ କରିଦିଅ ।

''ମୋତେ ଏହି କାର୍ଯ୍ୟଟି ସମ୍ପାଦନ କରିବାକୁ ହେବ ଯେତେବେଳେ ଶ୍ରୀଅରବିନ୍ଦ ତାଙ୍କ ବିଛଣାରେ ହିଁ ଉପସ୍ଥିତ ଥିବେ ଆଉ କର୍ମ କରିବା ସ୍ଥାନଟି ହେଉଛି ତାଙ୍କ ବିଛଣାର ଠିକ୍ ଉପରେ ଥିବା କଡ଼ିକାଠରେ ! ମୋ ଜୀବନରେ ଏହି ମହିମମୟ କର୍ମଟି କରିବା ଥିଲା ସବୁଠାରୁ କଠିନ ପରୀକ୍ଷା ! ଯଦି କାମଟି କରୁ କରୁ ମୋ ହାତରୁ କିଛି ତଳେ ଖସିପଡ଼େ ... ଏହାର ପରିଣାମ ମୋ ପକ୍ଷେ କଳ୍ପନାତୀତ ଥିଲା !

''ତା'ପରେ ମୁଁ ପାହାଚ ପରେ ପାହାଚ ଅନାୟାସରେ ଉଠିପାରୁଥିବା ଏକ ଶିଡ଼ି ଆଣି ଅତି ସନ୍ତର୍ପଣରେ ଗୁରୁଙ୍କର ଶେଯପାର୍ଶ୍ୱରେ ଏପରି ସ୍ଥାନରେ ରଖିଲି ଯେମିତି ଶିଡ଼ି ଉପରେ ଚଢ଼ି ମୁଁ ଗର୍ତ୍ତ ହୋଇଯାଇଥିବା କଡ଼ିକାଠଟିକୁ ସ୍ପର୍ଶ କରି ପାରିବି । ତା'ପରେ ଭାକ୍ୟୁମ୍ କ୍ଲିନ୍‌ର ଯନ୍ତ୍ର ସହିତ ଆବଶ୍ୟକୀୟ କେତୋଟି ସରଞ୍ଜାମ ନେଇ ଶିଡ଼ି ଉପରକୁ ଉଠି ଶିଡ଼ିର ଶୀର୍ଷ ସ୍ଥାନରେ ଥୋଇଲି ଏବଂ ଠିକ୍ ତଳ ପାହାଚରେ ଛିଡ଼ା ହୋଇ କାମ କରିବା ଆରମ୍ଭ କଲି । ପ୍ରଥମେ ଗର୍ତ୍ତଟିକୁ ଟିକିଏ ଖୋଳିଦେଇ ଭାକ୍ୟୁମ୍ କ୍ଲିନ୍‌ର ସାହାଯ୍ୟରେ ଅବଶିଷ୍ଟ କାଠଗୁଣ୍ଡ ଓ ଛୋଟ ଛୋଟ ଟୁକୁରା କାଠ କାଢ଼ି ଆଣିଲି । ତା' ସହିତ ପୋକଟି ବି ଶୋଷି ହୋଇ ଯନ୍ତ୍ର ଭିତରକୁ ଚାଲିଆସିଥିଲା । ତା'ପରେ କଡ଼ିକାଠଟିକୁ ପରିଷ୍କାର କରି କେତୋଟି ଲୁହା କଣ୍ଟା ଗର୍ତ୍ତ ହୋଇଥିବା ସ୍ଥାନରେ ସନ୍ନିବିଷ୍ଟ କରି ଗର୍ତ୍ତଟିକୁ ଛିଦ୍ରରୋଧକ କରିଦେଲି ଏବଂ ଶେଷରେ ଗର୍ତ୍ତଟିକୁ ଜଉମୁଦ କରିଦେଲି ।...

''ପ୍ରକୃତରେ ମୋ ଜୀବନରେ ଏହି କର୍ମଟି ଥିଲା ସବୁଠାରୁ କଠିନ କର୍ମ । ମୁଁ ଏହି କର୍ମଟି ଆଦ୍ୟପ୍ରାନ୍ତ କରୁଥିବା ବେଳେ ମୋର ସମଗ୍ର ସତ୍ତାଟି ଏକେବାରେ ଏକାଗ୍ର ହୋଇ ରହିଥିଲା । ମୁଁ ସେତେବେଳେ ଅଙ୍ଗେ ଅଙ୍ଗେ ତୀବ୍ର ଭାବରେ ଅନୁଭବ କରୁଥିଲି ଯେ ମା'ହିଁ ମୋରି ମାଧ୍ୟମରେ ଏହି କର୍ମଟିକୁ କରି ଚାଲିଥିଲେ । କାହିଁକି ନା ମୋ ସଦୃଶ ଯାନ୍ତ୍ରିକ କାର୍ଯ୍ୟରେ ଅନଭ୍ୟସ୍ତ ମଣିଷ ପକ୍ଷରେ ଏହା କରିବା ଅସମ୍ଭବ ଥିଲା; ଏପରିକି ସେହି ମୁହୂର୍ତ୍ତରେ ଯଦି କାଣିଚାଏ ଉଦ୍‌ବିଗ୍ନତା ଦେଖା ଦେଇଥା'ନ୍ତା ବା ହାତ ଟିକିଏ ଥରିଉଠିଥା'ନ୍ତା ତା'ହେଲେ କିଛି ନା କିଛି ତଳେ ଶ୍ରୀଅରବିନ୍ଦଙ୍କ ଶେଯରେ ବା ତାଙ୍କ ଶରୀରରେ ପଡ଼ିଯାଇଥା'ନ୍ତା !

''ଶ୍ରୀଅରବିନ୍ଦଙ୍କ ପ୍ରକୋଷ୍ଠର ଆଉ ଏକ ଘଟଣା : ଯେତେଦୂର ସମ୍ଭବ ତାଙ୍କର ଦୁର୍ଘଟଣା ପୂର୍ବର କଥା, ୧୯୩୭ କି ୩୮ ମସିହାର କଥା । ବର୍ଷାଦିନରେ ଶ୍ରୀଅରବିନ୍ଦଙ୍କ କକ୍ଷର ଛାତରେ ଫାଟ ସୃଷ୍ଟି ହୋଇ ପାଣି ଝରିବାକୁ ଆରମ୍ଭ କଲା । ପ୍ରତି ବର୍ଷ ଅଧିକରୁ ଅଧିକ ପାଣି ଝରିଲା ।

''ଖୁବ୍ ସମ୍ଭବତଃ ୧୯୪୪ରେ ଶ୍ରୀଅରବିନ୍ଦଙ୍କ କକ୍ଷରେ ନୂତନ କରି ଉତ୍ତମ ଧରଣର କଡ଼ିକାଠ ଲଗାଇବା ସକାଶେ ମା ହାଇଦ୍ରାବାଦର ଜଣେ ଭକ୍ତ-ଶିଷ୍ୟଙ୍କୁ ଦଶ ହଜାର ଟଙ୍କା ଦେଲେ । ବର୍ଷେ ବିତିଗଲା, କଡ଼ିକାଠର ଦେଖା ନାହିଁ କି ଭକ୍ତଙ୍କର ବି ଦେଖା-ଦର୍ଶନ ନାହିଁ । ଏଥି ସକାଶେ ବାର ବାର ତାଙ୍କୁ ସ୍ମରଣ କରାଇ ଚିଠିପତ୍ର ବି ଲେଖାଗଲା; କିଛି ଉତ୍ତର ବି ନାହିଁ । ତିନି ବର୍ଷ ବିତିଗଲା । ଏଦିଗରେ ଛାତଟି ଏବେ କହିବାକୁ ଗଲେ ଚାଲୁଣୀ ସଦୃଶ ଛିଦ୍ରଯୁକ୍ତ ହୋଇଉଠିଥିଲା । ବର୍ଷା ହେବା ମାତ୍ରେ ଆମେ ପ୍ରତ୍ୟେକଟି ଛିଦ୍ର ଫାଟ ତଳେ, ଚଟାଣରେ ଗିନା ଓ ଥାଳିସବୁ ଥୋଇବାକୁ ଲାଗିଲୁ; ଡଜନ ଡଜନ ଥାଳି ଓ ଗିନା !

''(ସେତେବେଳେ ତ ଆଶ୍ରମର ଅର୍ଥସଂକଟ) ୧୯୪୬ ବେଳକୁ ମୁଁ ଆଉ ସହ୍ୟ କରି ପାରିଲି ନାହିଁ । ଥରେ ମୁଁ ବଜାର ଆଡ଼କୁ ଯାଉଥିବା ବେଳେ ମୋର ଜଣେ ବିଶ୍ୱସ୍ତ କର୍ମୀକୁ କହିଲି, 'ଶିବଲିଙ୍ଗମ୍, କାଡ୍‌ଲୋର୍‌କୁ ଯାଇ ବିଭିନ୍ନ ଆକାର ଓ ପ୍ରକାରର ଉତ୍ତମ କଡ଼ିକାଠର ଦାମ୍ ବୁଝି ଆସିବ କି ? ମୁଁ ତୁମକୁ ଯିବା-ଆସିବା ଖର୍ଚ୍ଚ ଦେବି ।' ଶିବଲିଙ୍ଗମ୍ ସେହି ଦିନ ହିଁ କାଡ୍‌ଲୋର୍‌କୁ ଗଲା ଏବଂ ଉତ୍ତମ ଧରଣର ବିଭିନ୍ନ କଡ଼ିକାଠର ଆବଶ୍ୟକୀୟ ସୂଚନା ଆଣିଦେଲା । ମୁଁ ମା'ଙ୍କୁ ସେସବୁ ଦେଖାଇଲି । ଏହା ଦେଖି ମା ସିଦ୍ଧାନ୍ତ ନେଲେ ଆଶ୍ରମର ଜଣେ ଇଞ୍ଜିନିୟରଙ୍କୁ ସେଠାକୁ ପଠାଇ ଉତ୍କର୍ଷ କାଠ ମନୋନୀତ କରିବାକୁ । ମୁଁ ବିନୀତ ଭାବରେ ମା'ଙ୍କୁ କହିଲି, 'ମା, ଏଥିସକାଶେ ଉଦାର ଓ ଜ୍ୟୋତିନ୍ଦ୍ରଙ୍କୁ ସେଠାକୁ ପଠାନ୍ତୁ ଯଦ୍ଦ୍ୱାରା ପରେ କାମ ଆରମ୍ଭ ହୋଇଗଲେ ଛୋଟ ଛୋଟ କଥା ନେଇ କର୍ମୀଗଣଙ୍କ ମଧ୍ୟରେ ଆଉ ମତଦ୍ୱୈଧ ସୃଷ୍ଟି ହେବ ନାହିଁ ।' ମା ଏଥିରେ ସମ୍ମତ ହୋଇ ଦୁହିଁଙ୍କୁ କାଡ଼ଲୋର୍ ପଠାଇଲେ ଏବଂ ସେମାନେ କାଠ ଅର୍ଡ଼ର ଦେଇ ଆସିଲେ । ଦୁଇ, ତିନିଦିନ ଭିତରେ ବାଲ୍‌କୋନି ରାସ୍ତାରେ କାଡ୍‌ଲୋର୍‌ରୁ କାଠ ଆସି ପହଞ୍ଚିଲା । ମା ଉପର ମହଲାର ଝରକା ପାଖରେ ଛିଡ଼ା ହୋଇ କାଠକୁ ଦେଖି ଅତ୍ୟନ୍ତ ଖୁସୀ ହେଲେ ।

''୧୬ ଅଗଷ୍ଟ ୧୯୪୬ରେ ଶ୍ରୀଅରବିନ୍ଦଙ୍କୁ ଆମେ ତାଙ୍କ କକ୍ଷ ପାର୍ଶ୍ୱ 'ମେଡ଼ିଟେସନ୍ ହଲ୍' (ଅର୍ଥାତ୍ ଯୁଗ୍ମ-ଦର୍ଶନ କକ୍ଷର ସାମନାରେ ଥିବା ହଲ୍)କୁ ସ୍ଥାନାନ୍ତରିତ କଲୁ । ତାଙ୍କ କକ୍ଷର ଛାତଟିକୁ ସମ୍ପୂର୍ଣ୍ଣରୂପେ ନୂତନ କରି ନିର୍ମାଣ କରାଗଲା । ବିଦ୍ୟୁତ୍ ସରବରାହ ସକାଶେ ନୂତନ ରୂପେ ବିଦ୍ୟୁତ୍ ତାର ସଂଯୋଗ ସହ କକ୍ଷଟିର କାନ୍ଥସବୁକୁ ନୂତନ କରି ପଲସ୍ତରା କରାଗଲା ଏବଂ ନୂତନ ମଖମଲ ଗାଲିଚା ବିଛାଇ ଦିଆଗଲା । ଏବଂ ତାଙ୍କ କକ୍ଷର ସମସ୍ତ ଆସବାବପତ୍ର, ଏପରିକି ତାଙ୍କର ଖଟ ମଧ୍ୟ ନୂତନ କରି ନିର୍ମାଣ କରାଗଲା । ୨୩ ନଭେମ୍ବର ୧୯୪୬ରେ ପରମପ୍ରଭୁ ତାଙ୍କର ନବୀକରଣ କକ୍ଷରେ ପୁନଃପ୍ରବେଶ କଲେ ।''

('How They Come...', p. 22 - 23)

ଏବେ ଉଦାରଙ୍କର ବିବରଣୀରୁ : ''... ୧୯୩୯ ମସିହାରେ, ଶ୍ରୀଅରବିନ୍ଦଙ୍କର ଦୁର୍ଘଟଣା ପରେ, ସେ ତାଙ୍କ କକ୍ଷରେ ଯେଉଁ ଆସବାବପତ୍ରସବୁ ବ୍ୟବହାର କରୁଥିଲେ ସେସବୁକୁ ବଦଳାଇ ଅଧିକ ଭଲ କିଛି ପ୍ରସ୍ତୁତ କରିବାର ଆବଶ୍ୟକତା ଅନୁଭବ କଲୁ । ଅଧିକାଂଶ ବସ୍ତୁ ଡାବଲ କାଠରେ ତିଆରି ହୋଇଥିଲା । ମା'ଙ୍କର ଅଶେଷ କୃପା, ମୋତେ ଶ୍ରୀଅରବିନ୍ଦଙ୍କ କକ୍ଷର ସମସ୍ତ ଆସବାବପତ୍ରର ନକ୍ସା ପ୍ରସ୍ତୁତ କରିବାର ଭାର ଅର୍ପଣ କଲେ । ମୁଁ ସେସବୁକୁ ଶିଶୁକାଠରେ ନୂତନ କରି ଗଢ଼ିଲି, କିନ୍ତୁ କେବଳ ଖଟଟି ଶାଗୁଆନ କାଠରେ ଗଢ଼ିଥିଲି । ଆଜି ବି ସେଇସବୁ ଆସବାବପତ୍ର ତାଙ୍କ କକ୍ଷରେ ଶୋଭା ପାଉଛି ।

''ଯେତେବେଳେ ଆସବାବପତ୍ରସବୁକୁ ମହମ(ଫ୍ରେଞ୍ଚ୍-ପଲିସ୍ ନୁହେଁ) ଦେଇ ପଲିସ୍ କରି ତାଙ୍କ କକ୍ଷରେ ରଖିଲି, ମା

ମୋତେ ଆଉ ଗୋଟିଏ ଅପୂର୍ବ ସୁଯୋଗ ଦେଲେ । ତା'ହେଲା ଏହିସବୁ ନୂତନ ଆସବାବପତ୍ରସବୁକୁ ସଫାସୁତୁରା ଓ ପଲିସ୍ କରି ଚକ ଚକ ରଖିବାର ଦାୟିତ୍ୱ । ମୁଁ ଏହି କାର୍ଯ୍ୟ କରିବା ସକାଶେ ପ୍ରତିଦିନ ଘଣ୍ଟାଏ ଶ୍ରୀଅରବିନ୍ଦଙ୍କ କକ୍ଷରେ ରହି ପାରିବାର ଅନୁମତି ପାଇଥିଲି । ଆଗରୁ କେବଳ ଦର୍ଶନ ଦିବସରେ ହିଁ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରୁଥିଲି, କିନ୍ତୁ ଏହି କର୍ମ କରିବାର ଅନୁମତି ପାଇବା ପରେ ମୁଁ ସବୁଦିନ ତାଙ୍କର ନିକଟ ସାନ୍ନିଧ୍ୟରେ ଆସିଲି ।

''ଏହି ଦିନଗୁଡ଼ିକ ମୋ ପାଇଁ ଅତ୍ୟନ୍ତ ଆନନ୍ଦର ଦିନ ଥିଲା । ମୁଁ ଉପରୋକ୍ତ କର୍ମଟିକୁ ବିଭିନ୍ନ ସମୟରେ କରିବାକୁ ସ୍ଥିର କଲି । ବିଶେଷ କରି ତାଙ୍କ କକ୍ଷରେ ମା'ଙ୍କ ସହିତ ଅନ୍ୟ ସାଧକମାନେ ଉପସ୍ଥିତ ରହିଥିବା ବେଳେ, କେବେ କେବେ ସେ ନୀରଦଙ୍କୁ 'ସାବିତ୍ରୀ'ର ପଙ୍କ୍ତିସବୁ ଗୋଟିଏ ପରେ ଗୋଟିଏ କହି ଲେଖିବାକୁ ଦେଉଥିବା ବେଳେ । ମୋ ସକାଶେ ଏହା ଥିଲା ଏକ ଅପୂର୍ବ ସୁଯୋଗ ଏବଂ ଏହି ଅଭୁଲା ସ୍ମୃତିକୁ ମୁଁ ହୃଦୟରେ ସଯତ୍ନ ସାଇତି ରଖିଛି ।

''ଶ୍ରୀଅରବିନ୍ଦ ବେଶୀ କଥା କହୁ ନଥିଲେ ବା ଯଦି କହୁଥିଲେ ଖୁବ୍ କ୍ୱଚିତ୍; କିନ୍ତୁ ମୁଁ ତାଙ୍କୁ ଏକାଧିକ ବିଷୟରେ ଆଲୋଚନା କରିବାର ଶୁଣିଛି । ତାଙ୍କ କକ୍ଷରେ ମୁଁ ଯେତେଦିନ ଧରି କାମ କରିଛି ସେ ମୋ ସହିତ ବ୍ୟକ୍ତିଗତ ଭାବରେ କେବଳ ଥରେ କି ଦୁଇ ଥର କଥା ହୋଇଥିଲେ – ଏଇ ସ୍ମୃତିଟି ବି ମୋର ଅମୂଲ୍ୟ ସମ୍ପଦ । ଦର୍ଶନ ଦିବସଗୁଡ଼ିକରେ ହୃଦୟ ଭରି ତାଙ୍କ ପାଦପଦ୍ମରେ ମସ୍ତକ ରଖି ପ୍ରଣାମ କରିବାର ଏବଂ ତାଙ୍କ କୋଳରେ ହସ୍ତ ରଖି ତାଙ୍କର କରୁଣାସିକ୍ତ ନୟନ ଯୁଗଳକୁ ନିବିଡ଼ ଭାବରେ ସ୍ୱଳ୍ପକ୍ଷଣ ସକାଶେ ଅନାଇ ରହିବାର ପରମ ସୌଭାଗ୍ୟ ଲାଭ କରିଛି । କିନ୍ତୁ ପ୍ରତ୍ୟେକ ଦିନ ତାଙ୍କ କକ୍ଷରେ, ତାଙ୍କ ନିକଟ ସାନ୍ନିଧ୍ୟରେ ଘଣ୍ଟାଟିଏ କର୍ମରତ ରହିବା ବ୍ୟତୀତ ମୋର ତାଙ୍କ ସହିତ ଅନ୍ୟ କୌଣସି ପ୍ରକାରର ନିକଟ ସମ୍ପର୍କ ନଥିଲା ।

''ତାଙ୍କ ମହାପ୍ରୟାଣର କିଛିଦିନ ପୂର୍ବରୁ ଥରେ ମୁଁ ତାଙ୍କ କକ୍ଷରେ କାମ କରୁ କରୁ ଲକ୍ଷ୍ୟ କଲି ଯେ ଏକ ସ୍ନେହ ଓ କରୁଣାପୂର୍ଣ୍ଣ ଦୃଷ୍ଟିରେ ସେ ମୋତେ ଅତ୍ୟନ୍ତ ଅନ୍ତରଙ୍ଗତା ସହିତ ନିବିଡ଼ ଭାବରେ ଚାହିଁ ରହିଛନ୍ତି । ମୁଁ ଏହା ଦେଖି ଏକେବାରେ ଅଭିଭୂତ ହୋଇପଡ଼ିଲି । ସେହି ମୁହୂର୍ତ୍ତରେ ତାଙ୍କ କକ୍ଷରେ ମୁଁ ଏକାକୀ ଥିଲି ଏବଂ ତତ୍‌କ୍ଷଣାତ୍ ହୃଦୟଙ୍ଗମ କରିପାରିଲି ନାହିଁ ଯେ ସେ କାହିଁକି ତାଙ୍କର ଅପାର୍ଥିବ ହୃଦୟଜିଣା ଦୃଷ୍ଟିରେ ମୋତେ ଅନାଇ ରହିଛନ୍ତି, କିନ୍ତୁ ମୋ ଉପରେ ତାଙ୍କର ସେଇ ପ୍ରେମମୟ ବିରଳ ସ୍ଥିର ଦୃଷ୍ଟିର ନିର୍ଝରରେ ମୁଁ ଏମିତି ଆନନ୍ଦରେ ଅବଗାହନ କରୁଥିଲି ଯେ ଏହାର କାରଣ ସମ୍ବନ୍ଧେ ଜାଣିବାକୁ ମୋ ସତ୍ତାର ସର୍ବାନ୍ତଃକରଣରେ ତିଳେ ମାତ୍ର ଆଗ୍ରହ ନଥିଲା । କେବଳ ପରେ ତାଙ୍କର ବ୍ୟକ୍ତିଗତ ସେବକମାନଙ୍କର ବିବୃତ୍ତିସବୁକୁ ଲକ୍ଷ୍ୟ କରି ଜାଣିବାକୁ ପାଇଲି ଯେ ପରମପ୍ରଭୁ ସେଦିନ ମୋଠାରୁ ତାଙ୍କର ଭୌତିକ ଅବୟବରେ ବିଦାୟ ନେଉଥିଲେ । ସେ ପ୍ରତ୍ୟେକଙ୍କ ପାଖରୁ ଭିନ୍ନ ଭିନ୍ନ ଭଙ୍ଗୀରେ ଏମିତି ବିଦାୟ ନେଇଥିଲେ । ତାଙ୍କର ସେହି ଅପ୍ରତ୍ୟାଶିତ ଭାବାବେଗ ପ୍ରତ୍ୟେକଙ୍କୁ ତୀବ୍ର ଭାବରେ ଆନ୍ଦୋଳିତ କରିଥିଲା, ପ୍ରହେଳିକା ଭଳି ଲାଗିଥିଲା, ବିସ୍ମୟ ବିମୂଢ଼ ବି କରିପକାଇ ଥିଲା । ଅଳ୍ପ କେତେଦିନ ବ୍ୟବଧାନରେ ସେ ଯେତେବେଳେ ତାଙ୍କର ଭୌତିକ ଅବୟବରୁ ନିଜକୁ ପ୍ରତ୍ୟାହୃତ କରିନେଲେ ସେତେବେଳେ ତାଙ୍କର ସେହି ଅପରୂପ ବିରଳ ବ୍ୟବହାରର କାରଣ ସମ୍ବନ୍ଧରେ ଆମେ ତାଙ୍କର ଅନୁଗାମୀମାନେ କିଞ୍ଚିତ୍ ଆଭାସ ପାଇପାରିଲୁ ।''

(ଶ୍ରୀଅରବିନ୍ଦଙ୍କ ସହ ବାରବର୍ଷ : ପୃ. ୧୯୯-୨୦୦)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

ଏଠାରେ ଆମର ଯେଉଁ ପ୍ରୟାସ ତାହା ହେଉଛି ଏକ ବାସ୍ତବ ଉଦାହରଣ ମାଧ୍ୟମରେ ଜଗତ୍ ସମ୍ମୁଖରେ ପ୍ରମାଣିତ କରିବା ଯେ କିଛିଟା ଆନ୍ତର ମନସ୍ତାତ୍ତ୍ୱିକ ଉପଲବ୍ଧି ଓ କିଛିଟା ବାହ୍ୟ ସଂଗଠନ ବଳରେ ଏପରି ଏକ ଜଗତ୍ ସୃଷ୍ଟି କରାଯାଇପାରେ ଯେଉଁଠି ମାନବିକ ଦୁଃଖଦୁର୍ଦ୍ଦଶାର ଅଧିକାଂଶ କାରଣର ବିଲୋପ ଘଟିଥିବ ।

– ଶ୍ରୀମା

# ବିରୋଧୀ ଶକ୍ତିର ଛଦ୍ମ ଆକ୍ରମଣ ଓ ଭଗବତ୍ କୃପା

## ରାମକୃଷ୍ଣ ଦାସ

ବ୍ୟକ୍ତି ଅଧ୍ୟାତ୍ମ-ସାଧନ ମାର୍ଗରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ତା'ର ନିଜର ସ୍ୱଭାବ, ସଂସ୍କାର, ମନର ବିଚାର, ପ୍ରାଣର କାମନା-ବାସନା ଆସି ମାର୍ଗ ରୁଦ୍ଧ କରି ସାଧକକୁ ବିପଥଗାମୀ କରିବାକୁ ପ୍ରଯତ୍ନ କରନ୍ତି । ସାଧକକୁ ନୈତିକ ଧର୍ମାନୁଯାୟୀ ପିତା, ମାତା, କୁଟୁମ୍ବ, ଦେଶସେବା, ଆଚାର-ବ୍ୟବହାର, ନିଜ କର୍ତ୍ତବ୍ୟର ଶିକ୍ଷା ଦିଅନ୍ତି । ବିରୋଧୀ ଶକ୍ତିସମୂହ ସାଂସାରିକ ଭୋଗ-ବାସନାର ପ୍ରଲୋଭନ ଆଣି ସାଧକ ସାମନାରେ ରଖି ତାକୁ ବିମୋହିତ କରିପକାନ୍ତି । ସାଧକର ସଂକଳ୍ପ ଦୃଢ଼, ବୁଦ୍ଧି ଶୁଦ୍ଧ ଓ ତୀବ୍ର ଥିଲେ ସେସବୁ ବିରୋଧୀ ପରାମର୍ଶକୁ ପ୍ରଶ୍ରୟ ନ ଦେଇ, ବିରୋଧୀ ସଂସ୍କାର ସ୍ୱଭାବକୁ ଭଗବତ୍ ସାହାଯ୍ୟରେ ନିଜ ସଂକଳ୍ପ ଦ୍ୱାରା ବର୍ଜନ କରି ନିଜ ଲକ୍ଷ୍ୟ ଦିଗରେ ଅଗ୍ରସର ହୁଏ, ଅଥବା ବିରୋଧୀ ଶକ୍ତିଙ୍କ କପଟ ପରାମର୍ଶ ପ୍ରଭାବର ଅଧୀନ ହୋଇ ସତ୍ୟ ମାର୍ଗରୁ ବିମୁଖ ହୋଇ ସାଧାରଣ ଜୀବନକୁ ଫେରି ଯାଇପାରେ ।

ସାଧକ ମଧ୍ୟରେ ଯେତେ ପ୍ରକାର ଦୁର୍ଗୁଣ ଥାଏ, ସବୁଠାରୁ ପ୍ରବଳ ଏବଂ ଶକ୍ତିଶାଳୀ ହେଉଛି କାମ-ବାସନା ଆଉ ଯଶୋଲିପ୍ସା । ସାଧକ ଅନ୍ୟାନ୍ୟ ଦୁର୍ଗୁଣରୁ ମୁକ୍ତ ହେବା ପରେ ଏହି ଦୁଇ ଶତ୍ରୁ ବହୁତ ପ୍ରକାରେ, ଛଳେ ବଳେ କୌଶଳେ, ଛଦ୍ମବେଶ ଧାରଣ କରି ସାଧକକୁ ବିମୋହିତ କରିବାକୁ ଚେଷ୍ଟା କରନ୍ତି । ଏହିସବୁ କୌଶଳ ସମ୍ମୁଖରେ ସାଧକର ବୁଦ୍ଧି, ଯୋଗଶକ୍ତି କିଛି ମାତ୍ର କାମ କରିପାରେ ନାହିଁ । କେବଳ ରକ୍ଷା କରେ ଭଗବାନଙ୍କ ଶକ୍ତି । ସାଧକ ଯଦି ସାଧନା ଆରମ୍ଭରୁ ଛୋଟ ଶିଶୁତୁଲ୍ୟ ନିଜକୁ ଭଗବତ୍ ଚରଣରେ ଅର୍ପଣ କରି, ତାଙ୍କରି ଦ୍ୱାରା ପରିଚାଳିତ ହେବାକୁ ପ୍ରାର୍ଥନା କରେ, ପଦେ ପଦେ ତାଙ୍କରି ସାହାଯ୍ୟ ଚାହେଁ, ତେବେ ସମସ୍ତ ବାଧାବିଘ୍ନର ସମ୍ମୁଖୀନ ହେବାର ଶକ୍ତି ଭଗବାନ୍ ସାଧକକୁ ଦେଇ, ସମସ୍ତ ବାଧାବିଘ୍ନ ଅତିକ୍ରମ କରାଇ, ଲକ୍ଷ୍ୟରେ ପହଞ୍ଚାଇ ଦିଅନ୍ତି । ଅନ୍ୟଥା ସାଧକ ନିଜର ବ୍ୟକ୍ତିଗତ ତପସ୍ୟା ଦ୍ୱାରା ଏହିସବୁ ଶତ୍ରୁଙ୍କୁ ବିତାଡ଼ିତ କରିବାକୁ ଚେଷ୍ଟା କଲେ ତା' ଚେଷ୍ଟା ବାରମ୍ବାର ବ୍ୟର୍ଥ ହୁଏ ଏବଂ ସେ ଶତ୍ରୁଙ୍କ ଶିକାର ହୋଇପାରେ । ଏହି କାମ-ବାସନା ଓ ଯଶୋଲିପ୍ସା କେବଳ ଭଗବାନଙ୍କ ସଙ୍ଗେ ଯୁକ୍ତଥିବା ତାଙ୍କର ଅନନ୍ୟ ଭକ୍ତଙ୍କ ଛଡ଼ା, ସଂସାରର ସମସ୍ତ ବ୍ୟକ୍ତିଙ୍କୁ ବିପଥଗାମୀ କରି କ୍ରୀତଦାସ ରୂପେ ରଖିଛି । ଏହିସବୁର ପ୍ରେରଣାରେ ମନୁଷ୍ୟ ସମସ୍ତ ନୈତିକ, ସାମାଜିକ, ଆଧ୍ୟାତ୍ମିକ ନିୟମର ବିରୋଧାଚରଣ କରୁଛି । ଏହାର ବଶବର୍ତ୍ତୀ ହେବାରେ ଦୁଃଖ, ଅପମାନ, ନିନ୍ଦା ମଧ୍ୟ ସମୟ ବିଶେଷରେ ପାଉଛି । ଏହା ପ୍ରତ୍ୟେକ ମନୁଷ୍ୟ ଜାଣନ୍ତି, ତଥାପି ସାଧାରଣ ବ୍ୟକ୍ତିଙ୍କ କଥା କ'ଣ କହିବା, ବଡ଼ ବଡ଼ ଅଧ୍ୟାତ୍ମ ସାଧକ ଏହିସବୁ ଦୁର୍ଗୁଣର ପ୍ରଲୋଭନରେ ପତିତ ହୋଇ ସର୍ବନାଶ ଘଟାନ୍ତି । ଏହାର ପ୍ରମାଣ ପୁରାଣରେ ବଡ଼ ବଡ଼ ମୁନି, ଋଷିଙ୍କ ଜୀବନରେ ମିଳେ ଏବଂ ବର୍ତ୍ତମାନ ଯୁଗରେ ମଧ୍ୟ ବହୁତ ସାଧକଙ୍କ ମଧ୍ୟରେ ଦେଖାଯାଏ । ଏହି ଦୁଇଟି ଶତ୍ରୁଙ୍କ ଆକ୍ରମଣରୁ ବିଶ୍ୱାମିତ୍ରଙ୍କ ପରି ମହର୍ଷି ଓ ଶଙ୍କରଙ୍କ ପରି ଯୋଗେଶ୍ୱର ମଧ୍ୟ ବାଦ୍ ଯାଇ ନାହାନ୍ତି । ଏହିସବୁ ଦୁର୍ଜେୟ ଶତ୍ରୁର କବଳରୁ ଉଦ୍ଧାର ପାଇବାର ଏକମାତ୍ର ଉପାୟ ହେଲା ଭଗବାନଙ୍କ ଚରଣରେ ପୂର୍ଣ୍ଣ ଆତ୍ମସମର୍ପଣ ।

ଭଗବାନଙ୍କ ଚରଣରେ ବ୍ୟକ୍ତିର ଅନ୍ତରାତ୍ମା ନିଷ୍କପଟ କେନ୍ଦ୍ରୀୟ ସମର୍ପଣ କରି ଶିଶୁ ସଦୃଶ ମା'ଙ୍କ ଶକ୍ତି ଆଶ୍ରୟରେ ରହିଲେ କେବଳ ମା ଏହିସବୁ ବିପଦରୁ ରକ୍ଷା କରନ୍ତି । ଏହିସବୁ ବିରୋଧୀ ଶକ୍ତି ବଡ଼ କୌଶଳୀ ଅଟନ୍ତି । ସାଧକର ଜ୍ଞାନ ଓ ଶକ୍ତିଠାରୁ ଏମାନଙ୍କର ଜ୍ଞାନ ଓ ଶକ୍ତି ବହୁତ ଅଧିକ । ସାଧକର ଆଧାରସ୍ଥ ଦୁର୍ବଳତାକୁ ଏମାନେ ବେଶ୍ ବୁଝି ପାରନ୍ତି; କିପରି କୌଶଳରେ ସାଧକ ମୋହଗ୍ରସ୍ତ ହୋଇପାରେ ସେ ଜ୍ଞାନ ଏମାନଙ୍କର ପର୍ଯ୍ୟାପ୍ତ ଥାଏ । କିନ୍ତୁ ଏସବୁ ପରାସ୍ତ ହୁଅନ୍ତି ଭାଗବତୀ ଶକ୍ତି ପାଖରେ । ସେଠାରେ ଏମାନଙ୍କ ସମସ୍ତ କୌଶଳ ବ୍ୟର୍ଥ ହୁଏ । ମା'ଙ୍କ ପାଖରେ ନିଜକୁ ସଂପୂର୍ଣ୍ଣ ସମର୍ପଣ କରି ଦେଇ ତାଙ୍କ ପ୍ରତି ବିଶ୍ୱାସ, ଭରସା ରଖି ସମସ୍ତ ବିପଦ-ଆପଦରେ ତାଙ୍କୁ ଡାକିବା ହେଲା ଏହି ଦୁର୍ଜେୟ ଶତ୍ରୁଙ୍କ କବଳରୁ ମୁକ୍ତି ପାଇବାର ରହସ୍ୟ ଆଉ ଚାବିକାଠି । ଏହାଛଡ଼ା ସାଧନା-ପଥ ବିପଦ୍‌ସଂକୁଳ ଓ ପତନର ଆଶଙ୍କାରେ ପୂର୍ଣ୍ଣ ।

କୌଣସି କୌଣସି ସାଧକଙ୍କୁ ସାଧନା ଆରମ୍ଭରୁ ଏହିସବୁ ଶତ୍ରୁଙ୍କ ଛଦ୍ମବେଶ, କୁଟିଳ ପରାମର୍ଶ ଭଗବତ୍ କୃପାରୁ

ସ୍ପଷ୍ଟ ଅନୁଭୂତ ହୁଏ । ସାଧକ ଭଗବାନଙ୍କ ଆଶ୍ରୟ ନେଲେ ସେହିସବୁ ବିରୋଧୀ ଶକ୍ତିଙ୍କର ଆକ୍ରମଣରୁ ଭଗବାନ୍ ରକ୍ଷା କରି ଚାଲିଥା'ନ୍ତି । ମାର୍ଗରେ ବାଧାବିପତ୍ତି ବରାବର ଆସେ । ଏପରିକି ଯେଉଁ ସାଧକର ସାଧନା ତୀବ୍ରତାର ସହ ଚାଲେ, ତା' ମାର୍ଗରେ ସାଧନାର ଉନ୍ନତି ଅନୁପାତରେ ବାଧାବିପତ୍ତି ମଧ୍ୟ ଅଧିକ ଆସେ । କାରଣ ମନୁଷ୍ୟର ପୂର୍ବ ସ୍ୱଭାବ, ସଂସ୍କାର ପରିବର୍ତ୍ତିତ ହେବାକୁ ଚାହେଁ ନାହିଁ । ସେସବୁ ବାଧାରୂପ ଧାରଣ କରି ମାର୍ଗ ରୋଧ କରନ୍ତି । ଏହାଛଡ଼ା ଅଜ୍ଞାନ ଅନ୍ଧକାର ଶକ୍ତି ବାଧା ସୃଷ୍ଟି କରି ଆକ୍ରମଣ କରନ୍ତି । ଯେଉଁ ସାଧକର ସାଧନା ବହୁତ ମନ୍ଥର ଗତିରେ ଚାଲେ ତା' ଉପରେ ବାଧାବିପତ୍ତି କମ୍ ଆସେ ।

ଯଥାର୍ଥରେ ସାଧକର ସାଧନା ତୀବ୍ର, ଅନୁଭୂତି ଗଭୀର, ବାଧାବିପତ୍ତି ସମ୍ମୁଖୀନ ହେବାର ଶକ୍ତିବୃଦ୍ଧି, ଜ୍ଞାନ ବିକାଶ, ଭଗବତ୍ ଆନନ୍ଦ, ଶାନ୍ତି, ସମତା ଇତ୍ୟାଦି ପ୍ରାପ୍ତି, ମାତୃଶକ୍ତି ଉପରେ ବିଶ୍ୱାସ, ଭରସା ଦୃଢ଼ରୁ ଦୃଢ଼ତର କରାଇବାକୁ ବାଧା-ବିପତ୍ତି ଆସନ୍ତି । ଏହି କାରଣରୁ ହିଁ ବାଧାବିପତ୍ତିକୁ ଆସିବାକୁ ଭଗବାନଙ୍କର ମଞ୍ଜୁରି ଥାଏ । ସାଧକର ଦୃଢ଼ ଏବଂ ଦୁର୍ବଳ ଆଧାର ଅନୁପାତରେ କମ୍ ବା ବେଶୀ ପରିମାଣରେ ବାଧା-ବିଘ୍ନ ଆସେ । ଏହି ବାଧାବିଘ୍ନ ଜୟ କରିବାରେ ସାଧକର ଆଧାର ଦୃଢ଼ ହୁଏ ।

ସାଧାରଣତଃ ଦୁଇ ପ୍ରକାର ଭକ୍ତ ଥାଆନ୍ତି । ଗୋଟିଏ ଶ୍ରେଣୀର ଭକ୍ତ : ବାଧାବିଘ୍ନ ଯେତେ ଛଦ୍ମବେଶ ଧାରଣ କରି ଆସୁ, ବୁଦ୍ଧିମତ୍ତାର ସହ ଯେତେ ଯୁକ୍ତିଯୁକ୍ତ ପ୍ରେରଣା ଦେଉ, ସେ ତାହାର ଛଦ୍ମବେଶ ଓ କପଟତାକୁ ଚିହ୍ନି ପାରନ୍ତି ଓ ତାହାର ପ୍ରତିକାର ସକାଶେ ସତ୍ତାର ଯେଉଁ ଭାଗରେ ଛଦ୍ମବେଶୀମାନେ କ୍ରିୟା କରନ୍ତି ସେହି ଭାଗକୁ ମାତୃଶକ୍ତିଙ୍କ ନିକଟରେ ସମର୍ପଣ କରିଦିଅନ୍ତି ଓ ମାତୃଶକ୍ତିକୁ ଆବାହନ କରନ୍ତି । ଏହି ଶ୍ରେଣୀର ସାଧକମାନଙ୍କର ଅନ୍ତରାତ୍ମା (Psychic Being) ଅଧିକ ଜାଗ୍ରତ୍ ଥାଏ, ଅର୍ଥାତ୍ ସେମାନେ ପୂର୍ବଜନ୍ମରୁ ସାଧନା କରି ଆସିଥା'ନ୍ତି; ଏଣୁ ସେ ଏମାନଙ୍କୁ ଚିହ୍ନି ପାରନ୍ତି । ଏହିପରି କରିବାରେ ବିରୋଧୀ ଶକ୍ତିର ଆକ୍ରମଣ କାଳ କମ୍ ହୋଇଯାଏ ଏବଂ ଆକ୍ରମଣର ତୀବ୍ରତା କ୍ରମଶଃ ହ୍ରାସ ହୁଏ ।

ଅନ୍ୟ ଶ୍ରେଣୀର ସାଧକଙ୍କ ଅନ୍ତରାତ୍ମା ଅଧିକ ଜାଗ୍ରତ୍ ହୋଇ ନ ଥାଏ ଅଥବା ସେମାନେ ମନ ଓ ବୁଦ୍ଧିର ଯୁକ୍ତିକୁ ବରାବର ପ୍ରାଧାନ୍ୟ ଦେଇ ଆସୁଥା'ନ୍ତି କିଂବା ଅନ୍ତରାତ୍ମା ଜାଗ୍ରତ୍ ହୋଇ ପରିଚାଳନା କରିବା ସକାଶେ ଅଭୀପ୍ସା କରନ୍ତି ନାହିଁ । ସେଥିପାଇଁ ସେମାନେ ବିରୋଧୀ ଶକ୍ତିର ଆକ୍ରମଣକୁ ଠିକ୍ ଭାବରେ ବୁଝି ନ ପାରି ବିପରୀତ ଭାବରେ ମନ, ବୁଦ୍ଧି ଦ୍ୱାରା ସମର୍ଥନ କରନ୍ତି । ଏଥିରେ ଆକ୍ରମଣକାରୀ ଶତ୍ରୁର ବଳ ବୃଦ୍ଧି ହୁଏ । ଏହି ସଂଘର୍ଷ ଅଧିକ କାଳ ସ୍ଥାୟୀ ହୋଇପାରେ ଅଥବା କୌଣସି କୌଣସି ସ୍ଥଳରେ ଏହି ବିରୋଧୀ ଆକ୍ରମଣର ଅନୁଭବ ପ୍ରାପ୍ତ ହେବା ଆବଶ୍ୟକ ଥିଲେ ସାଧକ ଯଥାର୍ଥ ସାଧନା ମାର୍ଗରୁ କିଛିଦିନ ପାଇଁ ବିଚଳିତ ଏବଂ ବିପଥଗାମୀ ମଧ୍ୟ ହୋଇପାରେ । କିନ୍ତୁ ଥରେ ଯେ ଭଗବତ୍ ଚରଣାଶ୍ରୟ ନିଏ, ନିଜକୁ ସମର୍ପଣ କରିଦେଇ ଥାଏ; ତା'ର ସ୍ଥାୟୀ ପତନ ହୁଏ ନାହିଁ, ତା' ସଙ୍ଗରେ ଭଗବତ୍ ଅନୁକମ୍ପା ବରାବର ଥାଏ । ଏପରି ଅସ୍ଥାୟୀ ପତନ ଦ୍ୱାରା ଆକ୍ରମଣକାରୀ ବିରୋଧୀ ଶକ୍ତିଙ୍କର ଛଦ୍ମବେଶକୁ ଚିହ୍ନିବାର ଜ୍ଞାନ ସାଧକକୁ ପ୍ରାପ୍ତି ହୁଏ । ଏହି ଜ୍ଞାନ ପ୍ରାପ୍ତ ନ ହେଲେ ସାଧକ ଲକ୍ଷ୍ୟରେ ପହଞ୍ଚିବା ମାର୍ଗରେ ଭାଗବତୀ ଶକ୍ତି ସାହାଯ୍ୟରେ ସେମାନଙ୍କର ବାରଂବାର ଆକ୍ରମଣକୁ ବ୍ୟର୍ଥ କରିପାରେ ନାହିଁ ।

## ବାଧାବିପତ୍ତି ଦ୍ୱାରା ସାଧନାରେ ଉନ୍ନତି

ପୂର୍ବେ ଆଲୋଚିତ ହୋଇଛି ଯେ ସାଧକ ସାଧନା ଆରମ୍ଭ କରିବା ସମୟରେ ତା'ର ଅନ୍ତରାତ୍ମା (Psychic being) ପର୍ଯ୍ୟାପ୍ତ ଭାବେ ଜାଗ୍ରତ୍ ହୋଇ ମନ-ପ୍ରାଣକୁ ନିଜ ପ୍ରଭାବରେ ପ୍ରଭାବିତ ନ କରିଥିଲେ ବିରୋଧୀ ଶକ୍ତିଙ୍କ ପରାମର୍ଶ, ପ୍ରେରଣା ଓ ଛଦ୍ମବେଶକୁ ସାଧକ ଚିହ୍ନି ନ ପାରି ସମର୍ଥନ କରେ ଏବଂ ସେଥିଯୋଗୁଁ ହିଁ ସାଧନା ମାର୍ଗରେ ବାଧା ଆସେ । ସେହି ବାଧା ମଧ୍ୟ ଦେଇ ବିରୋଧୀ ତତ୍ତ୍ୱକୁ ଚିହ୍ନି ପାରିବାର ଜ୍ଞାନ, ସେସବୁକୁ ଅତିକ୍ରମ କରିବାର ଶକ୍ତି ସାଧକ ମା'ଙ୍କଠାରୁ ପ୍ରାପ୍ତ କରେ ।

ଅନ୍ତରାତ୍ମା ଜାଗ୍ରତ୍ ହୋଇ ସାଧକକୁ ପରିଚାଳିତ କରିବା ଅବସ୍ଥାରେ ବିରୋଧୀ ଭାବ ଏବଂ ବିରୋଧୀ ଶକ୍ତିର ଛଦ୍ମବେଶ ଏବଂ କ୍ରିୟାକୁ ଜାଣିବାରେ ସାଧକର ଅସୁବିଧା ହୁଏ ନାହିଁ । ସେସବୁ କବଳରୁ ମୁକ୍ତ ହେବାର ପ୍ରଣାଳୀ ସେ ଅନ୍ତରାତ୍ମାର ପ୍ରେରଣାରୁ ପାଏ । କିନ୍ତୁ ଗୋଟାଏ ବଡ଼ ଅନୁଭୂତି ଆସିବା ପୂର୍ବରୁ ତା'ର ପ୍ରତିଷ୍ଠା ସକାଶେ ଆଧାର ତିଆରି କରିବା ପାଇଁ ବିରୋଧୀ ଶକ୍ତିର ବାଧାକୁ ସାଧକ ମଧ୍ୟରେ କାର୍ଯ୍ୟ କରିବାକୁ

ଭଗବାନ୍ ନିଷେଧ କରନ୍ତି ନାହିଁ, କାରଣ ବାଧାରୁ ମୁକ୍ତ ହେବା ସକାଶେ ସାଧକ ମଧ୍ୟରେ ତୀବ୍ର ଅଭୀପ୍ସା ଉତ୍ପନ୍ନ ହୁଏ ଏବଂ ସେ ଶାନ୍ତି, ଜ୍ୟୋତିଃ, ଶକ୍ତି, ଭକ୍ତି, ଜ୍ଞାନାଦିକୁ ଆବାହନ କରେ । ସାଧାରଣ ଅବସ୍ଥାରେ ଯେଉଁ ଅଧ୍ୟାତ୍ମ ଉନ୍ନତି ସାଧକ ଛଅ ମାସରେ କରିପାରି ଥାଆନ୍ତା, ବାଧା ଯୋଗୁଁ ସେହି ଉନ୍ନତି ଛଅ ଦିନରେ କିଂବା ଛଅ ଘଣ୍ଟାରେ କରିପାରେ । ଯେପର୍ଯ୍ୟନ୍ତ ସାଧକ ବାଧାର ସ୍ୱରୂପ ନ ଜାଣେ, ତାକୁ ଅତିକ୍ରମ କରିବାର ପ୍ରେରଣା ନ ପାଏ ସେପର୍ଯ୍ୟନ୍ତ ବାଧା ପ୍ରକୃତରେ ହିଁ ବାଧା ରୂପରେ ରହିଥାଏ, କିନ୍ତୁ ସାଧକ ଏସବୁକୁ ଜାଣିବା ପରେ ବାଧା ଯଥାର୍ଥରେ ସାଧନାରେ ସହାୟକ ହୁଏ । ସାଧକର କେବେ ବି ବାଧା ଚାହିଁବା ଉଚିତ ନୁହେଁ । ଯଦି ସାଧକ ବାଧା ଚାହେଁ ତେବେ ତାହା ସାଧନାରେ ସହାୟକ ନ ହୋଇ ପ୍ରକୃତ ବାଧାରେ ପରିଣତ ହୁଏ ।

ବାଧା ଆସେ ସାଧକ ଯେତେବେଳେ ଗୋଟିଏ ଚେତନା ସ୍ତରରୁ ଉଚ୍ଚତର ଚେତନା ସ୍ତରକୁ ଆରୋହଣ କରେ । କାରଣ ସାଧକର ମନ-ପ୍ରାଣର ଏପରି ସ୍ୱଭାବ ଯେ ସେସବୁ ପୁରାତନ ଅଭ୍ୟାସ ଛାଡ଼ିବାକୁ ଚାହାନ୍ତି ନାହିଁ । ମନ, ପ୍ରାଣର ଯେଉଁ ଭାଗ ପରିବର୍ତ୍ତନ ହେବା ଆବଶ୍ୟକ, ମନ, ପ୍ରାଣ ସ୍ୱୟଂ ଯେପର୍ଯ୍ୟନ୍ତ ସେହି ଭାଗକୁ ଭାଗବତୀ ଶକ୍ତି ପାଖରେ ସ୍ୱ-ଇଚ୍ଛାରେ ସମର୍ପଣ କରନ୍ତି ନାହିଁ; ସେପର୍ଯ୍ୟନ୍ତ ସେହିସବୁ ଭାଗରେ ଭାଗବତୀ ଶକ୍ତି ବଳପୂର୍ବକ କ୍ରିୟା କରନ୍ତି ନାହିଁ । ବିରୋଧୀ ଶକ୍ତି ଏପରି ବାଧା ସୃଷ୍ଟି କରନ୍ତି ଯେ ସେହି ଭାଗ ବାଧ୍ୟ ହୋଇ ଭାଗବତୀ ଶକ୍ତିଙ୍କ ଚରଣରେ ସମର୍ପଣ କରିବାକୁ ଅଭୀପ୍ସା କରେ । ପ୍ରକୃତରେ ବାଧାବିଘ୍ନ ସାଧକର ମିତ୍ର ହୁଅନ୍ତି ଯେବେ ସାଧକ ଭାଗବତୀ ଶକ୍ତିଙ୍କ ପ୍ରତି ବିଶ୍ୱାସ ଓ ଭରସା ରଖି ନିଜ ସାଧନାର ଭାର ତାଙ୍କୁ ଦେଇଦିଏ ଓ ସେ ସାଧନାର ଭାର ଗ୍ରହଣ କରନ୍ତି ।

ବାଧାର ଅନ୍ୟ କାରଣ ହେଲା ସାଧକର ଅହଂ । ଯେତେବେଳେ ସାଧକ ଗୋଟାଏ ବଡ଼ ଆକ୍ରମଣ ଉପରେ ଭଗବତ୍ କୃପାରୁ ବିଜୟ ପ୍ରାପ୍ତ କରେ, ଆଉ ନିଜ ମଧ୍ୟରେ ରହିଥିବା ଆସକ୍ତି, ଯଶୋଲିପ୍ସା, ଅହଂଭାବକୁ ପୋଷଣ କରେ, ଅର୍ଥାତ୍ ଭାବେ, ମୁଁ ବହୁତ ବଡ଼ ବିଜୟ ପ୍ରାପ୍ତ ହେଲି, ମୁଁ ବହୁତ ବଡ଼ ସିଦ୍ଧଯୋଗୀ – ଏହିପରି ଭାବ ଯୋଗୁଁ ବାଧା ଆସେ । ଯେଉଁ ବ୍ୟକ୍ତି ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିଦିଏ, ଭଗବାନ୍ ତା' ଦାୟିତ୍ୱ ବହନ କରନ୍ତି 'ଯୋଗକ୍ଷେମଂ ବହାମ୍ୟହମ୍' । ତା' ମଧ୍ୟରେ ଲୁଚି ରହିଥିବା ଲେଶମାତ୍ର ଯଶୋଲିପ୍ସା, କାମାସକ୍ତି, ଅହଂ ଆଦି ଦୋଷର ପ୍ରଭାବ ପର୍ଯ୍ୟନ୍ତ ଭଗବାନ୍ ନିର୍ମମ ଭାବରେ ମୂଳୋତ୍ପାଟନ କରନ୍ତି, ଯେପରି ଶିଶୁର ଶରୀରରେ ହୋଇଥିବା ବଥକୁ ମାଆ ନିର୍ଦୟ ଭାବରେ ଚିରେ, ନୀରୋଗ କରେ ଏବଂ ଶିଶୁର କଷ୍ଟ, ବ୍ୟାକୁଳ କ୍ରନ୍ଦନକୁ ପାଷାଣବତ୍ ହୃଦୟରେ ସହେ – ସେହିପରି ଭଗବାନ୍ କରନ୍ତି ।

ସାଧକକୁ ଆକ୍ରମଣ କରି ଧରାଶାୟୀ କରିବା ପାଇଁ ବିରୋଧୀ ଶକ୍ତି ସବୁ ସମୟରେ ତୟାର ହୋଇ ବସିଥାଆନ୍ତି । କିନ୍ତୁ ଭଗବାନଙ୍କର ରକ୍ଷାକବଚ ଏପରି ଦୃଢ଼ ଥାଏ ଯେ ସେମାନେ ପ୍ରବେଶ କରି କିଛି କରିପାରନ୍ତି ନାହିଁ । ଯେତେବେଳେ ଭକ୍ତ ମଧ୍ୟରୁ କୌଣସି ଦୁର୍ଗୁଣ ଦୂର କରିବାକୁ ହୁଏ ସେତେବେଳେ ଭଗବାନ୍ ନିଜ ରକ୍ଷାକବଚ ସେତିକି ମାତ୍ର ଢିଲା କରନ୍ତି ଯେତିକି ବାଧାରେ ସାଧକର ଦୋଷ ସଂଶୋଧନ ହେବ ଅଥଚ ତାହାର ପତନ ହେବ ନାହିଁ । ଭଗବାନଙ୍କ ଅଭିପ୍ରାୟ ଦେଖି ତତ୍କ୍ଷଣାତ୍ ବିରୋଧୀ ଶକ୍ତି ବାଧା ସୃଷ୍ଟି କରନ୍ତି । ସେମାନଙ୍କ ପାଖରେ ବାଧା ସୃଷ୍ଟି କରିବାର ବସ୍ତୁ ତ' ଅଭାବ ନ ଥାଏ, କ୍ଷଣକରେ ସମସ୍ତ ପ୍ରସ୍ତୁତ କରିଦିଅନ୍ତି । ସାଧକର ଯେଉଁ ବସ୍ତୁରେ ଆସକ୍ତି ଥାଏ ସେଥିରେ ଗୋଟିଏ ମିଥ୍ୟା ସୃଷ୍ଟି କରି, ମିଥ୍ୟା କଳଙ୍କ, ମିଥ୍ୟା ଅପଯଶଃ ଆରୋପ କରି ଦିଅନ୍ତି । ଏଥିରେ ସାଧକର ଯଥାର୍ଥରେ ପତନ ହୁଏ ନାହିଁ, କିନ୍ତୁ ପତନ ହେବା ପରି ବେଦନା ହୁଏ । ସେହି ବେଦନା ଯୋଗୁଁ ବାଧା ଆସୁଥିବା ଆସକ୍ତିରେ ସାଧକର ବୈରାଗ୍ୟ ଜାତ ହୁଏ, ସେ ଅଭୀପ୍ସା କରେ ସେଥିରୁ ଉଦ୍ଧାର ପାଇବାକୁ, ବ୍ୟାକୁଳ ହୋଇ ଭଗବାନଙ୍କ ଶକ୍ତିକୁ ଆବାହନ କରେ । ଏହି ବାଧା ଦ୍ୱାରା ସାଧକ ଦୋଷରୁ ନିବୃତ୍ତ ହୁଏ ଅଥଚ ଅଧ୍ୟାତ୍ମ ମାର୍ଗରେ କୌଣସି କ୍ଷତି ହୁଏ ନାହିଁ ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,*
ପ୍ରଥମ ଖଣ୍ଡ, ପୃଷ୍ଠା : ୧୫୭-୧୫୯ଏବଂ
୧୬୩-୧୬୪)

❑❑❑

**କାହାଣୀ :**

# ଆଖି ପଲକରେ ବିସ୍ମୟ ସାଧକ

## ମନୋଜ ଦାସ

ରାଜା ଥିଲେ ନିଃସନ୍ତାନ । କିନ୍ତୁ ରାଜପରିବାରର ଅନ୍ତର୍ଭୁକ୍ତ ଥିଲେ ତିନିଜଣ ତରୁଣ । ପ୍ରତ୍ୟେକେ ବିଦ୍ୱାନ୍, ପ୍ରତ୍ୟେକେ ନମ୍ର, ପ୍ରତ୍ୟେକେ କର୍ମଚଞ୍ଚଳ ।

କେତେବେଳେ ରାଜାଙ୍କର ମନେହୁଏ, ଭୁବନ ନାମକ ତରୁଣଟି ତାଙ୍କ ଉତ୍ତରାଧିକାରୀ ହେବାର ଯୋଗ୍ୟ । ଅନ୍ୟ କେତେବେଳେ ମନେହୁଏ, ଜୟକୁମାର ସେ ପାଇଁ ଅଧିକ ଯୋଗ୍ୟ । ପୁଣି ଥରେ ଥରେ ମନେହୁଏ, ଶୁଭଦର୍ଶୀ ନାମକ ତରୁଣଟି ସବୁଠାରୁ ଉପଯୁକ୍ତ ।

ରାଜା ମନ ସ୍ଥିର କରିପାରୁ ନଥା'ନ୍ତି । ଦିନ ବିତି ଯାଉଥାଏ । ହଠାତ୍ ତାଙ୍କର ପରଲୋକ ହେଲେ ରାଜ୍ୟର ଶାସନରେ ବିଭ୍ରାଟ ଦେଖାଦେବ – ସେ ଏହି ଚିନ୍ତାରେ ବିବ୍ରତ ବୋଧ କରୁଥିଲେ । ସେ ତାଙ୍କର ଦୁଇଜଣ ମନ୍ତ୍ରୀଙ୍କ ସହ ଅଲଗା ଅଲଗା ଗୋପନରେ ପରାମର୍ଶ କଲେ । ପ୍ରଥମ ମନ୍ତ୍ରୀ କହିଲେ, ''ମହାରାଜ, ମୋର ମନେହୁଏ ଭୁବନ ହିଁ ହେବେ ଯୋଗ୍ୟ ଉତ୍ତରାଧିକାରୀ । ସେ ଯୁଦ୍ଧବିଦ୍ୟାରେ ନିପୁଣ । ରାଜ୍ୟ ବହିଃଶତ୍ରୁ ଦ୍ୱାରା ବିପଦାପନ୍ନ ହେଲେ ସେ ତାକୁ ରକ୍ଷା କରି ପାରିବେ ।''

ଦ୍ୱିତୀୟ ମନ୍ତ୍ରୀ କହିଲେ, ''ଜୟକୁମାର ହିଁ ଯୋଗ୍ୟ । ତାଙ୍କର ଶୃଙ୍ଖଳାବୋଧ ସର୍ବାଧିକ । ରାଜ୍ୟଶାସନ ପାଇଁ ସେ ଗୁଣ ଅତ୍ୟାବଶ୍ୟକ ।''

ଶୁଭଦର୍ଶୀଙ୍କୁ ଯେ ସେମାନେ ଅଯୋଗ୍ୟ ବୋଲି କହିଲେ, ତାହା ନୁହେଁ । କିନ୍ତୁ ତାଙ୍କର କୌଣସି ଗୋଟାଏ ନିର୍ଦ୍ଦିଷ୍ଟ ଗୁଣ ସେମାନେ ଦର୍ଶାଇ ପାରିଲେ ନାହିଁ ।

ରାଜାଙ୍କ ମନରେ ଦ୍ୱନ୍ଦ୍ୱର ଅବସାନ ହେଲା ନାହିଁ । ପିଲାବେଳେ ରାଜା ଜଣେ ପ୍ରବୀଣ ଗୁରୁଙ୍କ ଗୁରୁକୁଳରେ ଅଧ୍ୟୟନ କରିଥିଲେ । ଗୁରୁ ଅବଶ୍ୟ ପରଲୋକ ଗମନ କରିଥିଲେ, କିନ୍ତୁ ରାଜାଙ୍କର ଜଣେ ସହପାଠୀ ବା ଗୁରୁଭାଇ ଶ୍ରୀମନ୍ତ ସେ ଆଶ୍ରମ ପରିଚାଳନା କରୁଥିଲେ । କୌଣସି କାରଣରୁ ଶ୍ରୀମନ୍ତଙ୍କୁ ରାଜଧାନୀକୁ ଆସିବାକୁ ପଡ଼ିଲେ ସେ ରାଜାଙ୍କର ହିଁ ଅତିଥି ହେଉଥିଲେ । ରାଜା ତାଙ୍କୁ ଖୁବ୍ ଶ୍ରଦ୍ଧା କରୁଥିଲେ ।

ଦିନେ ଶ୍ରୀମନ୍ତ ଆସି ପହଞ୍ଚିଗଲେ । ରାଜା ବହୁତ ଖୁସି ହେଲେ । ତାଙ୍କ ସମସ୍ୟା ସମ୍ପର୍କରେ ସେ ବନ୍ଧୁଙ୍କ ସହ ଆଲୋଚନା କରି ପାରିବେ ।

ସନ୍ଧ୍ୟା । ରାଜା ଏବଂ ଶ୍ରୀମନ୍ତ ପ୍ରାସାଦର ଛାତ ଉପରେ ବସିଥା'ନ୍ତି । ରାଜା ତାଙ୍କୁ ତିନି ତରୁଣଙ୍କ କଥା କହିଲେ । ଶ୍ରୀମନ୍ତ ଅବଶ୍ୟ ସେମାନଙ୍କୁ ବହୁବାର ଦେଖିଥିଲେ; ରାଜାଙ୍କଠାରୁ କୌଣସି ସନ୍ଦେଶ ବା ଉପହାର ଧରି ପ୍ରତ୍ୟେକେ ଏକାଧିକ ଥର ତାଙ୍କୁ ଯାଇ ତାଙ୍କ ଆଶ୍ରମରେ ଭେଟିଥିଲେ । ଶ୍ରୀମନ୍ତ ମଧ୍ୟ ରାଜାଙ୍କ ସହ ଏକମତ ହେଲେ ଯେ ତିନିହେଁ ଗୁଣବାନ୍ ଯୁବକ ।

ରାଜା ତାଙ୍କର ଦୁଇ ମନ୍ତ୍ରୀଙ୍କ ମତ କଥା କହନ୍ତେ ଶ୍ରୀମନ୍ତ କହିଲେ, ''ଭୁବନ ଯୁଦ୍ଧବିଦ୍ୟାରେ ଯେତେ ନିପୁଣ ହେଲେ ମଧ୍ୟ ସେନାପତିଙ୍କ ଠାରୁ ଅଧିକ ନିପୁଣ ନୁହନ୍ତି । ଉପଯୁକ୍ତ ରାଜା ହେବା ନିମନ୍ତେ ତାହା ଅନ୍ୟତମ ଗୁଣ, କିନ୍ତୁ ଏକମାତ୍ର ଗୁଣ ନୁହେଁ । ଜୟକୁମାରଙ୍କର ଶୃଙ୍ଖଳାବୋଧ ଅଭିନନ୍ଦନୀୟ । ତାଙ୍କୁ ରାଜ୍ୟର ସର୍ବୋଚ୍ଚ ଶାସନ ସଚିବ ପଦ ଦେଲେ ଅନ୍ୟ ଅଧିକାରୀମାନଙ୍କୁ ସେ ଶୃଙ୍ଖଳିତ କରିବେ । ରାଜା ହେବା ପାଇଁ ଲୋଡ଼ା ଅନ୍ୟ କିଛି ଗୁଣ । ଦେଖିବା ପରୀକ୍ଷା କରି ।''

କଥାବାର୍ତ୍ତା ଭିତରେ ସେ ବୁଝିଲେ, ପ୍ରାସାଦର ତଳ ମହଲରେ ଗୋଟିଏ କକ୍ଷ ସଦ୍ୟ ମରାମତ ହୋଇଛି । ସେଥିରେ କୌଣସି ଜିନିଷପତ୍ର ନାହିଁ । ତାଙ୍କ ପରାମର୍ଶରେ ରାଜା ତିନି ତରୁଣଙ୍କୁ ଡକାଇଲେ ଓ କହିଲେ –

''ଶୁଣ ବାବୁମାନେ, ତଳେ ଯେଉଁ କକ୍ଷଟି ବିଲକୁଲ ଖାଲି ଅଛି, ବାହାରୁ କିଛି ଗୋଟାଏ ନେଇ ତୁରନ୍ତ ତାକୁ ତହିଁ ଦ୍ୱାରା ଭର୍ତ୍ତି କରିଦେବା ଲୋଡ଼ା । ଏମିତି ଭର୍ତ୍ତି ହେବ ଯେ କକ୍ଷର କୋଣରେ ବି ଟିକିଏ ସ୍ଥାନ ଖାଲି ପଡ଼ିବ ନାହିଁ । ଏହା କେମିତି ସମ୍ଭବ ହେବ ? ମୋତେ ମୋର ଏ ବନ୍ଧୁଟି ଏହି ପ୍ରଶ୍ନ ପଚାରି ଅଡୁଆରେ ପକାଇଛନ୍ତି । ତୁମେମାନେ ଉତ୍ତର ଦେଇପାରିବ ?''

ତିନି ତରୁଣ ନୀରବ ରହିଲେ କିଛିକ୍ଷଣ; ଚିନ୍ତିତ ଦେଖାଗଲେ ମଧ୍ୟ । ତେବେ ଶୁଭଦର୍ଶୀଙ୍କ ମୁହଁରେ ଟିକିଏ ହସ ଖେଳିଗଲା ମୁହୂର୍ତ୍ତକ ପାଇଁ ।

‘‘ଆଜ୍ଞା, ମୁଁ ରାତିକ ଭିତରେ ତାହା ଫୁଲ ଫଳରେ ଭର୍ତ୍ତି କରିଦେଇପାରେ’’, ଭୁବନ କହିଲେ ।

‘‘କିନ୍ତୁ ଫୁଲ ଫଳ ଭିତରେ ଭିତରେ ଫାଙ୍କ ରହିବ ହିଁ ରହିବ ।’’ ରାଜା କହିଲେ ।

‘‘ମୁଁ ରାତିକ ଭିତରେ କୋଠରିକୁ ବାଲି ଦ୍ୱାରା ପୂର୍ଣ୍ଣ କରିପାରେ, ଫାଙ୍କ ରହିବ ନାହିଁ,’’ କହିଲେ ଜୟକୁମାର ।

ଶୁଭଦର୍ଶୀ ଚୁପ୍ ଥା’ନ୍ତି । ରାଜା ତାଙ୍କ ଆଡ଼େ ଅନାଇବାରୁ ସେ କହିଲେ, ‘‘ମୋ ସହ ଆସନ୍ତୁ । ମୁଁ ଆପଣଙ୍କ ଆଗରେ ହିଁ ମୁହୂର୍ତ୍ତକ ଭିତରେ କକ୍ଷଟିକୁ ପୂର୍ଣ୍ଣ କରି ଦେବି ।’’

‘‘ସତେ ? ବଡ଼ ବିସ୍ମୟକର ପ୍ରତିଶ୍ରୁତି ଦେଉଛ ତ ପୁଅ !’’ ରାଜା ଏ ମନ୍ତବ୍ୟ ଦେବା ସଙ୍ଗେ ସଙ୍ଗେ ସମସ୍ତଙ୍କୁ ଧରି ତଳ ମହଲାର ସେ ଶୂନ୍ୟ କୋଠରିକୁ ଗଲେ ।

ଅନ୍ଧକାର କୋଠରିଟି ଆଗରେ ପହଞ୍ଚି ଶୁଭଦର୍ଶୀ କହିଲେ, ‘‘ମୁହୂର୍ତ୍ତେ ଅପେକ୍ଷା କରନ୍ତୁ ।’’

ସେ ପରମୁହୂର୍ତ୍ତରେ ଗୋଟିଏ ଉଜ୍ଜ୍ୱଳ ଆଲୋକବର୍ତ୍ତିକା ଆଣି କକ୍ଷ ଭିତରେ ପଶିଲେ ଏବଂ କହିଲେ, ‘‘ଦେଖନ୍ତୁ, ବର୍ତ୍ତମାନ ସମଗ୍ର କକ୍ଷ ଆଲୋକରେ ପୂର୍ଣ୍ଣ !’’

ରାଜା ଓ ଶ୍ରୀମନ୍ତ ଆନନ୍ଦରେ ତାଳି ବଜାଇଲେ । ଭୁବନ ଏବଂ ଜୟକୁମାର ମଧ୍ୟ ତାହା କଲେ ।

ରାତିରେ ଶ୍ରୀମନ୍ତ ରାଜାଙ୍କୁ ପଚାରିଲେ, ‘‘କ’ଣ ତୁମ ସିଦ୍ଧାନ୍ତ ?’’

‘‘ସେଇଟା କ’ଣ ତୁମକୁ କହିବାକୁ ପଡ଼ିବ ?’’ ରାଜା ପ୍ରତିପ୍ରଶ୍ନ କଲେ ଓ କହିଲେ, ‘‘ତୁମ ସୌଜନ୍ୟରୁ ତାହା ତ ବଳେ ବଳେ ସ୍ଥିର ହୋଇଗଲା !’’

ଉଭୟେ ହସିଲେ । ଶ୍ରୀମନ୍ତ କହିଲେ, ‘‘ଜଣେ ରାଜା ଯଦି ବୁଦ୍ଧିମାନ୍ ଏବଂ ଜ୍ଞାନୀ ହୋଇଥିବ ତେବେ ରାଜ୍ୟ ପକ୍ଷରେ ତାହାଠୁଁ ହିତକର ଆଉ କିଛି ନାହିଁ । ଶୁଭଦର୍ଶୀ ସେଇ ଦୁଇଗୁଣରେ ସମୃଦ୍ଧ । ସେ କୋଠରିଟି ଭଳି ତା’ ଜ୍ଞାନାଲୋକରେ ଦିନେ ଦୀପ୍ୟମାନ ହେଉ ଏ ରାଜ୍ୟ ।’’

ଯଥା ସମୟରେ ରାଜା ଶୁଭଦର୍ଶୀଙ୍କୁ ଯୁବରାଜ ଘୋଷଣା କଲେ । ଭୁବନଙ୍କୁ ରାଜ୍ୟ ସୁରକ୍ଷା ବିଭାଗର ଉପଦେଷ୍ଟା ଏବଂ ଜୟକୁମାରଙ୍କୁ ମୁଖ୍ୟ ସଚିବ ପଦରେ ଅଭିଷିକ୍ତ କଲେ ।

❑❑❑


Let us prepare for the Hour of God.

*(MCW, Vol. 15, p. 174)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (0413 2334542)

# ନୂଆ ଦୁନିଆ ଓ ନୂଆ ମଣିଷର ସ୍ୱପ୍ନ

## ପ୍ରପତ୍ତି

ବହୁକାଳରୁ ଆମେ ନୂଆ ଦୁନିଆର ସ୍ୱପ୍ନ ଦେଖି ଆସିଛୁ । ଏଇ ପୃଥିବୀ, ଏଇ ସଂସାର ଓ ତା' ସଙ୍ଗେ ସଙ୍ଗେ ଏହି ଜୀବନଧାରାରେ ଯେ ଆମେ ସନ୍ତୁଷ୍ଟ ନୋହୁଁ – ଏ ବିଷୟରେ ଆଲୋଚନା କରିବା ଅନାବଶ୍ୟକ । ଏହି ଅସନ୍ତୋଷ, ଅତୃପ୍ତି ଓ ଅପୂର୍ଣ୍ଣତା ମଧ୍ୟରୁ ଗୋଟିଏ ନୂଆ ଦୁନିଆ, ନୂତନ ପୃଥିବୀର କଥା ବରାବର ମନରେ ଉଠେ । ଏପରି ଦୁନିଆ ଆମେ ଖୋଜୁ ଯେଉଁଠାରେ ସବୁକିଛି ସୁନ୍ଦର, ମହାନ୍, ପବିତ୍ର, ଦିବ୍ୟ ହୋଇଥିବ । ଜରା, ରୋଗ, ମୃତ୍ୟୁ, ଦୁଃଖ, ଅବସାଦ, ଭୟ, ପ୍ରବଞ୍ଚନାର ଅବସାନ ଘଟିଥିବ । ଅମୃତ, ଜ୍ୟୋତିଃ, ଶକ୍ତି, ଜ୍ଞାନ, ଆନନ୍ଦ, ଶାନ୍ତି, ସମତା, ପୂର୍ଣ୍ଣତା ଯେଉଁଠାରେ କାର୍ଯ୍ୟକାରୀ ହୋଇଥିବ ଏବଂ ମନୁଷ୍ୟ ଏସବୁର ବୋଧ ଓ ଉପଲବ୍ଧି ମଧ୍ୟରେ ଧୀରେ ଧୀରେ ଅଗ୍ରସର ହେଉଥିବ । ଏହାଛଡ଼ା ସମଗ୍ର ବିଶ୍ୱଜଗତରେ ଯେପରି ଗୋଟାଏ ଅଭୂତପୂର୍ବ ଶୃଙ୍ଖଳା ଓ ସମନ୍ୱୟ ଦେଖା ଦେଉଥିବ । ଧୀରେ ଧୀରେ ଏସବୁ ଚିନ୍ତା କଲେ ଆମ ମନ ସ୍ୱପ୍ନିଳ ହୋଇଉଠେ ଏବଂ ଏପରି ଏକ ପୃଥିବୀ କେବେ ଯେ ସମ୍ଭବ ନୁହେଁ ଏହାହିଁ ଶେଷ ସିଦ୍ଧାନ୍ତ ବୋଲି ମନେ ହୁଏ । ଏପରିକି ଖ୍ରୀଷ୍ଟଙ୍କ ଭାବଧାରା ଗ୍ରହଣ କରି ଯଦି ଆମେ କଳ୍ପନା କରୁ ଯେ ପୃଥିବୀରେ ସ୍ୱର୍ଗରାଜ୍ୟ ସମ୍ଭବ, ତଥାପି ତାହାର କୌଣସି ବାସ୍ତବ ସୂତ୍ର ଆମେମାନେ ପାଉ ନାହୁଁ । ଗାନ୍ଧିଜୀଙ୍କ 'ରାମରାଜ୍ୟ' ବା ଖ୍ରୀଷ୍ଟଙ୍କ 'ସ୍ୱର୍ଗରାଜ୍ୟ' କବିକଳ୍ପିତ ଦେବଲୋକ ହୋଇପାରେ; ମାତ୍ର ଏହି ପୃଥିବୀରେ ତା'ର ପ୍ରତିଷ୍ଠା ଅସମ୍ଭବ, କାର୍ଯ୍ୟକାରିତା ତ ଏକେବାରେ ଅସମ୍ଭବ ।

ସୁତରାଂ ପ୍ରଶ୍ନ ହେବ, ମନୁଷ୍ୟର ଏପରି କଳ୍ପନାଜଳ୍ପନା ବରାବର ତା'ର ଚେତନାର ବିକାଶ ସଙ୍ଗେ ସଙ୍ଗେ ରହି ଆସିଛି କାହିଁକି ? ସେ ମୃତ୍ୟୁମୁଖରେ ପଡ଼େ ମାତ୍ର ଅମରତ୍ୱର ପିପାସୀ, ଅନ୍ଧକାରରେ ଥାଏ ମାତ୍ର ଜ୍ୟୋତିର ସନ୍ଧାନ କରେ, ବନ୍ଧନରେ ଥାଏ ମାତ୍ର ମୁକ୍ତିର ବରାବର ସ୍ୱପ୍ନ ଦେଖେ; ଦୁଃଖ, କଷ୍ଟ, ଯନ୍ତ୍ରଣା, ଭୟ, ଅବସାଦରେ ବୁଡ଼ି ରହିଥିଲେ ମଧ୍ୟ କେଉଁଠାରେ ଗୋଟାଏ ଅବିମିଶ୍ର ଆନନ୍ଦ ଓ ସୁଖର ଇଙ୍ଗିତ ଲାଭ କରେ, ସେଥିପାଇଁ ଆଶାୟୀ ହୋଇଥାଏ । ଦୁଇ ବିବଦମାନ ଓ ବିରୋଧୀ ବସ୍ତୁ ମଧ୍ୟରେ ମନୁଷ୍ୟର ଜୀବନ ଗତି କରୁଛି । ତା'ର ମୃତ୍ୟୁର ପଶ୍ଚାତରେ ଅମୃତର ସନ୍ଧାନ, ଅନ୍ଧକାରର ପଶ୍ଚାତରେ ଆଲୋକର ଆକାଙ୍କ୍ଷା, ବନ୍ଧନର ପଶ୍ଚାତରେ ମୁକ୍ତିର ଆଶା, ଦୁଃଖ, ବିପଦ ଓ କଷାଘାତର ପଶ୍ଚାତରେ ସୁଖ ଓ ଆନନ୍ଦ ବୋଧ ବରାବର ହିଁ ରହି ଆସିଛି । ହୁଏତ ଏହି ଆଶା, ଆକାଙ୍କ୍ଷା, ବିଶ୍ୱାସ, ସନ୍ଧାନ ଓ ଅଭୀପ୍ସା ତାକୁ ସୀମାହୀନ କାଳବକ୍ଷରେ ଏକ ଅନନ୍ତ ପଥଯାତ୍ରାରେ ସହାୟତା କରିଛି । ସେ ଯେପରି ଏକ ଅନାଗତ ଭବିଷ୍ୟତ୍ ଆଡ଼କୁ ଅପେକ୍ଷା କରି ରହିଛି – ଯେଉଁ ସ୍ୱପ୍ନର ଭବିଷ୍ୟତ୍ ତାକୁ ଅମୃତ, ଆଲୋକ, ଜ୍ଞାନ, ଶକ୍ତି, ପ୍ରେମ ଓ ଦିବ୍ୟତା ପ୍ରଦାନ କରିବ । ମହାନ୍ ଓ ଦୁରନ୍ତ କାଳବକ୍ଷରେ କୋଟି କୋଟି ବର୍ଷର ଉତ୍ଥାନ ପତନ ମଧ୍ୟରେ ସଂଶୟାକୁଳ ମନର ଦ୍ୱନ୍ଦ୍ୱ, ସନ୍ଦେହ ଓ ପଛଘୁଞ୍ଚା ଓ ମୁହ୍ୟମାନତା ମଧ୍ୟରେ କେବେହେଲେ ମନୁଷ୍ୟ ଏହି ସ୍ୱପ୍ନରୁ ବିରତ ହୋଇ ନାହିଁ । ସୀମାକୁ ଭାଙ୍ଗି ଅସୀମ ଆଡ଼କୁ, ଦୁଃଖକୁ ଦୂରକରି ଶାନ୍ତି ଓ ସୁଖ ଆଡ଼କୁ, ଅବସାଦ ଓ ଭୟକୁ ଦୂର କରି ପ୍ରସନ୍ନତା ଓ ନିର୍ଭୟତା ଆଡ଼କୁ, ଘୃଣା ଓ ବିଦ୍ୱେଷକୁ ଲୋପ କରି ପ୍ରେମ ଓ ଶ୍ରଦ୍ଧାକୁ ସେ ବାରଂବାର ଆବାହନ କରିଛି । ଗଭୀର ଅନ୍ତର୍ଦୃଷ୍ଟି ଦେଇ ଦେଖିଲେ ମନେ ହେବ ମନୁଷ୍ୟ କେବଳ ଏଇ ଆଶା, ପିପାସା, ଅଭୀପ୍ସା ଓ ସଙ୍କଳ୍ପକୁ ଧରି ବଞ୍ଚି ରହିଛି; ସକଳ ଦୁଃଖ, ଅନ୍ଧକାର, ମିଥ୍ୟା ଓ ମୂଢ଼ତାର ସମୁଦ୍ରକୁ ପହଁରି ପହଁରି ଭବିଷ୍ୟତରେ ସେ ପୂର୍ଣ୍ଣ ଜ୍ଞାନମୟ ଦିବ୍ୟ ଉପକୂଳ ଆଡ଼କୁ ଚାଲିଛି ।

ତେବେ ମନୁଷ୍ୟର ଏହି ଆଶା କ'ଣ କେବେ ପୂର୍ଣ୍ଣ ହେବ ନାହିଁ ? ଏ ସମ୍ବନ୍ଧରେ ଶ୍ରୀଅରବିନ୍ଦ ସ୍ପଷ୍ଟ ଭାବରେ ଘୋଷଣା କରୁଛନ୍ତି – ମନୁଷ୍ୟର ଏହି ଅଭୀପ୍ସା ଯେ କେବଳ ପୂର୍ଣ୍ଣ ହେବ ତାହା ନୁହେଁ, ପୂର୍ଣ୍ଣ ହେବା ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ । ଶ୍ରୀଅରବିନ୍ଦ ଯେଉଁ ଯୁକ୍ତି ଓ ସିଦ୍ଧାନ୍ତ ଏ ସମ୍ବନ୍ଧରେ ଦେଖାଇଛନ୍ତି ତାହା ଖୁବ୍ ସରଳ, ପ୍ରାଞ୍ଜଳ ଏବଂ ଅକାଟ୍ୟ ।

ପ୍ରଧାନତଃ ଦୁଇଟି ସୂତ୍ର ଉପରେ ଏହି ସିଦ୍ଧାନ୍ତ ପର୍ଯ୍ୟବସିତ । ପ୍ରଥମତଃ, ମନୁଷ୍ୟ ଏକ ମଧ୍ୟବର୍ତ୍ତୀକାଳୀନ ଜୀବ । ସେ ଅପରିଣତ, ଅସମ୍ପୂର୍ଣ୍ଣ ବା ଅର୍ଦ୍ଧ ସମାପ୍ତ । ସେ ପରିପୂର୍ଣ୍ଣତା, ଅର୍ଥାତ୍ ପୂର୍ଣ୍ଣ ସଜ୍ଞାନତା, ପୂର୍ଣ୍ଣ ଶକ୍ତି ଓ ପୂର୍ଣ୍ଣ ଆନନ୍ଦ ଦିଗରେ ଅଗ୍ରଗତି କରୁଅଛି । ବର୍ତ୍ତମାନ ମନୁଷ୍ୟ ଏକ

ମଧ୍ୟବର୍ତ୍ତୀ ସ୍ତରରେ ରହିଛି । ନିମ୍ନରେ ଘୋର ଅଜ୍ଞାନତା, ନିଘଞ୍ଚ ଅନ୍ଧକାରର ଭୂମି, ଊର୍ଦ୍ଧ୍ୱରେ ପୂର୍ଣ୍ଣ ଜ୍ୟୋତିଃ, ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଶକ୍ତି ଓ ପୂର୍ଣ୍ଣ ଆନନ୍ଦର ଭୂମିସକଳ – ଏହି ଉଭୟ ଭୂମି ମଧ୍ୟରେ ଅର୍ଦ୍ଧସ୍ଫୁଟ ଚେତନା ଓ ଶକ୍ତିକୁ ଧାରଣ କରି ମନୁଷ୍ୟ ଦଣ୍ଡାୟମାନ । ଯାହା ମୂଳତତ୍ତ୍ୱ ଓ ସତ୍ୟ, ଯାହା ଧ୍ରୁବ ଓ ସତ୍ୟ-ଚେତନା, ଯାହା ଏ ସୃଷ୍ଟିର ନିଗୂଢ଼ ସତ୍ୟ, ତାହା ନିଶ୍ଚୟ ପରିସ୍ଫୁଟ ହେବ, ନିଶ୍ଚୟ ହିଁ ପ୍ରକାଶିତ ହେବ, ନିଶ୍ଚୟ ହିଁ ବିକଶିତ ହେବ । ଏହି ପ୍ରସ୍ଫୁଟନ, ବିବର୍ତ୍ତନ ଓ ଅଭ୍ୟୁତ୍ଥାନ ଅନିବାର୍ଯ୍ୟ, ଅବଶ୍ୟମ୍ଭାବୀ । ମନୁଷ୍ୟର ଚେତନା, ଶକ୍ତି, ସାମର୍ଥ୍ୟ, ଦେହ, ପ୍ରାଣ, ମନ ସବୁଗୁଡ଼ିକ ଅପୂର୍ଣ୍ଣ, ସୀମିତ ଓ ସ୍ୱଳ୍ପ, – ତାହା ପୂର୍ଣ୍ଣତା, ଅନନ୍ତତା, ବୃହତ୍ ଓ ବ୍ୟାପକ ଦିଗରେ ନିଶ୍ଚୟ ହିଁ ଗତି କରିବ । ଏହା ହିଁ ସୃଷ୍ଟିର ଧର୍ମ, ବିକାଶଶୀଳ ପୃଥିବୀର ଗତିଧାରା । ଯଦି ମନୁଷ୍ୟର ଅନ୍ତଃସ୍ଥଳରେ ଭ୍ରୁଣ ରୂପେ ସେହି ମହାସତ୍ୟ, ଜ୍ୟୋତିଃ, ଜ୍ଞାନ ଓ ଆନନ୍ଦ ବିଦ୍ୟମାନ ତେବେ ଏହା ଦିନେ ନା ଦିନେ ବିକଶିତ ହେବ । ମନୁଷ୍ୟ ନିଶ୍ଚୟ ହିଁ ପରିପୂର୍ଣ୍ଣତା ପ୍ରାପ୍ତ ହେବ ଏବଂ ଯେଉଁ ଆଶା, ଅଭୀପ୍ସା ଓ ଦୁର୍ନିବାର ପିପାସା ଧରି ଚାଲିଛି – ସତ୍ୟ, ଜ୍ୟୋତିଃ, ଜ୍ଞାନ ଓ ଆନନ୍ଦ ନିମିତ୍ତ; ତାହା ନିଶ୍ଚୟ ହିଁ ପୂର୍ଣ୍ଣ ହେବ ।

ଏହି ଉପପାଦ୍ୟରୁ ଅନ୍ୟ ଏକ ଅନୁଶୀଳନ ଏହି ଯେ ମନୁଷ୍ୟ ତା'ର ଅଭିଳଷିତ ବସ୍ତୁ ଲାଭ କରିପାରୁ ନାହିଁ । କାରଣ ସେ ଦ୍ୱୈତ-ପ୍ରକୃତିବିଶିଷ୍ଟ ଜୀବ । ଅର୍ଥାତ୍ ତା' ମଧ୍ୟରେ ଦୁଇଟା ପ୍ରକୃତି କାର୍ଯ୍ୟ କରୁଛି – ଗୋଟାଏ ଉଚ୍ଚତର ପ୍ରକୃତି, ଅନ୍ୟଟି ନିମ୍ନତର ପ୍ରକୃତି । ତା'ର ଉଚ୍ଚ ପ୍ରକୃତିରେ ଯାହା ସେ ସଙ୍କଳ୍ପ କରୁଛି, ତାହାର ନିମ୍ନ ପ୍ରକୃତି ସେହି ସଙ୍କଳ୍ପକୁ ଧ୍ୱଂସ କରୁଛି । ଉଚ୍ଚତର ପ୍ରକୃତି ଜ୍ଞାନ, ଜ୍ୟୋତିଃ, ଆନନ୍ଦ, ଶାନ୍ତି, ସମତା, ସୌନ୍ଦର୍ଯ୍ୟ, ପ୍ରେମ ଓ ସମନ୍ୱୟ ଚାହେଁ; ଆଉ ନିମ୍ନ ପ୍ରକୃତି ହିଂସା, ଦ୍ୱେଷ, କ୍ରୋଧ ଓ ଅହଙ୍କାରରେ ପରିପୂର୍ଣ୍ଣ । ଏହି ଦୁଇଟି ପ୍ରକୃତିକୁ ଧରି ମନୁଷ୍ୟ ଚାଲୁଥିବାରୁ ଏହା ତାହାର ଦୁର୍ଭାଗ୍ୟ । ସେଥିପାଇଁ ତାହାର ସତ୍ତାରେ ଦ୍ୱନ୍ଦ୍ୱ, ବିରୋଧ ଓ ବିଭେଦ । ମନୁଷ୍ୟ ଯଦି ଏକକ ପ୍ରକୃତିର ଜୀବ ହୋଇ ଥାଆନ୍ତା ତେବେ ଏହି ବିଭେଦ, ଦ୍ୱନ୍ଦ୍ୱ ଓ ବିଶୃଙ୍ଖଳା ତାହା ମଧ୍ୟରେ ଦେଖା ଦିଅନ୍ତା ନାହିଁ । ପୂରାପୂରି ପଶୁତୁଲ୍ୟ ହୋଇଥିଲେ ସୁଖ, ଶାନ୍ତି, ନିର୍ଦ୍ୱନ୍ଦ୍ୱ ଅବସ୍ଥାରେ ରହି ହୁଅନ୍ତା କିଂବା ଦେବତାତୁଲ୍ୟ ପୂର୍ଣ୍ଣ ଜ୍ଞାନ ଓ ପୂର୍ଣ୍ଣ ଜ୍ୟୋତିଃ ମଧ୍ୟରେ ଥିଲେ ସୁଖ, ଶାନ୍ତି ଓ ସୁଷମା ମଧ୍ୟରେ ଥାଆନ୍ତା । ମାତ୍ର ମନୁଷ୍ୟ ଏକେବାରେ ପଶୁ ନୁହେଁ ବା ପୂର୍ଣ୍ଣ ରୂପେ ଦେବତା ମଧ୍ୟ ନୁହେଁ । ସେ ପଶୁତ୍ୱ ଓ ଦିବ୍ୟତ୍ୱର ମିଶ୍ରଣରେ ଗଢ଼ା; ଦୁଇ ବିପରୀତ ବସ୍ତୁର ସମାହାର – ଅର୍ଦ୍ଧଦେବତା ଓ ଅର୍ଦ୍ଧପଶୁ । ସୁତରାଂ ସୁଖ, ଶାନ୍ତିରେ ରହିବା, ପୂର୍ଣ୍ଣ ଜ୍ୟୋତିଃ ଓ ପୂର୍ଣ୍ଣ ଜ୍ଞାନ ଲାଭ କରିବା ମନୁଷ୍ୟ ପକ୍ଷରେ ଏକେବାରେ ଅସମ୍ଭବ । ଯେପର୍ଯ୍ୟନ୍ତ ମନୁଷ୍ୟର ପଶୁ ପ୍ରକୃତିର ପରିବର୍ତ୍ତନ ନ ହୋଇଛି ଏବଂ ତାହାର ନିମ୍ନ ପ୍ରକୃତିର ରୂପାନ୍ତର ନ ଘଟିଛି, ସେପର୍ଯ୍ୟନ୍ତ ମନୁଷ୍ୟ ଜୀବନରେ ସମତା, ସମନ୍ୱୟ, ସୁଖଶାନ୍ତି ଦେଖାଦେବ ନାହିଁ । ଆଉ ମନୁଷ୍ୟ ଯେ ଏକକ ପ୍ରକୃତିରେ ପରିଣତ ହେବ ଏହା ହିଁ ନିଶ୍ଚିତ । ଅବଶ୍ୟ ଏଥିପାଇଁ ସମୟ ଆବଶ୍ୟକ । ଆମେ ଯେଉଁ ନୂତନ ମନୁଷ୍ୟର କଥା କଳ୍ପନା କରୁଛୁ, ପ୍ରକୃତରେ ତାହା ହିଁ ରୂପାନ୍ତରିତ, ଏକକ ପ୍ରକୃତି ବିଶିଷ୍ଟ ଦିବ୍ୟମାନବ । ଏହାର ବହୁବିଧ ସ୍ତର ଓ ବହୁବିଧ ବିଧାନ ଅଛି । ମନୁଷ୍ୟ ପ୍ରକୃତିର ରୂପାନ୍ତର ହେବା ଏକ ଅତି କଠିନ ବ୍ୟାପାର ଏବଂ ମନୁଷ୍ୟକୁ ଏହି ନିମ୍ନ ଭୂମିରୁ ଊର୍ଦ୍ଧ୍ୱଭୂମିକୁ ଉଠାଇ ନେବା ମଧ୍ୟ ଏକ କଠିନ ସମସ୍ୟା ।

ଶ୍ରୀଅରବିନ୍ଦ ଏହି କ୍ଷେତ୍ରରେ ଅନନ୍ୟ ସାଧାରଣ କୃତିତ୍ୱ ଦେଖାଇଛନ୍ତି । ସ୍ୱୀୟ ଦୁରଧିଗମ୍ୟ ସାଧନା ଓ ସିଦ୍ଧି ବଳରେ ଊର୍ଦ୍ଧ୍ୱଭୂମିରୁ ସେ ଦିବ୍ୟ-ଅତିମାନସ ଜ୍ୟୋତିଃ, ଶକ୍ତି ଓ ଆନନ୍ଦ ଉତାରି ଆଣି ବିଶ୍ୱ ବିବର୍ତ୍ତନର ଧାରାକୁ ତ୍ୱରାନ୍ୱିତ କରିଛନ୍ତି ଏବଂ ଏହି ଘୋର ଦୁର୍ଦ୍ଦିନରେ ମନୁଷ୍ୟଜାତି ନିମିତ୍ତ ସୂର୍ଯ୍ୟଦୀପ୍ତ ପଥ ପରିଷ୍କାର କରିଛନ୍ତି । ଯେଉଁ ନୂଆ ଦୁନିଆର ସେ ନକ୍ସା ଦେଇଛନ୍ତି ତାହା ଏହି ନୂତନ ତତ୍ତ୍ୱ, ନୂତନ ଶକ୍ତି ଓ ନୂତନ ଚେତନା ଉପରେ ପ୍ରତିଷ୍ଠିତ । ଏହି ତତ୍ତ୍ୱ ଓ ଶକ୍ତି ହିଁ ପୃଥିବୀ-ବିବର୍ତ୍ତନର ମୂଳ ରହସ୍ୟ । ପ୍ରତ୍ୟେକ ବସ୍ତୁର ନିଗୂଢ଼ ସତ୍ୟ ହିଁ ଏହି 'ସତ୍ୟ-ଚେତନା', 'ବିଜ୍ଞାନ', 'ଋତ୍-ଚିତ୍' । ଏହାରି ପ୍ରସ୍ଫୁରଣ ଓ ପ୍ରକାଶ ଫଳରେ ପୃଥିବୀରେ ନବୀନ ସୃଷ୍ଟିର ସମ୍ଭାବନା ଦେଖାଦେଲା, ନୂତନ ମନୁଷ୍ୟ, ନୂତନ ମାନବଜାତିର ପ୍ରତିଷ୍ଠାର ଉପାୟ ଖୋଲିଗଲା ।

ମନୁଷ୍ୟ ଯୁଗ ଯୁଗ ଧରି ଯେଉଁ ଅନବଦ୍ୟ ଅକଳ୍ପନୀୟ ନୂତନ ସୃଷ୍ଟି ଓ ଦିବ୍ୟ-ବିଧାନର ପ୍ରତିଷ୍ଠା ଓ ପରିଚାଳନା ନିମିତ୍ତ ଅପେକ୍ଷା କରୁଥିଲା ତାହା ଶ୍ରୀଅରବିନ୍ଦଙ୍କ ସାଧନାରେ ପୂର୍ଣ୍ଣାଙ୍ଗତା ପ୍ରାପ୍ତ ହେଲା । ସମୟ ଓ ସୁଯୋଗକ୍ରମେ ପାର୍ଥିବ ଜୀବନଧାରା ପରିବର୍ତ୍ତିତ ହେବ ଏବଂ ଏହି ପରିବର୍ତ୍ତନରେ ମନୁଷ୍ୟର ଭାଗ୍ୟଚକ୍ର ଘୂରିଯିବ, ସୃଷ୍ଟିର ଏକ ନୂତନ ପର୍ଯ୍ୟାୟ ଖୋଲିଯିବ । ଆଗାମୀ କାଳର ନୂଆ ଦୁନିଆ ଓ ନୂଆ ମଣିଷର ସ୍ୱପ୍ନ ସଫଳ ହେବ ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୨୩୯ - ୨୪୧) ❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୪୮)

## ମହେନ୍ଦ୍ରନାଥ ସ୍ୱାଇଁ

### କୃପା ଦୃଷ୍ଟିର ପ୍ରଭାବ :

ଆମ୍ଭମାନଙ୍କ ଭିତରୁ ଅନେକେ ବେଳେ ବେଳେ ନିଜକୁ ଜଣେ ଅଚିହ୍ନା ବ୍ୟକ୍ତି ବୋଲି ଭାବିଥାଉ; ଯେପରିକି ଏହି ଜଗତରେ ମୋତେ କେହି ଚିହ୍ନି ନାହାନ୍ତି, ମୁଁ ବି କାହାକୁ ଚିହ୍ନି ନାହିଁ । ଅପରପକ୍ଷରେ ଆମର ଏକ ହସଖୁସିର ପରିବାରଟିଏ ଅଛି – ସ୍ତ୍ରୀ, ସ୍ୱାମୀ, ସନ୍ତାନସନ୍ତତି ମଧ୍ୟ ଅଛନ୍ତି । କିନ୍ତୁ ଆମେ କାହିଁକି ବେଳେ ବେଳେ ନିଜକୁ ପିତୃମାତୃହୀନ (orphan) ପରି ମନେ କରୁ – ଆମ ଭିତରକୁ ନିଃସଙ୍ଗ ଭାବଟିଏ କାହିଁକି ସଂକ୍ରମିତ ହୋଇ ଆସେ । ମନେହୁଏ ଆମେ ଯେପରି ସବୁଥିରୁ ବଞ୍ଚିତ ହୋଇ ଯାଇଛୁ । ତଥାପି ଆମେ ଭଲପାଇବା ଅସ୍ତ୍ରଟିକୁ ହାତଛଡ଼ା କରି ନ ଥାଉ । ମା'ଙ୍କୁ ଭଲପାଉ, ପ୍ରଭୁ ଶ୍ରୀଅରବିନ୍ଦଙ୍କୁ ଭଲପାଉ, ପୃଥିବୀକୁ ଭଲପାଉ, ଏହି ଭଲ ପାଇବାରେ ଥାଏ ସକଳଙ୍କୁ ଆପଣାର କରିବାର ଭାବ; ଫଳରେ ଆମର ନିଃସଙ୍ଗତା ଦୂରୀଭୂତ ହୋଇଯାଏ । ଏହି ସତ୍ୟଟି ଦିବ୍ୟଜନନୀ ଶ୍ରୀମାଙ୍କର ଅକ୍ଟୋବର ୭, ୧୯୧୩ ପ୍ରାର୍ଥନାଟିର ଅନ୍ତଃସ୍ରୋତରେ ପ୍ରବାହିତ ହେଉଅଛି ।

ତାହା ଏହିପରି –

"THIS return after an absence of three months to the house which is consecrated to Thee, O Lord, has been the occasion of two experiences. The first is that in my outer being, my surface consciousness, I no longer have the least feeling of being in my own home and the owner of anything there: I am a stranger in a strange land, much more of a stranger here than in the open countryside among the trees; and I smile, now that I have learnt what l did not know, I smile at the idea of having felt myself 'mistress of the house', an idea I had before my departure; it was necessary for all pride to be broken, crushed, trampled down definitively so that I could at last understand, see and feel things as they are. I used to offer to Thee this dwelling, O Lord, as though it were possible that l should possess something and consequently be able to make an offering of it to Thee. All is Thine, O Lord, it is Thou who placest all things at our disposal; but how blind we are when we imagine that we can be owners of any one of these! I am a visitor here as elsewhere, as everywhere, Thy messenger and Thy servant upon earth, a stranger among men, and yet the very soul of their life, the love of their heart. . . ."

(Prayers and Meditations, page - 32)

ମା କହୁଛନ୍ତି, ''ହେ ପ୍ରଭୁ, ତିନି ମାସର ଅନୁପସ୍ଥିତି ପରେ ଆପଣଙ୍କୁ ଉତ୍ସର୍ଗ କରି ଦେଇଥିବା ଗୃହଟି ଭିତରକୁ ମୁଁ ଯେତେବେଳେ ଫେରିଲି ଏବଂ ତାହା ମଧ୍ୟକୁ ପ୍ରବେଶ କଲି, ସେତେବେଳେ ମୋତେ ଦୁଇଟି ଅନୁଭୂତି ପ୍ରାପ୍ତ ହେବାର ସୁଯୋଗ ମିଳିଲା । ପ୍ରଥମଟି ହେଲା ମୋର ବାହ୍ୟ ସତ୍ତାରେ, ମୋ ଚେତନାର ଉପରି ଭାଗରେ, ମୋତେ ଅଳ୍ପ ଟିକିଏ ବି ଅନୁଭୂତ ହେଲା ନାହିଁ ଯେ ମୁଁ ମୋ ନିଜ ଘରକୁ ଆସିଛି ବୋଲି ଏବଂ ସେଠାରେ ଯାହାସବୁ ଅଛି ସେ ସମସ୍ତର ମୁଁ ଅଧିକାରିଣୀ : ମୋର ମନେ ହେଉଥିଲା ମୁଁ ଏକ ଅଜଣା ସ୍ଥାନରେ ଅଜଣା ବ୍ୟକ୍ତିଟିଏ । ଅଧିକନ୍ତୁ ସତେ ଅବା ମୁଁ ଗ୍ରାମ୍ୟ-ଜନପଦରେ, ସବୁଜ ବୃକ୍ଷଲତାମାନଙ୍କ ଗହଣରେ ଭ୍ରମଣ କରୁଥିବା ସମୟରେ ସେମାନେ ଯେପରି ଲାଗୁଥିଲେ – ତାହାଠାରୁ ଅଧିକ ଅଜଣା ଅଶୁଣା; ଏବଂ ମୋ ଠଠରେ ଏକ ସ୍ମିତହାସ୍ୟର

ରେଖା ଖେଳିଗଲା କାରଣ ଏପର୍ଯ୍ୟନ୍ତ ମୁଁ ଯାହା ଜାଣି ନ ଥିଲି ତାହା ଜାଣିଗଲି, ଘରୁ ବିଦାୟ ନେଇ ବାହାରକୁ ଯିବା ପୂର୍ବରୁ 'ମୁଁ ଘରର ମାଲିକାଣୀ' ବୋଲି ଯେଉଁ ଧାରଣା ଥିଲା ତାହା ମନେ ପକାଇ ଟିକିଏ ହସିଦେଲି । ସକଳ ପ୍ରକାର ଗର୍ବ, ଦମ୍ଭକୁ ଭାଙ୍ଗି ଚୁର୍‌ମାର୍ କରିଦେବା ପାଇଁ, ପାଦତଳେ ଦଳିଚକଟି ଦେବା ପାଇଁ ଏହାର ଆବଶ୍ୟକତା ଥିଲା ବୋଲି ଅବଶେଷରେ ମୁଁ ଜାଣି ପାରିଲି, ଫଳତଃ ମୁଁ ବସ୍ତୁମାନଙ୍କର ଅସଲ ସ୍ୱରୂପକୁ ବୁଝିପାରିବି, ଦେଖିପାରିବି ଏବଂ ଅନୁଭବ କରିପାରିବି ।''

ମା ପୁନଶ୍ଚ କହୁଛନ୍ତି, ''ହେ ପ୍ରଭୁ, ମୁଁ ଏହି ବାସସ୍ଥଳୀଟିକୁ ଆପଣଙ୍କୁ ନିବେଦିତ କରି ଆସୁଥିଲି, ମୋର ଇଚ୍ଛା – ମୁଁ ଯେଉଁ ବସ୍ତୁସକଳ ମୋ ଅଧିକାରକୁ ନେଇ ଆସିବି, ସେସବୁକୁ ପରେ ଆପଣଙ୍କ ପାଦତଳେ ନିବେଦିତ କରି ଦେବାକୁ ସମର୍ଥ ହୋଇ ପାରିବି । ହେ ପ୍ରଭୁ, ସବୁ ତ ଆପଣଙ୍କର, ଆପଣ ସବୁ କିଛି ଆମ ହାତରେ, ଆମ ଦାୟିତ୍ୱରେ ଦେଇ ଦେଇଛନ୍ତି; କିନ୍ତୁ ଆମେସବୁ ଏତେ ଅନ୍ଧ ଯେ ଆମେ କିପରି ଭାବୁଛୁ, ଏସବୁର ମାଲିକ ବୋଲି ! ଅନ୍ୟ ସ୍ଥାନରେ ମୁଁ ଯେପରି ଜଣେ ପରିଦର୍ଶକ (visitor), ଏଠାରେ ମଧ୍ୟ ସେହିପରି । ତାଦୃଶ ଆପଣଙ୍କର ଆଜ୍ଞାବହ ଦୂତ ଏବଂ ଏହି ପୃଥିବୀ ଉପରେ ଆପଣଙ୍କର ଦାସାନୁଦାସ, ସାଧାରଣ ଜନତାଙ୍କ ମଧ୍ୟରେ ମୁଁ ଜଣେ ବିଦେଶିନୀ, ତଥାପି ସେମାନଙ୍କ ଜୀବନର ମୁଁ ହିଁ ଆତ୍ମା, ସେମାନଙ୍କ ହୃଦୟସ୍ଥ ପ୍ରେମ.....''

ଉକ୍ତ ପ୍ରାର୍ଥନାଟିରେ ମା ଆମ୍ଭମାନଙ୍କର ଅହଂକାର, ପ୍ରଭୁତ୍ୱବୋଧ, ଅଧିକାରବୋଧ, ମାଲିକପଣିଆଁ ଉପରେ ଆଲୋକପାତ କରିଛନ୍ତି । ଆମେ କେଉଁ ଆଭିମୁଖ୍ୟ ନେଇ ଧନଅର୍ଜନ, ସମ୍ପତ୍ତି ଆହରଣ, ଗୃହନିର୍ମାଣ ଇତ୍ୟାଦି କାର୍ଯ୍ୟ କରିବା ତାହା ସ୍ପଷ୍ଟ କରି ଦେଇଛନ୍ତି । ଆମେ ଯାହା କରୁଛେ, ଯାହାସବୁ ନିଜର ବୋଲି କହି ମାଲିକ ବୋଲାଉଛେ ତାହା ସବୁ ପ୍ରଭୁଙ୍କର । ଆମେ ସେଗୁଡ଼ିକୁ ଆହରଣ କରି ପ୍ରଭୁଙ୍କ ପାଦତଳେ ଅର୍ଘ୍ୟ ରୂପରେ ସମର୍ପଣ କରିଦେବା ସବୁଠାରୁ ଭଲ ବୋଲି ମା କହୁଛନ୍ତି । ଫଳତଃ ସେହିସବୁ ବସ୍ତୁ, ଶକ୍ତି, ଧନ, ମାନ, ଯଶ ଓ ପାରିଲାପଣିଆର ଅସଲ ଚେହେରାଟି ଦେଖି ପାରିବା ।

ଆମର ପ୍ରାର୍ଥନା ହେବ, ''ହେ ପ୍ରଭୁ, ମୋତେ ଆପଣଙ୍କର ଦାସ କରି ରଖନ୍ତୁ, ଦୂତ କରି ରଖନ୍ତୁ, କିନ୍ତୁ ମୁଁ ଯେପରି ମଣିଷମାନଙ୍କୁ ଭଲ ପାଇପାରେ ଏବଂ ସେମାନଙ୍କର ହୃଦୟ ଭିତରେ ରହିଥାଏ ।''

ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦରେ ଦିବ୍ୟଜନନୀ ଶ୍ରୀମା ତାଙ୍କ ବାସଗୃହର ପରିବେଶ ଓ ପରିସ୍ଥିତି (atmosphere) କିପରି ପରିବର୍ତ୍ତିତ ହୋଇ ଯାଇଛି ସେ ବିଷୟରେ ବର୍ଣ୍ଣନା କରିଛନ୍ତି । ମା କହୁଛନ୍ତି, ''ମୋ ଗୃହର ସମଗ୍ର ପରିବେଶ ଏକ ଧାର୍ମିକ ଗାମ୍ଭୀର୍ଯ୍ୟରେ ପରିପୂର୍ଣ୍ଣ ହୋଇଯାଇଛି; ଧ୍ୟାନ କରିବା ଏଠାରେ ଅଧିକ ସହଜ ହୋଇ ଯାଇଛି, ବସିଲା ମାତ୍ରକେ ଯେ କେହି ସ୍ୱତଃପ୍ରବୃତ୍ତ ଭାବରେ ଭିତରକୁ ଟାଣି ହୋଇ ଯିବେ (ingathered) ଏବଂ ଗଭୀରତା ଭିତରେ ବୁଡ଼ିଯିବେ । ବିକ୍ଷିପ୍ତତା କେଉଁଆଡ଼େ ଉଭେଇଯିବ ଏବଂ ତା'ର ସ୍ଥାନଟିକୁ ଏକାଗ୍ରତାକୁ ହସ୍ତାନ୍ତର କରିଦେବ; ଏବଂ ମୁଁ ଅନୁଭବ କରୁଛି ମୋର ମସ୍ତିଷ୍କ ଭିତରୁ ଏହି ଏକାଗ୍ରତା (concentration) ନିମ୍ନକୁ ପ୍ରବାହିତ ହୋଇ ମୋ ହୃଦୟ ଭିତରେ ପ୍ରବେଶ କରୁଛି ଏବଂ ମସ୍ତିଷ୍କ ଠାରୁ ହୃଦୟ ଅଧିକ ଶକ୍ତିଶାଳୀ ଭାବରେ ତାକୁ ଗ୍ରହଣ କରିବାକୁ ସମର୍ଥ ହେଉଛି । ଏପରିକି ଗତ ତିନି ମାସ ଧରି ଯାହାକୁ ମୁଁ ମୋ ମସ୍ତିଷ୍କ ଦେଇ ଭଲ ପାଉଥିଲି ବର୍ତ୍ତମାନ ତାହାକୁ ମୋ ହୃଦୟ ଦେଇ ଭଲ ପାଇବାକୁ ଆରମ୍ଭ କରିଛି; ଏବଂ ଏହା ମୋ ଭିତରକୁ ଏକ ଅତୁଳନୀୟ ଭାବଗାମ୍ଭୀର୍ଯ୍ୟ ଓ ମାଧୁର୍ଯ୍ୟର ଅନୁଭବ ନେଇ ଆସୁଛି ।''

ମା କହୁଛନ୍ତି ଯେ ତାଙ୍କ ସତ୍ତା ଭିତରେ ଏକ ନୂତନ ଦ୍ୱାର ଉନ୍ମୁକ୍ତ ହୋଇ ଯାଇଛି ଏବଂ ସମ୍ମୁଖରେ ପ୍ରଭୁଙ୍କର ଏକ ବିଶାଳ ସ୍ୱରୂପ ପ୍ରତିଭାତ ହେଉଅଛି ।

ଉକ୍ତ ପ୍ରାର୍ଥନାର ଶେଷ ଅନୁଚ୍ଛେଦ ଦ୍ୱୟରେ ମା ତାଙ୍କର ନିଜସ୍ୱ ଅନୁଭୂତି ଅଗଣିତ ସନ୍ତାନମାନଙ୍କ ସମକ୍ଷରେ ପ୍ରକାଶ କରିଛନ୍ତି । ମା କହୁଛନ୍ତି, ''ମୁଁ ବିନମ୍ର ଭକ୍ତିର ସହ ଏରୁଣ୍ଡି ବନ୍ଧ ପାର ହୋଇ ଯାଇଛି, ଯେଉଁ ଗୋପନ ପଥରେ ମୁଁ ପାଦ ଦେଇଛି, ଯେଉଁ ପଥଟି ଦୃଷ୍ଟି ପଥାରୂଢ଼ ହେଉ ନାହିଁ ଏବଂ ମନେ ହେଉଛି ଭିତରେ ତାହା ଆଲୋକିତ; ସେହି ପଥରେ ଚାଲିବାକୁ ମୁଁ ଉପଯୁକ୍ତ କି ନୁହେଁ ମୋତେ ଜଣା ନାହିଁ କିନ୍ତୁ ମୁଁ ଆଗକୁ ଚାଲିଛି ।

''ସବୁକିଛି ପରିବର୍ତ୍ତିତ ହୋଇ ଯାଇଛି, ସବୁକିଛି ନୂତନ ରୂପ ଧାରଣ କରିଛି, ପୁରାତନ ଜୀର୍ଣ୍ଣବସ୍ତ୍ର ଭଳି ଖସି ପଡ଼ିଛି ଏବଂ ନବଜାତ ଶିଶୁଟି ତା'ର ଅର୍ଦ୍ଧ-ଉନ୍ମୀଳିତ ଚକ୍ଷୁ ଦ୍ୱୟରେ ଜ୍ୟୋତିଷ୍ମାନ୍ ପ୍ରତ୍ୟୁଷକୁ ଚାହିଁ ରହିଛି ।''

ପ୍ରଭୁଙ୍କର କୃପା ହେଲେ ସବୁକିଛି ସମ୍ଭବ ହୋଇଥାଏ । ସାଧକର ପ୍ରାରବ୍ଧ ଯୁକ୍ତ କର୍ମ ଯଦି ତାକୁ ସାଧନା ମାର୍ଗରେ ସହାୟକ ହେଉ ନ ଥାଏ, ତାହା ହେଲେ ମଧ ପ୍ରଭୁଙ୍କର ଏକମାତ୍ର ଚାହାଣିରେ ତାହା ଦୂରୀଭୂତ ହୋଇଯାଇ ପଥ ପରିଷ୍କାର ହୋଇଯାଏ । ଏହି ପରିପ୍ରେକ୍ଷୀରେ ପ୍ରଭୁ ଶ୍ରୀଅରବିନ୍ଦଙ୍କ ଉପସ୍ଥିତିରେ ଯେଉଁ ଘଟଣାଟି ଘଟିଥିଲା ତାହା ଉଲ୍ଲେଖ କଲେ ଅତ୍ୟୁକ୍ତି ହେବ ନାହିଁ । ତାହାହେଲା –

ଶ୍ରୀଅରବିନ୍ଦ ୧୯୧୪ ରୁ ୧୯୨୧ ମସିହା ପର୍ଯ୍ୟନ୍ତ 'ଗେଷ୍ଟ ହାଉସ୍'ରେ ଅବସ୍ଥାନ କରୁଥା'ନ୍ତି । ବର୍ତ୍ତମାନ ଏହି 'ଗେଷ୍ଟ ହାଉସ୍' ଆଶ୍ରମ ପ୍ଲେ-ଗ୍ରାଉଣ୍ଡ ପରିସର ଭିତରେ ପଛପଟ ଗେଟ୍ ପାଖରେ ଅବସ୍ଥିତ । ସେତେବେଳେ ରମଣ-ମହର୍ଷି 'ତିରୁବନମଲ୍ଲାଇ' ନିକଟସ୍ଥ ଅରୁଣାଚଳ ପାହାଡ଼ ଉପରେ ଏକ ଗୁମ୍ଫାରେ ବାସ କରୁଥା'ନ୍ତି । ଜନୈକ ସନ୍ନ୍ୟାସୀ ରମଣ-ମହର୍ଷିଙ୍କ ଗୁମ୍ଫା ଦ୍ୱାର ନିକଟରୁ ଶ୍ରୀଅରବିନ୍ଦ ରହୁଥିବା 'ଗେଷ୍ଟ ହାଉସ୍'ର ଗେଟ୍ ପର୍ଯ୍ୟନ୍ତ ତୀର୍ଥଯାତ୍ରାରେ ଚାଲି ଚାଲି ଆସନ୍ତି, ପଥ ମଧ୍ୟରେ ପଡୁଥିବା ଗ୍ରାମମାନଙ୍କରୁ ପ୍ରତିଦିନ ମାତ୍ର ତିନୋଟି ଗୃହରୁ ଭିକ୍ଷା କରନ୍ତି, ତାହା ଭୋଜନ କରି ରାତ୍ରରେ ବୃକ୍ଷ ମୂଳରେ ଶୟନ କରନ୍ତି । ସେ ଟିକିଏ ଖର୍ବକାୟ ଥିବାରୁ ଲୋକେ ତାଙ୍କୁ ତାମିଲ ଭାଷାରେ 'କୁଲାସ୍ୱାମୀ' ଅର୍ଥାତ୍ 'ବାମନସ୍ୱାମୀ' ବୋଲି ଡାକୁଥିଲେ । ତାଙ୍କର ପଦଯାତ୍ରା ଆରମ୍ଭରେ ସେ ରମଣ-ମହର୍ଷିଙ୍କୁ ଦର୍ଶନ କରନ୍ତି ନାହିଁ କିଂବା ଫେରିଲା ବେଳେ ଶ୍ରୀଅରବିନ୍ଦଙ୍କୁ ମଧ ଦର୍ଶନ କରନ୍ତି ନାହିଁ । ତାଙ୍କ ଯାତ୍ରାର ସୀମା ଅରୁଣାଚଳରୁ ପଣ୍ଡିଚେରୀ; ତାହା ପୁଣି 'ଗେଷ୍ଟ ହାଉସ'ର ଫାଟକ ପର୍ଯ୍ୟନ୍ତ ।

ଦିନକର ଘଟଣା – 'ଗେଷ୍ଟ ହାଉସ'ର ଫାଟକଟି ଅଳ୍ପ ଖୋଲାଥାଏ । ସନ୍ନ୍ୟାସୀ 'କୁଲାସ୍ୱାମୀ' ଫାଟକଟିକୁ ଖୋଲି ଉପର ମହଲାକୁ ଉଠିଗଲେ, ଦେଖିଲେ ଶ୍ରୀଅରବିନ୍ଦ ଗୋଟିଏ ବେତ ଚଉକିରେ ବସିଛନ୍ତି, ସମ୍ମୁଖରେ ଗୋଟିଏ ବେତ ଟେବୁଲ । ସାମନାରେ ଆଉ ଗୋଟିଏ ଚୌକି ଖାଲିଅଛି । ସେହି ଚୌକିରେ ସେ ବସି ପଡ଼ିଲେ । ପାଖରେ ଠିଆ ହୋଇଥା'ନ୍ତି ନଳିନୀ, ବିଜୟ ଓ ଅନ୍ୟମାନେ । ସେମାନେ ଏ ପ୍ରକାର ଅନଧିକାର ଓ ଅପ୍ରତ୍ୟାଶିତ ପ୍ରବେଶକୁ ଦେଖି ଆଶ୍ଚର୍ଯ୍ୟ ହେଉଥା'ନ୍ତି, କିନ୍ତୁ କିଛି କହୁ ନ ଥା'ନ୍ତି, କାରଣ ଶ୍ରୀଅରବିନ୍ଦ ନୀରବରେ ବସି ଥାଆନ୍ତି । ଟେବୁଲ ଉପରେ ଗୋଟିଏ ଏନାମେଲ ମଗଟିଏ ଥୁଆ ହୋଇଥାଏ । ସେଥିରେ ଶ୍ରୀଅରବିନ୍ଦ ଚା କିଂବା କୋକୋ ପାନ କରନ୍ତି । 'କୁଲାସ୍ୱାମୀ' ମଗଟିକୁ ଉଠାଇଲେ, ସେଥିରେ ଯାହାଥିଲା ଚଟାଣରେ ଢାଳି ଦେଲେ; ପୁଣି ମଗଟିକୁ ଓଲଟାଇ ତଳମୁହାଁ କରି ଟେବୁଲ ଉପରେ ରଖିଦେଲେ । ଶ୍ରୀଅରବିନ୍ଦଙ୍କ ଆଡ଼କୁ ଦୁଇ ଥର ଚାହିଁଲେ ଜିଜ୍ଞାସୁ ଦୃଷ୍ଟିରେ । ତା'ପରେ ମଗଟିକୁ ଧରିଲେ, ତାକୁ ଖାଲି କରିବାର ଭଙ୍ଗି କଲେ ଏବଂ ତଳପଟ ଉପରକୁ କରି ଟେବୁଲ ଉପରେ ଥୋଇ ଦେଲେ; ପୁନର୍ବାର ଶ୍ରୀଅରବିନ୍ଦଙ୍କୁ ଗଭୀର ଦୃଷ୍ଟିରେ ଚାହିଁଲେ, ତା'ପରେ ଏହି ଅଦ୍ଭୁତ ପରିଦର୍ଶକ ଉଠି ଠିଆ ହେଲେ ଏବଂ ଗୋଟିଏ ବି ଶବ୍ଦ ଉଚ୍ଚାରଣ ନ କରି ଯେମିତି ଆସିଥିଲେ ସେମିତି ଚାଲିଗଲେ ।

ଉପସ୍ଥିତ ଅନୁଗାମୀ ଭକ୍ତମାନଙ୍କର ଅନୁରୋଧ ରକ୍ଷା କରି ପ୍ରଭୁ ଶ୍ରୀଅରବିନ୍ଦ କହିଲେ, ''ମୁଁ ସେହି ସମୟରେ ଦେଖିପାରିଲି ବହୁବର୍ଷ ଧରି ତାଙ୍କ ଯୋଗପଥ ବନ୍ଦ ହୋଇ ଯାଇଥିଲା । ମଗଟିକୁ ଖାଲି କରିବାର ଅର୍ଥ ହେଲା ତାଙ୍କୁ ଆହୁରି ଆଗେଇବାକୁ ପଡ଼ିବ, ଯାହା ଫଳରେ ତାଙ୍କର ପୂର୍ବସିଦ୍ଧି ଓ ଉପଲବ୍ଧି ଖାଲି କରିବାକୁ ସେ ସକ୍ଷମ ହୋଇ ପାରିବେ । ଏହି ଉପଦେଶ ସେ ଗ୍ରହଣ କଲେ ଏବଂ ଯୋଗ ପଥରେ ଆରୋହଣ ଉଦ୍ଦେଶ୍ୟରେ ଅଭିଯାନ ଆରମ୍ଭ କରିଦେଲେ ।''

ପ୍ରଭୁଙ୍କ କୃପାଦୃଷ୍ଟି ପ୍ରାପ୍ତ ହୋଇ କୁଲାସ୍ୱାମୀଙ୍କ ହୃଦୟ ନିର୍ମଳ ହୋଇଗଲା ଏବଂ ସେ ନୂତନ ପଥର ଯାତ୍ରୀ, ନବ ଚେତନାର ଅଭିଯାତ୍ରୀ ହୋଇଗଲେ ।

(ଦିବ୍ୟ ସମାଚାର ପୁସ୍ତକର
ପୃ. ୨୮-୨୯ରୁ ସଂଗୃହୀତ)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**


୧. Prayers and Meditations : The Mother

୨. Musing with the Prayers and Meditations of the Mother – Shyam Kumari

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୭୬)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହା ମୁଁ କେବେ ବି ଶୁଣି ନାହିଁ ଯେ କେହି ଚେଷ୍ଟା କରି ପ୍ରତିଭାଶାଳୀ ହୋଇଛି । ଜଣଙ୍କର ସହଜାତ ଦକ୍ଷତା ଥିଲେ ସେ ତାହା ବୃଦ୍ଧି କରିପାରେ ଶିକ୍ଷା ଏବଂ ପରିଶ୍ରମ ଦ୍ୱାରା; କିନ୍ତୁ ପ୍ରତିଭା ହେଉଛି ପ୍ରକୃତିର ଦାନ । ସାଧନା ଦ୍ୱାରା ତାହା ହୁଏ କି ନାହିଁ ତା' ଏକ ଭିନ୍ନ କଥା; କେହି କରିପାରେ, କିନ୍ତୁ ତାହା ପ୍ରଚେଷ୍ଟାର ଫଳ ନୁହେଁ, ତାହା ହୋଇଥାଏ ହୁଏତ କୌଣସି ଆନ୍ତର ପ୍ରବଣତା ଯୋଗୁଁ, କିଂବା ଉନ୍ମୀଳନ ଦ୍ୱାରା କିଂବା କୌଣସି ରୁଦ୍ଧ ଶକ୍ତି ଉନ୍ମୁକ୍ତ ହେବାରେ ଅଥବା ଅପ୍ରକାଶିତ କୌଣସି ଶକ୍ତିର ପ୍ରକାଶରେ । ଏସବୁ କ୍ଷେତ୍ରରେ କୌଣସି ନିୟମ କାର୍ଯ୍ୟ କରେ ନାହିଁ, ନିର୍ଭର କରେ ବ୍ୟକ୍ତି ଓ ପରିସ୍ଥିତି ଉପରେ । ଏହା ନିର୍ଭର କରେ ଯୋଗ ଦ୍ୱାରା ପ୍ରତିଭା କେତେ ପରିମାଣରେ ପ୍ରକାଶ ହୋଇ ପାରିବ ଏବଂ ତାହା କିପରି ରୂପ ନେବ ତଥା କୌଣସି ଅନୁଭବ ଓ କେତେ ପରିମାଣରେ ଏହା ଉର୍ଦ୍ଧ୍ୱକୁ ଗତି କରି ପାରିବ ତାହା ଉପରେ ମଧ୍ୟ ।

(୨୮.୦୭.୩୭)

**ଶ୍ରୀଅରବିନ୍ଦଙ୍କ ପତ୍ର :** ମା କେବେ ବି ତୁମକୁ ଏଠାରୁ ଚାଲିଯିବା ଲାଗି ଟଙ୍କା ଦେବେ ନାହିଁ, କାରଣ ସେ ଏ ପ୍ରକାରର ପଦକ୍ଷେପ ପାଇଁ ଅନୁମୋଦନ କରନ୍ତି ନାହିଁ ବା ମତ ଦିଅନ୍ତି ନାହିଁ; ଯାହାର କୌଣସି ସତ୍ୟର ଭିତ୍ତି ନାହିଁ, ତା'ର ଏକମାତ୍ର କାରଣ ଯାହାସବୁ ତୁମେ ଦେଖାଇଛ ତାହା ଏକେବାରେ ଅଯୌକ୍ତିକ ହତାଶା ଏବଂ ଅଭିମାନ – ତାହା ମଧ୍ୟ ସତ୍ୟର ଭିତ୍ତିହୀନ କାରଣ ଯୋଗୁଁ । ତୁମ ପ୍ରତି ମା'ଙ୍କର ମନୋଭାବ ଟିକିଏ ମାତ୍ର ବି ପରିବର୍ତ୍ତନ ହୋଇ ନାହିଁ – ସେ ତାଙ୍କ ସ୍ନେହ ଫେରାଇ ନେଇ ନାହାନ୍ତି କି ତୁମର ସାଧନା ସମ୍ବନ୍ଧରେ କୌଣସି ନିରାଶା ଅନୁଭବ କରି ନାହାନ୍ତି ଅଥବା ପ୍ରକାଶ ବି କରି ନାହାନ୍ତି । ତୁମର ସଂଗୀତ ସମ୍ବନ୍ଧରେ ସମର୍ଥନକୁ ସେ କେବେ ବି ପ୍ରତ୍ୟାହାର କରି ନାହାନ୍ତି । ଏ ସମ୍ବନ୍ଧରେ ଆମେ କେବଳ ଗୋଟିଏ କାରଣ ଧରି ପାରିଛୁ – ତାହା ହେଉଛି ତୁମର ଅହଂର ଗୋଟିଏ ବୃତ୍ତିକୁ ନିରୁତ୍ସାହିତ କରିବା ନିମନ୍ତେ; ଏଇ ଧାରଣା ତୁମ ପ୍ରାଣ ମଧ୍ୟରେ ସୃଷ୍ଟି ହୋଇଛି ଏବଂ କେତେଗୁଡ଼ିଏ ଦୋଷକୁ ଦୂର କରିବା ନିମନ୍ତେ ଚାପ ଦେବା ଲାଗି, ଯାହା ତୁମେ ନିଜେ ହିଁ ସ୍ୱୀକାର କରିଥିଲ ଓ ସେଗୁଡ଼ିକୁ ଜୟ କରିବାକୁ ଚାହିଁଥିଲ । ଏହା ଛଡ଼ା ତୁମ ସଂଗୀତର କୌଣସି ଅନୁଷ୍ଠାନର ଉପଲକ୍ଷ୍ୟେ କେତେଗୁଡ଼ିଏ ପ୍ରସ୍ତାବ ତାଙ୍କର ଯଥୋପଯୁକ୍ତ ମନେ ନ ହେବାରୁ ସ୍ଥଗିତ ରଖିଥିଲେ । କିନ୍ତୁ ଏ ସବୁ ତ ସେ ପୂର୍ବରୁ ବି କରିଥିଲେ, ତୁମେ ଖୁବ୍ ଖୁସି ହେବାରୁ ଏବଂ ତୁମକୁ ଦେଖାଇ ଦେବା ଓ ଜଣେଇ ଦେବା ଲାଗି ଯେ କେଉଁଠାରେ ତୁମକୁ ପରିବର୍ତ୍ତନ କରିବାକୁ ହେବ । ତୁମେ ନିଜେ ହିଁ ଅହଂରୁ ମୁକ୍ତି ପାଇବାକୁ ଚାହିଁଥିଲ ଏବଂ ଯେଉଁ ଅଂଶଟି ବାଧା ଦେଉଛି ତା'ର ପରିବର୍ତ୍ତନ ମଧ୍ୟ ଚାହିଁଥିଲ ଏବଂ ତାହା କରିବାକୁ ତୁମେ ଅଗ୍ରସର ମଧ୍ୟ ହୋଇଥିଲ; କାର୍ଯ୍ୟତଃ ସେଇ ଜାଗାରୁ ଯେଉଁସବୁ ଗତିବୃତ୍ତି ଆସୁଛି ସେସବୁ ଯଦି ମା ସମର୍ଥନ କରି ଥାଆନ୍ତେ ବା ପ୍ରଶ୍ରୟ ଦେଇ ଥାଆନ୍ତେ ତା'ହେଲେ ତୁମର ଉଦ୍ଦେଶ୍ୟ ପୂରଣରେ ତାହା ସହାୟକ ହୋଇ ନ ଥାଆନ୍ତା । ତୁମର ଅନ୍ତିମ ପର୍ଯ୍ୟାୟର ପତ୍ରସବୁରୁ ମୁଁ କେବଳ ଏତିକି ଧରିପାରିଛି ଯେ ଏଇ ବାଧା ଦେଉଥିବା ଅଂଶଟି ଉପରେ ତୁମେ ଯେଉଁ ଚାପ ଦେଇଥିଲ ତାହା ବିଦ୍ରୋହ କରିଛି ଏହାର ବିରୋଧରେ ଏବଂ ଏଇ ଭାବ ହିଁ ସେଥିରେ ଫୁଟି ଉଠିଛି ଯେ ତା' ଉପରେ ଯେଉଁ ଦାବି କରାହୋଇଛି ସେଇଟା ତା' ପକ୍ଷରେ ଖୁବ୍ ଅଧିକ ଏବଂ କାର୍ଯ୍ୟତଃ ସେ ସେସବୁ କରିବାକୁ ଅକ୍ଷମ । ତେଣୁ ସେଥିରୁ ଅପସରି ଯିବା ହିଁ ଭଲ ଏବଂ ତୁମର ଅବସାଦଗ୍ରସ୍ତ ଅବସ୍ଥାରେ ତୁମେ ତୁମ ନିଜର ଅନୁଭୂତିକୁ ସେଇ ଅନୁଭବ ସହିତ ଏକ କରି ମିଶାଇ ଦେଇ ମା'ଙ୍କର ଉଦ୍ଦେଶ୍ୟ ଓ ମୂଳ ଭାବକୁ ଭୁଲ୍ ବୋଲି ପ୍ରତିପାଦିତ କରିଛ – ଯାହା ତୁମର ଆହୁରି ସ୍ୱଚ୍ଛ ଚେତନାରେ ହୋଇଥା'ନ୍ତା; ନଚେତ୍ ତୁମର ଭୁଲ୍‌କୁ ଯଥାଶୀଘ୍ର ସଂଶୋଧନ କରି ଥାଆନ୍ତ । ମୁଁ ଆଶା କରୁଛି ତୁମର ଏଇ ସ୍ୱଚ୍ଛ ଅଂଶଟି ଯାହା ତୁମ ମଧ୍ୟରେ ଏକ ବୃହତ୍ତର ଅଂଶ ତାହା ଶୀଘ୍ର

ହିଁ ନିଜକୁ ପୁନଃ ସମର୍ଥନ କରିବ ଏବଂ ତୁମର ପୂର୍ବର ନିର୍ଭୁଲ ସ୍ୱଚ୍ଛ ଦୃଷ୍ଟି ଓ ସତ୍ୟଭାବ ଫେରାଇ ଦେବ । ତୁମର ଚୈତ୍ୟିକ ବିଜୟ ଓ ଆଧ୍ୟାତ୍ମିକ ଉନ୍ନତି ଦିଗରେ ମୁଁ ସାହାଯ୍ୟ କରିବି ଏବଂ ଯେତେଟା ସମ୍ଭବ ତାହା ସର୍ବଦା ହିଁ କରିବି । ତୁମର ଏଠାରୁ ଚାଲିଯିବା ବା ସାଧନା ପରିହାର ବିଷୟରେ ଆମ ମଧ୍ୟରେ କେବେ ବି ମୁହୂର୍ତ୍ତକ ପାଇଁ ମଧ୍ୟ ଅନୁମୋଦନ କରୁ ନାହୁଁ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ନିର୍ଭର ପ୍ରତିଶ୍ରୁତି

## ହୃଷୀକେଶ ପଣ୍ଡା

ରାତି କେବେ ପାହିବ ଜଣା ନ ଥିଲେ ବି
ତୁମେ ଥିବ ଅନନ୍ତ ସମୟ ଯାଏ
ଦୁଆର ମୁକୁଳା କରି ବସିଥିବ ବିଶ୍ୱ ଗବାକ୍ଷରେ
ପ୍ରତିଶ୍ରୁତ ଅରୁଣ ରଙ୍ଗର ସକାଳକୁ ଅପେକ୍ଷା କରି ।

ହୁଏତ ସେତେବେଳକୁ ଅନେକେ ଭୁଲି ସାରିଥିବେ
ତୁମର ଏ ନିର୍ଭର ପ୍ରତିଶ୍ରୁତି
ନୂଆ ଏକ ଜୀବନର ସ୍ୱପ୍ନ ଦେଖା
କାଗଜ ଟୁକୁରା ପରି ଉଡ଼ି ବୁଲୁଥିବେ
ସଂକଳ୍ପର ଇଟା ଖଣ୍ଡସବୁ
ସେମାନଙ୍କ ଭଙ୍ଗା ଘର ଚାରିପଟେ ।

ଆଉ କିଛି ପରାସ୍ତ ସୈନିକ
ହୁଗୁଳା ଦମ୍ଭକୁ ଟାଣ କରିବା ପାଇଁ
ଚାଲିଥିବେ ମୌନ ଶୋଭାଯାତ୍ରାରେ
ଖୋଜୁଥିବେ ସେ ଘରର ଧୂସର ମାନଚିତ୍ରକୁ
କେଉଁ ଜନ୍ମରେ ପକାଇ ଥିବା ମୂଳଦୁଆକୁ ।

ରାତିର ଗାଢ଼ ଅନ୍ଧାର ଭିତରେ
ହୁଏତ କେହି ଜଣେ ବୋଳି ଦେଉଥିବ କଳା
ବାରଂବାର ସବୁରି ମୁହଁରେ
ଯେଉଁମାନେ ଚେଇଁ ଶୋଇଥିବେ ଜନ୍ମ ଜନ୍ମାନ୍ତର
ଅଚେତନାର ଗହନ ନିଦ୍ରାରେ ।

ତଥାପି କିଛି କାରିଗର ନିଶ୍ଚୟ ଥିବେ
ଶୁଦ୍ଧ ସୁବର୍ଣ୍ଣ ତୂଳି ଧରି
ଆଙ୍କୁଥିବେ ଚେତନାର ନୂଆ ଚିତ୍ରପଟ
ସଜାଡୁଥିବେ ଉଚ୍ଛୁଳା ନଦୀର ଘାଟ
ଉଜୁଡ଼ା ମଣିଷର ପୁଣ୍ୟ କ୍ଷେତ ।

ସେତେବେଳେ କେବଳ ତୁମେ ହିଁ ଥିବ ମା
କେବଳ ତୁମେ ହିଁ ଥିବ
ବଢ଼ାଇ ଦେଉଥିବ ସେମାନଙ୍କୁ ରଙ୍ଗ ଓ ତୂଳି
ଆଙ୍କିବାକୁ ସୂର୍ଯ୍ୟୋଦୟର ଛବି ମାଟିର ଦେହରେ,
ଯେଉଁ ଦିଗକୁ ଚାହିଁଲେ
ଝଟକୁଥିବ କେବଳ ତୁମରି ମୁହଁ
ତୁମେ ହିଁ ଥିବ ଏକଲା ନାବିକ
ନଦୀ କୂଳେ ନାଆଟିକୁ ଧରି
ସେ ରାତି ପାହିବା ପର୍ଯ୍ୟନ୍ତ ।।

❑❑❑



# କବି ନିଶିକାନ୍ତ

## (୭)

ନିଶିକାନ୍ତଙ୍କ ହାତକୁ 'ଆର୍ଯ୍ୟ' ପତ୍ରିକା ଆସିବା ପରେ ସେ ତାଙ୍କର ଈପ୍‌ସିତ ମହାପୁରୁଷ ଓ ଭବିଷ୍ୟତ୍‌-ଜୀବନର ଅବଲମ୍ବନ ସମ୍ବନ୍ଧେ ନିର୍ଣ୍ଣିତ ହୋଇ ଉଠିଥିଲେ । ସେଥିସକାଶେ ଭିତରେ ଭିତରେ ଶାନ୍ତିନିକେତନ ଛାଡ଼ିବା ପାଇଁ ସେ ପ୍ରସ୍ତୁତ ହେବାକୁ ଉଦ୍ୟମ କଲେ । ଅବଶ୍ୟ ଏହା ପୂର୍ବରୁ ଥରେ ବନ୍ଧୁ ବନବିହାରୀଙ୍କ ସହିତ ଶାନ୍ତିନିକେତନ ଛାଡ଼ିବାର ଉଦ୍ୟମ କରିଥିଲେ । ସେ ସମ୍ବନ୍ଧେ ଉଲ୍ଲେଖ କରୁଛୁ :

ନିଶିକାନ୍ତ ଓ ବନବିହାରୀଙ୍କ ସଦୃଶ ବହୁମୁଖୀ ପ୍ରତିଭାସମ୍ପନ୍ନ ଛାତ୍ରଦ୍ୱୟଙ୍କୁ ଶାନ୍ତିନିକେତନର କାର୍ଯ୍ୟଧାରାରେ ସକ୍ରିୟ ଅଂଶଗ୍ରହଣ ପୂର୍ବକ ସବୁଦିନ ପାଇଁ ସେଠାକାର ବାସିନ୍ଦା ହୋଇ ରୁହନ୍ତୁ ବୋଲି ରବୀନ୍ଦ୍ରନାଥ, ଦୀନେନ୍ଦ୍ରନାଥ ଏବଂ ମାଷ୍ଟର ମହାଶୟ (ନନ୍ଦଲାଲ ବସୁ) ପ୍ରମୁଖ ଆନ୍ତରିକ ଭାବରେ ଚାହୁଁଥିଲେ । କିନ୍ତୁ ବନବିହାରୀ ପିତାଙ୍କର ଜ୍ୟେଷ୍ଠ ପୁତ୍ର ହୋଇଥିବାରୁ ପାରିବାରିକ ଦାୟିତ୍ୱ ବହନ କରିବା ସକାଶେ ବାହାରେ ଚାକିରି କରିବାକୁ ମନସ୍ଥ କରି ଶାନ୍ତିନିକେତନ ଛାଡ଼ିବା କଥା ଭାବନ୍ତି । ନିଶିକାନ୍ତଙ୍କର ସେପରି କିଛି ଦାୟିତ୍ୱ ନ ଥିଲା । ତଥାପି ବନବିହାରୀଙ୍କ ସହିତ ପ୍ରଗାଢ଼ ବନ୍ଧୁତ୍ୱ ଥିବାରୁ ଉଭୟେ ସମାନ ଧରଣର ପରିକଳ୍ପନାରେ ଦୃଢ଼ ସିଦ୍ଧାନ୍ତ ନିଅନ୍ତି । ତେଣୁ ଦିନେ ଦୁହେଁ ରବୀନ୍ଦ୍ରନାଥଙ୍କୁ ଭେଟି ସମସ୍ତ କଥା କହି ଏକ ପରିଚୟ ପତ୍ର ବା ସାର୍ଟିଫିକେଟ୍‌ ଦେବାକୁ ଅନୁରୋଧ କରନ୍ତି । ଦୁହେଁ ଚାକିରି କରି ସ୍ୱାବଲମ୍ବୀ ହେବାକୁ ଚାହାନ୍ତି; ବାହାରେ ରହିଲେ ଅର୍ଥର ଆବଶ୍ୟକତା ରହିଛି ନିଶ୍ଚୟ — ଏଇସବୁ କଥା ଭାବି ରବୀନ୍ଦ୍ରନାଥ ଦୁହିଁଙ୍କୁ ସାର୍ଟିଫିକେଟ୍‌ ଦେବାକୁ ରାଜି ହୁଅନ୍ତି । କିନ୍ତୁ କଥାପ୍ରସଙ୍ଗରେ ସେ ଜାଣିବାକୁ ଆଗ୍ରହ ପ୍ରକାଶ କଲେ ଯେ ଦୁହେଁ କେଉଁ ଧରଣର ଚାକିରି କରିବାକୁ ମନସ୍ଥ କରିଛନ୍ତି ।

ବନବିହାରୀ ଜଣାଇଲେ, ''ଆମେ ସିନେମା ଲାଇନରେ ଯିବାକୁ ଠିକ୍‌ କରିଛୁ ।'' ରବୀନ୍ଦ୍ରନାଥ ଏକଥା ଶୁଣି ଆଶ୍ଚର୍ଯ୍ୟାନ୍ୱିତ ହୋଇ ଦୁହିଁଙ୍କୁ କେବଳ ଅପଲକ ନୟନରେ ଚାହିଁ ରହିଲେ । କିନ୍ତୁ ପରକ୍ଷଣରେ ଭାବିଲେ, ''ଅସୁବିଧା କ'ଣ ? କଳାଭବନର ଏହି ବହୁ ପ୍ରତିଭାବାନ୍‌ ଯୁବକ ଦ୍ୱୟ ସିନେମା ଲାଇନରେ ଗଲେ ସେଦିଗରେ ଉଚ୍ଚମାନର କିଛି ସୃଷ୍ଟି କରିପାରିବେ । ବନବିହାରୀ ସିତାର୍‌ ଓ ଏସ୍‌ରାଜ୍‌ ବଜାଇବାରେ ବେଶ୍‌ ଅଭିଜ୍ଞ ଓ ଦକ୍ଷ ବାଦ୍ୟଶିଳ୍ପୀ । ସେ ମଧ୍ୟ ଅଭିନୟପଟୁ, ଗ୍ରୀନ୍‌-ରୁମ୍‌ରେ ମେକ୍‌-ଅପ୍‌ ମଧ୍ୟ ବେଶ୍‌ ଭଲ ଭାବରେ ଜାଣେ, ଛବି ବି ଆଙ୍କି ପାରେ । ତେଣୁ ଚଳଚ୍ଚିତ୍ରରେ ପ୍ରୟୋଜନାନୁସାରେ ପ୍ରାକୃତିକ ଦୃଶ୍ୟମାନ ଆଙ୍କି ପାରିବ । ଆଉ ନିଶିକାନ୍ତ ତ ନିଜସ୍ୱ ନିଆରା ଧାରାରେ ଛବି ଆଙ୍କି ପାରିବ, ଭିନ୍ନ ସ୍ୱାଦର ସିନେମା-ସଙ୍ଗୀତ ବି ରଚନା କରି ପାରିବ ।...'' ଏସବୁ କଥା ଭାବି କବିଗୁରୁ ନିଜର ବ୍ୟକ୍ତିଗତ ସଚିବଙ୍କ ନିକଟରୁ ସେ ଦୁହିଁଙ୍କର ଯୋଗ୍ୟତାନୁଯାୟୀ ନିଜର ସ୍ୱାକ୍ଷରିତ ସାର୍ଟିଫିକେଟ୍‌ ଆଣିଦେଲେ ।

ଏ ଦିଗରେ ସମସ୍ତ କିଛିର ବନ୍ଦୋବସ୍ତ ହୋଇଯିବାର ଅବ୍ୟବହିତ ପୂର୍ବରୁ ଦୁହେଁ ମୁହୂର୍ତ୍ତକ ସକାଶେ ସିଦ୍ଧାନ୍ତ ନେଲେ ଯେ ଦୀନେନ୍ଦ୍ରନାଥ ଓ ନନ୍ଦଲାଲଙ୍କର ମତାମତ ଓ ଆଶୀର୍ବାଦ ନେବା ଏକାନ୍ତ ଆବଶ୍ୟକ । ଦୀନେନ୍ଦ୍ରନାଥ ଦୁହିଁଙ୍କ କଥା ଶୁଣି କହିଲେ, ''ସିନେମା ଲାଇନରେ ଗଲେ ତୁମମାନଙ୍କର ଚରିତ୍ର ନିମ୍ନଗାମୀ ହୋଇପାରେ । ତେଣୁ ଏ ପଥରେ ଯାଅ ନାହିଁ । ତୁମ ଦୁହିଁଙ୍କ ସକାଶେ ଅନ୍ୟ କାମର ବ୍ୟବସ୍ଥା ହୋଇଯିବ ।''

ସେତେବେଳେ ନନ୍ଦଲାଲ ଶାନ୍ତିନିକେତନରେ ଅନୁପସ୍ଥିତ ଥିଲେ । ପତ୍ର ମାଧ୍ୟମରେ ଦୁଇ ପ୍ରିୟ ଛାତ୍ରଙ୍କର ପରିକଳ୍ପନା ଜାଣି ସେ ଏକ କାଗଜରେ ଗଣେଶଙ୍କ ଛବି ଆଙ୍କି ଚିଠିର ନିମ୍ନରେ ଲେଖିଦେଲେ, ''ଗଣେଶଙ୍କୁ ଟିକିଏ ସାବଧାନରେ ରଖିବ । ଓଲଟାଇଲେ ବିପଦ ।'' ପତ୍ର ପାଇବା ମାତ୍ରେ ଦୁହେଁ ଉପରୋକ୍ତ ଇଙ୍ଗିତରୁ ହୃଦୟଙ୍ଗମ କଲେ ମାଷ୍ଟର ମହାଶୟ ମଧ୍ୟ ଆପତ୍ତି କରୁଛନ୍ତି । ଏହାପରେ ଦୁହେଁ ସେଥର ଶାନ୍ତିନିକେତନରୁ ବିଦାୟ ନେବାରୁ କ୍ଷାନ୍ତ ହୋଇଥିଲେ ।

କିନ୍ତୁ ଦୀନେନ୍ଦ୍ରନାଥ ଓ ନନ୍ଦଲାଲ ଦୁଇ ଛାତ୍ରଙ୍କ ସକାଶେ କାମର ବନ୍ଦୋବସ୍ତ କରିଦେଲେ । କେବଳ କଳାଭବନର ଛାତ୍ରମାନଙ୍କର ଡ୍ରଇଁ କ୍ଲାସ ନେବେ । ବିନା ଖର୍ଚ୍ଚରେ ରହିବା ଓ ଖିଆପିଆ କରିବାର ବନ୍ଦୋବସ୍ତ କରି ଦିଆଯିବ । ଆଉ ମାସକୁ ହାତ ଖରଚ ସକାଶେ ଦଶ ଟଙ୍କା କରି ଦିଆଯିବ । ପୁନଶ୍ଚ କଳାଭବନର ଛାତ୍ର ଥିବା ବେଳେ ଦୁହେଁ ଯେମିତି ଛବି

ଆଙ୍କୁଥିଲେ ବା ସଙ୍ଗୀତ-ଚର୍ଚ୍ଚା କରୁଥିଲେ ତା' ପୂର୍ବବତ୍ ଚାଲୁ ରଖିବେ । ଏ ସର୍ତ୍ତରେ ଦୁହେଁ ରାଜି ହୋଇଗଲେ ।

ଏମିତି କିଛି ଦିନ ଖୁବ୍ ସ୍ୱଚ୍ଛନ୍ଦରେ ବିତିଯିବା ପରେ ଦିନେ ବନବିହାରୀଙ୍କଠାରୁ ନିଶିକାନ୍ତ ପାଇଲେ ଶ୍ରୀଅରବିନ୍ଦଙ୍କର 'ଆର୍ଯ୍ୟ' ପତ୍ରିକାର ବନ୍ଧେଇ ସଂସ୍କରଣ । ଏହା ପାଠ କରିବା ପରଠୁ ଶାନ୍ତିନିକେତନରେ ତାଙ୍କର ପଡ଼ି ରହିବା ନିରର୍ଥକ ବୋଲି ବୋଧ ହେଲା । ଜଳ ବିହୁନେ ମତ୍ସ୍ୟ କି ତିଷ୍ଠିପାରେ ! ତେଣୁ ଯାହା ଅନିବାର୍ଯ୍ୟ ତାହା ହିଁ ଘଟିଲା । ଅବଶେଷରେ ନିଶିକାନ୍ତ କବିଗୁରୁଙ୍କଠାରୁ ସବୁଦିନ ପାଇଁ ବିଦାୟ ନେବାକୁ ସକ୍ଷମ ହେଲେ । ସେତେବେଳେ ବୟସ ତାଙ୍କର ତେଇଶ ବର୍ଷ ।

ଅତି ଆପଣାର ବନ୍ଧୁ ଶାନ୍ତିନିକେତନରୁ ଚାଲିଯିବା ପରେ ଦୀନେନ୍ଦ୍ରନାଥ ଓ ନନ୍ଦଲାଲ ବନବିହାରୀଙ୍କର ମନୋଭାବ ମର୍ମେ ମର୍ମେ ହୃଦୟଙ୍ଗମ କରି ତାଙ୍କ ସକାଶେ ଅହମଦାବାଦରେ ଭଲ ଚାକିରିଟିଏ କରି ଦେଲେ ।

ବନବିହାରୀଙ୍କର ଜନ୍ମସ୍ଥାନ ଥିଲା ବେଲୁର ମଠର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ, 'ବାଲି'ରେ । ବନ୍ଧୁତ୍ୱ ସୂତ୍ରରୁ ଛୁଟି ଦିନରେ ନିଶିକାନ୍ତ ବନବିହାରୀଙ୍କ ଘରକୁ ଗଲେ ତାଙ୍କ ପରିବାରବର୍ଗ, ବିଶେଷ କରି ତାଙ୍କ ମା ନିଶିକାନ୍ତଙ୍କୁ ନିଜ ପୁତ୍ରତୁଲ୍ୟ ଖୁବ୍ ଆଦର କରୁଥିଲେ । ଭୋଜନପ୍ରିୟ ଓ ରସିକ ପିଲାଟିକୁ ଖୁଆଇ ପିଆଇ ସେ ବେଶ୍ ଆନନ୍ଦ ପାଉଥିଲେ । ଆଉ ନିଶିକାନ୍ତ ମଧ ମାତୃସ୍ନେହରେ ବନ୍ଧା ପଡ଼ି ଯାଇଥିଲେ । ତେଣୁ ତାଙ୍କ ଘରେ ସେ ଅନାୟାସରେ ବସବାସ କରୁଥିଲେ । ଆଉ ସେଠାକାର କତିପୟ ଅବିବାହିତ ମାଷ୍ଟରଙ୍କ ସହିତ ତାଙ୍କର ବେଶ୍ ଘନିଷ୍ଠତା ଥିଲା ।...

୧୯୩୩ ମସିହାର ମେ-ଜୁନ୍ ମାସରେ ନିଶିକାନ୍ତ ଶାନ୍ତିନିକେତନରୁ ଚିର ବିଦାୟ ନେବା ସକାଶେ ଅନ୍ତରରେ ଦୃଢ଼ ସଂକଳ୍ପ ନେବା ପରେ ନନ୍ଦଲାଲଙ୍କୁ ଭେଟି କିଛି ଦିନ ସକାଶେ ବାଲି ଯାଉଛନ୍ତି ବୋଲି କହି ଅନ୍ତରରେ ତୀବ୍ର କୃତଜ୍ଞତାପୂର୍ବକ ତାଙ୍କ ପାଦପଦ୍ମରେ ଶେଷ ପ୍ରଣାମ ଜଣାଇଲେ । ଏବଂ ବନବିହାରୀ ତଥା ଉପରୋକ୍ତ ବନ୍ଧୁବର୍ଗଙ୍କର ସମ୍ମିଳିତ ନାମରେ ବାଲିକୁ ଏକ ପତ୍ର ଲେଖିଲେ : ''ମୁଁ କିଛି ଦିନ ଭିତରେ ବାଲି ଆସୁଛି ଏବଂ ତୁମମାନଙ୍କ ସହିତ ବେଶ୍ କିଛି ଦିନ ରହିବି ।'' ଚିଠି ପହଞ୍ଚିବାର ଦଶ, ପନ୍ଦର ଦିନ ଭିତରେ ନିଶିକାନ୍ତ ବାଲିରେ ହାଜର । ସମସ୍ତେ ପୂର୍ବବତ୍ ଆନନ୍ଦୋଚ୍ଛ୍ୱାସର ସହିତ ତାଙ୍କୁ ବରଣ କରି ନେଲେ । ଏହାର ଦୁଇ, ତିନି ଦିନ ପରେ ସେ ଥରେ ଅନେକ ସ୍ମୃତି-ବିଜଡ଼ିତ ନିଜ ଗାଁ ଶିବହାଟିକୁ ଯିବାକୁ ଚାହିଁଲେ । ବୋଧହୁଏ ମାତୃସମା କାକିମା'କୁ ତାଙ୍କର ଶେଷ ପ୍ରଣାମ ଜଣାଇବାକୁ । ସପ୍ତାହକ ପରେ ପୁଣି ବାଲିକୁ ଫେରି ଆସିଲେ ।

ବାଲିରେ ନିଶିକାନ୍ତ ଚାରି ମାସ ରହିଥିଲେ । ଏହି ଅବସରରେ ସେ ତାଙ୍କର ଭବିଷ୍ୟତ୍ ସକାଶେ ଅଗ୍ରପଦକ୍ଷେପ ନେବା ପାଇଁ ଅନ୍ତରରେ ଓ ବାହାରେ ନିଜକୁ ପ୍ରସ୍ତୁତ କରିନେବାକୁ ଲାଗିଲେ । ତଥାପି ଏହି ଦୀର୍ଘ ସମୟ କିପରି ଏକେବାରେ ଅକର୍ମା ହୋଇ ବସିବେ ? ତେଣୁ ସ୍ଥାନୀୟ ବଙ୍ଗଶିଶୁ ବିଦ୍ୟାଳୟର ଅଙ୍ଗନରେ ଥିବା ବିରାଟ ଅଶ୍ୱତ୍ଥ ଗଛ ମୂଳରେ ବସି ପିଲାମାନଙ୍କୁ ବେଶ୍ ଆମୋଦପ୍ରଦ ତଥା ଶିକ୍ଷଣୀୟ ଗଳ୍ପସବୁ ଶୁଣାଉ ଥିଲେ । କେବେ କେବେ ଉପସ୍ଥିତ ଛାତ୍ରଛାତ୍ରୀଙ୍କର ବିଭିନ୍ନ ଭଙ୍ଗୀର ଛବିମାନ ଆଙ୍କୁଥିଲେ । ବାକି ସମୟରେ ବଡ଼ ଧରଣର ଛବି ଆଙ୍କିବାରେ ମନ ନିବିଷ୍ଟ କରୁଥିଲେ । ଏଥି ମଧ୍ୟରୁ ଗୋଟିଏ ଉଲ୍ଲେଖଯୋଗ୍ୟ ଛବି ଥିଲା 'ଗାନ୍ଧାରୀ ବୋଧନ'; ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କର ଯୌବନାବସ୍ଥା ଉପରେ ଅଙ୍କା ଏକ ପୂର୍ଣ୍ଣାବୟବ ଛବି । ଏତତ୍‌ବ୍ୟତୀତ ଶାନ୍ତିନିକେତନର ନୈସର୍ଗିକ ପ୍ରାକୃତିକ ଦୃଶ୍ୟସବୁର କେତୋଟି ଛବି । ଦୀର୍ଘ ସମୟ ତନ୍ମୟତାରେ ଅବସ୍ଥାନପୂର୍ବକ ଆଙ୍କିଥିବା ସେଇ ଛବିସବୁ ଅପୂର୍ବ ହୋଇ ଉଠିଥିଲା ।

ଦିନେ ଆନ୍ତର ପ୍ରେରଣାବଶତଃ ସେଇ ଛବିଗୁଡ଼ିକୁ ନେଇ ସେ କଲିକତାରେ ଅବନୀନ୍ଦ୍ରନାଥଙ୍କ ସମୀପରେ ଥୋଇ ଦେଲେ । ଅବନୀନ୍ଦ୍ରନାଥ ସେସବୁ ଉପରେ ଆଖି ବୁଲାଇ ନେଇ ଆନନ୍ଦରେ ବିଭୋର । ସେ ସିଦ୍ଧାନ୍ତ ନେଲେ ଏହି ଛବିଗୁଡ଼ିକୁ ଉପଯୁକ୍ତ ପରିବେଶରେ ପ୍ରଦର୍ଶନ କରିବେ ଏବଂ ଉପଯୁକ୍ତ ମୂଲ୍ୟରେ ବିକ୍ରୟ କରିବେ । ଏହା ସହିତ କଳାଭବନର ରହଣି କାଳରେ ନିଶିକାନ୍ତଙ୍କର ଅଙ୍କା କେତେଟି ଉଚ୍ଚମାନର ଛବି ମଧ ସେଥିରେ ସଂଯୋଗ କଲେ; ତନ୍ମଧ୍ୟରେ 'ଫେରିଓ୍ୱାଲୀ' ଅନ୍ୟତମ ଥିଲା । କିଛିଦିନ ପରେ ବିଶ୍ୱଭାରତୀ ତରଫରୁ ବମ୍ବେରେ ଆୟୋଜିତ ଏକ ବିରାଟ କଳା-ପ୍ରଦର୍ଶନୀରେ ନିଶିକାନ୍ତଙ୍କର ଛବିସବୁ ପ୍ରଦର୍ଶିତ ହୁଏ । ସେହି ପ୍ରଦର୍ଶନୀରେ ତାଙ୍କର 'ଗାନ୍ଧାରୀ-ବୋଧନ' ଓ 'ଫେରିଓ୍ୱାଲୀ' ଦୁଇଟି ଛବି ଉପଯୁକ୍ତ ଦାମ୍‌ରେ ବିକ୍ରୀ ହୁଏ । ଅବନୀନ୍ଦ୍ରନାଥ ଅତ୍ୟନ୍ତ ଖୁସୀରେ ଛବି ଦ୍ୱୟର ବିକ୍ରୀଲବ୍ଧ ଟଙ୍କା ନିଶିକାନ୍ତଙ୍କୁ ଡାକି ତାଙ୍କୁ ଅର୍ପଣ କଲେ । ନିଶିକାନ୍ତ ନିଜର ଦୃଢ଼ ସିଦ୍ଧାନ୍ତରେ ଅଟଳ ରହି କୃତଜ୍ଞତାପୁଟରେ

ଅବନୀନ୍ଦ୍ରନାଥଙ୍କ ପାଦପଦ୍ମରେ ଶେଷ ପ୍ରଣତି ପୂର୍ବକ ଆଶୀର୍ବାଦ ଲାଭ କରି ତାଙ୍କଠୁ ଚିର ବିଦାୟ ନେଲେ ।

ଏହାପରେ ନିଶିକାନ୍ତ ଆଉ ମୁହୂର୍ତ୍ତେ ମାତ୍ର ବିଳମ୍ବ ନ କରି ବାଲି ଛାଡ଼ିବା ସକାଶେ ପ୍ରସ୍ତୁତ ହେଲେ । ଦିନେ ଗୋଟିଏ ଷ୍ଟୋଭ୍ ସହିତ ରନ୍ଧାରନ୍ଧିର କେତୋଟି ସରଞ୍ଜାମ ଓ ଅତ୍ୟାବଶ୍ୟକୀୟ କେତେ ଖଣ୍ଡ ଲୁଗାପଟା ବନ୍ଧାବନ୍ଧି କରି ବନ୍ଧୁମାନଙ୍କଠାରୁ ବିଦାୟ ଚାହିଁଲେ । ସେହି ମୁହୂର୍ତ୍ତରେ ସେମାନଙ୍କ ଭିତରୁ କେହି ଜଣେ ହେଲେ ବି ଘୁଣାକ୍ଷରରେ ଭାବି ନ ଥିଲେ ଯେ ପ୍ରିୟ ରସିକ ବନ୍ଧୁଟି ସବୁଦିନ ପାଇଁ ବଙ୍ଗଭୂମିରୁ ବିଦାୟ ନେଉଛନ୍ତି; ଆଉ କେବେ ବି ଫେରିବେ ନାହିଁ ସେମାନଙ୍କର ଚିରାଚରିତ ଓ ବିରକ୍ତିକର ଜୀବନରେ ନୂତନତ୍ୱର ରଙ୍ଗୀନ ସ୍ପର୍ଶ ଦେବାକୁ ।

ଆରମ୍ଭ ହେଲା ତାଙ୍କର ତୀର୍ଥଯାତ୍ରା । ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପୂର୍ବରୁ ନିଶିକାନ୍ତ ଅଦୃଶ୍ୟଙ୍କ ପ୍ରେରଣାରେ ସନାତନ ଭାରତବର୍ଷର ଆତ୍ମା, ତା'ର ପ୍ରତିରୂପ ବା ଦୀପ୍ତି-ପ୍ରକଟିତ ବୁଦ୍ଧଗୟାରେ ପହଞ୍ଚିଲେ । ସେଠାକାର ଅପୂର୍ବ ମନୋମୁଗ୍ଧକର ନିବିଡ଼ ଶାନ୍ତ ବାତାବରଣରେ ବିମୋହିତ ହୋଇ କିଛିଦିନ ବିତାଇଲେ । ସେଠାରେ ଅବସ୍ଥାନ କାଳରେ ସେ ଅନ୍ତରରେ ଉପଲବ୍ଧି କଲେ ଯେ ବିଗତ ଜନ୍ମରେ ସେ ଥିଲେ ବୁଦ୍ଧଙ୍କର ଶିଷ୍ୟ, ଏକ ଭ୍ରାମ୍ୟମାଣ ଭିକ୍ଷୁ । ଆଉ ଦିନେ ନିକଟସ୍ଥ ନିରଞ୍ଜନା ନଦୀତଟରେ ଗଭୀର ଧ୍ୟାନସ୍ଥ ଅବସ୍ଥାରେ ତାଙ୍କ ସମ୍ମୁଖରେ ଜ୍ୟୋତିର୍ମୟ ବୁଦ୍ଧ ଆବିର୍ଭୂତ ହୋଇ କହିଲେ : ''ଯଦିଓ ମୁଁ ମୋର ସିଦ୍ଧି ଏହି ପୀଠ ସ୍ଥଳରେ ଲାଭ କରିଛି, ତଥାପି ମୁଁ ଏହାର ଚଉହଦିରେ ଆବଦ୍ଧ ହୋଇ ରହି ନାହିଁ ।''...

ଏହାପରେ ଦିନେ ଅଚାନକ ଭାବରେ ଭେଟିଛନ୍ତି ନୀରଦବରଣଙ୍କର ଜଣେ ଦୂର ସମ୍ପର୍କୀୟଙ୍କୁ ଏବଂ ପଣ୍ଡିଚେରୀ ସମ୍ବନ୍ଧେ ବେଶ୍ କିଛି ତଥ୍ୟ ସଂଗ୍ରହ କରିଛନ୍ତି । ଏହାର ଅବ୍ୟବହିତ ପରେ ସେ ବୁଦ୍ଧଗୟାରୁ ବ୍ରହ୍ମଯୋନି ପାହାଡ଼ ଅଭିମୁଖେ ଯାତ୍ରା କରିଛନ୍ତି । ସେହି ପାହାଡ଼ର ପାଦଦେଶରେ ପହଞ୍ଚି ସେ ସୂକ୍ଷ୍ମ ଦର୍ଶନରେ ଅଭୟଦାତ୍ରୀ ମାତୃ ମୂର୍ତ୍ତିଙ୍କର ଦର୍ଶନ ଲାଭ କରନ୍ତି । ଏହି ଉପଲବ୍ଧି ତାଙ୍କୁ ଏକାନ୍ତରେ ପଣ୍ଡିଚେରୀମୁଖୀ କରାଇଛି । ସେ ସେଇଠୁ କାଶୀ, ଏଲାହାବାଦ ହୋଇ ସିଧା ଦକ୍ଷିଣମୁଖୀ ହୋଇଛନ୍ତି; ଅବଶେଷରେ ସେ ପଦାର୍ପଣ କରିଛନ୍ତି ତାଙ୍କର ବହୁ ଅଭିଳଷିତ ତପୋଭୂମି ପଣ୍ଡିଚେରୀରେ । କାଳର ପଞ୍ଜିକାରେ ୧୯୩୪ ମସିହା ୧୧ ଏପ୍ରିଲ ନିଶିକାନ୍ତଙ୍କ ପାଇଁ ଏକ ବହୁ ପ୍ରତୀକ୍ଷିତ କୃପାସିକ୍ତ ଦିବସ ।

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**


୧. ଡାଲିୟା ସରକାର : କବି ନିଶିକାନ୍ତ;

୨. ସୁଭାଷ ଘୋଷାଲ : ନିଶିକାନ୍ତ;

୩. ପୃଥ୍ୱୀନ୍ଦ୍ରନାଥ ବନ୍ଦୋପାଧ୍ୟାୟ : ପଣ୍ଡିଚେରୀର୍ ଦିନ୍‌ଗୁଲି, 'ଅଥ ନିଶିକାନ୍ତ' ।


ଶାନ୍ତି, ସମଗ୍ର ଜଗତ୍ ଉପରେ ଉତରି ଆସୁ ଶାନ୍ତି !
ସମସ୍ତେ ଯେପରି ସାଧାରଣ ଚେତନାର କବଳରୁ ରକ୍ଷା ପାଆନ୍ତୁ, ସ୍ଥୂଳ ବସ୍ତୁର ଆସକ୍ତିରୁ ମୁକ୍ତ ହୁଅନ୍ତୁ । ସେମାନେ ତୁମର ଦିବ୍ୟ ସାନିଧ୍ୟର ଜ୍ଞାନ ମଧ୍ୟକୁ ଜାଗ୍ରତ ହୁଅନ୍ତୁ, ତୁମର ପରମ-ଚେତନା ସହିତ ସେମାନଙ୍କ ଚେତନା ସଂଯୁକ୍ତ ହେଉ ଏବଂ ସେଥି ମଧ୍ୟରୁ ଯେଉଁ ବ୍ୟାପକ ଶାନ୍ତି ଆସେ ତାହା ସେମାନେ ଆସ୍ୱାଦନ କରନ୍ତୁ ।

— ଶ୍ରୀମା

# ସୁସ୍ଥତାର ପରମ ଗୋପନୀୟତା

## (୮)

**ସୂର୍ଯ୍ୟକାନ୍ତି ମହାନ୍ତି**

### ପ୍ରେମ

ପାର୍ଥିବ ଜଗତରେ ଯିଏ ସମସ୍ତ ରୋଗର ନିରାକରଣ କରେ ସେ ହେଉଛି ପ୍ରେମ । ତେଣୁ ସମସ୍ତ ରୋଗ ନିରାମୟତାର ଅମୋଘ ଅସ୍ତ୍ର ହେଉଛି ପ୍ରେମ । ଏହା ମନଃ ଶକ୍ତି ଏବଂ ଶରୀରର ପ୍ରେମ କେନ୍ଦ୍ର; ଯାହା ସଚେତନ ଓ ଅବଚେତନ ପରିସରର ସଂଯୋଗକାରୀ ଶକ୍ତି ଭାବରେ ପରିଚିତ ଅଟେ ।

ଏହାର ପରିମେୟ ପରିସର (dimension) କଳ୍ପନାତୀତ । ଏହା ସାଗରଠାରୁ ଗଭୀରତର, ଆକାଶଠାରୁ ଉଚ୍ଚତର ଏବଂ ସ୍ୱର୍ଗଠାରୁ ମହତ୍ତର । ଏହା ସର୍ବବ୍ୟାପୀ, ସର୍ବଶକ୍ତିମାନ୍ ପରମେଶ୍ୱର ଭାବରେ ବିଦିତ । ହିନ୍ଦୁଶାସ୍ତ୍ର ଅନୁଯାୟୀ ହୃଦୟର ପ୍ରେମ କେନ୍ଦ୍ରର ରଙ୍ଗ ହେଉଛି ସବୁଜ ଓ ଗୋଲାପୀ । ଏହାର ଉପରି ଭାଗକୁ ଆଚ୍ଛାଦିତ କରିଥାଏ ଥାଇମସ୍ ଗ୍ରନ୍ଥି (Thymus gland), ଯାହା ରହସ୍ୟମୟ । ହୃଦୟ କେନ୍ଦ୍ର ହେଉଛି ଦ୍ୱାଦଶ ଦଳ ବିଶିଷ୍ଟ ପଦ୍ମ ପୁଷ୍ପ । ଏହାର ଧ୍ୱନି ହେଉଛି ୟମ୍ ଏବଂ ମୌଳିକ ଉପାଦାନ ହେଉଛି ବାୟୁ । ମାତ୍ର ପ୍ରେମ ଏହା ମଧ୍ୟରେ ସୀମିତ ନୁହେଁ । ଏହା ବ୍ୟକ୍ତିଗତ ମନୁଷ୍ୟ ନିମନ୍ତେ, ଦେଶ ନିମନ୍ତେ, ପୃଥିବୀ ନିମନ୍ତେ ଏବଂ ସମସ୍ତ ବିଶ୍ୱବ୍ରହ୍ମାଣ୍ଡ ନିମନ୍ତେ ସବୁକିଛି କରିଦେଇ ପାରିବାର ସାମର୍ଥ୍ୟର ଅଧିକାରୀ ।

ଅନେକ ସମୟରେ ମନୁଷ୍ୟ ଏହାକୁ ସୀମିତ ଚକ୍ଷୁରେ ଦେଖେ । ଏପରିକି ଘୃଣା, ଈର୍ଷା, ସନ୍ଦେହ, ଅବସାଦ ଏବଂ ଅନ୍ୟ ଅସ୍ୱାସ୍ଥ୍ୟକର ଆବେଗ ଅପେକ୍ଷା ବି ଏହାକୁ ନ୍ୟୂନ ଚକ୍ଷୁରେ ଦେଖେ । କାରଣ ପ୍ରେମର ଗଭୀରତା, ଉଚ୍ଚତା ବା ଆକାର ମାପିବାକୁ ସାଧାରଣତଃ ମନୁଷ୍ୟ ସାହସ କରେ ନାହିଁ । ଏଣୁ ଏଥିରୁ ଦୂରେଇ ଯିବାକୁ ଯାଇ ଘୃଣାର ଗର୍ତ୍ତରେ ନିପତିତ ହୁଏ । ଆଉ ତାହାରି ଭିତରେ ଥାଇ ସେ ଭାବେ ଏହାହିଁ ହେଉଛି ବାସ୍ତବ ଜୀବନ; ଯାହା ତା' ପାଇଁ ଦୃଶ୍ୟମାନ ଜୀବନ ହୋଇଥାଏ । ଏହିପରି ଭାବରେ ପ୍ରେମର ତ୍ରୁଟିପୂର୍ଣ୍ଣ ବ୍ୟବହାର ଦ୍ୱାରା ସେ ଶାରୀରିକ ତଥା ମାନସିକ ସ୍ତରରେ ଅସୁସ୍ଥ ହୋଇପଡ଼େ । ପୁନଶ୍ଚ ମନୁଷ୍ୟ ପ୍ରେମଠାରୁ ଯେତେ ଦୂରେଇ ଯାଏ, ତା'ର ଦୂରତ୍ୱର ପରିମାଣାନୁଯାୟୀ ସେ ସେତେ ଯନ୍ତ୍ରଣା ଅନୁଭବ କରେ ଛାତିରେ, ଫୁସ୍‌ଫୁସ୍‌ରେ ଓ ହୃତ୍‌ପିଣ୍ଡରେ । ଅନ୍ୟ ପକ୍ଷରେ ମଣିଷ ପ୍ରେମକୁ ଯେତେ ଆପଣାର ବୋଲି ଗ୍ରହଣ କରି ନିଏ ବା ପ୍ରେମରେ ନିବାସ କରେ ସେତେ ସେ ଆଶୀର୍ବାଦ ପ୍ରାପ୍ତ ହୁଏ – ତା' ଜୀବନରେ, ତା' ପରିସରରେ, ତା' ପରିବେଶରେ । ଆଉ ତା' ନିଜସ୍ୱ ଜଗତରେ ସୃଷ୍ଟି ହୁଏ ସମସ୍ତ ସମସ୍ୟାର ସମାଧାନର ପ୍ରଶସ୍ତ ପଥ । ଜୀବନ ତା'ର ହୋଇ ଉଠେ ଆନନ୍ଦଘନ, ଆଲୋକିତ ।

ଅଧିକାଂଶ ଲୋକଙ୍କର ଧାରଣା ଯେ ଅନ୍ୟକୁ ଭଲ ପାଇବାର ଅର୍ଥ ହେଉଛି ସେ ଲୋକର ବ୍ୟକ୍ତିଗତ ଜୀବନରେ ଆଧିପତ୍ୟ ବିସ୍ତାର କରି ତାକୁ ଶାସନ କରିବା । ଏହାକୁ ଜଣେ ନିଜର ଅଧିକାର ବୋଲି ଭାବେ । ମାତ୍ର ବାସ୍ତବ ସତ୍ୟ ହେଉଛି ଯେତେବେଳେ ପ୍ରେମ ନାମରେ ଅନ୍ୟ ଉପରେ କର୍ତ୍ତୃତ୍ୱ ଜାହିର କରିଥାଏ ସେତେବେଳେ ସେ ନିଜେ ହୃଦ୍ ରୋଗରେ ପୀଡ଼ିତ ହୋଇଥାଏ । ଏପରି ବି ସମୟ ଆସେ ଯେତେବେଳେ ଯିଏ ନିୟନ୍ତ୍ରଣ କରୁଥାଏ ଏବଂ ଯିଏ ନିୟନ୍ତ୍ରିତ ହେଉଥାଏ, ଉଭୟ କ୍ଷତି ସହିଥା'ନ୍ତି । ସମୟ ସମୟରେ ନିୟନ୍ତ୍ରିତ ବ୍ୟକ୍ତି ସ୍ଥାୟୀ ଭାବରେ ଅସୁସ୍ଥ ହୋଇଯାଏ କିଂବା ପାଗଳ ହୋଇଯାଏ କିଂବା ଜୀବନ ବି ତ୍ୟାଗ କରେ । ତଥାପି ବି ନିୟନ୍ତ୍ରଣ କରୁଥିବା ବ୍ୟକ୍ତି ଭାବୁଥାଏ ଯେ ତାକୁ ଏତେ ତ ଭଲ ପାଉଛି, ସେ କାହିଁକି ଚାଲିଗଲା – ବୁଝି ପାରେନି, ଏପରିକି ବାସଗୃହ, ଖାଦ୍ୟ ଓ ବସ୍ତ୍ର ଭଳି ଜୀବନର ମୌଳିକ ବ୍ୟବସ୍ଥା କରାଗଲେ ମଧ୍ୟ ଉତ୍ପୀଡ଼ନ, ଅପମାନ ଆଦି ଜଣକର ହୃଦୟ ଓ ମନରେ ଚାପ ସୃଷ୍ଟି କରି ତା'କୁ ଅସୁସ୍ଥ ବା ପାଗଳ କରିଦିଏ । ଯଥାର୍ଥ ପ୍ରେମ କଦାପି ଅଧିକାର ସାବ୍ୟସ୍ତ କରେ ନାହିଁ । ଏହା ଏକ ସୁସଂହତ ଓ ସନ୍ତୁଳିତ ସ୍ୱାଭାବିକ ଗୁଣ ।

ମାତ୍ର ମନୁଷ୍ୟ ତା'ର ନିଜ ଜୀବନ କ୍ଷେତ୍ରରେ କିପରି ସ୍ନେହ, ପ୍ରେମର ଦୁରୁପଯୋଗ କରିଥା'ନ୍ତି, ଏହାର ଏକ ଉଦାହରଣ ଏଠାରେ ପ୍ରଦତ୍ତ କରାଗଲା । ଏକଦା ଜଣେ ବ୍ୟକ୍ତି

ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ କଠୋର ନିୟନ୍ତ୍ରଣରେ ରଖୁଥିଲେ । କିଛିଦିନ ପରେ ତାଙ୍କ ସ୍ତ୍ରୀର ଡାଇବେଟିସ୍ ରୋଗ ହେଲା । ଏବଂ ନିଜେ ମଧ୍ୟ ହୃଦ୍‌ରୋଗରେ ପୀଡ଼ିତ ହୋଇ ପଡ଼ିଲେ । ତାଙ୍କ ବ୍ୟବସାୟରେ କ୍ରମାଗତ କ୍ଷତି ହେବା ସହିତ କନ୍ୟା ସର୍ବଦା ଥଣ୍ଡା ଏବଂ ନିମୋନିଆରେ ପୀଡ଼ିତ ହେଲା ଓ ପୁତ୍ର ଜଣକ ମଧ୍ୟ ଶ୍ୱାସ ରୋଗରେ ଆକ୍ରାନ୍ତ ହେଲା । ଏସବୁ ସତ୍ତ୍ୱେ ସେ ବ୍ୟକ୍ତି ଜଣକ କହି ହେଉଥିଲେ – ସେ ତା'ଙ୍କ ପରିବାର ପାଇଁ ବହୁତ କିଛି କରିଛନ୍ତି । ବାସ୍ତବରେ ସେ ନିଜର ଭୁଲ୍ ବୁଝିପାରି ନ ଥିଲେ ।

ଅନେକ ସମୟରେ ଦେଖାଯାଏ ଯେଉଁ ଗୃହ ଜଣକର ସୁସ୍ଥତା ଓ ଆନନ୍ଦ ଲାଭର ସର୍ବାଧିକ ହିତକାରୀ ହେବା କଥା, ତାହା ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ଓ ମାରାତ୍ମକ ବି ହୋଇପାରେ । ଏପରି ଉଦାହରଣ ଶିଶୁମାନଙ୍କଠାରେ ଅଧିକ ଦେଖାଯାଏ । ଛୋଟ ଶିଶୁ ଦର୍ପଣ ସଦୃଶ । ତା'ର ସବୁଠାରୁ ନିବିଡ଼ ସମ୍ପର୍କ ରହିଥାଏ ତା'ର ମା ସହ । ମା ନିକଟରେ ସେ ନିଜର ଭାବନା ଓ ଆବେଗ ପ୍ରକାଶ କରିଥାଏ । ମାତ୍ର ମାତାପିତାଙ୍କ ମଧ୍ୟରେ ଅସଂହତିପୂର୍ଣ୍ଣ ସମ୍ପର୍କ ଥିଲେ ଶିଶୁ ତା'ର ଶାରୀରିକ ଅସୁସ୍ଥତା ଏବଂ ଆଚରଣଗତ ବିକୃତି ମାଧ୍ୟମରେ ନିଜର ଆବେଗ ପ୍ରକାଶ କରେ ।

ପୁନଶ୍ଚ କ୍ରୋଧ, ବିରକ୍ତି, ଘୃଣା, ଈର୍ଷା ଆଦି ଭାବ କୋଷସମୂହକୁ ଶୁଷ୍କ କରି ଶରୀରରେ ଅହିତକର ବସ୍ତୁସକଳକୁ ସୃଷ୍ଟି କରେ, ଯାହା ସମୟାନୁକ୍ରମେ ଜଣକୁ ନେଇ ମୃତ୍ୟୁମୁଖରେ ପକାଇ ଦେଇପାରେ । ଏଣୁ ନିନ୍ଦା ଓ ସମାଲୋଚନାର ଶରବ୍ୟ ବ୍ୟକ୍ତି ସାଧାରଣ ଜୀବନର ଚଲାପଥରେ ପଛେଇ ଯାଏ । ଅଥଚ ସୌହାର୍ଦ୍ଦ୍ୟପୂର୍ଣ୍ଣ, ସ୍ନେହ ବିଜଡ଼ିତ ବାକ୍ୟାଳାପ ମାଧ୍ୟମରେ ନିନ୍ଦା ଓ ତା'ର ପ୍ରଭାବକୁ ନିଷ୍ଫଳ ବା ନିରପେକ୍ଷ କରାଯାଇପାରେ । ତା'ହେଲେ ନିଜେ ଓ ନିଜର ସମାଲୋଚକ ରକ୍ଷା ପାଇ ପାରିବେ । ଯଦି ଜୀବନରେ କିଛି ଦୁର୍ଦ୍ଦଶା ଆସେ ତେବେ ନିଜ ମଧ୍ୟରେ ଥିବା ପ୍ରେମର ମନଃ ଶକ୍ତିକୁ ଆବାହନ କରି କାର୍ଯ୍ୟକାରୀ କରାଅ । ପ୍ରେମ ହେଉଛି ଶ୍ରେଷ୍ଠ ଆରୋଗ୍ୟକାରୀ ଏବଂ ଜାଗ୍ରତକାରୀ ଶକ୍ତି । ପ୍ରେମରେ ବଞ୍ଚୁଥିବା ମନୁଷ୍ୟ କମ୍ ଅସୁସ୍ଥ ହୁଅନ୍ତି । ଅସୁସ୍ଥ ହେଲେ ବି ଶୀଘ୍ର ସୁସ୍ଥ ହୁଅନ୍ତି । ଏପରିକି ନିଜ ବୟସଠାରୁ କମ୍ ବୟସର ଲାଗନ୍ତି ।

ସ୍ନେହ ଭାବ ଶରୀରରେ ଏକ ଉପକାରୀ ରାସାୟନିକ ପରିବର୍ତ୍ତନ ଘଟାଏ । ଅନ୍ୟପକ୍ଷରେ କ୍ରୋଧ ଓ ଘୃଣା ଭାବ ପ୍ରେମର ନିୟମକୁ ଉଲ୍ଲଘଂନ କରି ବୁମେରାଂ ପରି କାର୍ଯ୍ୟ କରି ଜଣକ ଭିତରେ ଅସୁସ୍ଥତା ଓ ଅବସାଦ ସୃଷ୍ଟି କରେ ।

ଏଣୁ ଦିବ୍ୟ ପ୍ରେମକୁ ଆବାହନ କରି ନିଜ ଭିତରେ କାର୍ଯ୍ୟ କରିବାକୁ ପ୍ରାର୍ଥନା କରିବାକୁ ହେବ । ତେବେ ଯାଇ ହୃଦୟ ଓ ଫୁସ୍‌ଫୁସ୍‌କୁ ବିଶୁଦ୍ଧ ଓ ପବିତ୍ର କରି ମନରେ ଜଣେ ଶାନ୍ତି ପ୍ରାପ୍ତ ହୋଇପାରିବ । ଏହିପରି ଭାବରେ ଜଣେ ମନୁଷ୍ୟ ହୋଇଯାଏ ଏକ ଚୁମ୍ବକ ସଦୃଶ, ଯାହା ସବୁଦିଗରୁ କେବଳ ଉତ୍ତମକୁ ହିଁ ଆକର୍ଷିତ କରିଥାଏ । ଫଳରେ ମନୁଷ୍ୟ ଜୀବନରେ କିଛି ବିସ୍ମୟକର ଘଟଣା ଘଟେ ।

ଏହି ମହିମମୟ ପ୍ରେମକୁ ନେଇ ସୁନ୍ଦର କାହାଣୀଟିଏ ଏହିପରି ।

ଏକଦା ଜଣେ ମହିଳା ତାଙ୍କ ଦ୍ୱାରସ୍ଥ ତିନି ଜଣ କ୍ଷୁଧାର୍ତ୍ତଙ୍କୁ ଦେଖି ସେମାନଙ୍କର ଭୋଜନର ଆବଶ୍ୟକତା ବିଷୟରେ ଜିଜ୍ଞାସା କଲେ । ସେମାନେ ସ୍ୱୀକୃତି ପ୍ରଦାନ କହିବାରୁ ମହିଳା ଜଣକ ତାଙ୍କୁ ଘରକୁ ନିମନ୍ତ୍ରଣ କଲେ । ମାତ୍ର ସେମାନେ ଏକ ସାଥୀରେ ତିନିଜଣ କେଉଁଠାକୁ ଯାଆନ୍ତି ନାହିଁ ବୋଲି କହିଲେ । ସେମାନଙ୍କ ମଧ୍ୟରୁ କେବଳ ଜଣେ ହିଁ ଖାଦ୍ୟ ଗ୍ରହଣ କରିବା ପାଇଁ ଭିତରକୁ ଯାଇ ପାରିବେ । ତେବେ ସେମାନେ ନିଜର ପରିଚୟ ଦେଇ କହିଲେ ଯେ ପ୍ରଥମ ଜଣକ ହେଉଛନ୍ତି 'ଧନ', ଦ୍ୱିତୀୟ ଜଣକ 'ସଫଳତା' ଏବଂ ତୃତୀୟ ଜଣକ ହେଲେ 'ପ୍ରେମ' । ମହିଳା ଜଣକ ସେମାନଙ୍କ ଭିତରୁ ଜଣଙ୍କୁ ହିଁ କେବଳ ନିମନ୍ତ୍ରଣ କରିପାରିବେ । ଏହା ଶୁଣି ମହିଳା ଜଣକ ନିଜର ସ୍ୱାମୀଙ୍କ ପରାମର୍ଶ ଲୋଡ଼ିବାକୁ ଘର ଭିତରକୁ ଗଲେ । ପତ୍ନୀଙ୍କଠାରୁ ସବୁକଥା ଶୁଣି ସାରିବା ପରେ ସ୍ୱାମୀ ତାଙ୍କର ମତ ଦେଲେ ଯେ ସେମାନେ ଧନକୁ ନିମନ୍ତ୍ରଣ କରିବା ଆବଶ୍ୟକ । କାରଣ, ଧନ ଆସିଲେ ସେମାନଙ୍କର ସମସ୍ତ ଇଚ୍ଛା ପୂରଣ ହେବ । ଏହା ଶୁଣି ପତ୍ନୀ କହିଲେ, ଏହାଠାରୁ ଉତ୍ତମ ହେଉଛି 'ସଫଳତା' । ତାକୁ ହିଁ ନିମନ୍ତ୍ରଣ କରିବା ଉଚିତ ହେବ । କାରଣ, ଏହା ଜଣକର ଭାଗ୍ୟ ପରିବର୍ତ୍ତନ କରି ଦେଇପାରିବ । ଏସବୁ ଶୁଣିବା ପରେ ତାଙ୍କର ଛୋଟ ଝିଅଟି କହି ଉଠିଲା – କାହିଁକି 'ପ୍ରେମ'କୁ ନ ଡକାଯିବ ? ଏହା ତ ଘରକୁ ଖୁସି ନେଇ ଆସିବ ! ଝିଅ କଥାରେ ସମ୍ମତି ଜଣାଇ ସେ ମହିଳା ଜଣକ ବାହାରକୁ ଯାଇ 'ପ୍ରେମ'କୁ ହିଁ ନିମନ୍ତ୍ରଣ କଲେ ।

କିନ୍ତୁ ଦେଖାଗଲା ଯେ ପ୍ରେମ ଘରକୁ ପ୍ରବେଶ କରନ୍ତେ ଧନ ଓ ସଫଳତା ତାଙ୍କୁ ଅନୁସରଣ କରିବାକୁ ଲାଗିଲେ । ଏଥିରେ

ଆଶ୍ଚର୍ଯ୍ୟ ହୋଇ ମହିଳା ଜଣକ ସେମାନଙ୍କୁ ପ୍ରଶ୍ନ କଲେ – ତିନି ଜଣଯାକ ଏକ ସାଥେ କେଉଁଠିକୁ ଯାଆନ୍ତି ନାହିଁ ବୋଲି ପ୍ରଥମରୁ ହିଁ ସେମାନେ କହିଥିଲେ ! ତେଣୁ କରି କେବଳ ଜଣେ ତ ଆସିବା କଥା ! ଏହାର ପ୍ରତ୍ୟୁତ୍ତରରେ ସେମାନେ ଏକ ସଙ୍ଗେ କହି ଉଠିଲେ ଯେ ଯେଉଁଠାକୁ ପ୍ରେମ ଯାଏ, ତା' ସହ ଧନ ଓ ସଫଳତା ବି ଯାଇଥା'ନ୍ତି । ଏହା ତ ତାଙ୍କ ପାଇଁ କେବଳ ଏକ ପରୀକ୍ଷା ମାତ୍ର ଥିଲା ।

ବାସ୍ତବରେ ଯେଉଁଠାରେ ପ୍ରେମ ଥାଏ, ସେଠାରେ ଧନ ଓ ସଫଳତା ଉଭୟ ହିଁ ଥାଆନ୍ତି ।

ମାତ୍ର ସ୍ନେହ, ପ୍ରେମ ଓ ବନ୍ଧୁତ୍ୱର ଅଭାବରେ କ'ଣ ଘଟେ ? ଏ ମାନବଜାତି ପ୍ରଥମ ଥର ପାଇଁ ୧୯୪୫ ମସିହାରେ ଜାପାନରେ ଘଟିଥିବା ପରମାଣୁ ବୋମାର ବିସ୍ଫୋରଣର ଭୟାବହ, ମର୍ମନ୍ତୁଦ ଓ ହୃଦୟ ବିଦାରକ ଦୁଃଖଦ ଘଟଣା ଦେଖିଥିଲା । ତଥାପି ବି ମଣିଷ ଏପର୍ଯ୍ୟନ୍ତ ପ୍ରେମକୁ ସଠିକ୍ ଭାବରେ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇ ପାରୁନି କି ସାହସ କରି ପାରୁନି । ବିଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍ ତାଙ୍କ କନ୍ୟାଙ୍କୁ ଲେଖିଥିବା ପତ୍ରରେ ଏକଥା ସ୍ପଷ୍ଟ ଭାବରେ ଉଲ୍ଲେଖ କରିଥିଲେ ଯେ ଯେପର୍ଯ୍ୟନ୍ତ ମଣିଷସମାଜ ପ୍ରେମର ତତ୍ତ୍ୱକୁ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇ ନ ଥିବ ସେପର୍ଯ୍ୟନ୍ତ ତାଙ୍କ ଲେଖାକୁ ଅପ୍ରକାଶିତ ରଖିବାକୁ ହେବ ।

ତେବେ ମଣିଷର ନିରାମୟତା, ନିରାପତ୍ତା, ସଂହତି, ସମୃଦ୍ଧି, ଶାନ୍ତି ଓ ଆନନ୍ଦ ପ୍ରାପ୍ତିର ସଫଳ ରୂପାୟନ ପାଇଁ ପ୍ରେମ ଏକ ଶକ୍ତିଶାଳୀ ସାଧନ ରୂପେ ପୃଥିବୀରେ ପ୍ରତିଷ୍ଠିତ ହେବା ଆବଶ୍ୟକ ମନେ ହୁଏ । ତା' ଉପସ୍ଥିତିରେ ସୁନ୍ଦର ନୀଳଗ୍ରହର ଅଧିବାସୀମାନେ ବିମୋହିତ ଓ ପ୍ରଗତିଶୀଳହୋଇ ପାରନ୍ତେ ।

ମାତ୍ର ପ୍ରେମର ଏ ଅମୋଘ ଅସ୍ତ୍ର କୌଣସି ବିଜ୍ଞାନାଗାରରେ ନିର୍ମାଣ କରାଯାଏନି । ମନୁଷ୍ୟର ହୃଦୟ ହେଉଛି ପ୍ରେମର ଏକ ବୃହତ୍ କେନ୍ଦ୍ର, ଯାହା ଆତ୍ମା ବା ସତ୍ତାର କେନ୍ଦ୍ର ଭାବରେ ବି ପରିଚିତ । ଏହାର ଅଛି ପଚାଶ ହଜାର ସ୍ୱାଧୀନ ସ୍ନାୟୁକୋଷ (Neurons) ଏବଂ ନିଜସ୍ୱ ଅନ୍ତର୍ନିହିତ ସ୍ନାୟବିକ ପ୍ରକ୍ରିୟା ମଧ୍ୟ । ହୃଦୟର ବୈଦ୍ୟୁତିକ କ୍ଷେତ୍ରର ବିସ୍ତୃତି ହେଉଛି ମସ୍ତିଷ୍କଠାରୁ ଷାଠିଏ ଗୁଣ ବୃହତ୍ତର ଏବଂ ଏହାର ଚୁମ୍ବକୀୟ କ୍ଷେତ୍ର ମସ୍ତିଷ୍କଠାରୁ ଶହେ ଗୁଣ ଅଧିକ ଶକ୍ତି ସମ୍ପନ୍ନ । ହୃଦୟର ଏହି ଚୁମ୍ବକୀୟ କ୍ଷେତ୍ର ଶରୀରର କିଛି ଫୁଟ ଦୂରତ୍ୱରେ ବି ପ୍ରକାଶିତ ହୋଇଥାଏ । ଏପରିକି ହୃଦୟର ବିଦ୍ୟୁତ୍ ଚୁମ୍ବକୀୟ କ୍ଷେତ୍ର ମହାକାଶରେ ଅପରିମିତ ଭାବରେ ବିସ୍ତାରିତ ହୋଇଥାଏ । ପୁନଶ୍ଚ ହୃଦୟ ମସ୍ତିଷ୍କକୁ ଯେତିକି ପରିମାଣରେ ସାଙ୍କେତିକ ସମ୍ବାଦ ପ୍ରେରଣ କରେ, ତା'ଠାରୁ ଯଥେଷ୍ଟ କମ୍ ଭାବରେ ମସ୍ତିଷ୍କ ହୃଦୟକୁ ପ୍ରେରିତ କରେ । ଏପରିକି ହୃଦୟ ଓ ମସ୍ତିଷ୍କ ମଧ୍ୟରେ ଅବିରତ ସମ୍ବାଦ ଆଦାନପ୍ରଦାନ ଚାଲିଥାଏ ।

ଏହିପରି ଭାବରେ ଏ ଶରୀର ଧାରଣ କରିଥିବା ହୃଦୟ ହେଉଛି ଏକ ବିସ୍ମୟକର ଅଙ୍ଗ ଯାହା କେବେ ବି କାହାକୁ ନିରାଶ କରେ ନାହିଁ । ବର୍ତ୍ତମାନ କ'ଣ ମନୁଷ୍ୟ ତା' ହୃଦୟର ରହସ୍ୟମୟ ଶକ୍ତିକୁ ବ୍ୟବହାର କରି ନିଜ ଜୀବନରେ ଏକ ନୂତନ ଇନ୍ଦ୍ରଜାଲ ସୃଷ୍ଟି କରିବାକୁ ପ୍ରସ୍ତୁତ ହୋଇଛି କି ?

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା :**


୧. 'The Healing Secret of the Ages' by Catherine Ponder, P. 14, Published by Parker Publishing Company.

୨. 'Bach Flower Remedies' by Dr. D. S. Vohra, P. 15, Published by Kuldeep Jain.


ସେ (ଶ୍ରୀଅରବିନ୍ଦ) ସବୁବେଳେ ଆମ ସମସ୍ତଙ୍କ ସହ ରହିଛନ୍ତି । ଆମେ ଯଦି ଆବଶ୍ୟକ କଥାଟି କରିପାରୁ ତେବେ ଆମେ ସମସ୍ତେ ନିରନ୍ତର ତାଙ୍କ ସଂସ୍ପର୍ଶରେ ରହି ପାରିବୁ । ସେ ଆବଶ୍ୟକ କଥାଟି ହେଉଛି ଖାଲି ତାଙ୍କୁ ଭଲ ପାଇବା ।

– ଶ୍ରୀମା

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୯)



### ଗୟାଧର ଦାଶ



*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**ଡିମ୍ବାବସ୍ଥା**(Germinal Period) : ଗର୍ଭ ସଞ୍ଚାର ସମୟଠାରୁ ମାତୃଗର୍ଭରେ ୧୦ରୁ ୧୪ ଦିନ ପର୍ଯ୍ୟନ୍ତ ଡିମ୍ବାବସ୍ଥା ରହେ; କାରଣ ଏହି ସମୟ ଭିତରେ ଗର୍ଭାଶୟ ମଧ୍ୟରେ ଥିବା ପରଦାର ତନ୍ତ୍ରୀ ଏବଂ ଗ୍ରନ୍ଥିତନ୍ତ୍ରୀଗୁଡ଼ିକ ବୃଦ୍ଧି ପାଇ ମୋଟା ନରମ ଗଦି ପରି ହୋଇଥାଏ ଯଦ୍ୱାରା ଭ୍ରୂଣଟି ଗର୍ଭାଶୟକୁ ଗଲେ ଆରାମରେ ରହିପାରିବ ଏବଂ ତା'ର ବୃଦ୍ଧି ଓ ବିକାଶ ମଧ୍ୟ ହୋଇପାରିବ । ଏହାକୁ ଗର୍ଭାଶୟର ପ୍ରସ୍ତୁତି ସମୟ ବୋଲି କୁହାଯାଏ । ଦୁଇ ସପ୍ତାହର ଶେଷ ପର୍ଯ୍ୟନ୍ତ, ନିଷିକ୍ତ ଡିମ୍ବର ଆକାର ସେହି ପିନ୍‌କଣ୍ଟାର ମୁଣ୍ଡପରି ଥାଏ, କାରଣ ବାହାରୁ ଆବଶ୍ୟକ ଖାଦ୍ୟ ପଦାର୍ଥ ମିଳୁ ନ ଥିବାରୁ ଡିମ୍ବାବସ୍ଥାରେ କୌଣସି ବୃଦ୍ଧି ବା ବିକାଶ ହୋଇପାରେ ନାହିଁ । ଅବଶ୍ୟ ଏହି ଅବସ୍ଥାରେ ନିଷିକ୍ତ ଡିମ୍ବର ଅନେକ କୋଷ ଥାଏ । ଏହି ଡିମ୍ବାବସ୍ଥାରେ ନିଷିକ୍ତ ଡିମ୍ବଟି ତା'ଭିତରେ ଥିବା କେଶରରୁ ଖାଦ୍ୟ ପାଇ ବଞ୍ଚେ ଓ ବୃଦ୍ଧି ଲାଭ କରେ । ଯଦି ଗର୍ଭାଶୟର ପରଦା ନିଷିକ୍ତ ଡିମ୍ବକୁ ଗ୍ରହଣ କରିବାକୁ ପ୍ରସ୍ତୁତ ହେବା ପୂର୍ବରୁ ଏହି ଖାଦ୍ୟ ଶେଷ ହୋଇଯାଏ ତେବେ ନିଷିକ୍ତ ଡିମ୍ବ ନିର୍ଜୀବ ହୋଇ ନଷ୍ଟ ହୋଇଯାଏ । ଯେତେବେଳେ ଏହି ନିଷିକ୍ତ ଡିମ୍ବଟି ଗର୍ଭାଶୟ ମଧ୍ୟରେ ପ୍ରବେଶ କରି ଅବସ୍ଥାପିତ ହୁଏ ସେତେବେଳେ ଏହା ପରଜୀବୀ ହୋଇ ରହେ ଏବଂ ଜନ୍ମ ହେବା ପର୍ଯ୍ୟନ୍ତ ଏହା ନିଜର ଜୀବନ ଧାରଣ ପାଇଁ ମାଆର ରକ୍ତରୁ ଖାଦ୍ୟ ସଂଗ୍ରହ କରି ବଞ୍ଚି ରହିବା ସହ ଏହା ଉପରେ ନିର୍ଭର କରି ବୃଦ୍ଧିଲାଭ କରେ । ଏପରିକି ଗର୍ଭାଶୟରେ ନିଷିକ୍ତ ଡିମ୍ବଟି ଉପଯୁକ୍ତ ସ୍ଥାନରେ ଅବସ୍ଥାପିତ ନ ହୋଇ ଅନ୍ୟ ସ୍ଥାନରେ ଅବସ୍ଥାପିତ ହେଲେ ଏହାକୁ ଖାଦ୍ୟ ମିଳିପାରେ ନାହିଁ ଏବଂ ଏହା ନଷ୍ଟ ହୋଇଯାଏ ।

**ଭ୍ରୂଣାବସ୍ଥା** (Embryonic Period) : ଏହା ଦ୍ୱିତୀୟ ସପ୍ତାହରୁ ଆଠ ସପ୍ତାହ ବା ଦୁଇମାସ ପର୍ଯ୍ୟନ୍ତ ରହେ । ନିଷିକ୍ତ ଡିମ୍ବ ଗର୍ଭାଶୟରେ ଅବସ୍ଥାପିତ ହେବା ପରେ ଏହାର ବୃଦ୍ଧି ଓ ବିକାଶ ଅତି ଦ୍ରୁତଗତିରେ ଆଗେଇ ଚାଲେ ଏବଂ ଛଅ ସପ୍ତାହ ମଧ୍ୟରେ ଭ୍ରୂଣ ଏକ କୋଷଗୁଚ୍ଛରୁ ବିକଶିତ ହୋଇ ଏକ କ୍ଷୁଦ୍ର ଶିଶୁର ଆକାର ଧାରଣ କରେ । ନବଜାତ ଶିଶୁଠାରେ ଦୃଷ୍ଟିଗୋଚର ହେଉଥିବା ସମସ୍ତ ଅଙ୍ଗପ୍ରତ୍ୟଙ୍ଗର ବିକାଶ ଏହି ପର୍ଯ୍ୟାୟରେ ଆରମ୍ଭ ହୁଏ । ପ୍ରଥମେ ଶିରୋଭାଗର ବିକାଶ ହୁଏ ଏବଂ ମୁଣ୍ଡଟି ଦେହ ତୁଳନାରେ ବଡ଼ ଥାଏ । ହାତଗୋଡ଼ର ବିକାଶ ଶେଷରେ ହୁଏ । ଜନ୍ମ ପୂର୍ବାବସ୍ଥା ଶେଷ ହୋଇ ଆସିଲା ବେଳକୁ ଶରୀରର ନିମ୍ନ ଅଙ୍ଗର ବିକାଶ ହୁଏ ଏବଂ ମୁଣ୍ଡର ଆକାର ଅପେକ୍ଷାକୃତ ହ୍ରାସ ପାଏ । ଏହି ଅବସ୍ଥାରେ ଗର୍ଭନାଳ, ନାଭିନାଳ ଓ ଆମ୍‌ନିଓଟିକ୍ ଥଳି (amniotic sac) ଗଠିତ ହୁଏ । ଗର୍ଭାଶୟରେ ଅବସ୍ଥାପିତ ହେବାର ଅଳ୍ପ ସମୟ ପରେ ନିଷିକ୍ତ ଡିମ୍ବର କୋଷଗୁଡ଼ିକ ବାହ୍ୟ ଓ ଅନ୍ତଃ ପରଦାରେ ବିଭକ୍ତ ହୋଇ ପରସ୍ପରଠାରୁ ପୃଥକ୍ ଭାବରେ ବିଚ୍ଛିନ୍ନ ହୋଇ ରହିଥା'ନ୍ତି ଏବଂ ବାହ୍ୟ ପରଦାଟି ସହାୟକ ତନ୍ତୁ ରୂପେ ବିକାଶ ଲାଭ କରେ । ଏହି ସହାୟକ ତନ୍ତୁରୁ ଗର୍ଭନାଳ ବିକଶିତ ହୁଏ । ନିଷିକ୍ତ ଡିମ୍ବ ଯେଉଁଠାରେ ନିଜକୁ ଜରାୟୁର ପ୍ରାଚୀର ସହିତ ମିଶାଇ ଦେଇ ଖାଦ୍ୟ ସଂଗ୍ରହ କରିବା ସକାଶେ ସୂତା ପରି କେତେକ ଗ୍ରନ୍ଥିକୁ ପଠାଏ, ସେହିଠାରୁ ଗର୍ଭନାଳ ବିକାଶ ଲାଭ କରେ । ଏହି ସୂତା ପରି ତନ୍ତୁଗୁଡ଼ିକ ଯେତେବେଳେ ଏକତ୍ର ଛନ୍ଦାଛନ୍ଦି ହୋଇ ରହନ୍ତି, ତାହାକୁ ଗର୍ଭନାଳ କୁହାଯାଏ । ଏହା ପ୍ରାକ୍ ଜନ୍ମ ପର୍ଯ୍ୟାୟରେ ଭ୍ରୂଣକୁ ଖାଦ୍ୟ ଯୋଗାଏ ଏବଂ ବାହ୍ୟ ଆଘାତରୁ ରକ୍ଷା କରେ । ଗର୍ଭନାଳକୁ ମାଆ ଓ ଶିଶୁର ରକ୍ତ ପ୍ରବାହର କେନ୍ଦ୍ରସ୍ଥଳୀ ବୋଲି କୁହାଯାଇପାରେ । ମାଆ ଓ ଶିଶୁର ରକ୍ତ ପ୍ରବାହରେ କୌଣସି ପ୍ରତ୍ୟକ୍ଷ ସମ୍ପର୍କ ନଥାଏ । ଏହି ଗର୍ଭନାଳ ଦେଇ ତାହା ସ୍ଥାପିତ ହୁଏ । ଗର୍ଭନାଳ ମାଆର ରକ୍ତରୁ ବିଭିନ୍ନ ଖାଦ୍ୟପ୍ରାଣ, ବିଶେଷ କରି ଚର୍ବି ଓ ପ୍ରୋଟିନ୍ ଜାତୀୟ ଖାଦ୍ୟ ସଂଗ୍ରହ କରି ଶିଶୁକୁ ଯୋଗାଏ । ଏହା ମାଧ୍ୟମରେ ମଧ୍ୟ ଅଙ୍ଗାର କାମ୍ଳ ଓ ଅନ୍ୟାନ୍ୟ ଦୂଷିତ ପଦାର୍ଥ ଓ ଅଦରକାରୀ ଉପାଦାନ ସବୁ ବାହାରିଯାଏ । ଏତଦ୍‌ବ୍ୟତୀତ କେତେକ ରୋଗର ଜୀବାଣୁ ମଧ୍ୟ ଏହା ମଧ୍ୟକୁ ପ୍ରବେଶ କରିଥାଏ ଏବଂ ଭ୍ରୂଣର ବିକାଶକୁ

ପ୍ରଭାବିତ କରେ । ଗର୍ଭନାଳ ହିଁ ମାଆ ଓ ଭ୍ରୂଣ ମଧ୍ୟରେ ଏକମାତ୍ର ସଂଯୋଗ ସ୍ଥାପନକାରୀ ଉପାଦାନ ଅଟେ । ଏହି ଅବସ୍ଥାରେ ମାଆକୁ ବହୁତ ସତର୍କ ରହିବାକୁ ପଡ଼ିବ ଏବଂ ଅଯଥା ଗୁଡ଼ାଏ ଔଷଧ ଖାଇବା ଅନୁଚିତ । ଗର୍ଭନାଳଟି ପ୍ରାୟ ୮ରୁ ୧୦ ଇଞ୍ଚ ଚଉଡ଼ା ଓ ୧ ଇଞ୍ଚ ମୋଟା ହୋଇଥାଏ । ଗର୍ଭନାଳରୁ ନାଭିନାଳ ବିକଶିତ ହୁଏ ।

ଭ୍ରୂଣ ଯେଉଁଠାରେ ଗର୍ଭାଶୟ ମଧ୍ୟକୁ ପ୍ରବେଶ କରିଥାଏ, ସେହିଠାରୁ ନାଭିନାଳ ବିକଶିତ ହୋଇଥାଏ । ଏହା ୧୦ରୁ ୨୦ ଇଞ୍ଚ ଲମ୍ବ ହୋଇଥାଏ । ଏହା ଲମ୍ବା ହୋଇ ଥିବାରୁ ଗର୍ଭର କ୍ରିୟାକଳାପ ସମ୍ଭବ ହୋଇଥାଏ । ଏଥିରେ ରକ୍ତନାଳୀ ରହିଥାଏ; କିନ୍ତୁ କୌଣସି ସ୍ନାୟୁ ବା ତନ୍ତ୍ରୀ ନଥାଏ । ଏହା ଭ୍ରୂଣଠାରୁ ବାହାରି ଏହାର ବିପରୀତ ପାଖ ଜରାୟୁର ପ୍ରାଚୀରର ଗୋଟିଏ ଦିଗ ସହିତ ସଂଯୁକ୍ତ ହୋଇଥାଏ । ଏହା ମଧ୍ୟରେ ଦୁଇଟି ଧମନୀ ଭ୍ରୂଣରୁ ଗର୍ଭନାଳ ମଧ୍ୟକୁ ରକ୍ତ ବହନ କରେ ଏବଂ ଗୋଟିଏ ଶିରା ଗର୍ଭନାଳରୁ ଭ୍ରୂଣ ନିକଟକୁ ରକ୍ତ ବହନ କରେ । ମାଆର ରକ୍ତ ଗର୍ଭାଶୟର ପ୍ରାଚୀରର ଧମନୀମାନଙ୍କ ଠାରୁ ଗର୍ଭନାଳରେ ପ୍ରବାହିତ ହୁଏ ଏବଂ ଅମ୍ଳଜାନ, ଖାଦ୍ୟସାମଗ୍ରୀ ଓ ଜଳ ମାଆର ରକ୍ତ ପ୍ରବାହରେ ନାଭିନାଳ ମଧ୍ୟ ଦେଇ ଭ୍ରୂଣ ନିକଟକୁ ପଠା ଯାଏ । ଭ୍ରୂଣ ଶରୀରର ଦୂଷିତ ପଦାର୍ଥ ନାଭିନାଳ ଦ୍ୱାରା ଗର୍ଭନାଳ ବାଟ ଦେଇ ବାହାରକୁ ଚାଲିଯାଏ । ନାଭିନାଳକୁ ଭ୍ରୂଣର ଜୀବନରେଖା କୁହାଯାଏ । ନାଭିନାଳ ମଧ୍ୟରେ କୌଣସି ସ୍ନାୟୁ ନଥିବାରୁ ଏହା ମାଧ୍ୟମରେ ମାଆର ଚିନ୍ତାଧାରା ଶିଶୁ ନିକଟରେ ପହଞ୍ଚି ପାରେନା; କିନ୍ତୁ ମାଆର ଆବେଗପୂର୍ଣ୍ଣ ଅନୁଭୂତିଗୁଡ଼ିକ ସ୍ୱତନ୍ତ୍ର ହରମୋନ୍ ସୃଷ୍ଟି କରେ ଯାହା ମାଆର ରକ୍ତ ପ୍ରବାହରେ ମିଶି ଗର୍ଭନାଳ ଦେଇ ଭ୍ରୂଣଠାରେ ପହଞ୍ଚେ ଏବଂ ଭ୍ରୂଣର ଶାରୀରିକ ବିକାଶକୁ ବ୍ୟାହତ କରିଥାଏ ।

ଭ୍ରୂଣାବସ୍ଥାରେ ତୃତୀୟ ସହାୟକ ଉପାଦାନ ହେଉଛି ଆମ୍‌ନିଓଟିକ୍ ଥଳି (Amniotic sac) । ନିଷିକ୍ତ ଡିମ୍ବର ବାହ୍ୟସ୍ତରରୁ କୋରିଅନ୍ (Chorion) ଓ ଆମ୍‌ନିଓଜ (Amnios) ନାମକ ଦୁଇଟି ଝିଲ୍ଲି ସୃଷ୍ଟି ହୁଏ । ଏହି ଦୁଇଟି ଝିଲ୍ଲି ମାଆର ଜରାୟୁର ପ୍ରାଚୀରଠାରେ ଥିବା ଅନ୍ୟ ଏକ ଝିଲ୍ଲି (Decidual capsularis) ସହ ମିଳିତ ହୋଇ ଏକ ତରଳ ପଦାର୍ଥ ସମ୍ବଳିତ ଥଳି ଗଠନ କରନ୍ତି ଏବଂ ବିକଶିତ ହୋଇଥିବା ଭ୍ରୂଣକୁ ପରିବେଷ୍ଟନ କରି ବାହ୍ୟ ବିପଦ, ଦୁର୍ଘଟଣା ଓ ଆକସ୍ମିକ ଆଘାତରୁ ରକ୍ଷା କରନ୍ତି । ଏହି ଥଳି ମଧ୍ୟ ଭ୍ରୂଣକୁ ଉତ୍ତାପ ଦେଇଥାଏ । ଏହି ଥଳି ଗର୍ଭନାଳ ସହିତ ସଂଯୁକ୍ତ ହୋଇଥାଏ ଏବଂ ଏଥିରେ ପାଣି ପରି ଅତି ତରଳ ପଦାର୍ଥ ଥାଏ । ଭ୍ରୂଣର ଆକାର ଓ ବୃଦ୍ଧି ସହିତ ଏହି ଥଳିର ଆକାରରେ ମଧ୍ୟ ପରିବର୍ତ୍ତନ ହୁଏ ଏବଂ ଏହା ବୃଦ୍ଧି ପାଇଥାଏ । ଏହି ଥଳି ମଧ୍ୟରେ ଭ୍ରୂଣ ଭାସମାନ ଅବସ୍ଥାରେ ରହି ବିକଶିତ ହୁଏ । ଜନ୍ମର କିଛି ସମୟ ପୂର୍ବରୁ ଏହି ଆମ୍‌ନିଓଟିକ୍ ଥଳିଟି ଫାଟି ଯାଏ ଏବଂ ଏହା ତରଳ ପଦାର୍ଥ ଛାଡ଼ି ଦିଏ । ଏହି ତରଳ ପଦାର୍ଥ ପ୍ରସବ ମାର୍ଗକୁ ଚିକ୍କଣ କରିଦିଏ । ଜନ୍ମର କିଛି ସମୟ ପରେ ଗର୍ଭନାଳ ଓ ନାଭିନାଳ ମାତାର ପେଟରୁ ବାହାରକୁ ବାହାରି ଆସେ । ଶିଶୁଟି ଜନ୍ମହେବା ପରେ ଏହିସବୁ ସହାୟକ ନାଳମାନଙ୍କର କୌଣସି ଆବଶ୍ୟକତା ନଥାଏ ।

ଅନ୍ତଃକୋଷ ବା ଅନ୍ତଃପରଦା ତିନୋଟି ସ୍ତରରେ ବିଭକ୍ତ ହୋଇଥାଏ, ଯଥା – ବାହ୍ୟସ୍ତର (Ectoderm), ମଧ୍ୟସ୍ତର (mesoderm) ଓ ଅନ୍ତଃସ୍ତର (Endoderm) । ବାହ୍ୟସ୍ତରରୁ ବାହ୍ୟ ଚର୍ମ, ନଖ, ବାଳ, ଦାନ୍ତର କିଛି ଭାଗ, ଚର୍ମଗ୍ରନ୍ଥି, ସମ୍ବୋଗାତ୍ମକ କୋଷ ଏବଂ ସମଗ୍ର ସ୍ନାୟୁମଣ୍ଡଳ ବିକଶିତ ହୁଏ । ଭ୍ରୂଣାବସ୍ଥାର ପ୍ରାରମ୍ଭରେ ବାହ୍ୟ ସ୍ତରରୁ ସ୍ନାୟବିକ ନଳୀ ମଧ୍ୟ ବିକାଶ ଲାଭ କରେ । କାଳକ୍ରମେ ଏହା ମେରୁଦଣ୍ଡ ଓ ମସ୍ତିଷ୍କର ଉପରି ଭାଗ ରୂପେ ବୃଦ୍ଧିଲାଭ କରେ । ମଧ୍ୟସ୍ତରରୁ ଅନ୍ତଃଚର୍ମ, ମାଂସପେଶୀ, ସଞ୍ଚାଳନକାରୀ ଓ ବହିଷ୍କାର ଯନ୍ତ୍ର ଏବଂ ମେରୁଦଣ୍ଡ ପ୍ରଭୃତି ବିକଶିତ ହୁଏ । ଅନ୍ତଃସ୍ତରରୁ ପରିପାକ ଯନ୍ତ୍ରର ପରଦା, ଶ୍ୱାସନଳୀ, ଶ୍ୱାସନଳୀର ଶାଖାପ୍ରଶାଖା, ଗଳଗଣ୍ଡ ନଳୀ, ଫୁସ୍‌ଫୁସ୍, ଯକୃତ, ଅଗ୍ନାଶୟ, ଲାଳଗ୍ରନ୍ଥି, ଥାଇରଏଡ୍ ଓ ଥାଇମସ୍ ଗ୍ରନ୍ଥି ଆଦି ବିକଶିତ ହୁଏ ।

ଭ୍ରୂଣାବସ୍ଥାରେ ବିକାଶ ଅତ୍ୟନ୍ତ କ୍ଷିପ୍ର ହୋଇଥାଏ । ୧୮ ଦିନ ଭିତରେ ଭ୍ରୂଣ କିଛି ଅଂଶରେ ମାନବର ଆକାର ଧାରଣ କରିଥାଏ । ଲମ୍ବ ଭାବରେ ବଢ଼ିବାରୁ ଏହାର ଆଗପାଖରେ ମୁଣ୍ଡ ଓ ପଛ ପାଖରେ ଗୋଟିଏ ଲାଙ୍ଗୁଡ଼ ଦୃଷ୍ଟିଗୋଚର ହୁଏ । ତୃତୀୟ ସପ୍ତାହର ଶେଷବେଳକୁ ହୃତ୍‌ପିଣ୍ଡ ବିକଶିତ ହୋଇଥାଏ ଏବଂ ଏହା ଗତି କରିବାକୁ ଆରମ୍ଭ କରେ । ମୁଖର ପ୍ରାରମ୍ଭିକ ଆକୃତି, ପରିପାକ ଯନ୍ତ୍ରର ପରଦା ଓ ଯକୃତର ବିକାଶ ଆରମ୍ଭ ହୁଏ । ୮ରୁ ୯ ସପ୍ତାହ ବେଳକୁ ମୁହଁ, ଆଖି ଓ କାନ ପ୍ରଭୃତିର ପ୍ରକୃତ ଆକାର ଆସିଯାଏ । ହାତ, ଗୋଡ଼ ଓ ଆଙ୍ଗୁଠି ଆଦି ପରିଷ୍କାର ଭାବେ ଦୃଷ୍ଟିଗୋଚର ହୁଏ । ଏହି ସମୟରେ ଜନନେନ୍ଦ୍ରିୟ ଏପରି ଭାବେ ବିକଶିତ ହୋଇଥାଏ ଯେ ଭ୍ରୂଣର

ଲିଙ୍ଗ ସହଜରେ ଜାଣି ହୁଏ । ଏହି ଅବସ୍ଥାରେ ଶରୀରର ପେଶୀ ମଧ୍ୟ ଗଠିତ ହୁଏ । ଏହି ଅବସ୍ଥାରେ ଭ୍ରୂଣର ଲାଙ୍ଗୁଡ଼ଟିର ବିକାଶ ଶେଷ ସ୍ତରରେ ପହଞ୍ଚେ ଏବଂ ତା'ପରେ ଏହି ଲାଙ୍ଗୁଡ଼ଟି ଧୀରେ ଧୀରେ କ୍ଷୟ ହୋଇଯାଏ । ସ୍ନାୟୁମଣ୍ଡଳର ବିକାଶ ମଧ୍ୟ ଅତି କ୍ଷିପ୍ରଗତିରେ ହୋଇଥାଏ । ଏହି ସମୟରେ ମାଆର କୌଣସି ଆକସ୍ମିକ ଦୁର୍ଘଟଣା ଘଟିଲେ ବା ମାଆ ଅତ୍ୟଧିକ ଔଷଧ ସେବନ କଲେ ଭ୍ରୂଣର ସ୍ନାୟୁ ସଂସ୍ଥାରେ ସ୍ଥାୟୀ କ୍ଷତି ଘଟିଥାଏ । ବାସ୍ତବରେ ଦେଖିବାକୁ ଗଲେ ଭ୍ରୂଣାବସ୍ଥାରେ ମାନବ ଶରୀରର ସମସ୍ତ ଅନ୍ତଃ ଓ ବାହ୍ୟ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ବିକାଶ ଲାଭ କରୁଥିବାରୁ ମାଆର ପରିବେଶ, ମାନସିକ ଓ ପ୍ରାଣିକ ସ୍ଥିତି ଦ୍ୱାରା ଭ୍ରୂଣର ବିକାଶ ବିଶେଷଭାବେ ପ୍ରଭାବିତ ହୁଏ । ଦୁର୍ଘଟଣା ଯୋଗୁଁ ମାନସିକ ଆଘାତ, ସୁଷମ ଓ ପୁଷ୍ଟିକର ଖାଦ୍ୟାଭାବ କିଂବା ମାଆର ବିଭିନ୍ନ ଗ୍ରନ୍ଥିମାନଙ୍କର ସ୍ରାବ ଠିକ୍ ଭାବେ ହୋଇ ନ ପାରିଲେ ଏବଂ ଅନ୍ୟାନ୍ୟ କେତେକ ଅବ୍ୟବସ୍ଥା ଯୋଗୁ ଭ୍ରୂଣର ସ୍ଥାନଚ୍ୟୁତ ଘଟିଲେ ଭ୍ରୂଣଟି ନଷ୍ଟ ହେବାର ସମ୍ଭାବନା ଥାଏ ଅଥବା ସ୍ଥାୟୀ କ୍ଷତି ଘଟିଥାଏ । ଭ୍ରୂଣାବସ୍ଥାର ଶେଷ ପର୍ଯ୍ୟାୟରେ ଭ୍ରୂଣର ଆକୃତି ସ୍ୱଷ୍ଟ ଭାବରେ ଗୋଟିଏ ଛୋଟ ମଣିଷ ପରି ଦେଖାଯାଏ ।

ପ୍ରାକ୍ ଜନ୍ମ ପର୍ଯ୍ୟାୟରେ ପ୍ରତ୍ୟେକ ଅଙ୍ଗର ବିକାଶ ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସମୟ ଥାଏ । ଯଦି ନିର୍ଦ୍ଦିଷ୍ଟ ସମୟରେ କୌଣସି କାରଣରୁ କୌଣସି ଅଙ୍ଗର ବିକାଶରେ ବ୍ୟାଘାତ ଘଟେ ତେବେ ଏହା ସମ୍ପୂର୍ଣ୍ଣ ଭାବରେ ବିକଶିତ ହୋଇପାରେ ନାହିଁ, କାରଣ ଅନ୍ୟ କୌଣସି ଅଙ୍ଗରେ ଦ୍ରୁତ ବିକାଶର ସମୟ ପହଞ୍ଚି ଯାଇଥାଏ । କିନ୍ତୁ ଭ୍ରୂଣ ଶରୀରର କୌଣସି ଅଙ୍ଗପ୍ରତ୍ୟଙ୍ଗ ଥରେ ବିକଶିତ ହୋଇ ସାରିଲା ପରେ ଗର୍ଭବତୀ ମାଆର ପରିବେଶରେ କୌଣସି ପ୍ରତିକୂଳ ଅବସ୍ଥା ଜାତ ହେଲେ ଭ୍ରୂଣ ଉପରେ ବିଶେଷ ପ୍ରଭାବ ପକାଇପାରେ ନାହିଁ ।

**ଗର୍ଭାବସ୍ଥା** (Fetal Period) : ଏହା ଦ୍ୱିତୀୟ ମାସର ଶେଷ ସପ୍ତାହଠାରୁ ଆରମ୍ଭ ହୋଇ ଶିଶୁ ଜନ୍ମହେବା ପର୍ଯ୍ୟନ୍ତ ଚାଲିଥାଏ । ଏହା ପ୍ରାକ୍ ଜନ୍ମ ଅବସ୍ଥାର ଶେଷ ପର୍ଯ୍ୟାୟ । ଭ୍ରୂଣାବସ୍ଥାରେ ଶରୀରର ଯେଉଁସବୁ ଅଙ୍ଗପ୍ରତ୍ୟଙ୍ଗର ଗଠନ ହୋଇଥାଏ, ଏହି ଅବସ୍ଥାରେ ସେହିସବୁ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ କେବଳ ବିକାଶ ଓ ବୃଦ୍ଧିଲାଭ କରନ୍ତି ବା ଆପେକ୍ଷିକ ଆକାରରେ ପରିବର୍ତ୍ତନ ଘଟେ ଏବଂ ସେଗୁଡ଼ିକ କାର୍ଯ୍ୟକ୍ଷମ ହୁଅନ୍ତି । ଏହି ପର୍ଯ୍ୟାୟରେ କୌଣସି ନୂତନ ଅଙ୍ଗ ଗଠିତ ହୁଏ ନାହିଁ । ଏହି ଅବସ୍ଥାରେ ସ୍ୱର୍ଶ ଉଦ୍ଦୀପକ ପ୍ରତି ଭ୍ରୂଣଟିର ପ୍ରତିକ୍ରିୟା ଦେଖାଯାଏ ଏବଂ ଏହା ସକ୍ରିୟ ହେବାକୁ ଆରମ୍ଭ କରେ । ତୃତୀୟ ମାସର ଶେଷ ପର୍ଯ୍ୟନ୍ତ ଶିଶୁର ଲମ୍ବ ପ୍ରାୟ ୩ରୁ ୪ ଇଞ୍ଚ ଏବଂ ଓଜନ ପ୍ରାୟ ୩ରୁ ୪ ଆଉନ୍‌ସ ହୋଇଥାଏ । ୫ ମାସ ବେଳକୁ ଲମ୍ବ ପ୍ରାୟ ୧୦ ଇଞ୍ଚ ଓ ଓଜନ ୮ରୁ ୯ ଆଉନ୍‌ସ ହୋଇଥାଏ । ୮ ମାସରେ ଲମ୍ବ ପ୍ରାୟ ୧୬ରୁ ୧୮ ଇଞ୍ଚ ଓ ଓଜନ ୪ରୁ ୫ ପାଉଣ୍ଡ ଏବଂ ୧୦ ମାସରେ ଲମ୍ବ ପ୍ରାୟ ୨୦ ଇଞ୍ଚ ଓ ଓଜନ ୭ରୁ ୮ ପାଉଣ୍ଡ ପର୍ଯ୍ୟନ୍ତ ହୋଇଥାଏ ।

ଗର୍ଭାବସ୍ଥାରେ ଶିଶୁ ଶରୀରର ଅଙ୍ଗପ୍ରତ୍ୟଙ୍ଗର ବୃଦ୍ଧି ଯୋଗୁଁ ଗର୍ଭଟି ବୃଦ୍ଧିପାଏ ଏବଂ ବାହାରକୁ ତାହା ଜଣାପଡ଼େ । ଗର୍ଭାବସ୍ଥାର ପ୍ରାରମ୍ଭରେ ଚର୍ମ ଲୋଚାକୋଚା ହୋଇଥାଏ; କାରଣ ଚର୍ମର ତଳେ ଚର୍ବିର ଅଭାବ ଥାଏ । ଏହି ଅବସ୍ଥାର ଶେଷ ଭାଗରେ ଚର୍ମର ତନ୍ତ୍ରୀ ବିକାଶ ଲାଭ କରିଥିବାରୁ ଚର୍ମର ରଙ୍ଗ ଲାଲ ଦେଖାଯାଏ । ଶରୀରର ଅଧିକାଂଶ ସ୍ଥାନରେ ନରମ ଓ କୋମଳ ଲୋମ ଦେଖାଯାଏ ଏବଂ ଜନ୍ମର ଅଳ୍ପଦିନ ପରେ ଏହା ଝଡ଼ି ପଡ଼େ । ଏହି ସମୟରେ ଷ୍ଟେଥିସ୍କୋପ ଦ୍ୱାରା ଗର୍ଭସ୍ଥ ଶିଶୁର ହୃଦ୍ କମ୍ପନ ଶୁଣାଯାଇପାରେ । ଥାଇମସ୍, ଥାଇରଏଡ୍ ଓ ଆଡ୍ରିନାଲ ଗ୍ରନ୍ଥିମାନଙ୍କର ଆପେକ୍ଷିକ ଓଜନରେ ପରିବର୍ତ୍ତନ ହୁଏ । ତୃତୀୟ ମାସ ବେଳକୁ ସ୍ନାୟୁତନ୍ତ୍ରୀଗୁଡ଼ିକ ବିକଶିତ ହୋଇଥାଏ । ଚତୁର୍ଥମାସ ଶେଷ ବେଳକୁ ପ୍ରାରମ୍ଭିକ ଅସ୍ଥିଭବନ କେନ୍ଦ୍ର ଗଠିତ ହୋଇଥାଏ । ମସ୍ତିଷ୍କର ସମସ୍ତ ଭାଗର ବିକାଶ ଏକ ସଙ୍ଗରେ ହୁଏ ନାହିଁ । ତେଣୁ ସ୍ନାୟୁ ତନ୍ତ୍ରୀଗୁଡ଼ିକର ବିକାଶ ଅସମ୍ପୂର୍ଣ୍ଣ ଥାଏ । ଏହି ସମୟରେ ଇନ୍ଦ୍ରିୟମାନଙ୍କର ବିକାଶ ହୋଇଥାଏ । ସ୍ୱାଦ, ଘ୍ରାଣ, ଦୃଷ୍ଟି, ଶ୍ରବଣ, ସ୍ୱର୍ଶ ଆଦି ଜ୍ଞାନେନ୍ଦ୍ରିୟମାନଙ୍କର ବିକାଶ ଘଟେ ଏବଂ ୨୮ ସପ୍ତାହ ହେଲା ବେଳକୁ ମାଆ ଏସବୁ ଠିକ୍ ଭାବେ ବିକଶିତ ହୋଇଛି କି ନାହିଁ ତାହା ଜାଣିପାରେ । ଗର୍ଭସ୍ଥ ଶିଶୁଟି ଗତି କରୁଥିବାରୁ ଅନେକ କଥା ଶୁଣିପାରେ, ସ୍ୱାଦ ଓ ଗନ୍ଧ ବାରିପାରେ । ସେଥିପାଇଁ ଗର୍ଭରେ ଶିଶୁଟି ଥିବାବେଳେ ମାଆକୁ ସୁନ୍ଦର ଚିତ୍ର ଦେଖିବା, ସୁନ୍ଦର ଗଳ୍ପ ଓ ସଂଗୀତ ଶୁଣିବା, ଆଧ୍ୟାତ୍ମିକ ଗ୍ରନ୍ଥ ଅଧ୍ୟୟନ କରିବା, ମନୋରମ ପରିବେଶରେ ବୁଲାବୁଲି କରିବା, ଶୁଦ୍ଧ ବାୟୁ, ଖାଦ୍ୟ ଓ ଜଳ ଗ୍ରହଣ କରିବା, ବିଶ୍ରାମ ନେବାର ବ୍ୟବସ୍ଥା ମାନ କରାଯିବା ଉଚିତ ଏବଂ ମାନସିକ ଅବସ୍ଥା ଯେପରି ଶାନ୍ତ ଓ ଶୁଦ୍ଧ ରହେ ସେଥି ପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ । ନାନା ଦୁଃଶ୍ଚିନ୍ତା, ଭୟ, କ୍ରୋଧ, ହିଂସା, ପ୍ରତିଶୋଧ ଆଦିରୁ ମାଆ ଦୂରେଇ ରହିବା ଉଚିତ, ନଚେତ୍ ତା'ର ପ୍ରଭାବ ଗର୍ଭସ୍ଥ ଶିଶୁ

ଉପରେ ପଡ଼ିଥାଏ । ମାଆର କ୍ରିୟା ଓ ପ୍ରତିକ୍ରିୟାରେ ଗର୍ଭସ୍ଥ ଶିଶୁ ମଧ୍ୟରେ ସ୍ପନ୍ଦନ ଘଟୁଥିବାରୁ ଶିଶୁଟି ବିଚଳିତ ହୋଇପଡ଼େ ଏବଂ ଅତ୍ୟଧିକ ସକ୍ରିୟ ହୋଇ ପ୍ରତିକ୍ରିୟାକୁ ପ୍ରକାଶ କରେ । ମାଆର ଅତ୍ୟଧିକ ଅସ୍ୱାଭାବିକ ଆବେଗ ପୂର୍ଣ୍ଣ ଅନୁଭୂତି ଯୋଗୁଁ ବିଭିନ୍ନ ଗ୍ରନ୍ଥିମାନଙ୍କରୁ ରସ ନିର୍ଗତ ହୋଇ ମାଆର ରକ୍ତରେ ମିଶେ ଏବଂ ଏହି ରକ୍ତ ଭ୍ରୂଣ ଗ୍ରହଣ କରିବା ଫଳରେ ତା'ର ବିକାଶ ଠିକ୍ ଭାବରେ ହୋଇପାରେ ନାହିଁ । ୨୮ ସପ୍ତାହଠାରୁ ଜନ୍ମ ପର୍ଯ୍ୟନ୍ତ ଗର୍ଭସ୍ଥ ଶିଶୁର ଶରୀରର ବିଭିନ୍ନ ଅଙ୍ଗର ଗଠନ ଓ କ୍ରିୟାକଳାପର ଅଧିକ ବିକାଶ ଦେଖାଯାଏ । ଏହି ଅବସ୍ଥାରେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ପୋଷଣ ଓ ସୁରକ୍ଷା ନିମିତ୍ତ ବିଶେଷ ଦୃଷ୍ଟି ଦିଆଯାଏ । ଏହା ମାଆ ଉପରେ ବିଶେଷ ଭାବେ ନିର୍ଭର କରିଥାଏ । ଏପରିକି ମାଆ ଶାନ୍ତ ଓ ନୀରବ ରହି ପିଲାଟିର ଭାବ ମଧ୍ୟ ଜାଣିପାରେ । ସାତ ମାସ ଶେଷ ବେଳକୁ ଗର୍ଭସ୍ଥ ଶିଶୁର ଅଙ୍ଗପ୍ରତ୍ୟଙ୍ଗର ପରିପକ୍ୱତା ପ୍ରାୟ ଆସିଥାଏ । ତେଣୁ ସମୟ ପୂର୍ବରୁ ଜନ୍ମଲାଭ କଲେ ମଧ୍ୟ ଶିଶୁଟି ଜୀବିତ ରହିବାର ସମ୍ଭାବନା ଥାଏ । ଆଠ ମାସ ଶେଷରେ ଶରୀରର ସମସ୍ତ ଗଠନ କାର୍ଯ୍ୟ ପୂରା ହୋଇଯାଏ । ଏହି ସମୟରେ ଶିଶୁଟି ଜନ୍ମହେଲେ ମଧ୍ୟ ଜୀବିତ ରହିବାର ସମ୍ଭାବନା ସାତ ମାସର ଶିଶୁ ଅପେକ୍ଷା ଅଧିକ ଥାଏ । ପ୍ରାକ୍ ଜନ୍ମ ଅବସ୍ଥାର ବୃଦ୍ଧି ଓ ବିକାଶକୁ ଯେଉଁ ପାରିପାର୍ଶ୍ୱିକ ଉପାଦାନଗୁଡ଼ିକ ପ୍ରଭାବିତ କରନ୍ତି ସେଗୁଡ଼ିକ ମଧ୍ୟରେ ଗ୍ରନ୍ଥିମାନଙ୍କର ଅତିରିକ୍ତ ସ୍ରାବ ବା ସ୍ରାବର ଅଭାବ, ଅତ୍ୟଧିକ ଔଷଧ ସେବନ, ଯୌନ ତଥା ଅନ୍ୟାନ୍ୟ ରୋଗ, ମଦ୍ୟପାନ ଓ ନିଶା ଦ୍ରବ୍ୟ ସେବନ, ଖାଦ୍ୟାଭାବ, ଗର୍ଭକାଳର ବାତାବରଣରେ କୌଣସି ଅସ୍ୱାଭାବିକତା ଆଦି ମୁଖ୍ୟ ଅଟନ୍ତି । ଗର୍ଭାବସ୍ଥାର ପ୍ରାରମ୍ଭରେ ରଞ୍ଜନ ରଶ୍ମି ପ୍ରୟୋଗ କରିବା ଅନୁଚିତ ।

ଏତଦ୍‌ବ୍ୟତୀତ ଆର୍.ଏଚ୍. ରକ୍ତ (Rh blood factors) ବା ରକ୍ତର ପ୍ରକାର (Blood type)ରେ ପାର୍ଥକ୍ୟ ରହିଲେ ଶିଶୁର ବିକାଶରେ ଅସଂଗତି ଦେଖାଯାଏ । ଶିଶୁର ଲୋହିତ ରକ୍ତକଣିକାରେ ଏକ ପ୍ରକାର ଉପାଦାନ ଥାଏ, ଯାହା ଫଳରେ ଶିଶୁଠାରେ ଏକ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ହୋଇଥିବା ସିରମ୍ (serum) ପ୍ରୟୋଗ କଲେ ତା'ର ରକ୍ତ ଜମାଟ ବାନ୍ଧି ଯାଏ । ମାତ୍ର ମାଆର ରକ୍ତରେ ଏହି ଉପାଦାନର ଅଭାବ ଥାଇପାରେ । ଏପରି କ୍ଷେତ୍ରରେ ଶିଶୁକୁ $Rh^{+ve}$ ଓ ମାଆକୁ $Rh^{-ve}$ କୁହାଯାଏ । ଏହା ହୋଇଥିଲେ କେତେକ ଅସୁବିଧା ଦେଖାଦିଏ । ଶିଶୁ ଓ ମାଆ ଉଭୟ $Rh^{+ve}$ ହୋଇଥିଲେ ସନ୍ତାନର କିଛି କ୍ଷତି ହୁଏ ନାହିଁ । $Rh^{+ve}$ ଥିବା ଗର୍ଭସ୍ଥ ଶିଶୁଠାରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ କେତେକ ଉପାଦାନ ପ୍ରସ୍ତୁତ କରେ ଏବଂ ଏହା ଗର୍ଭନାଳ ମଧ୍ୟ ଦେଇ ମାଆର ରକ୍ତ ସ୍ରୋତରେ ପ୍ରବେଶ କରେ । ଏହା ଫଳରେ ମାଆର ରକ୍ତ ବିଷାକ୍ତ ହୋଇଯାଏ ବା ରକ୍ତରେ ବିଷାକ୍ତ ଉପାଦାନ ଜାତ ହୁଏ । ମାଆର ରକ୍ତର ପ୍ରକାର ଯଦି $Rh^{+ve}$ ହୋଇଥିବ ତେବେ ତାହା ଏହି ବିଷାକ୍ତ ଉପାଦାନକୁ ରକ୍ତରୁ ଦୂର କରିଦେବ । ମାତ୍ର ଯଦି $Rh^{-ve}$ ହୋଇଥିବ, ରକ୍ତରୁ ଏହି ବିଷାକ୍ତ ଉପାଦାନ ଦୂର କରି ହେବ ନାହିଁ । ଏହି ବିଷାକ୍ତ ପଦାର୍ଥ ଶିଶୁର ରକ୍ତ ସଞ୍ଚାଳନ ସଂସ୍ଥା ମଧ୍ୟରେ ପ୍ରବେଶ କରି ଗର୍ଭର ଲୋହିତ ରକ୍ତକଣିକାଗୁଡ଼ିକୁ ନଷ୍ଟ କରି ଦିଅନ୍ତି ଏବଂ ଅମ୍ଳଜାନ ଯୋଗାଇବାରେ ବାଧା ସୃଷ୍ଟି କରନ୍ତି । ଫଳରେ ଗର୍ଭପାତ ହୁଏ କିଂବା ମଲା ଶିଶୁର ପ୍ରସବ ହୁଏ ଅଥବା ନବଜାତ ଶିଶୁର ମୃତ୍ୟୁ ଘଟେ । ଯଦିବା କୌଣସି କାରଣରୁ ଶିଶୁ ବଞ୍ଚିଯାଏ ତେବେ ତା'ର ମସ୍ତିଷ୍କର କ୍ଷତି ଘଟେ । ସେ ପକ୍ଷାଘାତ ରୋଗର ଶିକାର ହୋଇପାରେ ବା ମାନସିକ ବିକଳାଙ୍ଗ ହୋଇପାରେ । ମା ଓ ଶିଶୁର ରକ୍ତର ପ୍ରକାରରେ ଅସଂଗତି ଲକ୍ଷ୍ୟ କରାଗଲେ ସଙ୍ଗେ ସଙ୍ଗେ ରକ୍ତର ଅନୁପ୍ରବେଶ (Blood transfusion) କରାଯାଇ ଶିଶୁକୁ ମାନସିକ ବିକଳାଙ୍ଗ ହେବାରୁ ରକ୍ଷା କରା ଯାଇପାରେ । ଏପରି ରକ୍ତ ପ୍ରକାରର ଅସଙ୍ଗତି ପ୍ରାୟ କମ୍ ଦେଖାଯାଏ ।

ସାଧାରଣତଃ ୨୧ ବର୍ଷ ପରେ ନାରୀଟିଏ ମାଆ ହେବାକୁ ଯୋଗ୍ୟ ହୋଇଥାଏ । ୨୧ ବର୍ଷ ପୂର୍ବରୁ ମାତାର ଜନନେନ୍ଦ୍ରିୟ ସମ୍ପୂର୍ଣ୍ଣଭାବେ ବିକାଶ ଲାଭ କରି ନଥାଏ ଏବଂ ପ୍ରସବ ପାଇଁ ଆବଶ୍ୟକୀୟ ହରମୋନ୍ ଠିକ୍ ଭାବରେ ପ୍ରସ୍ତୁତ ହୋଇ ନ ଥାଏ । ୩୫ ବର୍ଷ ପରେ ମାତାର ଅନ୍ତଃସ୍ରାବୀ ଗ୍ରନ୍ଥିମାନଙ୍କରେ ଅସନ୍ତୁଳନ ଦେଖାଦିଏ । ଏହା ଡିମ୍ବର ପରିପକ୍ୱତାକୁ ଶିଥିଳ କରିବା ସହିତ ଭ୍ରୂଣର ବୃଦ୍ଧି ଓ ବିକାଶକୁ ବ୍ୟାହତ କରାଏ । ତେଣୁ ୩୫ ବର୍ଷ ପୂର୍ବରୁ ନାରୀଟି ମାଆ ହେବା ଭଲ । ଟର୍ମ୍ୟାନ (Terman)ଙ୍କ ମତରେ ପିତାର ବୟସ ୩୩ରୁ ୩୫ ଓ ମାତାର ବୟସ ୨୮ରୁ ୨୯ ହୋଇଥିବା ବେଳେ ସାଧାରଣତଃ ପ୍ରତିଭାଶାଳୀ ଓ ଧୀଶକ୍ତି ସମ୍ପନ୍ନ ଶିଶୁ ଜନ୍ମ ଲାଭ କରନ୍ତି ।

ଏଥିରୁ ସ୍ପଷ୍ଟଭାବେ ଜଣା ପଡୁଛି ଯେ ପ୍ରାକ୍-ଜନ୍ମର ପରିବେଶ ଶିଶୁର ବୃଦ୍ଧି ଓ ବିକାଶ ତଥା ବ୍ୟକ୍ତିତ୍ୱର ସଂହତି

ସକାଶେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଶିଶୁର ଶାରୀରିକ, ପ୍ରାଣିକ ଓ ମାନସିକ ବିକାଶର ମୂଳଦୁଆ ଏହି ଅବସ୍ଥାରେ ପଡୁଥିବାରୁ ତା'ର ଉଚିତ ଓ ସୁସ୍ଥ ବିକାଶ ସକାଶେ ପାରିପାର୍ଶ୍ୱିକ ଅବସ୍ଥା ବା ପରିବେଶଟି ସୁସ୍ଥ ଓ ଅନୁକୂଳ ହେବା ବାଞ୍ଛନୀୟ । ବିଭିନ୍ନ ସମୟରେ ବିଭିନ୍ନ ଅଙ୍ଗର ବୃଦ୍ଧି ଓ ବିକାଶ ଘଟୁଥିବାରୁ କେଉଁ ସମୟରେ ପାରିପାର୍ଶ୍ୱିକ ଅବସ୍ଥାର ପ୍ରଭାବ କିପରି ପଡ଼େ, ସେଥିପ୍ରତି ନଜର ରଖିବା ଉଚିତ । ନଚେତ୍ ନିର୍ଦ୍ଦିଷ୍ଟ ଅଙ୍ଗର ବିକାଶ ଧାରା ବଦଳି ଯାଏ କିଂବା ବିକାଶରେ ବ୍ୟାଘାତ ସୃଷ୍ଟି ହୁଏ । ବିଶେଷତଃ ଭ୍ରୂଣାବସ୍ଥାରେ ମାନବ ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗର ଗଠନ ହେଉଥିବାରୁ ପ୍ରାକ୍-ଜନ୍ମ ଅବସ୍ଥାର ପ୍ରାରମ୍ଭିକ ତିନି ମାସ ଭ୍ରୂଣର ବିକାଶ ପାଇଁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସମୟ ଅଟେ ।

ସୀମନ୍ତୋନ୍ନୟନ ସଂସ୍କାରଟି ଶେଷରେ ହୋଇଥାଏ । ଏହି ପରିପ୍ରେକ୍ଷୀରେ ନିରାପଦ ଓ ସହଜ ପ୍ରସବ ପାଇଁ ମାତୃଶକ୍ତିକୁ ଆବାହନ କରାଯାଏ । ଯେଉଁ ଆତ୍ମା ପୃଥିବୀପୃଷ୍ଠକୁ ଆସିବା ପାଇଁ ପ୍ରୟାସ କରୁଛି ତା'ର ତଥା ମାଆର ସୁରକ୍ଷା ପାଇଁ ଏବଂ ମାଆର ପ୍ରସବ ବେଦନା, କ୍ଲାନ୍ତି ଓ ଅବସାଦକୁ ଦୂର କରି ତା' ଭିତରେ ଧୈର୍ଯ୍ୟ, ସାହସ, ଶକ୍ତି, ଶାନ୍ତି ଓ ଆନନ୍ଦ ଭରିଦେବା ସକାଶେ ମାତୃଶକ୍ତିଙ୍କୁ ଆରାଧନା କରାଯାଏ । ଏଥିପାଇଁ ଇଷ୍ଟଙ୍କୁ ପୂଜା କରାଯାଏ ଏବଂ ଦେବଦେବୀମାନଙ୍କୁ ପ୍ରାର୍ଥନା କରାଯାଏ । ଏହି ସମୟରେ ମନ୍ତ୍ର ଉଚ୍ଚାରଣ, ନାମଜପର ପ୍ରଭାବ ଫଳପ୍ରଦ ହୋଇଥାଏ ।

(କ୍ରମଶଃ)

❑❑❑

# ନବବର୍ଷ ହେଉ ଶୁଭଙ୍କରୀ

## ଶରତ କୁମାରୀ ସ୍ୱାଇଁ

ଶୀତାକ୍ତ ଶିଶିର ଭିଜା ଧରାବକ୍ଷେ ଏଇ
ଅବତରି ଆସୁଛନ୍ତି ମାତା ଦୟାମୟୀ ।
ପୂର୍ବାଶା ଲଲାଟ ମଣ୍ଡି ରକ୍ତରାଗେ ଉଦୟ ଅରୁଣ
ସମ୍ଭାଷୁଛି ଦିବ୍ୟ ଜନନୀରେ
ଛିନ୍ନ କରି ତମିସ୍ରାର ଝିନ୍ନ ଆବରଣ ।

ମୃତ୍ତିକାର ଅଚେତନ ବକ୍ଷେ ମାତଃ,
ସୁଶୋଭନ ପାଦ ତବ
ଯେବେ ଯିବ ସଧୀରେ ସଞ୍ଚରି,
ଜଡ଼ ଦେହେ ଜୀବନ ଜାଗିବ ପୁଣି
ଅଙ୍କୁରିତ ହେବ ବୀଜ ଭ୍ରୂଣ ସମ ଥରି ।

ଶାଖାରେ ଶାଖାରେ ତା'ର
ଦିବ୍ୟାଲୋକ ଅରୁଣିମା ଭରି
ମର୍ମରିତ ହେବ କିଶଳୟ,
ଭକ୍ତି ଅର୍ଘ୍ୟ ଢାଳିବେ ପାଦପ
ପୁଷ୍ପଭାରେ ମଥାନତ କରି –
ଦିବ୍ୟାନନ୍ଦେ ଭ୍ରମରର ମଧୁର ଗୁଞ୍ଜନ
ଉଦ୍‌ବେଳିତ କରିବ ଜୀବନ ।
ଆନନ୍ଦ ଓ ସୌନ୍ଦର୍ଯ୍ୟର ସକଳ ସମ୍ଭାରେ
ସମୃଦ୍ଧ କରିବେ ପୁଷ୍ପେ ରଙ୍ଗ ରୂପ ଦେଇ,
ପାରିଜାତ ମହକରେ ମଳୟ ଭ୍ରମିବ
ଉଚ୍ଛ୍ୱସିତ ତରୁ ତୃଣ ହୃଦୟକୁ ଛୁଇଁ,
ଅଚଳ ଗିରିକନ୍ଦରୁ ନିର୍ଝରିଣୀ ଅମୃତ ଝରାଇ
ବିପୁଳ ଆନନ୍ଦେ ମଜ୍ଜି,
ପୁଲକରେ ଭରିଯିବ ଶାନ୍ତ ବନଭୂଇଁ ।

ଚନ୍ଦ୍ରାୟିତ ହୋଇଯିବ ନିରନ୍ଧ୍ର ଅନ୍ଧାର
ଝରୁଥିବ ଚତୁର୍ଦ୍ଦିଗେ ଅମୃତର ଝର ।

ପ୍ରତି ପ୍ରାଣେ ଭରିଦେଇ ଆସ୍ଥା ଓ ବିଶ୍ୱାସ
ଦୂର କରି ଅଜ୍ଞାନତା, ଅକ୍ଷମତା, ଅପୂର୍ଣ୍ଣତା,
ଯେତେସବୁ ଅହେତୁକ ଖେଦ,
ଶୁଭଲଗ୍ନେ ଚେତନାର ଦିଗ ସ୍ପର୍ଶି,
ଶାଶ୍ୱତ ଶାନ୍ତି ପ୍ରସରି
ନବବର୍ଷ ହେଉ ଶୁଭଙ୍କରୀ । ❑

# ଆନ୍ତରିକତା ସମ୍ପର୍କରେ

## (୨)

## କୁମାର ଚନ୍ଦ୍ର ମିଶ୍ର

[ଦିବ୍ୟଜନନୀ ଶ୍ରୀମାଙ୍କ ପ୍ରତୀକରେ ଦର୍ଶାଯାଇଥିବା ବାରଟି ପାଖୁଡ଼ା ବାରଟି ଶ୍ରେୟଗୁଣର ପ୍ରତିନିଧିତ୍ୱ କରନ୍ତି । ସେହି ଶ୍ରେୟଗୁଣମାନଙ୍କ ମଧ୍ୟରୁ 'ଆନ୍ତରିକତା' ହେଲା ଅନ୍ୟତମ । ଗତ ସଂଖ୍ୟାରେ ଆନ୍ତରିକତାର ସଂଜ୍ଞା ନିରୂପଣ କରାଯାଇ ପୂର୍ଣ୍ଣ ଆନ୍ତରିକତା, ଚରମ ଆନ୍ତରିକତା ଓ ଆନ୍ତରିକତାର କେତୋଟି ବିଶିଷ୍ଟ ଦିଗ ପ୍ରତି ଆଲୋକପାତ କରାଯାଇଛି । ନିମ୍ନ ଆଲୋଚନାଟିରେ ଆନ୍ତରିକତାର ବିଭିନ୍ନ ସୋପାନ ବା ପର୍ଯ୍ୟାୟ, ଅନାନ୍ତରିକତାର କିଛି ଉଦାହରଣ ଓ ଆନ୍ତରିକତାର ଉପଯୋଗିତା ସମ୍ପର୍କରେ କିଛି ତଥ୍ୟ ଉପସ୍ଥାପନ କରାଯାଇଛି ।]

ଆନ୍ତରିକତାର ବିଭିନ୍ନ ପର୍ଯ୍ୟାୟ ବା ସୋପାନ ରହିଛି ।

ପ୍ରଥମ ସୋପାନର ଏକ ଉଦାହରଣ ହେଲା – ''ଜଣେ ତା'ର ଏକ ବୃହତ୍ ଅଭୀପ୍ସା ରହିଛି ବୋଲି ଦାବି କରୁଥିବ, ସେ ଏକ ଆଧ୍ୟାତ୍ମିକ ଜୀବନ ଲାଗି ଇଚ୍ଛା କରୁଛି ବୋଲି ଦାବି କରୁଥିବ ଏବଂ ଯୁଗପତ୍ ଓଲଟା କାମସବୁ କରୁଥିବ ... ସେ ଲଜ୍ଜାହୀନ ଭାବେ ଆଧ୍ୟାତ୍ମିକ ଜୀବନର ଏକାବେଳକେ ଅକଥନୀୟ ବିପରୀତ କାର୍ଯ୍ୟମାନ କରୁଥିବ, ପଶୁସୁଲଭ କର୍ମସବୁ କରୁଥିବ ତେବେ ଏହାକୁ ଅନାନ୍ତରିକତାର ନିମ୍ନତମ ସୋପାନ ବୋଲି କୁହାଯାଇପାରେ ।

ଦ୍ୱିତୀୟତଃ ଜଣେ ବ୍ୟକ୍ତି ଏଣେ ଗୋଟାଏ କଥା କହି ତେଣେ ଅନ୍ୟ ଏକ କଥା ଚିନ୍ତା କରୁଥିବ, ତ୍ରୁଟିଗୁଡ଼ିକରୁ ମୁକ୍ତହେବା ଲାଗି ଇଚ୍ଛା କରୁଛି ବୋଲି କହୁଥିବ, ଅଥଚ ଚେତନା ମଧ୍ୟରେ ସେହି ତ୍ରୁଟି ଓ ବାସନାଗୁଡ଼ିକୁ ଅତି ଯତ୍ନର ସହ ସାଇତି ରଖିଥିବ ଓ ଅତି ସାବଧାନତା ସହ ସେଗୁଡ଼ିକୁ ଲୁଚାଇ ରଖିଥିବ; ଯେପରିକି ସେଗୁଡ଼ିକ ଉପରେ କେହି ବି କଦାପି ହସ୍ତକ୍ଷେପ କରି ପାରିବେ ନାହିଁ କିଂବା ଘଉଡ଼େଇ ଦେଇ ପାରିବେ ନାହିଁ । ଓଡ଼ିଆରେ ଗୋଟିଏ ପ୍ରବାଦ ରହିଛି – ''ବିରାଡ଼ି ଆଖି ବୁଜି ଖିର ପିଉଛି'' । ସେହିପରି ଅନ୍ୟମାନେ ତା'ର କାରବାର ବା କୂଟକୌଶଳ ସମ୍ପର୍କରେ ଅବଗତ ଥିଲେ ବି ନିଜେ ଭାବୁଥିବ ଯେ ସେ ଜଣେ ସରଳ ନିଷ୍କପଟ ସାଧୁବ୍ୟକ୍ତିଟିଏ । ବାହାରକୁ ସେହିପରି ଦେଖେଇ ହେଉଥିବ । ଏ ହେଲା ଅନାନ୍ତରିକତା ବା ଅନିଷ୍ଠାର ଦ୍ୱିତୀୟ ସୋପାନ ।

ସତ୍ତାଟିର ଗୋଟିଏ ଭାଗ, ପରମ ଦିବ୍ୟସତ୍ତାଙ୍କ ଲାଗି ରହିଥିବା କେନ୍ଦ୍ରସ୍ଥ ଅଭୀପ୍ସାଟିର ପ୍ରତିକୂଳ ହୋଇ ରହିଥିବା ପର୍ଯ୍ୟନ୍ତ ଆମେ କଦାପି ସମ୍ପୂର୍ଣ୍ଣ ନିଷ୍ଠାଯୁକ୍ତ ହୋଇ ପାରିବା ନାହିଁ । ସାଧାରଣତଃ ଅଧିକାଂଶ ସମୟରେ ଏହିପରି ହୋଇଥାଏ ଯେ ଯେତେବେଳେ ଆମ ପ୍ରକୃତି ମଧ୍ୟରେ ଆମକୁ ଭଲ ଲାଗୁ ନ ଥିବା କୌଣସି ଉପାଦାନ ରହିଥାଏ ସେତେବେଳେ ଆମେ ସେଇଟାକୁ ଲୁଚାଇ ରଖିଥାଉ, ସେଥିଲାଗି ଅନେକ ଅନୁକୂଳ ବ୍ୟାଖ୍ୟାମାନ ଯୋଗାଡ଼ କରି ରଖିଥାଉ, ଆତ୍ମ-ସମର୍ଥନଗୁଡ଼ିକୁ (self justification) ସଞ୍ଚୟ କରି ରଖିଥାଉ । ଦୋଷ ଦୁର୍ବଳତାଗୁଡ଼ିକ ଆମ ଆଖିକୁ ଦେଖାଯାଉ ନ ଥାଏ । ସେସବୁ ପୁନରାବୃତ୍ତ ହୋଇ ଚାଲିଥାଏ । ସ୍ୱତଃ ସେଗୁଡ଼ିକ ସେପରି ହେଉଥାଏ ଏବଂ ଆମକୁ ତାହା ଅତି ସ୍ୱାଭାବିକ ମନେ ହେଉଥାଏ । ଏହା ନିଶ୍ଚିତ ରୂପେ ଆନ୍ତରିକତାର ଠିକ୍ ବିପରୀତ ଓ ଏହାକୁ ଅନାନ୍ତରିକତାର ତୃତୀୟ ସୋପାନ ବୋଲି କୁହାଯାଇ ପାରେ ।

ଦୁର୍ବଳ ବ୍ୟକ୍ତିମାନେ ନିଷ୍କପଟ ହୋଇ ପାରନ୍ତି ନାହିଁ । ପୁନଶ୍ଚ ଅନ୍ୟମାନେ ନିଷ୍କପଟ ହେବାଯାଏ, ନିଜେ ନିଷ୍କପଟ ହେବା ନିମିତ୍ତ ଅପେକ୍ଷା କରିବାର କୌଣସି କାରଣ ବା ଆବଶ୍ୟକତା ନ ଥାଏ । 'ଅନ୍ୟମାନେ ତ ନିଷ୍କପଟ ନୁହଁନ୍ତି, ମୁଁ କାହିଁକି ନିଷ୍କପଟ ହେବି ? ସମସ୍ତେ ତ ଦୁର୍ନୀତିଗ୍ରସ୍ତ, ମୁଁ କାହିଁକି ସାଧୁ ସଚ୍ଚୋଟ ହେବି ?' – ଏହିପରି ଆଭାସ ବା ଭାବନା ମନରେ ସଂଚାର ହେବା ଅର୍ଥ ଆମେ ନିଷ୍ଠାହୀନତାର ଗଭୀରତମ ପ୍ରଦେଶରେ ବୁଡ଼ି ରହିଛୁ ।

ଏକଦା ଜଣେ ସାଧକ ଶ୍ରୀମାଙ୍କୁ ପ୍ରଶ୍ନ କରିଥିଲେ : ''ମୋ ଭିତରେ କେଉଁ ଉପାଦାନଟି ସବୁଠାରୁ ବେଶୀ ବିକଶିତ ହୋଇପାରିବା ଉଚିତ ଓ କେଉଁ ଉପାଦାନଟିକୁ ସର୍ବାଦୌ ପ୍ରତ୍ୟାଖ୍ୟାନ କରିବା ଉଚିତ ?''

ଶ୍ରୀମାଙ୍କର ଉତ୍ତର : ''ତୁମେ ଆନ୍ତରିକତାର ବିକାଶ କରିବ – ଏହାର ଅର୍ଥ ହେଲା ଦିବ୍ୟ ପରମସତ୍ତାଙ୍କ ସ୍ପର୍ଶ ଲାଗି ବା ସାନ୍ନିଧ ଲାଗି ଏକ ଅନୁରକ୍ତିର ବିକାଶ କରିବା । ଏବଂ

ପ୍ରତ୍ୟାଖ୍ୟାନ କରିବ ଯାବତୀୟ ପୁରାତନ ମାନବସୁଲଭ ଅଭ୍ୟାସର ଆକର୍ଷଣଗୁଡ଼ିକୁ ।''

ପୁଣି ପ୍ରଶ୍ନ ଥିଲା : ''ମା ! ମୁଁ କିପରି ଯୋଗାଭ୍ୟାସ କରି ପାରିବି ?''

ଶ୍ରୀମାଙ୍କ ଉତ୍ତର : ''ସେଥିପାଇଁ ତୁମକୁ ସମ୍ପୂର୍ଣ୍ଣ ରୂପେ ନିଷ୍ପାପର ହେବାକୁ ହେବ । କେବେହେଲେ ନିଜକୁ ପ୍ରତାରିତ କରିବ ନାହିଁ ବା ଅନ୍ୟମାନଙ୍କୁ ପ୍ରତାରଣା କରିବାର ଚେଷ୍ଟା କରିବ ନାହିଁ । ଭଗବାନଙ୍କୁ ପ୍ରତାରଣା କରିବାକୁ ଆଦୌ ଚିନ୍ତା ବି କରିବ ନାହିଁ ।''

ଆମେ ଦେଖିବା ମଣିଷ କିପରି ନିଜକୁ ନିଜେ ବିଶ୍ୱାସର ସହ ପ୍ରତାରିତ କରିପାରେ (Deceiving oneself in good faith) । ଯିଏ ନିଷ୍ଠାର ସହ ଯୋଗାଭ୍ୟାସ କରୁଛି, ଯାବତୀୟ ପରିସ୍ଥିତିର ସମ୍ମୁଖୀନ ହେବା ଲାଗି ଯେତେ ଯାହା ସ୍ଥିରତା ଓ ଯେତେ ଯାହା ଶକ୍ତି ଆବଶ୍ୟକ, ତା' ଭିତରେ ସେସବୁ ଅବଶ୍ୟ ବିକଶିତ କରିବାକୁ ହେବ । କିନ୍ତୁ ଅଗଣିତ ବ୍ୟକ୍ତି କେବଳ ନିଜକୁ ଠକିବାରେ ଲାଗିଥା'ନ୍ତି, ଯୋଗାଭ୍ୟାସ କରୁଛନ୍ତି ବୋଲି ମନେ ମନେ ସର୍ବଦା ବିଶ୍ୱାସ କରୁଥା'ନ୍ତି, କିନ୍ତୁ ସେମାନେ କେବଳ ଆଂଶିକ ଭାବେ ହିଁ ତାହା କରୁଥା'ନ୍ତି ଏବଂ ତାହା ନାନା ବିରୋଧ ଦ୍ୱାରା ପରିପୂର୍ଣ୍ଣ ହୋଇ ରହିଥାଏ । ମଣିଷ କିପରି ନିଜକୁ ଓ ଭଗବାନଙ୍କୁ ଏକାଧାରରେ ଠକିଦେବା ଲାଗି ଚେଷ୍ଟା କରିଥାଏ, ତାହା ନିମ୍ନୋକ୍ତ ଦୁଇଟି କାହାଣୀରୁ ବୁଝିହୁଏ ।

ଜଣେ ସାଧକ ଗଞ୍ଜେଇ ସେବନ କରି ଅତିଶୟ ଅସୁସ୍ଥ ହୋଇ ଯାଇଥିଲେ । ଦିନେ ତାଙ୍କର ଗୁରୁ ତାଙ୍କ ଗୃହକୁ ଆସି ଲକ୍ଷ୍ୟ କଲେ ଯେ ଶିଷ୍ୟଟି ଅସ୍ଥିକଙ୍କାଳସାର ହୋଇ ଯାଇଛନ୍ତି । ବ୍ୟସ୍ତ ହୋଇ ଏହାର କାରଣ ପଚାରିବାରୁ ଶିଷ୍ୟଙ୍କର ସ୍ତ୍ରୀ କହିଲେ : ''ସେ ସେହି ଚାରି ଆଙ୍ଗୁଳ ଲମ୍ବର ଚିଲମଟା ଚବିଶ ଘଣ୍ଟା ମୁହଁରେ ଦେଇ ଗଞ୍ଜେଇ ଟାଣୁଛନ୍ତି । ଖାଦ୍ୟ ପ୍ରତି ନିଘା ନାହିଁ । ଯାହା ଯେତେ କହିଲେ ବି ମୋ କଥାକୁ ଆଦୌ କର୍ଣ୍ଣପାତ କରୁ ନାହାନ୍ତି ।'' ଗୁରୁ କ୍ରୋଧାନ୍ୱିତ ହୋଇ ଶିଷ୍ୟଙ୍କୁ ଅନେକ ଉପଦେଶ ଦେଲେ ଓ ଶପଥ କରେଇ ନେଲେ ଯେ ସେ ଦିନକ ମଧ୍ୟରେ ତିନୋଟି ଗଞ୍ଜେଇ ଭରା ଚିଲମ ଟାଣି ପାରିବେ । ଅଭ୍ୟାସଟା ତ ହଠାତ୍ ସହଜରେ ଛାଡ଼ି ହେବ ନାହିଁ । ତେବେ ବାଧ୍ୟ ହୋଇ ସଂକୋଚର ସହ ସେ ଲୋକନାଥଙ୍କ ରାଣ ନେଇ ଶପଥ କଲେ ଯେ ସେ ଦିନକ ମଧ୍ୟରେ ତିନୋଟି ମାତ୍ର ଚିଲମ ଟାଣିବେ । ଗୁରୁ ଆଶ୍ୱସ୍ତ ହୋଇ ଫେରିଲେ । କାରଣ ଜଗନ୍ନାଥଙ୍କ ରାଣ ନେଇ ଜଣେ ଶପଥଟିକୁ ବିନା ଦ୍ୱିଧାରେ ଲଂଘନ କରିଦେଇ ପାରେ, କିନ୍ତୁ ଲୋକନାଥଙ୍କ ରାଣ ନେଇ ଶପଥ ଲଂଘନ କରିବା ଅତ୍ୟନ୍ତ ବିପଜ୍ଜନକ । ଜଗନ୍ନାଥ ହେଲେ ପୁରୀବାସୀଙ୍କର ନିଜ ପରିବାରର ଲୋକ । ବଡ଼ ଦରଦୀ, ସବୁ ବୁଝନ୍ତି ଓ ସବୁ ଦୋଷକୁ ମାଫ କରିଦିଅନ୍ତି; କିନ୍ତୁ ଲୋକନାଥ ଅତ୍ୟନ୍ତ କଠୋର, ସାମାନ୍ୟ ଦୋଷ ସହ୍ୟ କରନ୍ତି ନାହିଁ ।

କିଛିଦିନ ପରେ ଗୁରୁ ଶିଷ୍ୟଙ୍କ ସ୍ୱାସ୍ଥ୍ୟର ଉନ୍ନତି ଲକ୍ଷ୍ୟ କରିବା ଲାଗି ପୁନର୍ବାର ଘରକୁ ଆସି ଲକ୍ଷ୍ୟ କଲେ ଯେ ଶିଷ୍ୟର ସ୍ୱାସ୍ଥ୍ୟରେ ପୂର୍ବାପେକ୍ଷା ଆହୁରି ଅଧିକ ଅବନତି ହୋଇଯାଇଛି । ଏହାର କାରଣ ସେ ଅନୁଧ୍ୟାନ କଲେ । ରୋଷେଇ ଘରୁ ଶିଷ୍ୟଙ୍କର ସ୍ତ୍ରୀ କହିଲେ : ''ଗୁରୁଦେବ ! ସେ ସେହି ଚାରି ଆଙ୍ଗୁଳ ଲମ୍ବା ଚିଲମଟି ଫୋପାଡ଼ି ଦେଇ ହାତେ ଲମ୍ବର ଚିଲମଟିଏ ବନେଇଛନ୍ତି । ସେଥିରେ କେଜିଏ ଲେଖାଁ ଗଞ୍ଜେଇ ଖୁନ୍ଦି ଦିନକୁ ତିନୋଟି ଚିଲମ ଟାଣୁଛନ୍ତି । ଦିନସାରା ମୁହଁରୁ ସେ ଗଞ୍ଜେଇର ଧୂଆଁ ହିଁ ବାହାରୁ ଥାଏ । କ'ଣ କରିବି ? ମୋ କଥା ମୋଟେ ଶୁଣୁ ନାହାନ୍ତି ।'' ଗୁରୁ କପାଳରେ ହାତମାରି ଦୀର୍ଘଶ୍ୱାସ ନେଇ ବାରଣ୍ଡାରେ ବସି ପଡ଼ିଲେ । ଏ ହେଉଛି ନିଜକୁ ଓ ଈଶ୍ୱରରୂପୀ ଗୁରୁଙ୍କୁ ଠକି ଦେବାର ଏକ ଜ୍ୱଳନ୍ତ ଉଦାହରଣ ।

ଭଗବାନଙ୍କୁ ଠକି ଦେବାର ଅନ୍ୟ ଏକ କାହାଣୀ ଉଦାହରଣ ରୂପେ ନିଆଯାଇ ପାରେ । ହାଇଦ୍ରାବାଦରେ ଅବସ୍ଥାପିତ ଜଣେ ଖ୍ୟାତନାମା ବ୍ୟବସାୟୀଙ୍କର ଡଜନେ ହେବ ଜଳଜାହାଜ ଥିଲା । ସେ ଗ୍ରୀସ୍, ଇଟାଲୀ, ବ୍ରାଜିଲ, ଆଫ୍ରିକା ପରି ଦୂରଦୂରାନ୍ତର ଦେଶମାନଙ୍କୁ ଜାହାଜରେ ପଣ୍ୟଦ୍ରବ୍ୟ ନେଇ ବ୍ୟବସାୟ କରୁଥା'ନ୍ତି । ଥରେ ସେ ନିଜେ ଜାହାଜରେ ଅନେକ ମୂଲ୍ୟବାନ୍ ଦ୍ରବ୍ୟ ନେଇ ସୁଦୂର ଇଟାଲୀ ଦେଶକୁ ଯାତ୍ରା କରୁଥିଲେ । ହଠାତ୍ ସମୁଦ୍ର ମଝିରେ ଝଡ଼ବାତ୍ୟାର ତାଣ୍ଡବଲୀଳା ଆରମ୍ଭ ହୋଇଗଲା । ଭୀଷଣ ଝଡ଼ ଯୋଗୁଁ ଜାହାଜଟି ଟଳମଳ ହେଲା ଏବଂ ଯାନ୍ତ୍ରିକ ତ୍ରୁଟି ମଧ୍ୟ ଦେଖାଦେଲା । ସାଧବ ଅନନ୍ୟୋପାୟ ହୋଇ ଇଷ୍ଟଦେବଙ୍କୁ ଧ୍ୟାନ କଲେ ଓ ବିକଳରେ ପ୍ରାର୍ଥନା କରି ଜଣାଇଲେ ଯେ ସେ ଯଦି ନିରାପଦରେ ହାଇଦ୍ରାବାଦକୁ ଫେରିଆସନ୍ତି ତେବେ ସେଠାରେ ଥିବା ତାଙ୍କର ସବୁଠୁ ସୁରମ୍ୟ ବିଶାଳ ଅଟ୍ଟାଳିକାଟି ବିକ୍ରୟ କରି ବିକ୍ରୟଲବ୍ଧ ସମସ୍ତ ଟଙ୍କା ଇଷ୍ଟଦେବଙ୍କ ମନ୍ଦିରକୁ ଦାନ କରି ଦେବେ । ବାତ୍ୟାର ବିଭୀଷିକା ସ୍ତିମିତ ହେଲା ଓ ସୌଦାଗର ସଫଳତାର ସହ ବ୍ୟବସାୟଟି ପୂରାକରି ନିରାପଦରେ ଘରକୁ ଫେରି ଆସିଲେ

ଓ ଅଟ୍ଟାଳିକାଟି ବିକ୍ରୟ କରିଦେବା ଲାଗି ବିଜ୍ଞାପନ ଦେଲେ । ଏତେ ବଡ଼ ବିରାଟ ସୁରମ୍ୟ ଅଟ୍ଟାଳିକାର ମୂଲ୍ୟ ହେଉଛି ପାଞ୍ଚ କୋଟି ଟଙ୍କା । ସୌଦାଗର ଭାବିଲେ, ଏତେଗୁଡ଼ାଏ ଟଙ୍କା ମନ୍ଦିରକୁ ଦେଇଦେବା ଠିକ୍ ହେବ ନାହିଁ । ଲୋଭ ଘାରିଲା । ତେଣୁ ବିଜ୍ଞାପନରେ ଲେଖାଗଲା ଯେ ଅଟ୍ଟାଳିକାର ବିକ୍ରୟ ମୂଲ୍ୟ ମାତ୍ର ଏକ ହଜାର ଟଙ୍କା । କିନ୍ତୁ କ୍ରୟ କରିବା ବ୍ୟକ୍ତି ସେଥିରେ ବହୁଦିନରୁ ବସବାସ କରୁଥିବା ବିଦେଶୀ କୁକୁରଟିକୁ ମଧ୍ୟ କିଣିବାକୁ ବାଧ୍ୟ ହେବେ । ଏହା ହେଲା ଏହି ବିପଣି ବା କାରବାରର ଅକାଟ୍ୟ ସର୍ତ୍ତ । ତେବେ କୁକୁରଟିର ମୂଲ୍ୟ ହେଲା ପାଞ୍ଚ କୋଟି ଟଙ୍କା । ଆଗ୍ରହୀ ଗରାଖ ଜଣେ କୁକୁର ସହ ଅଟ୍ଟାଳିକାଟି କିଣିଲେ । ସୌଦାଗର ଏକ ହଜାର ଟଙ୍କା ମନ୍ଦିର ପାଣ୍ଠିକୁ ଦାନ କରି ପାଞ୍ଚ କୋଟି ଟଙ୍କା ନିଜ ବ୍ୟବସାୟରେ ଖଟାଇଲେ । ମଣିଷ ଏହିପରି ଭଗବାନଙ୍କୁ ମଧ୍ୟ ଠକି ଦେଇପାରେ ! ସତରେ ଭଗବାନଙ୍କୁ କ'ଣ ଠକି ହୁଏ ?

ପୁଣି ଦିବ୍ୟଜନନୀ କହିଛନ୍ତି ଯେ ଅନ୍ୟକୁ କିଂବା ସମାଜକୁ ଠକିବା ଆଦୌ ଉଚିତ ନୁହେଁ । ଦେଶର ବିକାଶ ଓ ଉନ୍ନତିମୂଳକ କାର୍ଯ୍ୟ ପାଇଁ ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ଜନସାଧାରଣଙ୍କଠାରୁ ବିଭିନ୍ନ ଉପାୟରେ କର ଆଦାୟ କରାଯାଇଥାଏ । ସେହି ଅର୍ଥ ଜନସାଧାରଣ ବା ହିତାଧିକାରୀ-ମାନଙ୍କ ନିକଟରେ ପହଞ୍ଚିପାରେ ନାହିଁ । ବାଟ ମାରଣା ହୁଏ । ଏଥିରେ ସଂପୃକ୍ତ ବ୍ୟକ୍ତିଗଣଙ୍କୁ ନିଶ୍ଚିତ ରୂପେ ନିଷ୍ଠାଯୁକ୍ତ ନୁହନ୍ତି ବୋଲି କୁହାଯିବ ।

ଅନ୍ତରର ନିଷ୍ଠା ବାହ୍ୟ ବିଷୟ ବା ପରିବେଶକୁ ପ୍ରଭାବିତ କରିଥାଏ । ଆମ ଘରର ବାତାବରଣ, ମନ୍ଦିରର ବାତାବରଣ, ଆମ ସମାଧିପୀଠ ଓ ପାଠଚକ୍ର ଗୃହର ବାତାବରଣ ସୂଚାଇ ଦିଏ ଯେ ସେସବୁ ସହିତ ସଂଶ୍ଳିଷ୍ଟ ବ୍ୟକ୍ତିଗଣ କେତେ ନିଷ୍ଠାପର ।

### ଅବିମିଶ୍ରିତ ଆନ୍ତରିକତା

''ଯେକୌଣସି ସମୟରେ ଯାହାକିଛି ଘଟୁ ପଛେ ଯଦି ସତ୍ତାଟି ପରମ ଦିବ୍ୟସତ୍ତାଙ୍କ ନିକଟରେ ସମର୍ପିତ ହୋଇ ରହିଥିବ ଓ କେବଳ ସେହି ପରମ ଇଚ୍ଛାକୁ ହିଁ ଇଚ୍ଛା କରୁଥିବ, ତେବେ ଯାହାକିଛି ଘଟୁ ପଛେ ସର୍ବଦା, ସବୁ ମୁହୂର୍ତ୍ତରେ ସମ୍ପୂର୍ଣ୍ଣସତ୍ତା ପୂର୍ଣ୍ଣଭାବରେ କେବଳ ସେହି ପରମ ଦିବ୍ୟସତ୍ତାଙ୍କୁ ଅନୁଭବ କରୁଥିବ ଓ ଅହରହ 'ତୁମରି ଇଚ୍ଛାହିଁ ପୂରଣ ହେଉ' ବୋଲି ଭାବୁଥିବ, ଯେତେବେଳେ ଆଚରଣଗୁଡ଼ିକ ସ୍ୱତଃପ୍ରେରିତ ହୋଇ ରହିଥିବ, ସମ୍ପୂର୍ଣ୍ଣ ଓ ଅଖଣ୍ଡ ହୋଇ ରହିଥିବ ସେତେବେଳେ ସତ୍ତାଟିର ଆନ୍ତରିକତା ରହିଛି ବୋଲି କୁହାଯିବ । କିନ୍ତୁ ଏହା ପୂର୍ଣ୍ଣ ପ୍ରତିଷ୍ଠିତ ହେବା ପୂର୍ବରୁ ଆନ୍ତରିକତାଟି ମିଶ୍ରଣଯୁକ୍ତ ହୋଇ ରହିଥାଏ ।''

### ଆନ୍ତରିକତାର ଉପଯୋଗିତା :

ନିଷ୍ଠାଯୁକ୍ତ ହେବା ଦ୍ୱାରା ଆମର କ'ଣ ଲାଭ ହୁଏ ?

ଆନ୍ତରିକ ହେବା ଦ୍ୱାରା ଆମେ ଆନନ୍ଦ ଅନୁଭବ କରୁ । ଜଣେ ଶିକ୍ଷକ ଯେତେବେଳେ ଅନେକ ପରିଶ୍ରମ କରି ଯତ୍ନର ସହ ନିଜ ଛାତ୍ରଛାତ୍ରୀମାନଙ୍କୁ ପଢ଼ାନ୍ତି, ଯଦ୍ଦ୍ୱାରା ସମସ୍ତେ ପଠିତ ବିଷୟଟି ସ୍ୱଷ୍ଟ ରୂପେ ବୁଝିପାରନ୍ତି, ସେତେବେଳେ ସେହି ଶିକ୍ଷକ ଯେଉଁ ଆତ୍ମ-ସନ୍ତୋଷ ଓ ଆନନ୍ଦ ଅନୁଭବ କରନ୍ତି ତାହାର ପଟାନ୍ତର ନଥାଏ । ଠିକ୍ ସେହିପରି ଯେକୌଣସି କର୍ମକୁ ନିଷ୍ଠାଯୁକ୍ତ ହୋଇ କରି ପାରିଲେ ଏକ ଅହେତୁକୀ ଆନନ୍ଦ ମିଳେ । ଶ୍ରୀମା କହନ୍ତି : "Be perfectly sincere in your consecration to the Divine's work. This will assure you strength and success."

(CWM, Vol. 14 p. 65)

ଅର୍ଥାତ୍, ''ଦିବ୍ୟ କର୍ମ ନିମିତ୍ତ ପୂର୍ଣ୍ଣ ରୂପେ ନିଜକୁ ଉତ୍ସର୍ଗ କରିବାରେ ଆନ୍ତରିକ ହୁଅ । ଏହା ନିଶ୍ଚିତ ରୂପେ ତୁମ ପାଇଁ ଶକ୍ତି ଓ ସଫଳତା ଆଣିଦେବ ।''

ଭଗବାନଙ୍କ ନିମିତ୍ତ ଆନ୍ତରିକ ଭାବେ କର୍ମ କରିବା ଦ୍ୱାରା ଜୀବନ ହୋଇଉଠେ ମାଧୁର୍ଯ୍ୟମୟ, ଆନନ୍ଦମୟ, ସୌନ୍ଦର୍ଯ୍ୟମୟ, ସଙ୍ଗତିପୂର୍ଣ୍ଣ ଓ ବ୍ୟକ୍ତିଗତ ସମସ୍ୟାଗୁଡ଼ିକ ଆପେ ଆପେ ସମାଧାନ ହୋଇଯାଏ । ଏହା ଅନୁଭବ ସାପେକ୍ଷ ।

ଜୀବନରେ ଆମେ ଯଦି ନିରାପତ୍ତା ଚାହୁଁ ତେବେ ଆମକୁ ସମ୍ପୂର୍ଣ୍ଣ ରୂପେ ଆନ୍ତରିକ ହେବାକୁ ପଡ଼ିବ । ଦିବ୍ୟ ଜନନୀ ଶ୍ରୀମା କହନ୍ତି :

"Sincerity is our safeguard."

(CWM, Vol. 14 p. 67)

ଅର୍ଥାତ୍ ''ଆନ୍ତରିକତା ହେଲା ଆମର ରକ୍ଷା କବଚ'' ।

ଯଦି ଜଣେ ଆନ୍ତରିକତା ସହ କିଛି ଚାହେଁ ତେବେ ତାହା ସେ ପ୍ରାପ୍ତ କରେ ।

"All sincere prayers are granted, every call is answered."

(CWM, Vol. 15 p. 208) –The Mother

ଅର୍ଥାତ୍, ''ସବୁ ଆନ୍ତରିକ ପ୍ରାର୍ଥନା ମଞ୍ଜୁର ହୋଇଥାଏ, ସବୁ ଆବାହନର ଉତ୍ତର ମିଳିଥାଏ ।''

ଭାଗବତ ବାଣୀ ହେଲା –

''ଏ ଜୀବ ଚାହୁଁଥାଏ ଯାହା ।
କାଳେ ପ୍ରାପତ ହୁଏ ତାହା ।।''

କାରଣ, ''ବିଶ୍ୱାସ ଓ ଆନ୍ତରିକତା ସଫଳତା ନିମିତ୍ତ ଦୁଇଟି ମୁଖ୍ୟ ସାଧନ ।'' – ଶ୍ରୀମା

''Faith and Sincerity are the twin agents of success."

(CWM, Vol. 12 p. 115) – The Mother

ଜୀବନରେ ଶାନ୍ତି, ସଫଳତା, ନିରାପତ୍ତା ଓ ଆନନ୍ଦ ପ୍ରାପ୍ତ କରିବା ନିମିତ୍ତ ଆନ୍ତରିକତା ବା ନିଷ୍ଠାର ପ୍ରମୁଖ ଭୂମିକା ରହିଛି ।

ମହାଯୋଗୀ ଶ୍ରୀଅରବିନ୍ଦ ଯୋଗ ପୁସ୍ତିକା (Elements of Yoga)ରେ କହିଛନ୍ତି : ଜଣେ ସୁଖୀ କି ଅସୁଖୀ ନିଜେ ଜାଣିପାରିବେ । ଜଣେ ସନ୍ତୁଷ୍ଟ କି ଅସନ୍ତୁଷ୍ଟ ନିଜେ ଜାଣିପାରେ । ସେଥିପାଇଁ ନିଜକୁ କିଛି ପଚାରିବା ଦରକାର ନାହିଁ – କାରଣ ଏକଥା ଜଣେ ସ୍ୱୟଂ ଜାଣିପାରେ ।

ଦିବ୍ୟ ଜନନୀଙ୍କ ଭାଷାରେ ଯେଉଁ ମୁହୂର୍ତ୍ତରେ ତୁମେ ଅସୁଖୀ ଅନୁଭବ କର ସେତେବେଳେ ତୁମେ ତା'ତଳେ ଲେଖି ଦେଇପାର – ମୁଁ ନିଷ୍ଠାପର ନୁହେଁ । ଏ ଦୁଇଟି ବାକ୍ୟ ଏକା ସଙ୍ଗେ ଗତି କରେ ।

"I FEEL UNHAPPY."

"I AM NOT SINCERE."

(CWM, Vol. 6 p. 215)

ଅର୍ଥାତ୍, ''ମୁଁ ଅସୁଖୀ''

''ମୁଁ ଆନ୍ତରିକ ନୁହେଁ ।''

ନିଷ୍ଠାଯୁକ୍ତ ହୋଇ ରହିଲେ ଦୁଃଖ, ଦ୍ୱନ୍ଦ୍ୱ କିଂବା ଦ୍ୱିଧା କିଛି ବି ରହେ ନାହିଁ । ଜୀବନରେ ସଫଳତା ମିଳୁ କି ନ ମିଳୁ ଆନ୍ତରିକତା ହିଁ ଆନନ୍ଦ ଦେଇଥାଏ । ଶ୍ରୀମା କହନ୍ତି :

"All suffering, all weaknesses, all incapabilities are, in the last analysis, insincerities." (CWM, Vol. 4, p. 252)

''ଯାବତୀୟ ଦୁଃଖଭୋଗ, ଯାବତୀୟ ଦୁର୍ବଳତା, ଯାବତୀୟ ଅକ୍ଷମତା ସର୍ବଶେଷ ବିଶ୍ଳେଷଣରେ ଅନିଷ୍ଠା ମାତ୍ର ଅଟେ ।''

"In sincerity is the certitude of victory. Sincerity ! Sincerity ! How sweet is the purity of thy presence !"

(CWM. Vol. 14, P. 66) –The Mother

''ନିଷ୍ଠାଯୁକ୍ତ ହୋଇ ରହିବାରେ ହିଁ ବିଜୟ ସୁନିଶ୍ଚିତ ।

ନିଷ୍ଠାଯୁକ୍ତ ହେବା ! ନିଷ୍ଠାଯୁକ୍ତ ହେବା ! ଏହି ଶବ୍ଦଗୁଡ଼ିକ ଭିତରେ ପ୍ରକୃତରେ ଶୁଦ୍ଧତାର କେତେ ମାଧୁର୍ଯ୍ୟ ନିହିତ ହୋଇ ନ ରହିଛି ସତେ !''

– ଶ୍ରୀମା

ଶେଷରେ ଦିବ୍ୟଜନନୀଙ୍କର ବକ୍ତବ୍ୟ ଓ ସ୍ପଷ୍ଟୀକରଣକୁ ଉଦ୍ଧାର କରି ଆଲୋଚନାଟି ସମାପ୍ତ କରିବା । ଦିବ୍ୟଜନନୀ କହିଛନ୍ତି – ''ନିଷ୍ଠାପର ହେବା ହେଉଛି ଅସଲ କଥା । ଯଦି ନିଷ୍ଠା ନଥାଏ ତେବେ ଯୋଗ ଆରମ୍ଭ କରିବା ଆଦୌ ଉଚିତ ନୁହେଁ ।''

''ସମ୍ଭବତଃ ନିଷ୍ଠା ହେଉଛି ସବୁଠାରୁ କଷ୍ଟକର କଥା ଏବଂ ସମ୍ଭବତଃ ଏହି ନିଷ୍ଠା ଦ୍ୱାରା ମଧ୍ୟ ସବୁଠାରୁ ଅଧିକ କାର୍ଯ୍ୟ କରାଯାଇଥାଏ ।

''ତୁମଠାରେ ଯଦି ସମ୍ପୂର୍ଣ୍ଣ ନିଷ୍ଠା ରହିଥାଏ, ତେବେ ତୁମର ବିଜୟ ସୁନିଶ୍ଚିତ । ଏହା ଯେ କେଡ଼େ କଷ୍ଟକର, ତାହାର କୌଣସି ଅନ୍ତ ନାହିଁ । ଆମ ସତ୍ତାର ସବୁଯାକ ଉପାଦାନକୁ, ସବୁଯାକ ଗତିଶୀଳତା (ବାହ୍ୟ ହେଉ ବା ଅନ୍ତରସ୍ଥ ହେଉ)କୁ, ସମସ୍ତ ଅଂଶକୁ, ଅର୍ଥାତ୍ ସବୁଗୁଡ଼ିକୁ ଆମେ ଏପରି ଭାବେ ତିଆରି କରିବା ଯେ ସେମାନେ କେବଳ ସେହି ଭଗବାନଙ୍କର ହୋଇ ରହିବେ, କେବଳ ସେହି ଭଗବାନଙ୍କ ନିମିତ୍ତ ବଞ୍ଚିବେ, ଭଗବାନ୍ ଯାହା କିଛି ଇଚ୍ଛା କରୁଛନ୍ତି, କେବଳ ତାହାହିଁ ଇଚ୍ଛା କରିବେ; – ସେମାନେ କେବଳ ଭଗବାନଙ୍କ ଇଚ୍ଛାକୁ ହିଁ ଅଭିବ୍ୟକ୍ତ କରିବେ,– ସେମାନଙ୍କର ଏତିକି ବ୍ୟତୀତ ଆଉ କୌଣସି ଇଚ୍ଛା ନଥିବ ଓ କେବଳ ଭଗବାନଙ୍କୁ ଛାଡ଼ି ଦେଲେ ଶକ୍ତିଲାଭ କରିବାରେ ଆଉ କୌଣସି ଉତ୍ସ ମଧ୍ୟ ନ ଥିବ । ଏହାହିଁ ହେଉଛି ନିଷ୍ଠା ।''

(ମାତୃରଚନାବଳୀ - ୫, ପୃଷ୍ଠା : ୭)

❑❑❑

# ଦିବାସ୍ୱପ୍ନ

## (୨)

## ଗିଜୁଭାଇ ବଧେକା

[‘ଦିବାସ୍ୱପ୍ନ’ ଗୋଟିଏ କାହାଣୀ । ଏଥିରେ ଜଣେ କାଳ୍ପନିକ ଶିକ୍ଷକ ଶିକ୍ଷାର ଗତାନୁଗତିକ ଧାରା ବିରୋଧରେ କେବଳ ସ୍ୱର ଉତ୍ତୋଳନ କରିଛନ୍ତି, ସେତିକି ନୁହେଁ; ତା’ର ବିକଳ୍ପ ପାଇଁ ମଧ୍ୟ ପନ୍ଥା ଉଦ୍ଭାବନ କରିଛନ୍ତି । ତାଙ୍କର ଶିକ୍ଷାର୍ଥୀମାନଙ୍କ ପାଇଁ ନିରୋଳା ଭଲପାଇବା, ସମ୍ମାନ, ସହୃଦୟତା ସେମାନଙ୍କୁ ଶିକ୍ଷିତ ହେବାରେ ପ୍ରେରଣା ଯୋଗାଇଛି । ସମସ୍ତ ପ୍ରତିକୂଳ ପରିବେଶରେ ସମାଜ ଓ ପ୍ରଚଳିତ ଶିକ୍ଷାର ପରିବର୍ତ୍ତନ ଦିଗରେ ନିଜର ଅନୁସୃତ ପନ୍ଥାକୁ ସେ ସଫଳ ଭାବେ ପ୍ରୟୋଗ କରି ପାରିଛନ୍ତି । ତାଙ୍କର ତାତ୍ତ୍ୱିକ ଭିତ୍ତି ରହିଛି ମଣ୍ଟେସୋରୀଙ୍କ ଅନୁସୃତ ଶିକ୍ଷାପଦ୍ଧତି ଉପରେ ।

କାହାଣୀଟିର ରଚନା କାଳ ୧୯୩୨ ମସିହା । ସେତେବେଳେ ପରାଧୀନ ଭାରତର ସଂଖ୍ୟା ଗରିଷ୍ଠ ପରିବାର  ଦାରିଦ୍ର୍ୟର ସୀମାରେଖା ତଳେ, ଜୀବନ ଯନ୍ତ୍ରଣାରେ ଜର୍ଜରିତ । ସ୍ଥଳବିଶେଷରେ ସାଧାରଣ ଲୋକଙ୍କ ପାଇଁ ସର୍ବନିମ୍ନ ଶିକ୍ଷା ବି ଥିଲା ଅପହଞ୍ଚ । ବିଦ୍ୟାଳୟ, ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ କେହି ବି ଯଥେଷ୍ଟ ସାମର୍ଥ୍ୟବାନ୍, ଯୋଗ୍ୟ ବା ଅଙ୍ଗୀକାରବଦ୍ଧ ନଥିଲେ ଶିଶୁମାନଙ୍କୁ ଯଥାର୍ଥ ଭାବେ ଶିକ୍ଷିତ କରିବାକୁ । ଏପରିକି ଶିଶୁମାନଙ୍କ ପାଇଁ ସ୍ୱାସ୍ଥ୍ୟରକ୍ଷାର ସର୍ବନିମ୍ନ ନିୟମ ପ୍ରଣୟନ କରିବା ଓ ଶିକ୍ଷାକେନ୍ଦ୍ରରେ ସେସବୁର ଉପଯୋଗ କରିବା ନିୟମ ବହିର୍ଭୂତ କାର୍ଯ୍ୟ ଥିଲା । ବିଦ୍ୟାଳୟ ପରିସରରେ ଖୋଲା ହୃଦୟରେ ଖେଳିବା ପିଲାମାନଙ୍କ ପାଇଁ ନିଷିଦ୍ଧ ଥିଲା – ଠିକ୍ ଏମିତି ଏକ ଶିକ୍ଷାୟତନରେ ଶିକ୍ଷକ ଜଣକ ନିଜର ନୂତନ ପ୍ରୟୋଗ ଆରମ୍ଭ କରିଛନ୍ତି । ସତରେ କ’ଣ ସେ ନିଜର ସ୍ୱପ୍ନ ସାକାର କରି ପାରିବେ ! ଆଗାମୀ ଅଧ୍ୟାୟରେ ଜାଣିବା ସେ କେମିତି ପାଦ ପାଦ କରି ନିଜର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପ୍ରତିକୂଳ ପରିସ୍ଥିତ ତାଙ୍କ ପାଇଁ କି କି ଉପହାର ଧରି ଆସୁଛି ।... ]

### ପ୍ରୟୋଗର ଆରମ୍ଭ

(V)

ତା’ ପରଦିନ ରବିବାର ଥିଲା । ମୁଁ ସେଦିନ ଶିକ୍ଷା ଅଧିକାରୀଙ୍କ ସହ ଦେଖା କରିବା ପାଇଁ ଯାଇଥିଲି ।

ଅଧିକାରୀ କହିଲେ, ‘‘ଭାଇ ! ପ୍ରଧାନ ଶିକ୍ଷକ କହୁଥିଲେ ଯେ ତୁମେ ବହୁ ସମୟ ଖାଲି ଗପ କହି କଟାଉଛ ।’’

ମୁଁ କହିଲି, ‘‘ଆଜ୍ଞା ହଁ, ଏବେ ତ କେବଳ ଗପ ଚାଲିଛି ।’’

ଅଧିକାରୀ ପଚାରିଲେ, ‘‘ତେବେ ପ୍ରୟୋଗ କେବେ କରିବ ? ପାଠପଢ଼ା କେବେ ପୂରା ହେବ ?’’

ମୁଁ କହିଲି –‘‘ଆଜ୍ଞା ! ପ୍ରୟୋଗ ତ ଚାଲିଛି । ଏବେ ତ ମୁଁ ନିଜେ ଅନୁଭବ କରୁଛି ଯେ ପିଲା ଓ ଶିକ୍ଷକଙ୍କୁ ନିକଟତର କରିବା ପାଇଁ ଗପ କେତେ ଭଲ ମାଧ୍ୟମ । ପ୍ରଥମ ଦିନ ପିଲାମାନେ ମୋ କଥା ଶୁଣୁ ନଥିଲେ ଓ ହୋ ହଲ୍ଲା କରି ମତେ ବିରକ୍ତ କରୁଥିଲେ । କିନ୍ତୁ ଯେବେଠୁ ମୁଁ ତାଙ୍କୁ ଗପ କହିବା ଆରମ୍ଭ କରିଛି, ସେବେଠୁ ସେମାନେ ଶାନ୍ତ ହୋଇ ଗଲେଣି । ମୋ ପ୍ରତି ତାଙ୍କର ଶ୍ରଦ୍ଧା ଆସିଲାଣି । ମୋ କଥା ମାନୁଛନ୍ତି । ଯେମିତି କହୁଛି ସେମିତି ବସୁଛନ୍ତି । ଚୁପ୍‌କର, ଗଣ୍ଡଗୋଳ କରନି ଇତ୍ୟାଦି ଧମକ ଦେବାକୁ ମୋତେ କେବେ ପଡୁନି । ସ୍କୁଲ ଛୁଟି ପରେ ମଧ୍ୟ ଘରକୁ ଯିବାକୁ ପ୍ରସ୍ତୁତ ନୁହନ୍ତି ।’’

ଅଧିକାରୀ କହିଲେ, ‘‘ଆଚ୍ଛା ! ତା’ ତ ବୁଝିଲି । କିନ୍ତୁ ତୁମେ ନୂଆ ଉପାୟରେ ପାଠ ପଢ଼ାଇବା କେବେ ଆରମ୍ଭ କରିବ ?’’

ମୁଁ କହିଲି, ‘‘ଏହା ହିଁ ତ ଶିଖାଇବାର ନୂଆ ବାଟ । ଗପ ମାଧ୍ୟମରେ ଆଜି ଶୃଙ୍ଖଳା ଶିକ୍ଷା ଦିଆଯାଉଛି । ଚୁପ୍‌ଚାପ୍ ହୋଇ ବସି ପଢ଼ିବାରେ ଆଗ୍ରହ ସେମାନଙ୍କର ଆସୁଛି । ଗପ ଭିତରେ ଭାଷା ଓ ସାହିତ୍ୟର ପରିଚୟ ସେମାନେ ପାଉଛନ୍ତି । ଆସ୍ତେ ଆସ୍ତେ ଅନ୍ୟ ବିଷୟ ସବୁ ଶିଖାଯିବ ।’’

ଅଧିକାରୀ କହିଲେ, ‘‘କିନ୍ତୁ ଦେଖ, ଯେପରି ଗପ କହିବାରେ ହିଁ ବର୍ଷ ସାରା କଟି ନ ଯାଏ ।’’

ମୁଁ କହିଲି, ‘‘ଆଜ୍ଞା, ଏଥିପାଇଁ ଆପଣ ଚିନ୍ତା କରନ୍ତୁ ନାହିଁ ।’’

## (VI)

ଗପ ଶୁଣିବା ପାଇଁ ପିଲାମାନେ ଗୋଲ ହୋଇ ବସିଥିଲେ । ମୁଁ ଯାଇ କଳାପଟା ଉପରେ ଲେଖିଲି, ଆଜିର କାମ – ଉପସ୍ଥାନ, କଥାବାର୍ତ୍ତା, ଗପ । ଉପସ୍ଥାନ ନେଇ ସାରିବା ପରେ ମୁଁ କଥାବାର୍ତ୍ତା ଆରମ୍ଭ କଲି । ମୁଁ କହିଲି, ''ଆସିଲ, ସମସ୍ତଙ୍କର ନଖ ଦେଖିବା । ଜଣ ଜଣ କରି ଛିଡ଼ା ହୋଇ ନିଜର ନଖ ମୋତେ ଦେଖାଅ ।''

ସମସ୍ତଙ୍କର ଲମ୍ବା ଲମ୍ବା ନଖ ଥିଲା । ନଖରେ ମଇଳା ବି ବହୁତ ଥିଲା । ମୁଁ ପୁଣି କହିଲି, ''ତୁମ ଟୋପି ସବୁ ଖୋଲି ଦେଖିଲ କିପରି ହୋଇଛି ?'' ସମସ୍ତେ ନିଜ ନିଜର ଟୋପି ଦେଖିଲେ । ପ୍ରାୟ ସମସ୍ତଙ୍କର ଟୋପି ଛିଣ୍ଡା ଓ ମଇଳା ଥିଲା ।

ମୁଁ କହିଲି, ''ଏବେ ତୁମ ସାର୍ଟର ବୋତାମ ସବୁ ଅଛି ନା ନାହିଁ ଦେଖ ତ !'' ଏତିକିରେ କାମଟିକୁ ସାରିବାକୁ ମୁଁ କହିଲି, ''ଆଜି ଆଉ ଦେଖିବା ନାହିଁ । ଗପ ଆରମ୍ଭ କରିବାରେ ଡେରି ହୋଇଯାଉଛି ।'' ଏହା କହି ମୁଁ ମୋର ଗପ ଆରମ୍ଭ କଲି ।

ଗପ ମଝିରେ ଜଣେ ପିଲା ପଚାରିଲା, ''ଆଜ୍ଞା ଗପ ବହିସବୁ କାହିଁ ?''

ମୁଁ କହିଲି, ''ଦିନେ ଦି'ଦିନ ଭିତରେ ଆଣି ଦେବି । ଯେଉଁମାନେ ପଢ଼ିବା ପାଇଁ ଚାହୁଁଛ ହାତ ଟେକ ।''

ସବୁ ପିଲାଙ୍କର ହାତ ଉପରକୁ ଉଠିଗଲା ।

ମୁଁ ପଚାରିଲି, ''ତୁମେ କ'ଣ କ'ଣ ଗପ ବହିସବୁ ପଢ଼ିଛ ସେସବୁର ନାଁ କୁହ ତ !'' କେତେ ଜଣ ପିଲା ଦୁଇ, ଚାରୋଟି ଗପ ବହି ପଢ଼ି ଥିଲେ । ଏହି ପିଲାମାନେ ଚତୁର୍ଥ ଶ୍ରେଣୀର ହେଲେ ମଧ୍ୟ ପାଠ ବହି ଛଡ଼ା ଅନ୍ୟ ବହି ଖୁବ୍ କମ୍ ପଢ଼ିଥିଲେ ।

ମୁଁ ପଚାରିଲି, ''ତୁମ ଭିତରୁ କେହି ପତ୍ରିକା କିଛି ପଢ଼ କି ?'' ଦୁଇ ଜଣ ପିଲା କହିଲେ ଯେ ସେମାନେ 'ବାଳସଖା' ପଢ଼ନ୍ତି ।

ମୁଁ କହିଲି, ''ଭଲ କଥା, ମୁଁ ଗପ ବହି ଆଣି ଦେବି । ଆଉ ତୁମେମାନେ ପଢ଼ିବ । ଏତେ ବହି ଆଣି ଦେବି ଯେ ତୁମେ ପଢ଼ି ପଢ଼ି ଥକି ଯିବ ।''

ସମସ୍ତେ ଭାରି ଖୁସି ହୋଇ ଗଲେ ।

ପୁଣି ଗପ ଚାଲିଲା ଘଣ୍ଟା ବାଜିବା ପର୍ଯ୍ୟନ୍ତ । ଛୁଟି ହେଲାରୁ ମୁଁ କହିଲି, ''ଯିବା ଆଗରୁ ଗୋଟିଏ କଥା ଶୁଣ । ନିଜ ଜାଗାରେ ବସି ରହି ଶୁଣ । କାଲି ନଖ ସବୁ କାଟି ଆସିବ । ନିଜେ ନିଜେ କାଟି ଦେବ ।''

ଜଣେ କହିଲା, ''ମୁଁ ତ ଦାନ୍ତରେ ଏଇନା ଛିଣ୍ଡାଇ ଦେବି ।''

ମୁଁ କହିଲି, ''ନା, ନା ! ଏମିତି କରିବନି, ନଖସବୁ ନଖକଟାରେ ବା କଇଁଚିରେ କଟାଯାଏ । ଆମେ ଆଉ ଗୋଟିଏ ମଜା କରିବା ।''

ସମସ୍ତେ କହିଲେ, ''କ'ଣ ?''

''ତୁମେ ଟୋପି ନ ପିନ୍ଧି ବିଦ୍ୟାଳୟକୁ ଆସିବ । ଏଇ ମଇଳା ଟୋପି ସବୁ କିଛି କାମର ନୁହଁ । ସତରେ ଆମର କ'ଣ ଟୋପି ଦରକାର ?''

ସମସ୍ତେ ହସିଲେ । କହିଲେ, ''ଟୋପି ନ ପିନ୍ଧି କ'ଣ କିଏ ସ୍କୁଲକୁ ଆସେ ? ପ୍ରଧାନ ଶିକ୍ଷକ ରାଗି ଯିବେ !''

ମୁଁ କହିଲି, ''କାଲିଠୁ ମୁଁ ଟୋପି ପିନ୍ଧିବିନି । ତୁମେମାନେ ବି ନ ପିନ୍ଧିକି ଆସିବ ?''

ପିଲାମାନେ କହିଲେ, ''ଯଦି ବାପା ମନା କରିବେ, ତେବେ ?''

''ତେବେ କହିଦେବ ଯେ ଏଗୁଡ଼ା ଅଯଥା ବୋଝ । ମଇଳା ଟୋପି ପିନ୍ଧିବାଠାରୁ ନ ପିନ୍ଧିବା ଭଲ । ହଁ ଆଉ ଗୋଟିଏ କଥା । ସାର୍ଟରେ ବୋତାମ ସବୁ ଲାଗିଥିବ । ଏମିତି ଭଲ ଦେଖାଯାଉ ନାହିଁ ।'' ସମସ୍ତେ ମନେ ମନେ ବିଚାର କରି କରି ଘରକୁ ଗଲେ ।

ରାସ୍ତାରେ ମୋର ପ୍ରଧାନ ଶିକ୍ଷକଙ୍କ ସହ ଦେଖା ହେଲା । କହିଲେ, ''ଭାଇ, ତୁମେ ତ କିଛି ନା କିଛି କରୁଛ ? ପୁଣି ଏ ସବୁ ଧନ୍ଦା କାହିଁକି ? ନଖ କାଟିବା, ବୋତାମ ଲଗାଇବା, ଯା, ତା' ଇତ୍ୟାଦି । ନୂଆ ଢଙ୍ଗରେ ପଢ଼ାଇବାକୁ ଆସିଛ ତ ପଢ଼ାଅ । ଏ କାମ ସବୁ ତ ମାଆବାପାଙ୍କର । ସେମାନେ କରିବେ । ନ ହେଲେ ଆମର କ'ଣ ଯାଉଛି ? ଶୁଣ, ପିଲାମାନଙ୍କୁ ବିନା ଟୋପିରେ ସ୍କୁଲକୁ ଆସିବାକୁ ଦିଆଯାଇ ପାରିବ ନାହିଁ । ଏଗୁଡ଼ାକ ଅସଭ୍ୟତା । ଏସବୁ ପାଇଁ ଅଧିକାରୀଙ୍କର ଅନୁମତି ଦରକାର ।''

ମୁଁ କହିଲି, ''ଆଜ୍ଞା ପାଠ ପଢ଼ାର ଏହାହିଁ ତ ନୂଆ ଦିଗ ଓ ନୂଆ ପଦ୍ଧତି । ମଇଳା, ଅପରିଷ୍କାର, ଅବାଗିଆ ପିଲାଙ୍କର ପ୍ରଥମ ପାଠ ଆଉ କ'ଣ ହୋଇପାରେ ? ଆପଣ ହିଁ ଦେଖନ୍ତୁ ନା, ନିଜ ନିଜର ପୋଷାକ ଓ ବ୍ୟବହାର ବିଷୟରେ

ସେମାନଙ୍କୁ ଯେତେବେଳେ ମୁଁ ଚେତାଇ ଦେଲି, ସେମାନେ ବି ଲାଜେଇ ଗଲେ । ଏପରି ଅପରିଷ୍କାର ରହିବା ଯେ ଠିକ୍ ନୁହେଁ ସେକଥା ସେମାନେ ମାନି ଗଲେ । ମୋର ତ ପୂରା ବିଶ୍ୱାସ ଯେ ବହୁତ ପିଲା ଏଥର ସଫାସୁତୁରା ରହିବେ । ଆଉ ଟୋପି କଥା, ଏ ବିଷୟରେ ମୁଁ ଅଧିକାରୀଙ୍କର ମତ ପଚାରି ଦେବି । ଯଦି ସେ ଅନୁମତି ନ ଦେବେ ତେବେ ଏ ପରିବର୍ତ୍ତନ ବନ୍ଦ ରହିବ ।''

ମୁଁ ଘରକୁ ଯାଇ ଖାଇ ପିଇ ସାଙ୍ଗେ ସାଙ୍ଗେ ଅଧିକାରୀଙ୍କ ପାଖକୁ ଗଲି ।

– ''ଆରେ, ଆଜି ଏ ସମୟରେ କିପରି ?''

– ''ଆଜ୍ଞା, ଗୋଟିଏ ବିଷୟରେ ଆପଣଙ୍କର ମତ ଦରକାର ।''

– ''କୁହନ୍ତୁ, କ'ଣ ?''

– ''ମୁଁ ଓ ମୋର ପିଲାମାନେ ବିନା ଟୋପିରେ ସ୍କୁଲକୁ ଆସି ପାରିବୁ କି ?''

– ''କାହିଁ, କ'ଣ ହେଲା ?''

– ''ସେମାନଙ୍କର ଟୋପି ଏତେ ମଇଳା ଆଉ ଚିତ୍ର ବିଚିତ୍ର ଯେ ସେମାନେ ବିନା ଟୋପିରେ ଆସିଲେ କ୍ଷତି କ'ଣ ? ଏ ବୟସରେ ତାଙ୍କ ମୁଣ୍ଡରେ ଏ ବୋଝ ନ ରହିବାଟା ଭଲ ନୁହେଁ କି ?''

– ''କିନ୍ତୁ ଲୋକଙ୍କୁ ଏକଥା ଅଖାଡୁଆ ଲାଗିବନି ।''

– ''ତାହା ତ ଲାଗିବ । କିନ୍ତୁ ଏ ବିଷୟରେ ଆପଣଙ୍କ ମତ କ'ଣ ?''

– ''ମୋ ବିଚାରରେ ବର୍ତ୍ତମାନର ପ୍ରୟୋଗ ଭିତରେ ଏସବୁ ସାମାଜିକ ପ୍ରଥାକୁ ନ ଛୁଇଁଲେ ଭଲ ହେବ । ଆମେ ଦେଖିବା ବିଦ୍ୟାଳୟର ଚାରି କାନ୍ଥ ଭିତରେ ଆଜିର ଶିକ୍ଷା ପ୍ରଣାଳୀରେ ଆମେ କ'ଣ ପରିବର୍ତ୍ତନ ଆଣି ପାରିବା । ଟୋପି ଫୋପି କଥା ଏବେ ଛାଡ଼ିଦିଅ ।''

– ''ଆପଣଙ୍କର ଏ ବିଚାର ମୋତେ ତ ଠିକ୍ ଲାଗୁନି; କିନ୍ତୁ ପ୍ରଥମରୁ ମୁଁ ଆପଣଙ୍କର ଓ ଲୋକଙ୍କର ବିରୋଧ କରିବାକୁ ଚାହୁଁନି । ତେବେ ପିଲାମାନେ ଶ୍ରେଣୀ ଭିତରେ ଥିଲାବେଳେ ଟୋପି ନ ପିନ୍ଧିଲେ ତ କିଛି ଆପତ୍ତି ନାହିଁ ?''

ଅଧିକାରୀ କହିଲେ, ''ନା, ବିଲକୁଲ ନାହିଁ । ଶ୍ରେଣୀ ଭିତରେ ଯାହା ଚାହୁଁଛ କରିପାର । ଏମିତି କରୁ କରୁ ଯଦି ଲୋକେ ମାନି ଗଲେ ତେବେ ପିଲାମାନଙ୍କର ଟୋପି ପିନ୍ଧିବାରେ ମୋର ଆଗ୍ରହ ମୋଟେ ନାହିଁ ।''

ମୁଁ କହିଲି, ''ଭଲ କଥା । ଏବେ ଆଉ ଗୋଟିଏ କଥା ପଚାରିବି । ମୁଁ ମୋ ଶ୍ରେଣୀରେ ଗୋଟିଏ ଛୋଟ ପୁସ୍ତକାଳୟ ଖୋଲିବାକୁ ଚାହୁଁଛି । ଏଥିପାଇଁ ମୋତେ କିଛି ପଇସା ମିଳିପାରିବ ?''

ଅଧିକାରୀ କହିଲେ, ''ଟଙ୍କା ? ଟଙ୍କା କେମିତି ମିଳିବ ? ଏ ପ୍ରୟୋଗ ତ କେବଳ ତୁମ ମୋ ଭିତରର କଥା । ବଜେଟରେ ଯେତିକି ଟଙ୍କା ଅଛି, ତା' ପୂରା ସ୍କୁଲ ପାଇଁ । ସେଥିରୁ ତୁମ ଶ୍ରେଣୀର ଭାଗରେ ଅଳ୍ପ ଯାହା ପଡ଼ିବ ସେତିକିରେ ସବୁ ଖର୍ଚ୍ଚ ତୁଲାଇବାକୁ ହେବ ।''

ମୁଁ କହିଲି, ''ତେବେ କେମିତି ହେବ ?''

ଅଧିକାରୀ କହିଲେ, ''ତେବେ ଏ କଥା ଏବେ ଥାଉ ।''

ମୁଁ କହିଲି, ''ମୁଁ ଗୋଟିଏ ଅଲଗା ଉପାୟ ଭାବିଛି । ଆପଣ ରାଜି ହେଲେ ହେଲା । ପ୍ରତି ପିଲାକୁ ତ ବହି କିଣିବାକୁ ପଡୁଛି । ହିନ୍ଦୀ, ଇତିହାସ ଇତ୍ୟାଦି ।''

– ''ହଁ ।''

– ''ମୁଁ କହୁଛି ଯେ ସେମାନେ ପାଠ୍ୟ ପୁସ୍ତକ ନ କିଣି ସେଇ ପଇସାରେ ଯଦି ଅନ୍ୟ ଭଲ ଭଲ ବହି କିଣନ୍ତେ, ତେବେ ସେମାନଙ୍କର ପୁସ୍ତକାଳୟ ହୋଇଯା'ନ୍ତା ।''

– ''ଆଚ୍ଛା, କିନ୍ତୁ ତୁମେ ପାଠ ବହି ବିନା କିପରି ପଢ଼ାଇବ ?''

– ''ମୁଁ ଏକଥା ମଧ୍ୟ ଭାବି ରଖିଛି । ପଢ଼ାର ପଦ୍ଧତି ପରିବର୍ତ୍ତନରେ ମୋର ପୂରା ଭରସା ଅଛି । ମୁଁ ଯେତେବେଳେ ଏହା କାମରେ କରି ଦେଖାଇ ଦେବି ସେତେବେଳେ ଆପଣ ଠିକ୍ ଭାବରେ ବୁଝି ପାରିବେ ।''

– ''ଭଲ କଥା । ମୁଁ ମାନୁଛି ଯେ ଏ ପ୍ରୟୋଗ ତୁମର ଓ ଫଳାଫଳ ପାଇଁ ତୁମେ ଦାୟୀ । କିନ୍ତୁ ମୋତେ ତୁମକୁ ସାବଧାନ କରି ଦେବାକୁ ହେବ । ପିଲା ଯେପରି ପାଠ ଛାଡ଼ି ନ ବୁଲନ୍ତି । ତୁମର ପ୍ରୟୋଗରେ ମୋର ସମର୍ଥନ ଅଛି । କିନ୍ତୁ ବେଳେ ବେଳେ ମୋର ଟିକିଏ ଡର ବି ରହୁଛି ।''

ମୁଁ କହିଲି, ''ଆଜ୍ଞା, ଆପଣ ବିଶ୍ୱାସ ରଖନ୍ତୁ । ଥରେ ଦେଖନ୍ତୁ ତ ! ଚେଷ୍ଟା ଆମର, ଆଉ ଭଗବାନ୍ ଚାହିଁଲେ ସଫଳତା ବି ଆମର ହେବ ।''

– ''ଆଚ୍ଛା । ବର୍ଷ ଶେଷରେ ତୁମର ଏ ପୁସ୍ତକାଳୟ କ'ଣ ହେବ ? ବହି ସବୁ ପିଲାଙ୍କ ଭିତରେ ବାଣ୍ଟି ଦେବ ?''

– ''ହଁ, ଦେଖିବାକୁ ଗଲେ ବହିଗୁଡ଼ିକ ଶ୍ରେଣୀର ସବୁ

ପିଲାଙ୍କର । କିନ୍ତୁ ମାଆବାପାମାନେ ଯଦି ଦାବି ନ କରନ୍ତି ତେବେ ପୁସ୍ତକାଳୟଟି ସେମିତି ରହିବ ଓ ପ୍ରତିବର୍ଷ ନୂଆ ନୂଆ ବହି ମିଶି ଚାଲିବ ।''

— ''ଲୋକେ ତୁମ କଥା ବୁଝି ପାରିବେ କି ନାହିଁ କେଜାଣି ? ତୁମର ବିଚାର ତ ଖୁବ୍ ସୁନ୍ଦର । ତଥାପି ପାଠ ବହି ବିନା କିପରି ପଢ଼ାଇବ, ସେ କଥା ମୁଁ ଭାବି ପାରୁନି ।''

— ''ଆଜ୍ଞା ! ଏ ଦିଗରେ ମୁଁ ସବୁ କିଛି ଭାବି ଚିନ୍ତି ରଖିଛି ।''

ଅଧିକାରୀଙ୍କଠାରୁ ବିଦାୟ ନେଇ ମୁଁ ଘରକୁ ଆସିଲି ।

## (VII)

ତା' ପରଦିନ ବିଦ୍ୟାଳୟ ଖୋଲିଲା । ମୁଁ ଭାବୁଥିଲି ଯେ ବୋଧହୁଏ ପିଲାମାନେ ବିନା ଟୋପିରେ ଆସିବେ । କିନ୍ତୁ ସମସ୍ତେ ଟୋପି ପିନ୍ଧିଥିଲେ । ବିନା ଟୋପିରେ ଆସିବା ପାଇଁ ସେମାନଙ୍କର ମାଆବାପାମାନେ ମନା କଲେ । ସେମାନେ କହିଲେ, ''ବିନା ଟୋପିରେ କିଏ ଯାଏ ? ତୁମ ଶିକ୍ଷକ ନିଶ୍ଚୟ ପାଗଳ ।''

ମୁଁ ନଖ ଦେଖିଲି । ମାତ୍ର ଦୁଇ ଚାରିଜଣ କାଟିଥିଲେ । ଏସବୁର କାରଣ ଘରେ ଅନେକ ସମସ୍ୟା । ବୋତାମ ସିଲାଇ କରିବା ପାଇଁ ସମୟ କାହିଁ । ଜଣେ ମା ତ କହି ପଠାଇଛି, ''ମାଷ୍ଟ୍ରେ, ପଢ଼ାଇବାକୁ ଆସିଛ ତ ପଢ଼ାଅ । କିନ୍ତୁ ଏ ନୂଆ ନୂଆ ଢଙ୍ଗ କାହିଁକି କାଢୁଛ ? ଆମର ଆଉ କ'ଣ କିଛି କାମ ନାହିଁ ଯେ ଆମେ ପିଲାଙ୍କର ନଖ କାଟିବୁ ? ଆମ ପିଲାମାନେ ଯେମିତି ଅଛନ୍ତି, ସେମିତି ଥା'ନ୍ତୁ । ପୁଣି ବୋତାମ ସିଲାଇ କରିବୁ ! ୟା କରିବୁ, ତା' କରିବୁ । ଆମକୁ ତ ମରିବାକୁ ବେଳ ମିଳୁନି । ଏ ବେକାରିଆ କାମ ସବୁ କରିବ କିଏ ?''

ମୁଁ ଆଶ୍ଚର୍ଯ୍ୟ ହୋଇ ରହିଗଲି । ଭାବିଥିଲି ବିଦ୍ୟାଳୟ ଖୋଲିଲା ବେଳକୁ ପିଲାମାନେ ସଫାସୁତୁରା ହୋଇ ଆସିଥିବେ । କିନ୍ତୁ ତା' ବଦଳରେ ଏମିତି କଥା । ହଉ, ଦେଖିବା କ'ଣ ହେଉଛି ? କିନ୍ତୁ ଏମିତି ହେଲେ ଚଳିବ କିପରି ? ମୋତେ ମାଆବାପାଙ୍କର ସହଯୋଗ ପାଇଁ ଚେଷ୍ଟା କରିବାକୁ ପଡ଼ିବ । ଏମିତି ବାଟ ଖୋଜିବାକୁ ପଡ଼ିବ, ଯେମିତି ନିଜକୁ ସଫାସୁତୁରା ରଖିବାକୁ ପିଲାମାନଙ୍କର ଆଗ୍ରହ ଆସିବ ।

ସେଦିନ ସେମାନଙ୍କୁ ମୁଁ କିଛି କହିଲିନି । ଯେଉଁ ଗପଟି ଅଧା କରିଥିଲି, ତାକୁ ଖାଲି ପୂରା କରିଦେଲି । ପିଲାମାନେ ପାଟିକଲେ, ''ଆଉ ଗୋଟିଏ ଗପ ।''

ମୁଁ କହିଲି, ''କାଲିଠୁ ନୂଆ ଗପ ଆରମ୍ଭ କରିବା । ଆସ ଆଜି ଖେଳିବା ।''

— ''ଖେଳିବା ?'' ପିଲାମାନେ ଆଶ୍ଚର୍ଯ୍ୟ ହୋଇ ମୋ ଆଡ଼େ ଅନାଇଲେ ।

— ''ହଁ ଖେଳିବା । ଆଚ୍ଛା ! କୁହ ତ ତୁମେ କି କି ଖେଳ ସବୁ ଜାଣିଛ ?''

— ''ଆମେ ତ କେତେ ଖେଳ ଜାଣିଛୁ । କିନ୍ତୁ ସ୍କୁଲରେ କେମିତି ଖେଳିବା ?''

— ''କାହିଁକି ଖେଳି ପାରିବା ନାହିଁ ?''

— ''ଏ ତ ପାଠପଢ଼ା ସମୟ । ଏ ସମୟରେ ପିଲାମାନେ କ'ଣ ଖେଳନ୍ତି ? ଏଠି କାହାକୁ କେବେ ଖେଳିବାର ଦେଖିଛନ୍ତି ?''

— ''କିନ୍ତୁ ଆମେ ତ ଖେଳିବା । ତୁମ ସହ ମୁଁ ବି ଖେଳିବି ।''

କେତେ ଜଣ କାଠ ଭଳି ଠିଆ ହୋଇ ରହିଲେ । କେତେ ଜଣ ପାଟି କରି ଖେଳିବାକୁ ଦୌଡ଼ିଲେ । ଅନ୍ୟ ଶ୍ରେଣୀର ପିଲାମାନେ ଏମାନଙ୍କୁ ଉଣ୍ଡିଲେ । ଶିକ୍ଷକମାନେ ମଧ୍ୟ ମୋ ଆଡ଼େ ଅନାଇଲେ ।

ଏତିକି ବେଳେ ପ୍ରଧାନ ଶିକ୍ଷକ ଆସିଲେ ଓ ମୋତେ କହିଲେ, ''ଦେଖନ୍ତୁ, ଶ୍ରେଣୀ ନିକଟରେ କିଛି ଖେଳ ଖେଳା ଯାଇପାରିବ ନାହିଁ । ଚାହାନ୍ତି ତ ସେ ଦୂର ପଡ଼ିଆରେ ଯାଇ ଖେଳନ୍ତୁ । ଏଠାରେ ଖେଳିଲେ ଅନ୍ୟ ଶ୍ରେଣୀ ପିଲାମାନଙ୍କର ଅସୁବିଧା ହେବ ।''

ମୁଁ ପିଲାମାନଙ୍କୁ ନେଇ ପଡ଼ିଆରେ ପହଞ୍ଚିଲି ।

ପିଲାମାନେ ତ ଲଗାମଛଡ଼ା ଘୋଡ଼ା ପରି ଡେଉଁଥା'ନ୍ତି । ''ଖେଳ, ଖେଳ,'' ପାଟି କରୁଥା'ନ୍ତି ।

ମୁଁ ପଚାରିଲି, ''କି ଖେଳ ଖେଳିବା ?''

ଜଣେ କହିଲା, ''ଖୋ ଖୋ ।''

ଆଉ ଜଣେ କହିଲା, ''ନା, କବାଡ଼ି ।''

ତୃତୀୟ ଜଣକ କହିଲା, ''ନା, ଚୋର-ପୁଲିସ ।''

ଚତୁର୍ଥ ଜଣକ କହିଲା, ''ତା' ହେଲେ ଆମେ ଖେଳିବୁନି ।''

ପଞ୍ଚମ ଜଣକ କହିଲା, ''ନ ଖେଳିଲେ ନାହିଁ । ଆମେ ତ ଏଇ ଖେଳ ଖେଳିବୁ ।''

ମୁଁ ପିଲାମାନଙ୍କର ଏ ଅଭ୍ୟାସ ଦେଖି କହିଲି, ''ଦେଖ !

ଆମେ ତ ଖେଳିବାକୁ ଆସିଛେ । ଏଠି ଯଦି ଏପରି କଳି ଲାଗିବ ତେବେ ଚାଲ ଶ୍ରେଣୀକୁ ଫେରିଯିବା ।''

ପିଲାମାନେ କହିଲେ, ''ନା' ନା । ଆମେ ଖେଳିବୁ ।''

ମୁଁ କହିଲି, ''ତେବେ ଆସ । ଆଜି ଖୋ ଖୋ ଖେଳିବା । ଦୁଇ ଜଣ ନେତା ହୁଅ । ବାକିମାନେ ଦୁଇ ଦଳ ହୋଇ ଠିଆ ହୁଅ ।''

ଦୁଇ ଦଳ ହେବାରେ କେତେ ସମୟ ବିତିଗଲା । ଅନେକ ପିଲା ନେତା ହେବାକୁ ଭିଡ଼ାଭିଡ଼ି ହେଲେ । ଶେଷକୁ ମୁଁ ଦୁଇଜଣଙ୍କୁ ବାଛିଲି । ଖେଳ ଆରମ୍ଭ ହେଲା । କିନ୍ତୁ ରାସ୍ତାରେ ଦୌଡ଼ାଦୌଡ଼ି ଖେଳ ପରି ଚାଲିଲା । କିଛି ନିୟମ କାନୁନ ନାହିଁ । ସବୁ ପିଲା ଅଯଥା ଚିତ୍କାର କରୁଥିଲେ – ''ହଁ, ଆସିଲୁ ମୋତେ ଧରିବୁ ?'' ''ଏଇ ଧରିଲି, ଧରିଲି'', ''ତୁ ଯାହା ଧରି ପାରିବୁ'', ଇତ୍ୟାଦି... ... ।

ମୁଁ ଭାବିଲି, ''ଏଇଟା ଖେଳ ପଡ଼ିଆ ନା ମାଛ ହାଟ ? ଖୋ ଖୋ ଖେଳ ହେଉଛି ନା ପାଟିତୁଣ୍ଡ ?''

ଖେଳ ସରିବା ମାତ୍ରେ ଜିତିଥିବା ଦଳର ଜଣେ କହିଲା, ''ଦେଖ । ଆମେ ଜିତିଲୁ । ବହୁତ ତ ପରିଶ୍ରମ କଲ । କିନ୍ତୁ କିଛି ହେଲା ? ତୁମ ନେତା ଭଲ ଥିଲେ ବି କ'ଣ ହେଲା ?''

ହାରିଥିବା ଦଳ ଚିଡ଼ିଗଲେ । ଜଣେ କହିଲା, ''ହଁ ମୁଁ ହାରିଗଲି । ହେଲେ, ତୁ ମୋର କ'ଣ କରିବୁ ?''

ପ୍ରଥମ ଜଣକ ପୁଣି କହିଲା, ''ତୁମେ ହାରିଲ । ଆମେ ଜିତିଲୁ । କରିବୁ ଆଉ କ'ଣ ? ଜିତିଲୁ, ଜିତିଲୁ, ଜିତିଲୁ ।''

ହାରିଥିବା ଜଣକ ଖୁବ୍ ରାଗିଗଲା । କହିଲା, ''ଏବେ ଚୁପ୍ ହବୁ ନା ନାହିଁ ? ନ ହେଲେ ଦେଖୁଥା' ଏ ପଥର ?''

ଜିତିଲାବାଲା କହିଲା, ''ବହୁତ ଦେଖିଛି । ଚିଡ଼େଇବୁ, ଚିଡ଼େଇବୁ । ପୁଣି ଚିଡ଼େଇବୁ । ଏମାନେ ହାରିଲେ, ହାରିଲେ, ହାରିଲେ ।''

ତା'ର ରାଗ ବଢ଼ିଗଲା । ସେ ପଥର ଉଠାଇ ମାରିଲା । ଜଣଙ୍କର ମୁଣ୍ଡ ଫାଟିଯାଇ ଧାର ଧାର ରକ୍ତ ବହିଲା । ମୁଁ କାବା ହୋଇଗଲି । ଏ'ତ ବହୁତ ଖରାପ କଥା ହେଲା । ମୁଁ ମୋର ରୁମାଲ ଚିରି ଦେଇ ତା' ମୁଣ୍ଡରେ ପଟି ବାନ୍ଧିଦେଲି । ସବୁ ପିଲାଙ୍କୁ ଡାକି କହିଲି, ''କାଲିଠାରୁ ଖେଳ ବନ୍ଦ ।''

ସମସ୍ତେ କହିଲେ, ''କିନ୍ତୁ ଗୁରୁଜି, ସେ ଦୁଇଜଣ ତ ଝଗଡ଼ା କଲେ । ଏଥିରେ ଆମ ସମସ୍ତଙ୍କର ଦୋଷ କ'ଣ ?''

ମୁଁ କହିଲି, ''ସମସ୍ତେ ମୋର ଦୁଇଟି କଥାରେ ରାଜି ହେଲେ ଖେଳ ଖେଳିବା ।''

ସମସ୍ତେ କହିଲେ, ''ଆମେ ରାଜି ।''

ମୁଁ କହିଲି, ''ଖେଳିବା ସମୟରେ ବିନା କାରଣରେ କେହି କଥା କହିବେନି । ଯେ କହିବ ସେ ଖେଳରୁ ବାହାରିଯିବ ।''

ସମସ୍ତେ କହିଲେ, ''ଆମେ ରାଜି ।''

ମୁଁ କହିଲି, ''ଦ୍ୱିତୀୟ କଥା ହେଲା ଖେଳରେ ଜିତିବା ହାରିବା ରହିବ ନାହିଁ । ଖେଳ ତ ଖେଳ । ଆମେ ଏଥର ହାରିଲେ ଆର ଥରକୁ ଜିତିବା । ଏଥିରେ ଆମେ ଜିତିଲୁ, ତୁମେ ହାରିଲ; ଏ ସବୁ କଥା କେଉଁଠୁ ଆସିଲା । ଡେଇଁବା, ଦୌଡ଼ିବା, ମଜା କରିବା ପାଇଁ ଆମେ ଖେଳୁଛେ । ହାରିବା, ଜିତିବା ପୁଣି ମୁଣ୍ଡ ଫଟାଇବା କ'ଣ ଦରକାର ?''

ସମସ୍ତେ କହିଲେ, ''ଆମେ ଏଥିରେ ମଧ୍ୟ ରାଜି ଅଛୁ ।''

ଆମେ ସବୁ ଖେଳିସାରି ବିଦ୍ୟାଳୟକୁ ଆସିଲୁ । ଯାହାର ମୁଣ୍ଡ ଫାଟିଥିଲା ସେ ବି ଆମ ସାଙ୍ଗରେ ଥିଲା । ଅନ୍ୟ ଶ୍ରେଣୀର ପିଲାମାନେ ଓ ଶିକ୍ଷକମାନେ ତାକୁ ଦେଖିବା ପାଇଁ ବାହାରକୁ ଆସିଲେ । ଜଣେ ଚଗଲା ପିଲା ଥଟ୍ଟା କରି କହିଲା, ''କ'ଣ, ଖେଳ କେମିତି ହେଲା ?''

ଦ୍ୱିତୀୟ ଜଣକ କହିଲା, ''ଆରେ ଭାଇ, ଏମାନେ ତ ଫଗୁ ଖେଳିବା ପାଇଁ ଯାଇଥିଲେ ।''

ଛୁଟି ହେଲା । ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକମାନେ ମୋତେ ଭେଟିଲେ । ଜଣେ ଶିକ୍ଷକ କହିଲେ, ''କ'ଣ, ଆଜି ତ ବଡ଼ ଯୁଦ୍ଧ ଲଗାଇ ଦେଲେ ଆପଣ ?''

ଦ୍ୱିତୀୟ ଜଣକ କହିଲେ, ''ଆରେ, ଏ ଖେଳ ଫେଳ ଛାଡ଼ନ୍ତୁ । ଏମାନେ ବାର ଘରର ପିଲା, ତାଙ୍କୁ ଚାରି କାନ୍ଥ ଭିତରେ ରଖି ପଢ଼ାନ୍ତୁ ଓ ଘୋଷାନ୍ତୁ । ଆପଣ ଏମାନଙ୍କୁ ଛାଡ଼ି ଦେଲେ ଏମାନେ ମୁଣ୍ଡ ଫଟାଫଟି ହୋଇଯିବେ । ପ୍ରତ୍ୟେକ ଦିନ ଗାଁ ଦାଣ୍ଡରେ କ'ଣ ହେଉଛି ଆପଣ ଜାଣି ନାହାନ୍ତି ?''

ପ୍ରଧାନ ଶିକ୍ଷକ କହିଲେ, ''ମୁଁ ତ ଭାବୁଥିଲି ଯେ ଆଜି ନିଶ୍ଚୟ କିଛି ଘଟିବ । କିନ୍ତୁ ଠିକ୍ ଅଛି । ଏ ମହାଶୟ ଥରେ ତ ଠିକିବା ଦରକାର । ନ ହେଲେ କ'ଣ ସେ ଚୁପ୍ ହେବେ ? ବିଦ୍ୟାଳୟରେ କେଉଁଠି ଖେଳ ହେବାର ଦେଖିଛ ?''

ମୁଁ କହିଲି, ''ଆଜ୍ଞା, ଖେଳ ହିଁ ତ ଅସଲ ପାଠପଢ଼ା । ମଣିଷର ପ୍ରକୃତ ଶକ୍ତି ଖେଳ ପଡ଼ିଆରେ ହିଁ ଦେଖିବାକୁ ମିଳେ । ଚରିତ୍ର ଗଠନ ହେଲା ଖେଳର ମୂଳ ଲକ୍ଷ୍ୟ ।''

ପ୍ରଧାନ ଶିକ୍ଷକ କହିଲେ, ''ସେଥିପାଇଁ ତ ମାରପିଟ ହୋଇ ମୁଣ୍ଡ ଫାଟିଗଲା ।''

ଏତିକିବେଳେ ମୁଣ୍ଡ ଫାଟିଥିବା ପିଲାର ବାପା ରାଗି ଲାଲ ହୋଇ ଆସିଲେ । କହିଲେ, ‘‘ଆମର ଏମିତି ପାଠପଢ଼ା ଦରକାର ନାହିଁ । ଦେଖନ୍ତୁ ! ମୁଣ୍ଡ ତ ଫାଟିଗଲା ନା ? ପ୍ରଧାନ ଶିକ୍ଷକ କୁଆଡ଼େ ଗଲେ ? କିଏ ଏହାକୁ ମାରିଲା ?’’

ମୁଁ କହିଲି, ‘‘ଦେଖନ୍ତୁ ମହାଶୟ, ପିଲାମାନେ ଖେଳିବାକୁ ଯାଇଥିଲେ । ସେଠାରେ ଟିକିଏ ଝଗଡ଼ା ହୋଇଗଲା । ଜଣେ ପିଲା ଟେକାଟା ଫୋପାଡ଼ି ଦେବାରୁ ଏହାର ମୁଣ୍ଡରେ ବାଜିଗଲା ।’’

ବାପା ଜଣକ କହିଲେ, ‘‘ତେବେ ଏମାନଙ୍କୁ ଖେଳିବା ପାଇଁ ଅନୁମତି କିଏ ଦେଲା ? ବିଦ୍ୟାଳୟରେ ପାଠ ପଢ଼ା ହେଉଛି ନା ଖେଳ ? ଦିନ ସାରା ତ ପିଲା ଦାଣ୍ଡରେ ଖେଳୁଛନ୍ତି ? ଯଦି ଆପଣ ଏଠି ପିଲାଙ୍କୁ ପାଠ ପଢ଼ାଇବାକୁ ଚାହୁଁଛନ୍ତି ତେବେ ମୋ ପିଲାକୁ ପଠାଇବି । ନ ହେଲେ ନାହିଁ ।’’

ମୁଁ ଚୁପ୍‌ଚାପ୍ ଶୁଣୁଥିଲି ।

ପ୍ରଧାନ ଶିକ୍ଷକ କହିଲେ, ‘‘ଭାଇ ଶୁଣନ୍ତୁ । ଏ ମହାଶୟ ଆମର ଜଣେ ନୂଆ ଶିକ୍ଷକ । ପାଠପଢ଼ାର ନୂଆ ଉପାୟସବୁ ପରୀକ୍ଷା କରୁଛନ୍ତି । ଆଜିର ଖେଳ ସେଥିରୁ ଗୋଟିଏ ଥିଲା । ଏହା ତା’ର ପରିଣାମ ।’’

ପିଲାଟିର ବାପା କହିଲେ, ‘‘ମୋର ପ୍ରୟୋଗ ଫ୍ରୟୋଗ ଦରକାର ନାହିଁ । ପିଲାକୁ ଭଲ କରି ପଢ଼ାଇବେ ତ ପଢ଼ାନ୍ତୁ । ନ ହେଲେ ତାକୁ ନେଇଯିବି ।’’

ଏହି ସମୟରେ ଅନ୍ୟ ଶିକ୍ଷକମାନେ ମୁରୁକି ମୁରୁକି ହସୁଥା’ନ୍ତି । ଏମିତି ଅବସ୍ଥାରେ ମୁଁ କ’ଣ ବା କହନ୍ତି ?

ଘରକୁ ଗଲି । ଖାଇବାକୁ ଭଲ ଲାଗିଲା ନାହିଁ । ବସି ବସି ଭାବିଲି, ‘‘ଭାଇ, ଏ’ତ ବଡ଼ ଖରାପ କଥା ହେଲା । ହଉ । ପିଲାଙ୍କୁ ଖେଳର ନିୟମ ତ ସବୁ ବତାଇଛି । ଆହୁରି ବତାଇବି । ବାକି ଖେଳ ତ ଖେଳାଇବି ନିଶ୍ଚୟ । ମୋ ବିଚାରରେ ତ ଖେଳ ହିଁ ପ୍ରକୃତ ପାଠପଢ଼ା ।’’

ଶୋଇ ଶୋଇ ଭାବୁ ଭାବୁ ଆଉ ଗୋଟିଏ ନୂଆ ଚିନ୍ତା ମୁଣ୍ଡକୁ ଜୁଟିଗଲା । ମାଆବାପାଙ୍କର ଗୋଟିଏ ସଭା କଲେ କିପରି ହୁଅନ୍ତା । ତାଙ୍କୁ ଖେଳର ମହତ୍ତ୍ୱ ବୁଝାଇ ଦିଅନ୍ତି । ପିଲାଙ୍କୁ ସଫା ସୁତୁରା ରଖିବାରେ ତାଙ୍କ ସହଯୋଗ ପ୍ରାର୍ଥନା କରନ୍ତି । ସେମାନେ ସାହାଯ୍ୟ ନ କଲେ ମୁଁ କ’ଣ ବା କରିପାରିବି ? ସେମାନେ ତାଙ୍କ ପିଲାଙ୍କ ପାଇଁ କ’ଣ ଏତିକି ବି କରିବେନି ? ଆମେ ଶିକ୍ଷକମାନେ ମାଆବାପାଙ୍କ ସହଯୋଗ କାହିଁକି ମାଗୁନେ ! ଏ ଦୋଷ ତ ଆମରି । ତେବେ କାଲି ହିଁ ଏ ସଭା କାହିଁକି ନ କରିବା ?

(କ୍ରମଶଃ)

(ଅନୁବାଦକ : ପୁଷ୍ପଶ୍ରୀ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ) ❑

... ...କେତେକ ପିଲାଙ୍କୁ ଜମା କିଛି ଶିଖାଯାଇ ନ ଥାଏ, ତେଣୁ ସେମାନେ ଅତି ସରଳ ଓ ସହଜ କଥା ଶିଖିବା ପାଇଁ ବର୍ଷ ବର୍ଷ ସମୟ ନେଇଥା’ନ୍ତି, ଏପରିକି ସବୁଠାରୁ ମୌଳିକ କଥାଟିଏ – କିପରି ପରିଷ୍କାର ରହିବାକୁ ହେବ... ।

ଠିକ୍ ବାଟରେ ବଞ୍ଚିବା ଗୋଟିଏ କଷ୍ଟକର କଳା । ପିଲାବେଳୁ ଏହି କଥାଟିକୁ ଶିଖିବାକୁ ଆରମ୍ଭ ନ କଲେ କିଂବା ଏଥିପାଇଁ ପ୍ରୟାସ ନ କଲେ, ଜଣେ ଏହାକୁ ଭଲଭାବେ କେବେ ଜାଣିପାରିବ ନାହିଁ । ଅତି ସରଳ କଥା କେତୋଟି – ନିଜ ସ୍ୱାସ୍ଥ୍ୟଟିକୁ ଭଲରେ ରଖିବା ଏବଂ ହୃଦୟଟିକୁ ସଦିଚ୍ଛାପୂର୍ଣ୍ଣ କରି ରଖିବା – ଏହି କେତୋଟି କଥା, ଯାହାକି ସୁନ୍ଦର ଭାବେ ଜୀବନ ବଞ୍ଚିବାକୁ ସାହାଯ୍ୟ କରେ । ମୁଁ ସ୍ୱାଚ୍ଛନ୍ଦ୍ୟପୂର୍ଣ୍ଣ ଭାବେ ବଞ୍ଚିବା କଥା କହୁ ନାହିଁ, କି ଉଲ୍ଲେଖଯୋଗ୍ୟ ଭାବେ ବଞ୍ଚିବା କଥା କହୁ ନାହିଁ, ମୁଁ କେବଳ ସୁନ୍ଦର ଭାବେ ବଞ୍ଚିବା କଥା ହିଁ କହୁଛି ।

– ଶ୍ରୀମା

# ଅନୁରକ୍ତ

## ଝରଣା ଘୋଷାଲ

ଇଂଲଣ୍ଡର ବର୍ଣ୍ଣମାଉଥରେ ୧୯୩୨ ଖ୍ରୀଷ୍ଟାବ୍ଦର ଫେବ୍ରୁଆରୀ ୫ ତାରିଖରେ ଆଣ୍ଟୋନୀ ଡେଭିଡ୍ ରସେଲ୍ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପରିବାର ଥିଲେ ମେଥୋଡିଷ୍ଟ୍ (Methodist) ଖ୍ରୀଷ୍ଟିଆନ । ତରୁଣ ବୟସରେ ଗୋଟିଏ ଗିର୍ଜାରେ ତାଙ୍କର ପ୍ରଥମ ଈଶ୍ୱର ଅନୁଭୂତି ହୁଏ । କୋଡ଼ିଏ ବର୍ଷ ବୟସରେ ବିଭିନ୍ନ ଦେଶ ପରିକ୍ରମା କରି ସିଏ ଯେତେବେଳେ ପୂର୍ବ ଆଫ୍ରିକାକୁ ଆସନ୍ତି ସେଠାରେ ତାଙ୍କର ହିନ୍ଦୁଧର୍ମ ସହିତ ପରିଚୟ ହୁଏ । କେନିୟାର ନାଇରୋବିରେ ସେ ପ୍ରଥମ ଥର ପାଇଁ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧରେ ଜାଣିବାକୁ ପାଇ, ପଣ୍ଡିଚେରୀ ଆସି ଶ୍ରୀଅରବିନ୍ଦ ଆଶ୍ରମରେ କିଛିଦିନ କଟାଇବା ପାଇଁ ପରିକଳ୍ପନା କରନ୍ତି ।

୧୯୬୦ ମସିହାରେ ଆଶ୍ରମକୁ ଆସି ଶ୍ରୀମାଙ୍କର ଦର୍ଶନ ଲାଭ କରି ସେ ମୁଗ୍ଧ ହୋଇ ଯାଇଥିଲେ । ଶ୍ରୀମାଙ୍କର ବିଶାଳ ବ୍ୟକ୍ତିତ୍ୱ, ଜ୍ଞାନ, କର୍ମଦକ୍ଷତା ଅନୁରକ୍ତଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥିଲା । ଶ୍ରୀମାଙ୍କୁ ଜଗଜ୍ଜନନୀ ରୂପେ ସିଏ ଅନୁଭବ କରୁଥିଲେ । ଫଳରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ସହିତ ତାଙ୍କର ଅନ୍ତଃଚେତନାରେ ସମ୍ପର୍କ ସ୍ଥାପିତ ହୋଇଥିଲା । ଶ୍ରୀମା ତାଙ୍କୁ ଏକାନ୍ତ ଅନୁଗତ ହିସାବରେ 'ଅନୁରକ୍ତ' ବୋଲି ନୂତନ ନାମକରଣ କରିଥିଲେ । ତେବେ ୧୯୬୦ ମସିହାରେ ଆଶ୍ରମରେ ସ୍ଥାୟୀ ଭାବେ ରହିବାର ସୁଯୋଗ ତାଙ୍କୁ ମିଳି ନ ଥିଲା । ୧୯୬୧ ମସିହା ଜୁଲାଇ ମାସରେ ଶ୍ରୀମା ତାଙ୍କୁ ଡକାଇ ସ୍ଥାୟୀ ଭାବେ ଆଶ୍ରମରେ ରହିବାର ବ୍ୟବସ୍ଥା କରିଥିଲେ ।

ଶ୍ରୀମା ଅନୁରକ୍ତଙ୍କୁ ଆଶ୍ରମର ହସ୍ତ ତିଆରି କାଗଜ (Hand Made Paper) କାରଖାନାରେ କାମ କରିବା ପାଇଁ ଅନୁମତି ଦେଇଥିଲେ । ଏହାର ପରବର୍ତ୍ତୀ ସପ୍ତାହରେ ଶ୍ରୀମାଙ୍କୁ ଦର୍ଶନ କରିବା ସମୟରେ ସେ ଦେଖିଲେ ବହୁତ ଲୋକ ମା'ଙ୍କୁ ପୁଷ୍ପ ନିବେଦନ କରି ପ୍ରଣାମ କରୁଛନ୍ତି । ତାଙ୍କ ପାଖରେ ଫୁଲ ନ ଥିବା ହେତୁ ନିଜ ଆଙ୍ଗୁଳିରୁ ସୁନା ମୁଦିଟି ବାହାର କରି ଶ୍ରୀମାଙ୍କୁ ନିବେଦନ କରି ପ୍ରଣାମ କରିଥିଲେ । ସେହି ମୁଦିଟି ତାଙ୍କର ଜେଜେବାପାଙ୍କର ବିବାହର ସନ୍ତକ ଥିଲା । ଏହା ଦେଖି ଶ୍ରୀମା ଖୁବ୍ ଅଭିଭୂତ ହୋଇ ଯାଇଥିଲେ ।

କାଗଜ କାରାଖାନାରେ କିପରି କାଗଜର ମାନ ଉନ୍ନତ କରାଯାଇ ପାରିବ ଅନୁରକ୍ତ ସେ ଦିଗରେ ପ୍ରଥମେ ମନୋଯୋଗ ଦେଇଥିଲେ । ପ୍ରତି ମାସରେ ସିଏ ନୂତନ କିଛି ଜିନିଷ ତିଆରି କରି ମା'ଙ୍କୁ ଦେଖାଉ ଥିଲେ; ଶ୍ରୀମା ତାହା ଦେଖି ଖୁବ୍ ଖୁସି ହେଉଥିଲେ ।

ଆରମ୍ଭରୁ ଗୁହ୍ୟ ବିଦ୍ୟା ପ୍ରତି ଅନୁରକ୍ତଙ୍କର ପ୍ରବଳ ଆକର୍ଷଣ ଥିଲା । ତାଙ୍କର ପ୍ରଥମ ବାଲକୋନି ଦର୍ଶନ ଦିନ ଶ୍ରୀମା ଅନୁରକ୍ତଙ୍କୁ ଦେଖି ମାଧବ ପଣ୍ଡିତଙ୍କୁ ପଚାରି ଥିଲେ ଯେ, ''ଏହି ପିଲାଟିର କ'ଣ ଗୁହ୍ୟବିଦ୍ୟା ସମ୍ବନ୍ଧରେ ଜ୍ଞାନ ଅଛି ? ମୁଁ ତାଙ୍କ ପଶ୍ଚାତରେ ଏକ ଦୀର୍ଘ କୃଷ୍ଣବର୍ଣ୍ଣ ମୂର୍ତ୍ତି ଦେଖିଲି – ହୁଏତ ସିଏ କାଳୀ ।''

୧୯୬୦ ମସିହା ଶେଷ ଆଡ଼କୁ ଅନୁରକ୍ତ ନିଜେ ନିଜ ଉପରେ ମୋହନିଦ୍ରା (Hypnosis) ବିଦ୍ୟା ପ୍ରୟୋଗ କରି ଅତୀତ ଜୀବନ ବିଷୟରେ ଜାଣିବାକୁ ଚେଷ୍ଟା କରିଥିଲେ । ସିଏ ଜଣେ ଦେବୀଙ୍କୁ ଦର୍ଶନ କରି ଅନୁଭବ କଲେ ଯେ ଏହି ଦେବୀ ହିଁ ତାଙ୍କର ଇଷ୍ଟ ଦେବୀ ଏବଂ ତାଙ୍କ ପାଖରେ ସିଏ ଆତ୍ମସମର୍ପଣ ମଧ୍ୟ କଲେ । ଏହି ଅନୁଭୂତି ପରେ ସେ ହୃଦୟଙ୍ଗମ କଲେ ଯେ ଏହି ଦେବୀ ହିଁ ହେଉଛନ୍ତି ଶ୍ରୀମା । ଶ୍ରୀମାଙ୍କ ନିକଟରେ ଏହି କଥା ପ୍ରକାଶ କରିବାରୁ ମା ତାହା ସମର୍ଥନ କରିଥିଲେ ।

ଶ୍ରୀମା ଏବଂ ଶ୍ରୀଅରବିନ୍ଦଙ୍କ ନିକଟରେ ସମ୍ପୂର୍ଣ୍ଣ ଆତ୍ମ-ସମର୍ପଣ ଫଳରେ, ସେମାନେ ଅନୁରକ୍ତଙ୍କ ଶରୀରରେ ଶକ୍ତି ସଞ୍ଚାର କରିବା ଦ୍ୱାରା ସେ କ୍ରମଶଃ ଅଧିକରୁ ଅଧିକ ହିନ୍ଦୁ ଧର୍ମ ପ୍ରତି ଆକର୍ଷିତ ହୋଇ ଉଠନ୍ତି । ଯଦି କୌଣସି ବ୍ୟକ୍ତି ପାରିବାରିକ ଅଥବା ସାଧନା ସମ୍ବନ୍ଧରେ ପଥ ନିର୍ଦ୍ଦେଶର ସାହାଯ୍ୟ ପାଇଁ ତାଙ୍କ ନିକଟକୁ ଆସନ୍ତି – ଶ୍ରୀମାଙ୍କ ପ୍ରତି ଏହା ତାଙ୍କର କର୍ତ୍ତବ୍ୟ ଅଭିପ୍ରାୟରେ ସେ ଉପରୋକ୍ତ ବ୍ୟକ୍ତିଙ୍କୁ ସାହାଯ୍ୟ କରନ୍ତି । ତାଙ୍କର ଏହି କାର୍ଯ୍ୟ ପାଇଁ ଶ୍ରୀମା'ଙ୍କ ସାହାଯ୍ୟ ତଥା ଅନୁମୋଦନ ସର୍ବଦା ରହିଥାଏ । ଏକାନ୍ତ ନୀରବତାର ସହିତ ଏକ ଦୋଳକ (Pendulum) ସାହାଯ୍ୟରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କୁ ସ୍ମରଣ କରି ମନ୍ତ୍ରବତ୍ ସେ ଏହି କାର୍ଯ୍ୟ କରିଥା'ନ୍ତି । ସାଧନାର ସୋପାନରେ ଅଗ୍ରସର ହୋଇ ସେ ତାଙ୍କ ନିଜ ପ୍ରାଣସତ୍ତା (Vital being)କୁ ଉଚ୍ଚତର ସ୍ତରକୁ ଉଠାଇ ନେଇ ବିଭିନ୍ନ ଅଭିଜ୍ଞତା ଲାଭ କରିଥିଲେ ।

ପରିଣତ ବୟସରେ ତାଙ୍କର ଭକ୍ତି ଓ ଆସ୍ପୃହା ତୀବ୍ର ହୋଇଥିଲା । ବୟସ ସହିତ ତାଙ୍କର ଆଧାତ୍ମିକ ଜ୍ଞାନ ମଧ୍ୟ ବୃଦ୍ଧି ପାଇଥିଲା । କାଗଜ କାରାଖାନା (Hand Made Paper)ର ମ୍ୟାନେଜର ପଦରୁ ଅବ୍ୟାହତି ନେଇ ସେହି କାରାଖାନାର ପରିସରରେ ଏକ କୁଟୀର ନିର୍ମାଣ କରାଇ ଗଭୀର ସାଧନାରେ ସେ ମଗ୍ନ ରହୁଥିଲେ । ବହିରାଗତ ଦର୍ଶନାର୍ଥୀଙ୍କ ସହିତ ସାକ୍ଷାତକୁ ସେ ସୀମିତ କରି ଦେଇଥିଲେ ।

ଏହି ନିବେଦିତ ପ୍ରାଣ ମହାନ୍ ସାଧକ ୨୫ ସେପ୍‌ଟେମ୍ବର ୨୦୧୫ ମସିହାରେ ଦେହତ୍ୟାଗ କରି ମାତୃଚରଣରେ ଆଶ୍ରୟ ନେଇଛନ୍ତି ।

### ଅନୁରକ୍ତଙ୍କ ଦୃଷ୍ଟିରେ ଶ୍ରୀଅରବିନ୍ଦ ଆଶ୍ରମର ଅତୀତ ଓ ବର୍ତ୍ତମାନ :

ଅତୀତ ଦିନମାନଙ୍କରେ ଅର୍ଥାତ୍, ଯେତେବେଳେ ଶ୍ରୀମା ଆମ ଗହଣରେ ଉପସ୍ଥିତ ଥିଲେ, ଆଶ୍ରମର ସାଧକ-ସାଧିକା ତଥା ଦର୍ଶନାଭିଳାଷୀ ଆଗନ୍ତୁକମାନଙ୍କର ପ୍ରତ୍ୟୁଷରେ ବାଲ୍‌କୋନି ଦର୍ଶନ ପରେ ପ୍ରତିଦିନର କର୍ମ ଆରମ୍ଭ ହେଉଥିଲା । ଶ୍ରୀମାଙ୍କର ବ୍ୟକ୍ତିଗତ ପ୍ରଭାବ ଓ ଉପସ୍ଥିତି ପ୍ରତ୍ୟେକଟି ବିଷୟରେ ରହିଥିଲା । ଆଶ୍ରମ ବାହାରେ ଅନ୍ୟ କେଉଁ ସ୍ଥାନକୁ ଯିବା ପାଇଁ ଆବଶ୍ୟକ ହେଲେ ତାଙ୍କର ଅନୁମତି ନେବାକୁ ପଡୁଥିଲା । ସାଧକ-ସାଧିକାମାନଙ୍କର ସାଧନା ଓ କର୍ମ ଶ୍ରୀମାଙ୍କ ଦ୍ୱାରା ନିର୍ଦ୍ଧାରିତ ହେଉଥିଲା । ସେହି ସମୟରେ ସମାଧି ପ୍ରାଙ୍ଗଣ ଖୁବ୍ ପ୍ରଶାନ୍ତ ଥିଲା ଏବଂ ତୁଳନାତ୍ମକ ଭାବେ ଖୁବ୍ କମ୍ ଲୋକ ସେଠାରେ ଧ୍ୟାନ ଓ ପ୍ରାର୍ଥନା କରିବାକୁ ଆସୁଥିଲେ । କିନ୍ତୁ ବର୍ତ୍ତମାନ ସମାଧି ପ୍ରାଙ୍ଗଣ ସବୁ ସମୟରେ ଜନ ସମାଗମରେ ଭରପୂର ।

ଶ୍ରୀମା ଶରୀରରେ ଥିବା ସମୟରେ ତାଙ୍କ ସହିତ ଯେଉଁମାନଙ୍କର ବ୍ୟକ୍ତିଗତ ଯୋଗାଯୋଗ କମ୍ ଥିଲା ଅର୍ଥାତ୍ ଅଧିକ ବାହ୍ୟ ସମ୍ପର୍କ ନଥିଲା, ସେମାନେ ପରିସ୍ଥିତି ସହିତ ନିଜକୁ ଖାପ ଖୁଆଇ ନେଇଛନ୍ତି ଏବଂ ଗଭୀର ଭାବେ ଅନ୍ତରର ସମ୍ପର୍କ ସ୍ଥାପନ କରି ପାରିଛନ୍ତି । ଅଥଚ ଯେଉଁମାନଙ୍କର ଯୋଗାଯୋଗ ଅଧିକ ଥିଲା ସେମାନଙ୍କୁ ଅପେକ୍ଷାକୃତ ଭାବେ ବେଶୀ ସମୟ ଲାଗିଛି ସ୍ୱାଭାବିକ ଅବସ୍ଥାକୁ ମାନିନେବା ପାଇଁ ।

ବର୍ତ୍ତମାନ ଆଶ୍ରମ ଅନେକ ବ୍ୟାପକ ହୋଇଯାଇଛି । କର୍ମବ୍ୟସ୍ତ ଓ ଜଟିଳ ହୋଇଛି ଜୀବନଧାରା । ଦର୍ଶନାର୍ଥୀଙ୍କ ସଂଖ୍ୟା ବଢ଼ିଛି । ଏପରିକି ପଣ୍ଡିଚେରୀ ସହର ମଧ୍ୟ କୋଳାହଳ ମୁଖର ଓ ବିସ୍ତାରିତ ହୋଇଛି । ଯାହାର ପ୍ରଭାବ ଆଶ୍ରମ ଜୀବନରେ ମଧ୍ୟ ରେଖାପାତ କରିଛି । ସେଥିପାଇଁ ବର୍ତ୍ତମାନ ପ୍ରୟୋଜନ ହେଲା ଅନ୍ତରର ଗଭୀରରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କୁ ତୀବ୍ର ଭାବେ ଅନୁଭବ କରିବା । ଯଦି କେହି ସାଧକ ଆନ୍ତରିକ ଭାବେ ଆସ୍ପୃହାବନ୍ତ ହୁଏ ତେବେ ସେହି ସାଧକ ଜଣକ ସେମାନଙ୍କର ଉପସ୍ଥିତି ଓ ସାହାଯ୍ୟ ନିଶ୍ଚିତ ରୂପେ ପାଇ ପାରିବ ।

ଅନୁରକ୍ତଙ୍କ ମତରେ ଭବିଷ୍ୟତରେ ଆଶ୍ରମର ବାହ୍ୟ ରୂପରେ ହୁଏତ ବିଶେଷ କିଛି ପରିବର୍ତ୍ତନ ହେବ ନାହିଁ । ତେବେ ପୂର୍ଣ୍ଣଯୋଗର ସାଧନାରେ ଆସ୍ପୃହାଶୀଳ ଭକ୍ତ ଓ ଶିଷ୍ୟମାନେ ଗଭୀର ଭାବେ ଅଗ୍ରସର ହୋଇ ପାରିବେ ।

ଅରୋଭିଲ୍ ହେଉଛି ଗୁହ୍ୟବିଦ୍ୟାର ଏକ ଦୀପ୍ତିମୟ ପ୍ରକାଶ – ସେଠାରେ ସାଧନା ଦ୍ରୁତତର ଓ ଆଶ୍ରମ ସହିତ ସମ୍ପର୍କ ନିବିଡ଼ ହେବ । ସାଧନା କ୍ଷେତ୍ରରେ ମାତୃମନ୍ଦିରର ପ୍ରଭାବ ରହିବ । ବାହ୍ୟ ଜଗତରେ ଭାରତୀୟ ଦର୍ଶନର ପ୍ରଭାବ ବଢ଼ିବ । ଜନସାଧାରଣ ଶ୍ରୀଅରବିନ୍ଦ, ଶ୍ରୀମା, ଶ୍ରୀରାମକୃଷ୍ଣ ଓ ସ୍ୱାମୀ ବିବେକାନନ୍ଦଙ୍କର ଶିକ୍ଷା ଦ୍ୱାରା ଅଧିକ ଅନୁପ୍ରାଣିତ ହେବେ । ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତିର ବିଭେଦ ଓ ସଂକୀର୍ଣ୍ଣତା କ୍ରମଶଃ ଦୂର ହୋଇଯିବ ।

### ପୂର୍ଣ୍ଣଯୋଗର ଯାତ୍ରୀଙ୍କ ପାଇଁ ଅନୁରକ୍ତଙ୍କ ଉପଦେଶ :

୧. ଶ୍ରୀଅରବିନ୍ଦଙ୍କୁ ସ୍ମରଣ କରି ଏକାଗ୍ର ହୋଇ ତାଙ୍କୁ ଚିନ୍ତା କରିବ ଏବଂ ସେହି ସମୟରେ ଶ୍ୱାସକ୍ରିୟା ହେବ କ୍ରମଶଃ ଧୀର ଓ ଗାଢ଼ ।

୨. ଶ୍ରୀମା'ଙ୍କ ଉପସ୍ଥିତି ହୃଦୟରେ କଳ୍ପନା କର, ଆବିଷ୍କାର କର ଓ ଅନୁଭବ କର । ଏହିପରି ଭାବେ ଆତ୍ମନିବେଦନ କଲେ ମାଆ ସାଧକର ରୂପାନ୍ତର ଯୋଗର ଦାୟିତ୍ୱ ନିଅନ୍ତି । ଏହି ପ୍ରକ୍ରିୟା ସର୍ବାପେକ୍ଷା ଉପଯୋଗୀ ।

୩. ଶ୍ରୀମା ଯେପରି ଶ୍ରୀଅରବିନ୍ଦଙ୍କ ଚରଣରେ ନିଜ ଅତୀତକୁ ସର୍ବାନ୍ତଃକରଣରେ ସମର୍ପଣ କରିଥିଲେ ସେହିପରି କରିବାକୁ ହେବ ।

୪. ପ୍ରାରମ୍ଭରେ Agenda ନ ପଢ଼ି ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଲିଖିତ ପୁସ୍ତକମାନ ଅଧ୍ୟୟନ କର ।

୧୯୬୧ ମସିହାରେ ଅନୁରକ୍ତ ଶ୍ରୀମା'ଙ୍କୁ କେଉଁ ବହି ପଢ଼ିବେ ବୋଲି ପଚାରିଥିଲେ । ଶ୍ରୀମା ତାଙ୍କୁ ଶ୍ରୀଅରବିନ୍ଦଙ୍କ ରଚିତ Essays on the Gita ପଢ଼ିବା ପାଇଁ କହିଥିଲେ । ❑

# କ୍ଲାସରେ ଶ୍ରୀମା'ଙ୍କ କାହାଣୀ

**[ଛୋଟ ପିଲାଙ୍କ କ୍ଲାସରେ ମା'ଙ୍କ ଦ୍ୱାରା କଥିତ କାହାଣୀ]**

## ହେଟା ବାଘ ଶିକାର

ଏଇ ଗଳ୍ପର ଘଟଣାଟି ଘଟେ ରୁଷ୍ ଦେଶରେ । ପୁଣି ଖାଲି ରୁଷ୍ ଦେଶ କହିଲେ ଠିକ୍ ହେବ ନାହିଁ, ଘଟିଛି ସାଇବେରିଆରେ । ଭୀଷଣ ଶୀତର ଦେଶ, ପ୍ରାୟ ବାରମାସ ହିଁ ବରଫରେ ଢଙ୍କା; ତେଣୁ ପୋଷାକ ପରିଚ୍ଛଦସବୁ ବେଶ୍ ମୋଟାସୋଟା, ଭାଲୁ ଭଳି ଲୋମବହୁଳ ଚମଡ଼ା ଦେଇ ତିଆରି । ପାହାଡ଼ ଅଞ୍ଚଳରେ ଜମିସବୁ ମରୁଭୂମି ଭଳି ଅନୁର୍ବର, ସେଗୁଡ଼ିକୁ ଇଂରାଜୀରେ କହନ୍ତି Steppes । କେବଳ ଦେବଦାରୁ ଗଛ ପ୍ରଚୁର, ତେଣୁ ଘରଦ୍ୱାରସବୁ ଦେବଦାରୁ କାଠରେ ତିଆରି ହୁଏ; ସେମାନଙ୍କ ଭାଷାରେ ସେଗୁଡ଼ିକ କହନ୍ତି 'ଇସବା' । ଏଇପରି ଏକ ଦେବଦାରୁ ବଣର ପ୍ରାନ୍ତରେ ବାସ କରୁଥିଲେ ଦୁଇ ଜଣ – ଜଣେ ଅଜା ବୁଢ଼ା ଓ ତାଙ୍କର ନାତି – ଛୋଟ ହେଲେ କ'ଣ ହେବ, ସାହସୀ ଓ ବୁଦ୍ଧିଆ – ବୟସ ୭/୮ ବର୍ଷ । ସେତେବେଳେ ପୁଣି ଶୀତଦିନ, ତା' ଅର୍ଥ ଚାରିପଟେ ବରଫର ଆସ୍ତରଣ ଧଳା ହୋଇ ଛାଇ ଯାଇଛି;– ଘରୁ ବାହାରିବା ଅସମ୍ଭବ । ଅଜା ବୁଢ଼ା ସାରା ଦିନ ନିଆଁ ଧାସ ପାଖରେ ବସି ରହିଛନ୍ତି, ବହି ପଢୁଛନ୍ତି, ନାତି ବି ଅଜାଙ୍କ ପାଖେ ପାଖେ ବସୁଛି, ଉଠୁଛି, ଗଳ୍ପ ଶୁଣି ସମୟ ବିତାଉଛି, କିନ୍ତୁ ବିଚରାର ପ୍ରାଣଟା ଖେଳବୁଲ କରିବାକୁ ଖୋଜୁଥାଏ, ଇଚ୍ଛା ହୁଏ ଥରୁଟାଏ ଯାଇ ବାହାରୁ ଘୂରି ଆସିବାକୁ, ମାତ୍ର ନାତିର ଏଇ କନକନିଆ ହାଡ଼ଥରା ପବନରେ ବୁଲି ବାହାରିବା କଥାଟା ଶୁଣିବା ମାତ୍ରେ ଅଜା କୋପମନା, ରାଗିଯାଇ ବକ୍ ବକ୍ କରନ୍ତି । ଭୟ ବି ଦେଖାନ୍ତି – ''ବାହାରେ ହେଟାର ଉତ୍ପାତ – ଏଇ ଶୀତରେ ସେଗୁଡ଼ିକଙ୍କର ଖାଦ୍ୟର ଅଭାବ, ସେଥିପାଇଁ ମଣିଷ-ଆବାସ ପାଖରେ ହାଁ କରି ଅନାଇ ରହିଥା'ନ୍ତି । କିଛି ଦିନ କଟିଯାଉ, ତୁ ଟିକିଏ ବଡ଼ ହୋଇ ଯା', ଯୁଆନ୍ ଟୋକା ହୋଇଗଲେ ହେଟା ଶିକାର କରିବୁ ।'' କିଛି ଦିନ କଟିଗଲା ଏହା ଭିତରେ । ନାତିର ନାଁ ଆନ୍ଦ୍ରେ ପିୟେଟ୍ରୋଭିଚ୍, ଏହା କହିବାକୁ ଭୁଲି ଯାଇଛି, ତେବେ ଅଜା ଡାକନ୍ତି 'ପିୟେର୍' ବୋଲି । ଆନ୍ଦ୍ରେ ଭାବେ – ମୁଁ ତ ଏବେ ବଡ଼ ହୋଇଗଲିଣି, ହେଟା ଶିକାର କରିବାକୁ ଏବେ ମୁଁ ସକ୍ଷମ ଅନାୟାସରେ । ଦିନେ ବୁଢ଼ା ଅଜା ଖରାବେଳେ ଶୋଇ ଘୁଙ୍ଗୁଡ଼ି ମାରୁଛନ୍ତି, ପିୟେର୍ ଭାବିଲା – ଏଇଟାହିଁ ଅସଲ ବେଳ । ସେ ଘରୁ ବାହାରି ପଡ଼ିଲା, ହାତରେ ତା'ର ପକ୍ଷୀ-ଶିକାରର ବନ୍ଧୁକ । କିଏ ଜାଣେ ଯଦି ବାଟ ଘାଟରେ କିଛି ବିପଦ ଆସି ପହଞ୍ଚେ, ସାଙ୍ଗରେ ଆତ୍ମରକ୍ଷା ପାଇଁ କିଛି ଏକ ଅସ୍ତ୍ର ରହିବା ଭଲ କଥା, ଆଉ ତା' ସହିତ ଗୋଛାଏ ଦଉଡ଼ି – ବେଶ୍ ଲମ୍ବା ।

ମହା ଉତ୍ସାହ ନେଇ ଆନ୍ଦ୍ରେ ବାହାରି ପଡ଼ିଲା, ବାଃ, କେତେଦିନ ଧରି ଘରର ଦୁଆର ବନ୍ଦ ପାରି ହୋଇନି ! ବାହାରର ଖୋଲା ଆକାଶ ଓ ମୁକ୍ତ ପବନର ସ୍ପର୍ଶ ପାଇ ପ୍ରାଣ ତା'ର ଉତ୍ଫୁଲ୍ଲ । ଯୁଆଡ଼େ ଚାହଁ, ତୁଷାରର ମେଳା ଯେମିତି । ବଡ଼ ବଡ଼ ଦେବଦାରୁ ଗଛ, ପତ୍ରର ଚିହ୍ନ ଦେଖାଯାଉ ନାହିଁ, ଯେମିତି ଗଛସବୁ ସଫେଦ ଚାଦର ଘୋଡ଼େଇ ହୋଇ ପଡ଼ିଛନ୍ତି, ଆକାଶ ଆଡ଼କୁ ହାତ ପ୍ରସାରିତ କରିଛନ୍ତି । ସେମାନଙ୍କୁ ଦେଖି ମନେ ହେଉଛି – ଦିଗନ୍ତକୁ ଛୁଇଁବାକୁ ଆଗୁସାର ଯେମିତି ! ଘରର କିଛି ଆଗରେ ଛୋଟ ଗୋଟାଏ ନଦୀ, ଝରଣା କହିଲେ ଚଳେ; ତା' ଉପରେ ଏକ ସେତୁ । ନଦୀର ଜଳସବୁ ଶକ୍ତ ବରଫ ଆଉ ପୋଲଟା ଯେମିତି ତା' ଦେହର ବଳ ନେଇ ତା' ଉପରେ ଚାପି ବସିଛି । ପିୟେର୍ ଆଗେଇ ଚାଲିଲା, କିଛି ଦୂରରେ ଗୋଟାଏ ଗଛ ଡାଳରେ ମଇନା ପକ୍ଷୀଟିଏ ଗୀତ ଗାଇ ଚାଲିଛି ତା' ନୀଡ଼ର ସାମନାରେ ବସି । ସେ ପିୟେର୍‌କୁ ଚିହ୍ନେ । ପିୟେର୍ ତାକୁ ଡାକିଲା – ଭାଇ ମଇନା, ମୁଁ ଯାଉଛି ହେଟା ବାଘ ଶିକାରରେ, ତୁ ଯିବୁ ମୋ ସାଙ୍ଗରେ ? ମଇନା ଉତ୍ତର ଦେଲା – ଟ୍ୟା, ଟ୍ୟା, ଟ୍ୟା, ଏହାର ଅର୍ଥ ହଁ, ହଁ, ଯିବି, ନିଶ୍ଚୟ ଯିବି । ତେଣୁ ସେ ଦୁହେଁ ଆଗେଇଲେ । ଗଛର ତଳେ ଖୋପରେ ଗୋଟିଏ କଳା ବିରାଡ଼ି ରହୁଥିଲା, ବରଫର ବରଷା ଯୋଗୁଁ ତା' ଦେହଟା ଛାପଛାପିଆ ଧଳା ହୋଇଯାଇଛି, ଲୋଭ ତା'ର କେମିତି କି ଉପାୟରେ ମଇନା-ଚଢ଼େଇକୁ ମୁହଁରେ ପୂରାଇବ । ଏବେ ଦେଖିଲା ମଇନା ଚାଲିଛି ପିୟେର୍ ସାଙ୍ଗରେ । ବାଃ, ଏଇ ତ ସୁଯୋଗ । ଚୁପ୍ ଚୁପ୍ ସେ

ପାଦ ପକାଇଲା ଆଗକୁ । ଖପ୍ କରି ମଇନାର ଲାଞ୍ଜଟା ଧରି ପକାଇଲା । ମଇନା ଜୋର୍‌ରେ ଚିଲେଇଲା – ଟ୍ୟା-ଟ୍ୟା-ଟ୍ୟା; ପଛକୁ ଚାହିଁ ପିୟେର୍ ଜିନିଷଟି ବୁଝିଲା ବନ୍ଧୁ ଡାକୁଛି – ବଞ୍ଚାଅ ମୋତେ; ପଛକୁ ପାଦ ପକାଇ ସାଙ୍ଗେ ସାଙ୍ଗେ ବିଲେଇ ନାନୀକୁ ଦୁଇଟି ଥାପଡ଼ ବସାଇଲା ଆଉ କହିଲା, 'ପାଜି ଏକ ନମ୍ବରର ବଦମାସ ତୁ, ଚାଲ ଏବେ ଆମ ସାଙ୍ଗରେ ହେଟା-ବାଘ ଶିକାରକୁ' । ବିଲେଇ ନାନୀ ମହାଖୁସି, ସେ ଏଇ ଦୁଇ ଜଣଙ୍କର ଆଗେ ଆଗେ ଚାଲିଲା । ପିୟେର୍ ତା' କାନ ଧରି ମୋଡ଼ିଲା ଓ କହିଲା, ତୋ ଦୁଷ୍ଟାମିର ଦଣ୍ଡ ଭୋଗିବାକୁ ହେବ, ତୁ ଚାଲିବୁ ଆମ ପଛରେ । ଏବେ ସେମାନେ ହେଲେ ତିନି ଜଣ । କିଛି ବାଟ ଯିବା ପରେ ଏକ ବଡ଼ ଗଛର ଡାଳରେ ବସିଥିବାର ଦେଖାଗଲା ଏକ ବାଜପକ୍ଷୀ, ପାଦର ନଖ ତା'ର ମୁନିଆ ମୁନିଆ ବଡ଼ ବଡ଼ । ପିୟେର୍ ତାକୁ ଡାକ ଦେଲା – 'ଯିବା ଗଧିଆ ଶିକାରକୁ, ଚାଲ ତୁ ବି ।' ଏ ଅଭିଯାନରେ ବାଜପକ୍ଷୀ ବି ସଙ୍ଗୀ ହେଲା ତା'ର ରାଜବେଶରେ ।

କେହି ସେମାନେ ଲକ୍ଷ୍ୟ କରି ନାହାନ୍ତି – ହେଟା ବାଘ ତା'ର ବିପୁଳ ଦେହ ନେଇ ଏମାନଙ୍କୁ କେତେବେଳଠୁ ଲକ୍ଷ୍ୟ କରୁଛି ତା'ର ଲକ୍‌ଲକ୍ ଜିଭ ହଲାଇ, ଧୂସରିଆ ଆଖି ଦେଖାଇ । ହଠାତ୍ ପିୟେର୍‌ର ଆଖି ପଡ଼ିଗଲା ତା' ଉପରେ । କ'ଣ କରିବ ଭାବି ଠିକ୍ କରିବା ଆଗରୁ ପିୟେର୍ ସାମନା ଗଛରେ ଚଢ଼ିଗଲା । ତା' ପଛେ ପଛେ ବିଲେଇ ନାନୀ ବି ତା'ର ମୁନିଆ ନଖ ଫୁଟାଇ ଡାଳକୁ ଧରି ଚଢ଼ିଲା ସେଇ ଗଛରେ । ମଇନା ଓ ବାଜ ପକ୍ଷୀ ଦୁହେଁ ଫୁରର୍ କରି ଗଛ ଡାଳକୁ ଉଡ଼ିଗଲେ । ହେଟା ଗଛରେ ଚଢ଼ିପାରିଲା ନାହିଁ, ଅଗତ୍ୟା ସେ ଗଛ ତଳେ ଠିଆ ହୋଇ ତା'ର ଲାଙ୍ଗୁଡ଼କୁ ଫୁଲାଇ ପ୍ରକାଣ୍ଡ ହାଁ କରି ଉପର ଆଡ଼କୁ ହିଂସ୍ର ଦୃଷ୍ଟିରେ ଚାହିଁ ରହିଲା ଏବଂ ମଝିରେ ମଝିରେ ଟିକିଏ ଛାଡ଼ି ଛାଡ଼ି ହୁଙ୍କାରିବାକୁ ଲାଗୁଥାଏ, ମାତ୍ର ସିଏ ଗଛରେ ଚଢୁ ନ ଥାଏ । ପିୟେର୍ ଡରିବା ପିଲା ନୁହେଁ; ସେ ତତ୍‌କ୍ଷଣାତ୍ କ'ଣ କଲେ ଭଲ ହେବ, ଭାବି ଚାଲିଲା ଓ କରି ପକାଇଲା ବି – ପାଖରେ ଥିବା ରସିଟାକୁ ବାହାର କରି ଗୋଟିଏ ଫାଶ ଆଣ୍ଟିଲା ଆଉ ଫାଶର ଖୋଲା ମୁହଁଟା ହେଟାର ଲାଙ୍ଗୁଡ଼ ପଟକୁ ଓହଳାଇ ଦେଲା । ତା' ପରେ ଗୋଟାଏ ମତଲବରେ ହେଟାର ଗୋଡ଼ର ପାଦ ଆଡ଼କୁ ଲକ୍ଷ୍ୟ କରି ତା'ର ପକ୍ଷୀମରା ବନ୍ଧୁକରେ ଗୋଟାଏ ଗୁଳି ମାରିଲା । ସେତେବେଳେ ହେଟା ତା'ର ଶିକାରକୁ ଧରିବାକୁ ଡେଇଁଲା କୁଦାମାରି – କାରଣ ଏ ପ୍ରକାର ପରିହାସ ତାକୁ ଅସହ୍ୟ ବୋଧ ହେଲା । ସେଇ ସୁଯୋଗରେ ତା'ର ଲାଞ୍ଜଟା ଫାଶରେ ଗଳିଗଲା ଓ ତାକୁ ବାଳକ ପିୟେର୍ ଆଣ୍ଟିଦେଲା ଗଛ ଉପରୁ । ହେଟା ତ ବୁଝିପାରୁ ନ ଥାଏ, ଭାବିଲା – କିଛି ଏକ ଜନ୍ତୁ ତା' ପଛଆଡୁ ତା'ର ଅଜାଣତରେ ଆସି ଲାଞ୍ଜଟାକୁ କାମୁଡ଼ି ଧରିଛି । ସେ ତା'ଠୁ ଲାଙ୍ଗୁଡ଼ଟାକୁ ଛଡ଼ାଇବା ପାଇଁ ଯେତେ ଡିଆଁ ଡେଇଁ କଲା ଫାଶଟା ଆହୁରି ଭିଡ଼ି ହୋଇ ତାକୁ ଜାବୁଡ଼ି ଧରିଲା । ଏମିତି ଫାଶ ଯେ ସହଜରେ ବାହାରିବ ନାହିଁ, ଏମିତି ଫାଶର ଗଣ୍ଠି କ'ଣ ଯାହା ତାହା ହାତରେ ସ୍ୱୟଂ ଅଜା ଶିଖାଇଛନ୍ତି, ନାତି ଆନ୍ଦ୍ରେ ପିୟେଡ୍ରୋଭିଚ୍‌କୁ । ପିୟେର୍ ଏହା ଭିତରେ ଅଧିକା କିଛି କରି ପକାଇଛି । ସେ ଗଛ ଡାଳରେ ଦଉଡ଼ିଟିକୁ କେତେ ଥର ଗୁଡ଼ାଇ ସାରିଲାଣି, ଯାହା ଫଳରେ ସେଇଟା ହାତରୁ ଖସି ନ ଯିବ କିଂବା ସେ ନିଜେ ହେଟାର ଭାର ସମ୍ଭାଳି ନ ପାରି ଗଛରୁ ପଡ଼ିଯିବ ଓ ହେଟାର ମୁହଁର ଶିକାର ହୋଇପଡ଼ିବ । ସେ ତା'ର ଭାରସାମ୍ୟ ରକ୍ଷା କରି ଚାହିଁଲା, ଆରେ ମଇନାଟା କୁଆଡ଼େ ଗଲା, ନା ସେ ତ ହେଟାର ମୁହଁରେ ପଡ଼ି ନାହିଁ । ବିରାଡ଼ି ବି ମନା କରିଛି ସେ ଆଉ ତାକୁ ଛୁଇଁବ ନାହିଁ, କଥା ଦେଇଛି । ବାଜ ପକ୍ଷୀ କହିଲା – ସେ କୁଆଡ଼େ ଯାଇଛି ମୁଁ ଜାଣେ, ଟିକକ ପରେ ସେ ଫେରି ଆସିବ ।

ମଇନା ସେଇ ସମୟ ଭିତରେ ଗାଁ ଭିତରକୁ ଉଡ଼ି ଯାଇଛି, ଗାଁର ଶେଷ ମୁଣ୍ଡକୁ, ଯେଉଁଠି ସେଇ ତିନି ଜଣ ଶିକାରୀ ଭାଇ ରହନ୍ତି, ସେମାନଙ୍କୁ ଡାକି ଆଣିବାକୁ । ମଇନାଟାର ଟିକିଏ ବି ଡର ଭୟ ନାହିଁ, ସେ ଯାଇ ବଡ଼ ଭାଇର ସାମନାରେ ତା'ର ଦାଢ଼ି ଉପରେ ବସି ରାବ ଦେଲା – ଟ୍ୟା, ଚୁକ୍ ଚୁକ୍ ଚୁକ୍, ଥରେ ନୁହେଁ କେତେ ଥର । ତିନି ଭାଇ ଯାକ ଯୁଆନ୍ ଭେଣ୍ଡିଆ, ଭୀମ ଭଳି ଚେହେରା, କଳା ଲମ୍ବା ଦାଢ଼ି । ମଇନା ରାବ ଦେଇ ଚୁପ୍ ରହିଲା ନାହିଁ, ବଡ଼ ଭାଇ ଇଗୋଲ୍‌ର କାନ୍ଧରେ ମୁଣ୍ଡରେ ଡିଆଁଡେଇଁ କଲା । ତିନି ଭାଇଙ୍କ ନାଁ ଇଗୋଲ୍, ମିଗୋଲ୍ ଓ ଶିଗୋଲ୍ । ଇଗୋଲ୍ ଭାବିଲା, ଭାରି ମଜା, ଏଇଟା ପୁଣି କେଉଁଠୁ ଆସି ଜୁଟିଲା ? ଟିକିଏ ବି ଡରୁ ନାହିଁ, କିନ୍ତୁ କିଛି ଯେମିତି କହିବାକୁ ଚାହେଁ । ସେ ସାନ ଦୁହିଙ୍କୁ ଡାକ ଦେଲା । ସେମାନେ ବି ଆସି ମଇନାର ହାବ-ଭାବ ଦେଖି କହିଲେ ବଡ଼ ଭାଇଙ୍କୁ – ଏଇଟା ଯେପରି କିଛି ଗୋଟାଏ କହିବାକୁ ଇଚ୍ଛା କରୁଛି; ହୁଏତ ଏହାର ବସା ବରଫର ଢେରରେ ଛପି ଯାଇଛି, କିଂବା ଏହାର ଛୁଆଙ୍କୁ ବିରାଡ଼ି ଖାଇ ଯାଇଛି, ବାହାରି ପଡ଼ିଲେ

ଦେଖାଯିବ କ'ଣ ଘଟଣା । ସେତିକି ସମୟ ଭିତରେ ମଇନା କିଛି ଦୂର ଆଗେଇ ଯାଇ ପୁଣି ଫେରେ, ତା' ଦେଖାଦେଖି ଏମାନେ ବି ବାହୁଡ଼ିବାର ଉପକ୍ରମ କଲେ । ମଇନା ପୁଣିଥରେ ମିଗୋଲ୍‌ର ଦେହରେ ମୁଣ୍ଡରେ ବସି ଡିଆଁ ଡେଇଁ କରି କିଛି ଇସାରା କଲା, ହାତ ଉପରେ ବସି ଯେପରି କିଛି କହିବାକୁ ଚାହିଁଲା । ଏମାନେ ଜଙ୍ଗଲରେ, ପାହାଡ଼ରେ ପଶି ବଡ଼ ବଡ଼ ଜନ୍ତୁ-ଜାନୁଆର ଶିକାର କରନ୍ତି, ସେମାନଙ୍କୁ କାବୁ କରି ଦିଅନ୍ତି, ଅନ୍ୟ ପଶୁଙ୍କ ଭାଷା ନ ବୁଝିଲେ ବି ସେମାନଙ୍କ ହାବଭାବ ଇଙ୍ଗିତ ଅଳ୍ପ ବହୁତ ବୁଝି ପାରନ୍ତି, ନିର୍ଭୁଲ ଭାବରେ, ଅଥଚ ଏଇ ସାମାନ୍ୟ ମଇନାଟାର ହାବଭାବ ବା ଇସାରାରୁ କିଛି ବୁଝିପାରୁ ନାହାନ୍ତି ବ୍ୟାପାରଟା କ'ଣ ବୋଲି । ତେଣୁ ସେମାନେ ହାତରେ ବଲ୍ଲା ଆଦି ହତିଆର ଧରି ବାହାରିଲେ – ପରସ୍ପରକୁ କହିଲେ – ଦେଖାଯାଉ କ'ଣ ଘଟଣାଟା, ସତରେ କିଛି ଏହାର ମତଲବ ନା ଖାଲି ଖାଲି ପାଗଳାମି । ମଇନା ଏହା ଦେଖି ମହାସ୍ଫୂର୍ତ୍ତି – ସେ ଉଡ଼ିଲା ଆଗେ ଆଗେ ବାଟ କଢ଼ାଇ । ଯଥାସ୍ଥାନରେ ପହଞ୍ଚି ସେମାନେ ନିମିଷକ ଭିତରେ ସବୁ ବୁଝିଗଲେ ବ୍ୟାପାରଟାର ରଙ୍ଗଢଙ୍ଗ, ମାତ୍ର ଜିନିଷ ଯାହା ଘଟିଛି, ତାହାର ନୂତନତ୍ୱ ସେମାନଙ୍କୁ କୌତୁକପ୍ରଦ ଲାଗିଲା । ଏହା କି ପ୍ରକାର ଶିକାର ? – କ'ଣ ଛୁଆଖେଳ ନା ସର୍କସ୍ – ଏକ ବଡ଼ ଗଛର ଲମ୍ବା ଡାଳରେ ହେଟାବାଘଟାଏ ଝୁଲୁଛି, ତା'ର ଗୋଡ଼ସବୁ ଦୁଇଟି ଦୁଇଟି କରି ଦଉଡ଼ିରେ ବନ୍ଧା, ଗୋଡ଼ଗୁଡ଼ିକ ଉପରକୁ ଓ ଦେହଟା ତଳକୁ – ଏଇପରି ଝୁଲନ୍ତ ଅବସ୍ଥା, ସେତିକି ନୁହେଁ, ତା'ର ପେଟ ଉପରେ ବସିଛି ପିୟେର୍, ତା'ର ସଙ୍ଗୀ ବାଜପକ୍ଷୀ ଓ ଅନ୍ୟ ସାଙ୍ଗଟି ବିଲେଇ । ମଇନା ବି ଉଡ଼ିଯାଇ ସେମାନଙ୍କ ସାଥୀ ହୋଇଗଲା ।

ଅର୍ଥାତ୍ ମଇନା ଉଡ଼ିଯିବା ପରେ ପିୟେର୍ ସେଇ ସମୟରେ କୌଶଳ କରି ଟାଣି ଟାଣି ହେଟା ବାଘକୁ ଭୂମି ତଳୁ ଉପରକୁ ଉଠାଇଛି ତା'ର ଲାଙ୍ଗୁଡ଼ର ବନ୍ଧା ଦୌଡ଼ିଟିକୁ କପିକଳ ପରି ବ୍ୟବହାର କରି ଏବଂ କାଇଦା କରି ସାମନା ଓ ପଛ ଗୋଡ଼କୁ ଅଲଗା ଅଲଗା କରି ବାନ୍ଧିଛି ଏବଂ ଶେଷରେ ହେଟାର ଅକ୍ଷମତାର ସୁଯୋଗ ନେଇ ତା'ର ପେଟ ଉପରେ ସଙ୍ଗୀ-ସାଥୀକୁ ନେଇ ବସି ପଡ଼ିଛି ଆରାମରେ ।

ଶିକାରୀମାନେ ଏହା ଦେଖି ଭାବିଲେ ଏଇ ଶିକାରଟାକୁ ମାରି ଲାଭ ନାହିଁ, ବନ୍ଧା ହୋଇଥିବା ଜନ୍ତୁ ଶିକାର କରିବାରେ ମଜା କିଛି ନାହିଁ, ପୌରୁଷ ନାହିଁ । ତେବେ ଯେହେତୁ ହିଂସ୍ର ଜନ୍ତୁ ଛାଡ଼ି ଦେଇ ହେବ ନାହିଁ । ପିୟେର୍‌ର ବହୁତ ଇଚ୍ଛା – ଏଇ ହେଟାକୁ ଜିଅନ୍ତା ଧରି ନେଇ ତା'ର ଅଜାଙ୍କ ନିକଟରେ ପହଞ୍ଚାଇ ଦେବାକୁ । ମାତ୍ର ଖୋଲିଦେଲେ ତ ପଳାଇଯିବ, ତା' ନ ହେଲେ ମାରିଦେଲେ ଯାଇ ନେଇହେବ ଗାଁ ଭିତରକୁ । ସେମାନେ କହିଲେ, ଟିକିଏ ସବୁର୍ କର, ବ୍ୟବସ୍ଥା କରାଯିବ । ଗୋଟିଏ କରତ ଆଣି ସେମାନେ ଗଛର ଡାଳଟିକୁ ହେଟାର ଦୁଇ ପଟୁ ଯଥେଷ୍ଟ ଲମ୍ବା ଛାଡ଼ି ଦେଇ କାଟି ଦେଲେ । କେତୋଟି ମିନିଟ ଭିତରେ କାମ ଶେଷ – ଜଣେ ଧରିଲା ସେଇ ଡାଳଟିର ସାମନା ପଟ ଓ ଅନ୍ୟ ଜଣେ ପଛପଟ, ସେମାନେ କାନ୍ଧ ଉପରକୁ ସେଇ ଶାଖା ଡାଳଟି ଉଠାଇନେଲେ ଭାରା ପରି । ଶୋଭାଯାତ୍ରାର ପଛରେ ଶିକାରୀ ଦୁଇ ଭାଇ ଓ ସମ୍ମୁଖରେ ପିୟେର୍ ଓ ତା'ର ବନ୍ଧୁଗଣ, କାରଣ ସେଇ ତ ଏ ଅଭିଯାନର ମୁଖ୍ୟ; ଦୁଇ ଶିକାରୀଙ୍କ କାନ୍ଧରେ ହେଟା ଏବଂ ସବା ପଛରେ ଆଉ ଜଣେ ଶିକାରୀ ଭାଇ, ସମସ୍ତେ ହୁଲସ୍ଥୁଲ କରି ଗାଁ ଆଡ଼କୁ ଚାଲିଲେ । ପାଟିତୁଣ୍ଡ ହଟ୍ଟଗୋଳରେ ବୁଢ଼ା ଅଜାଙ୍କର ନିଦ ଭାଙ୍ଗିଗଲା । ସେ ଘରୁ ବାହାରି ଆସି ଦାଣ୍ଡରେ ଦେଖିଲେ ଅଦ୍ଭୁତ ଏକ କାଣ୍ଡ । ତା'ପରେ ନାତି ପାଖରୁ ଶିକାରର କାହାଣୀ ଶୁଣି ସେ ଖୁବ୍ ଖୁସି ହେଲେ । ଶିକାରୀ ଭାଇମାନଙ୍କୁ ଘରକୁ ଡାକିନେଲେ ଓ ଜଳଖିଆ ଦେଲେ । ମଇନା, ବିରାଡ଼ି ଓ ବାଜ ପକ୍ଷୀକୁ ବି ସେମାନଙ୍କ ମନ ମୁତାବକ କିଛି ଆହାର ଦେଲେ ଉପହାର ସ୍ୱରୂପ ।

ସେଇ ଦିନଠୁ ବୁଢ଼ା ଅଜା ନାତି ପିୟେର୍‌କୁ ବାହାରକୁ ଯିବାକୁ ବାରଣ କଲେ ନାହିଁ ।

ଅନୁଲିଖନ (ବଙ୍ଗଳା) : ମୃତ୍ୟୁଞ୍ଜୟ ମୁଖାର୍ଜି

❑❑❑

### ଭ୍ରମ ସଂଶୋଧନ

୨୦୨୦ ଡିସେମ୍ବର ସଂଖ୍ୟା ନବପ୍ରକାଶ ପତ୍ରିକା ପୃଷ୍ଠା ୧୩ର 'ଭକ୍ତି ଓ ଜ୍ଞାନର ସମନ୍ୱୟ' ଶୀର୍ଷକ ପ୍ରବନ୍ଧରେ ପ୍ରଥମ ସ୍ତମ୍ଭ, ଦ୍ୱିତୀୟ ପାରା, ଚତୁର୍ଥ ଧାଡ଼ିର 'ଜୀବନ' ଶବ୍ଦଟି 'ଜୀବ' ହେବ । ମୁଦ୍ରଣ ଜନିତ ତ୍ରୁଟି ମାର୍ଜନୀୟ ।

## ଉପଲବ୍ଧି ହିଁ ଆଧ୍ୟାତ୍ମିକତାର ପ୍ରମାଣ

***ପ୍ରଶ୍ନ :*** *ଉପଲବ୍ଧି ବିନା ଆଧ୍ୟାତ୍ମିକତାର ପରିକଳ୍ପନା କରାଯାଇପାରିବ କି ?*

**ଉତ୍ତର** : ପ୍ରଥମେ ଆଧ୍ୟାତ୍ମିକତାର ପରିକଳ୍ପନା, ତା'ପରେ ଯାଇ ଉପଲବ୍ଧି । ''ପରିକଳ୍ପନା'' ବୋଇଲେ ଆପଣ ପ୍ରାଥମିକ ଜ୍ଞାନ ବା ଧାରଣାକୁ ବୁଝାଉଛନ୍ତି ବୋଲି ମୋର ଅନୁମାନ । ସେହି ଧାରଣା ପୋଷଣ କରି ଆପଣ କୌଣସି ଆଧ୍ୟାତ୍ମିକ ସାଧନା ଆରମ୍ଭ କରିବେ । ସେ ସାଧନା ଆପଣଙ୍କୁ ଆଣିଦେବ ଉପଲବ୍ଧି । ଏହା ହିଁ ସାଧାରଣ ନିୟମ । କିନ୍ତୁ ଅତୀନ୍ଦ୍ରିୟ ଜଗତରେ ଆମ ମାନସିକ ବା ଯୌକ୍ତିକ ନିୟମାବଳୀ କାର୍ଯ୍ୟକାରୀ ହୁଏନା । ଜଣେ ବହୁ ଦିନ ଧରି ନିଜ ଭିତରେ ଥିବା ସନ୍ଦେହ ବିରୋଧରେ ସଂଗ୍ରାମ କରି ଦିବ୍ୟ ଶକ୍ତିରେ ବିଶ୍ୱାସ ଉପଲବ୍ଧି କରିପାରେ; ପୁଣି ବିଲ୍ୱମଙ୍ଗଳଙ୍କୁ ତାଙ୍କ ପ୍ରେମିକାର ଗୋଟାଏ ଚେତାବନୀ – ତା' ପ୍ରତି ତାଙ୍କ ଅନୁରାଗର କିଞ୍ଚିତ୍ ଯଦି ପ୍ରଭୁଙ୍କ ଦିଗରେ ଧାବମାନ ହୁଅନ୍ତା ! – ସେତିକିରେ ତାଙ୍କ ଚେତନାରେ ଯୁଗାନ୍ତର ଘଟି ଯାଇପାରେ । କିନ୍ତୁ ବାସ୍ତବତା ହେଲା, ତାଙ୍କ ଆନ୍ତର ଚେତନା ପୂର୍ବ ଜନ୍ମରୁ ହିଁ ବିକଶିତ ହୋଇ ରହିଥିଲା । ସ୍ଥୂଳ ଚେତନା ତାକୁ ମେଘାବୃତ କରି ରଖିଥିଲା । ତାଙ୍କ ଜୀବନରେ ଉପନୀତ ହେଲା ଦିବ୍ୟ ମୁହୂର୍ତ୍ତ । ଅପସରିଗଲା ସେ ମେଘ । ବିସ୍ମୃତ ସତ୍ୟ ଉପଲବ୍ଧ ହେଲା ।

ଆଧ୍ୟାତ୍ମିକତାର ଉପଲବ୍ଧି ଅର୍ଥ କୌଣସି ଆକସ୍ମିକ ଦେବଦର୍ଶନ ବା ମୋକ୍ଷପ୍ରାପ୍ତି ବା ସେମିତି ବିପୁଳ ଅଭିଜ୍ଞତା ନୁହେଁ । ଆମ ଚେତନାରେ ବସାବାନ୍ଧି ରହିଥାଏ କେତେ କିସମର ଦୁର୍ବଳତା : ସନ୍ଦେହ, ଭୀରୁତା, ସାମାଜିକ ଉଚ୍ଚାଭିଳାଷ, ପ୍ରତିଯୋଗିତା ମନୋଭାବ, ଇତ୍ୟାଦି, ଇତ୍ୟାଦି । ଗୋଟିଏ ପରେ ଗୋଟିଏ ଏସବୁ ଉପରେ ବିଜୟ ହିଁ ଆମର ଆଧ୍ୟାତ୍ମିକ ପ୍ରଗତି । ଏସବୁ ଦୁର୍ବଳତା ଦୂର ହେଲେ ଚେତନାରେ ପ୍ରତିଷ୍ଠିତ ହେବ ଯେଉଁ ଶାନ୍ତି, ଧୈର୍ଯ୍ୟ ଏବଂ ଆସ୍ଥା, ସେହିସବୁକୁ ଭିତ୍ତି କରି ହିଁ ପ୍ରକୃତ ଆଧ୍ୟାତ୍ମିକ ଅନୁଭୂତି – ମହତ୍ତର ଜ୍ଞାନ ଓ ଆଲୋକର ବିକାଶ ସମ୍ଭବପର ହେବ । ଜଣେ ମୌଖିକ ଭାବରେ ପ୍ରଶ୍ନ କରୁଥିଲେ ଆସନ, ପ୍ରାଣାୟାମ ଆଧ୍ୟାତ୍ମିକତା ନିମନ୍ତେ ଅପରିହାର୍ଯ୍ୟ କି ? ନା, ଅପରିହାର୍ଯ୍ୟ ନୁହେଁ । ଆସନ ପ୍ରାଣାୟାମର ଯଥାର୍ଥ ଅଭ୍ୟାସ ଆମ ଦେହ ଓ ପ୍ରାଣଗତ ଓଜଃକୁ ଶୃଙ୍ଖଳିତ ରଖିପାରେ – ଯାହା ସାହାଯ୍ୟପ୍ରଦ, କିନ୍ତୁ ସେସବୁ ପ୍ରତ୍ୟକ୍ଷ ଭାବରେ ଆମ ଚେତନାଗତ ଦୁର୍ବଳତା ଦୂର କରିପାରିବେ ନାହିଁ । ସେ ପାଇଁ ପ୍ରୟୋଜନ ଅଭୀପ୍ସା ଏବଂ ଦିବ୍ୟଶକ୍ତି ପାଖରେ ଅଧିକରୁ ଅଧିକ ସମର୍ପଣଭାବ ।

## ବାଧାବିଘ୍ନ ହୋଇପାରେ ଆଶୀର୍ବାଦ

*ପ୍ରଶ୍ନ : ବାଧାବିଘ୍ନ ଅତିକ୍ରମ କରିବାର ଉପାୟ କ'ଣ ?*

**ଉତ୍ତର** : ନିର୍ଭର କରେ ବାଧାବିଘ୍ନର ସଠିକ ପ୍ରକୃତି ଉପରେ । ସ୍ଥୂଳ ନା ସୂକ୍ଷ୍ମ ? (କ) ଯଦି ପରିବାର ବା ବ୍ୟବସାୟରେ ଆପଣଙ୍କ ଇଚ୍ଛା ପୂରଣରେ ବାଧାବିଘ୍ନର ସମ୍ମୁଖୀନ ହେଉଥିବେ, ତେବେ ନିଜକୁ ବିଘ୍ନକାରୀ ସ୍ଥାନରେ ରଖି ପ୍ରଥମେ ତାଙ୍କ ଦୃଷ୍ଟିକୋଣରୁ ସମସ୍ୟାକୁ ବିଚାର କରନ୍ତୁ । ଏହା ତୁଚ୍ଛା ଅହଂଘଟିତ ସଂଘର୍ଷ ନୁହେଁ ତ ? (ଖ) ଯଦି ବୃତ୍ତିରେ ଅଥବା ଅନ୍ୟ ଯେକୌଣସି କ୍ଷେତ୍ରରେ ଆପଣ ନିଜର ନ୍ୟାୟପରାୟଣତା ଓ ନିଜ

କର୍ମଧାରାର ଯାଥାର୍ଥ୍ୟ ସମ୍ପର୍କରେ ସୁନିଶ୍ଚିତ, ତେବେ ହୃଦୟରେ ସତ୍ୟକୁ ଉଜ୍ଜୀବିତ ରଖି ସଂଗ୍ରାମ ଅବ୍ୟାହତ ରଖନ୍ତୁ । ସମାଜ ଆଖିରେ ଆପଣ ପରାଜିତ ହେଲେ ମଧ୍ୟ ଆପଣ ନିଜେ ଜାଣିବେ ଯେ ଆପଣ ବିଜୟୀ – ଯେହେତୁ ସମାଜ ଆଖିରେ ପରାଜୟ ପରାଜୟ ନୁହେଁ, ସତ୍ୟକୁ ତ୍ୟାଗ କରିବା ହିଁ ପ୍ରକୃତ ପରାଜୟ । (ଗ) ଯଦି ଆଧ୍ୟାତ୍ମିକ ସାଧନା ପଥରେ ଆପଣ ବାଧାବିଘ୍ନର ସମ୍ମୁଖୀନ ହେଉଛନ୍ତି, ତେବେ ସେସବୁ ବାଧାବିଘ୍ନ ନୁହନ୍ତି, ସୁଯୋଗ – ଅଧିକରୁ ଅଧିକ ସୁଯୋଗ । ସେ କ୍ଷେତ୍ରରେ, ଆପଣଙ୍କ ଆସ୍ପୃହା ଅନୁସାରେ ଦିବ୍ୟ ଶକ୍ତିର ସହାୟତା ଅନିବାର୍ଯ୍ୟ ଏବଂ ସାଧାରଣ ଦୃଷ୍ଟିରେ ବାଧାବିଘ୍ନ ଅତିକ୍ରାନ୍ତ ନ ହୋଇ ଯଦି ଅବ୍ୟାହତ ରହେ, ତାହା ହିଁ ଆପଣଙ୍କ ପାଇଁ ପ୍ରୟୋଜନ ବୋଲି ଆପଣଙ୍କର ହୃଦ୍‌ବୋଧ ହେବ ଏବଂ ଦିବ୍ୟ ସହାୟତାର ସ୍ପର୍ଶ ତୁଳନାରେ ସେ ବାଧାବିଘ୍ନ ହାଲୁକା ମନେ ହେବ । ଆଧ୍ୟାତ୍ମିକତା ଅନୁସରଣ କରିବା ଭିତରେ ଆପଣ ପରିବାର ଓ ପରିବେଶରେ ବହୁ ବାଧାବିଘ୍ନର ସମ୍ମୁଖୀନ ହେବା ସ୍ୱାଭାବିକ । କିନ୍ତୁ ପ୍ରକୃତ ବାଧାବିଘ୍ନ ରହିଥାଏ ଆମ ଚେତନାରେ – ଆମ ତାମସିକତା, ସ୍ପର୍ଶକାତରତା ଏବଂ ନାନାବିଧ ଆସକ୍ତିରୁ ମୁକ୍ତ ହେବା ଦିଗରେ ଆମ ଅକ୍ଷମତାରେ । ଏ ପରିସ୍ଥିତିରୁ ଉତ୍ତୀର୍ଣ୍ଣ ହେବା ଦିଗରେ ଆମର ଏକମାତ୍ର ସହାୟ ଦିବ୍ୟଶକ୍ତି । ସେହି ଶକ୍ତିର ଆବାହନ ଦିଗରେ ବାଧାବିଘ୍ନକୁ ଆମେ ଯଦି ସୁଯୋଗ ଭାବରେ ଦେଖିବା, ତେବେ ଆମ ଜୀବନରେ ବାଧାବିଘ୍ନର ଭୂମିକା ହେବ ଆଶୀର୍ବାଦ ଭଳି ।

**– ମନୋଜ ଦାସ** ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com